ଓଁ

ଶ୍ରୀ ଶ୍ରୀ ମହାପୁରୁଷ ଅରକ୍ଷିତ ଦାସାୟ ନମଃ



ଗଞ୍ଜାମ ଜିଲ୍ଲା ବଡଖେମୁଣ୍ଡି ରାଜ ବଂଶର ଯୁବରାଜ ପବିତ୍ର ସାଧନା ପିଠ ଓଳାଶୁଣି ଗୁମ୍ଫାର
ଆରାଧ୍ୟ ଦେବତା ମହାପୁରୁଷ ଅରକ୍ଷିତ ଦାସଙ୍କ ବିଶିଷ୍ଟ କୃତି ଗୁଡିକ ଉପରେ
ଆଧାରିତ ଉତ୍କୃଷ୍ଟ ପ୍ରବନ୍ଧ ପୁସ୍ତକାକାରରେ ପ୍ରକାଶିତ

# ଶୂନ୍ୟ ପୁରୁଷ

ପ୍ରଥମ ମୁଦ୍ରଣ - ମହାପୁରୁଷଙ୍କ ୨୫୯ ଜନ୍ମବାର୍ଷିକ ଉତ୍ସବ ସୁନାବେଶ ଏକାଦଶୀ ୨୦୨୦ ଅବସରରେ





- ପ୍ରକାଶକ -
ନବ କିଶୋର ସାମଲ

- ସହକାରୀ ପ୍ରକାଶିକା -
ବିଜୟଲକ୍ଷ୍ମୀ ସାମଲ

ଓଁ

## ଶ୍ରୀ ଶ୍ରୀ ମହାପୁରୁଷ ଅରକ୍ଷିତ ଦାସାୟ ନମଃ



## ପବିତ୍ର ବ୍ରହ୍ମଗାଦି ପୀଠ ଓଳାଶୁଣୀ ଗୁମ୍ଫା

**ଗଞ୍ଜାମ ଜିଲ୍ଲା ବଡଖେମୁଣ୍ଡି ରାଜ ବଂଶର ଯୁବରାଜ ପବିତ୍ର ସାଧନା ପିଠ ଓଳାଶୁଣି ଗୁମ୍ଫାର ଆରାଧ୍ୟ ଦେବତା ମହାପୁରୁଷ ଅରକ୍ଷିତ ଦାସଙ୍କ ବିଶିଷ୍ଟ କୃତି ଗୁଡିକ ଉପରେ ଆଧାରିତ ଆଧ୍ୟାତ୍ମିକ ପତ୍ରିକା**

# ଶୂନ୍ୟ ପୁରୁଷ




- ସଂକଳନ -



ନବକିଶୋର ସାମଲ

ବିଜୟଲକ୍ଷ୍ମୀ ସାମଲ

*Printed at:*
Print-AD
Bhubaneswar
Mob.: 9337205280

# ଶୂନ୍ୟ ପୁରୁଷ

## : ସୂଚୀପତ୍ର :


| ବିଷୟ | ପୃଷ୍ଠା |
| --- | --- |
| ମହାପୁରୁଷ ଅରକ୍ଷିତ ଦାସଙ୍କ ଦର୍ଶନିକ ଚିନ୍ତାଧାରା<br>*ପ୍ରଫେସର ହୃଦାନନ୍ଦ ରାୟ* | ୦୭-୧୨ |
| ରାଜର୍ଷି ଅରକ୍ଷିତ ଦାସଙ୍କ ଆଧ୍ୟାତ୍ମିକ ବାଣୀ<br>*ପ୍ରଫେସର ପଠାଣି ପଟ୍ଟନାୟକ* | ୧୩-୨୪ |
| କେଦେବାଟ ରାଜଭୋଗରୁ ଆଧ୍ୟାତ୍ମିକ ଆନନ୍ଦ ମଠକୁ<br>*ପ୍ରଫେସର ଡ଼ଃ ବୈଷ୍ଣବ ଚରଣ ସାମଲ* | ୨୫-୩୬ |
| ଅରକ୍ଷିତଙ୍କର ସୁରକ୍ଷିତ ପ୍ରେମ ଧର୍ମ<br>*ପଣ୍ଡିତ ଅଚ୍ୟୁତା ନନ୍ଦ କର* | ୩୭-୪୨ |
| ବ୍ରହ୍ମ ଅବଧୂତ ସନ୍ଥ ଅରକ୍ଷିତ ଦାସଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଓ ତହିଁରେ ଥିବା ତାତ୍ତ୍ୱିକ ଭାବଧାରାର ବିଚାର ବିମର୍ଶ<br>*ପ୍ରଧାପକ ଡକ୍ଟର ରତ୍ନାକର ସାହୁ* | ୪୩-୬୯ |
| ଓଡ଼ିଆ ସାହିତ୍ୟର ଅନନ୍ୟ ଆତ୍ମକଥା-"ମହୀମଣ୍ଡଳ ଗୀତା"<br>*ପ୍ରଧାପକ ବିଶ୍ୱରଞ୍ଜନ* | ୭୦-୭୪ |
| ଓଲାଶୁଣି ଗୁମ୍ଫା ଓ ଅରକ୍ଷିତ ଦାସ<br>*ଶ୍ରୀ ଶରତଚନ୍ଦ୍ର ତ୍ରିପାଠୀ* | ୭୫-୮୨ |
| ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସ<br>*ଡକ୍ଟର ସୁନାମଣି ରାଉତ* | ୮୩-୮୬ |
| ଶ୍ରୀ ଶ୍ରୀ ସନ୍ଥ ମହାପୁରୁଷ ଅରକ୍ଷିତ ଦାସ - ସାମାନ୍ୟ କଥନ<br>*ଶ୍ରୀ ବଙ୍କିମ ସ୍ୱାଇଁ* | ୮୭-୯୦ |

# ଶୂନ୍ୟ ପୁରୁଷ


| ବିଷୟ | ପୃଷ୍ଠା |
|---|---|
| ସନ୍ତ ଅରକ୍ଷିତ ଦାସଙ୍କ ବ୍ରହ୍ମତତ୍ତ୍ୱ ଏକ ଅନୁଶୀଳନ<br>*ଡକ୍ଟର ଏକାଦଶୀ ପ୍ରଧାନ* | ୧୦୫-୧୧୦ |
| ଶକାବ୍ଦ ଓ ଅବଧୂତସଂହିତାରେ ଅରକ୍ଷିତଙ୍କ ଦୃଷ୍ଟି ଓ ଦିଗନ୍ତ<br>*ଡଃ ରବୀନ୍ଦ୍ର ବିହାରୀ* | ୧୧୧-୧୧୮ |
| ରାଜର୍ଷି<br>*ଶ୍ରୀ ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ* | ୧୧୯-୧୨୩ |
| ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସିଦ୍ଧି ଓ ମହାପ୍ରୟାଣ ଭୂମି ଓଁକାର-ଏକାକ୍ଷର କ୍ଷେତ୍ର-ଓଲାଶୁଣି ଗୁମ୍ଫା: ଏକ ଐତିହାସିକ ଅନୁଶୀଳନ ।<br>*ଡ଼କ୍ଟର ହରିଶ ଚନ୍ଦ୍ର ପୃଷ୍ଟି* | ୧୨୪-୧୪୬ |
| ମା' ଓଲାଶୁଣି ଓ ସନ୍ଥ ଅରକ୍ଷିତ<br>*ଶ୍ରୀ ଅଶୋକ ସାମଲ* | ୧୪୭-୧୫୧ |
| ମହୀମଣ୍ଡଳ ଗୀତା : ଆତ୍ମଜୀବନୀ ଓ ଆତ୍ମଜିଜ୍ଞାସା<br>*ପ୍ରଫେସର ଶ୍ରୀ ଦାଶରଥି ଦାସ* | ୧୫୫-୧୮୦ |
| **ENGLISH** | |
| Mahimandal Gita on "Devotion"<br>*Sri Rupaker Sarangi* | 91-99 |
| A New Buddha<br>*Sri Pradipta Bhuyan* | 100-104 |
| Mahapurusa Arakshit Das<br>*Prof. Dr. Karuna Sagar Behera* | 152-154 |

**ଆଦ୍ୟକଥନ......**

# ଭୋଗୀ ହେଲେ ଯୋଗୀ

ପର୍ବ୍ବାବସ୍ଥାରେ ସନ୍ଥ ଅରକ୍ଷିତ ଦାସ ବଡ଼ଖେମୁଣ୍ଡି ରାଜ୍ୟର ରାଜପୁତ୍ର ଥିଲେ । କୈଶୋର ଅବସ୍ଥାରେ ତାଙ୍କର ବୈରାଗ୍ୟ ଜାତ ହୋଇଥିଲା ଏବଂ ସେ ଗୃହ ତ୍ୟାଗ କରି ବନଚାରୀ ହେଲେ । ସେ ହିଁ ବୋଧହୁଏ ଗୌତମ ବୁଦ୍ଧ ପରେ ଦ୍ୱିତୀୟ ରାଜକୁମାର ଯେ କି ସନ୍ୟାସ ଧର୍ମକୁ ଆଚରି ନେଇ ମହାନ ସନ୍ଥ ହୋଇଥିଲେ ଏବଂ ସେ ଓଡ଼ିଶାର ପ୍ରଥମ ରାଜକୁମାର ସନ୍ୟାସୀସନ୍ଥ ପଦବୀ ହିଁ ତାଙ୍କରି ନାଁ ପଛରେ ପ୍ରଖ୍ୟାତି ଲଭିଛି । ବୁଦ୍ଧଙ୍କ ସହ ତାଙ୍କର ଅନେକ କଥାରେ ମେଳ ଦେଖାଯାଏ, ଏବଂ ତଥାଗତ ଗୌତମଙ୍କ ପରି ସେ ମଧ୍ୟ ଜାତିସ୍ମର ଥିଲେ । ସେ ତାହା ତାଙ୍କର ରଚନାବଳୀରେ ସଂକେତ ଦେଇଛନ୍ତି । ବାଲ୍ୟକାଳରେ ପୁରାଣ କଥା ମାନ ସେ ଶୁଣିଥିଲେ ବା ପଢ଼ିଥିଲେ । ଏଣୁ ଭକ୍ତ ଧ୍ରୁବଙ୍କ ପରି ସେ ବନଚାରୀ ହୋଇଥିଲେ । ଭୀରୁ ଭାବେ ଲୁଚି କରି ନୁହେଁ, ଦିବସରେ ଅନ୍ୟ ମାନଙ୍କୁ ପତ୍ର ଦ୍ୱାରା ଜ୍ଞାତ କରାଇ ସେ ଗୃହତ୍ୟାଗୀ ହୋଇଥିଲେ । ଈଶ୍ୱର ସର୍ବବ୍ୟାପୀ, ସେ ସମସ୍ତ ଛପନ କୋଟି ଜୀବଜନ୍ତୁଙ୍କ ପାଇଁ ଅନ୍ନସଂସ୍ଥାନ କରିଥାନ୍ତି - ଏ ଧାରଣା ତାଙ୍କର ବଦ୍ଧମୂଳ ଥିଲା । ଏଣୁ ସେ ଗୃହତ୍ୟାଗ ବେଳେ ସମସ୍ତ ପ୍ରକାରର ଭୟଙ୍କରତାର ସମ୍ମୁଖୀନ ହୋଇ ମଧ୍ୟ ବେପରୁଆ ଥିଲେ ।

“ଅରକ୍ଷିତ” ନାମଟି ସନ୍ଥଙ୍କର କୁଳଦତ୍ତ ନାମ ନଥିଲା । ସାଧୁଙ୍କ

ସେବା ପାଇଁ କଦଳୀ ପତ୍ର ଦରକାର ପଡ଼ିବାରୁ ଅନ୍ୟର ବାଡ଼ିରେ ପଶି ପତ୍ର କାଟିବା ସମୟରେ ମାଲିକିଆଣୀର ଶ୍ଳୀଳ ଗାଳିର ଏକ ଶବ୍ଦ "ଅର୍କ୍ଷିତ'କୁ ସେ ନିଜ ନାମ ରୂପେ ଗ୍ରହଣ କରିବାର ଜଣାପଡ଼େ । ମାତ୍ର ଅରକ୍ଷ ଜନମାନଙ୍କର ତ୍ରାଣକର୍ତ୍ତା (ରକ୍ଷାକର୍ତ୍ତା) ହୋଇଥିବାରୁ ତାଙ୍କୁ ମଧ୍ୟ "ଅରକ୍ଷିତ ଦାସ" ବୋଲି କୁହାଯାଏ । ଏସବୁ ତାଙ୍କର ଆତ୍ମଜୀବନୀ ମୂଳକ ରଚନା "ମହୀମଣ୍ଡଳ ଗୀତା" ରେ ସ୍ପଷ୍ଟ ବର୍ଣ୍ଣିତ ହୋଇଛି ।

ଓଡ଼ିଶାରେ ସାରଳାଙ୍କଠାରୁ ପଂଚସଖା ପର୍ଯ୍ୟନ୍ତ ପ୍ରଚଳିତ ଧର୍ମ ଧାରା ଠିକ୍ ଭାବରେ ଚାଲିଥିଲା । ମାତ୍ର ପଂଚସଖା (ଅଚ୍ୟୁତ, ବଳରାମ, ଜଗନ୍ନାଥ, ଯଶୋବନ୍ତ, ଶିଶୁଅନନ୍ତ) ଙ୍କ ପରେ ବୈଷ୍ଣବ ଧର୍ମଧାରାର ଅବସ୍ଥା ଶୋଚନୀୟତା ଆଡ଼କୁ ଗତି କରୁଥିଲା, ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଅରକ୍ଷିତଙ୍କ ଆବିର୍ଭାବ । ସନ୍ଥ ଅରକ୍ଷିତଙ୍କ ଅପ୍ରକଟ ମାଘକୃଷ୍ଣ ଏକାଦଶୀ ୧୮୩୭ କୁ ନିଶ୍ଚିତ ଧରିଲେ ଏବଂ ତତ୍ ପୂର୍ବବର୍ତ୍ତୀ ଜୀବନ ଧାରାକୁ ଲକ୍ଷ୍ୟକଲେ, ସନ୍ଥ ଯେ ନିଶ୍ଚୟ ଅଷ୍ଟାଦଶ ଶତାବ୍ଦୀର ସପ୍ତମ ଦଶକର ମଧ୍ୟ ଭାଗରୁ ଅଷ୍ଟମ ଦଶକର ମଧ୍ୟଭାଗରେ ପ୍ରକଟ ହୋଇଥିବାର ଅନୁମାନ କରାଯାଏ । ତାଙ୍କର ପ୍ରକଟ ସମୟ ଯାହା ହେଉନା କାହିଁକି ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଧର୍ମ ହିଁ ପ୍ରଣିଧାନ ଯୋଗ୍ୟ । ତାଙ୍କର ଆଚରିତ ମାର୍ଗ ବୌଦ୍ଧ ମାନଙ୍କ ପରି ଶୂନ୍ୟବାଦ ବା ଅଦ୍ୱୈତ ବାଦ ନଥିଲା, ମାତ୍ର ତହିଁରେ ଦ୍ୱୈତାଦ୍ୱୈତ ବାଦର ଆଭାସ ଥିଲା । ଅଚ୍ୟୁତଙ୍କ ଠାରୁ ଠାକୁର ଅଭିରାମ ପରମହଂସଙ୍କ ପର୍ଯ୍ୟନ୍ତ ଯେଉଁ ଏକାକ୍ଷର ଧାରା ପ୍ରଚଳିତ ସେ ଧାରାକୁ ଅରକ୍ଷିତ ଆପଣେଇଥିଲେ ମଧ୍ୟ ପିତୁଳା ପୂଜାକୁ ଶ୍ରଦ୍ଧା କରୁନଥିଲେ । ମାତ୍ର ସେ କୃଷ୍ଣ ପ୍ରେମୀ ଥିଲେ । ସେଥିପାଇଁ ଓଳାଶୁଣି ଚଣ୍ଡୀଙ୍କୁ ପ୍ରୀତ

କରିବା ପାଇଁ ବୃନ୍ଦାବନରୁ ପ୍ରାପ୍ତ ମୋହନ ବଂଶୀକୁ ବାଦନ କରିଥିଲେ । ବିଦ୍ୱେଷ, ଛୁଆଁ, ଅଛୁଆଁ, ଭେଦଭାବକୁ ସେ ପରିହାର କରିଥିଲେ । ସକଳ ବସ୍ତୁରେ ବ୍ରହ୍ମଙ୍କ ସତା ଉପଲବ୍ଧି କରୁଥିବାରୁ ସେ ସମସ୍ତଙ୍କୁ ପାତର ଅନ୍ତର ନ କରି ସମାନ ଦୃଷ୍ଟିରେ ବିଚାରୁ ଥିଲେ । ଭୀମଭୋଇଙ୍କର ପଦ " ସ୍ଥାବରୁ ଜଙ୍ଗମ କୀଟ ପତଙ୍ଗକୁ ଚାହିଁଦେଲେ ଅନୁସରୀ, ସକଳ ଘଟରେ ପୂରି ରହିଅଛ ନୁହେଁ ସାନ ବଡ଼ କରି ।" ବ୍ରହ୍ମ ସର୍ବମୟ ହେତୁ ସନ୍ଥ ଅରକ୍ଷିତ ସମସ୍ତ ଜାତିର ଲୋକଙ୍କ ଠାରୁ ସକଳ ପ୍ରକାରର ଖାଦ୍ୟ ଗ୍ରହଣ କରିଛନ୍ତି । ଏକଥା ବୁଝାଇବାକୁ ଯାଇ ସେ କହିଛନ୍ତି ଯେଉଁ ବୀର୍ଯ୍ୟ ଓ ରଜରୁ ସମସ୍ତ ସୃଷ୍ଟି ତାହା ତ ଆମିଷ । ଏଣୁ ଆମିଷରୁ ସବୁ ଜାତ । ତାଙ୍କର ମଠରେ ଭୋଗ ମଧ୍ୟରେ ପ୍ରିୟ - ପୋଡ଼ପିଠା, ଶୁଖୁଆ ଓ କାଞ୍ଜିପାଣି ।

ମତାନ୍ତରରେ ଜଣାଯାଏ ଅରକ୍ଷିତ ତାଙ୍କ ଜନ୍ମମାଟି (ବଡ଼ଖେମୁଣ୍ଡି - ବ୍ରହ୍ମପୁର) ର ସନ୍ତକ କିଛି ରଖିବାକୁ ବୋଧେ ଚାହୁଁଥିଲେ, ଏଥିପାଇଁ ବଡ଼ଖେମୁଣ୍ଡିର ସୂର୍ଯ୍ୟ କାଞ୍ଜି ଓ ବ୍ରହ୍ମପୁରର ଶୁଖୁଆକୁ ସେ ଭୋଗ ମଧ୍ୟରେ ଅନ୍ତର୍ଭୁକ୍ତ କରିଥାଇପାରନ୍ତି । ମହନ୍ତ ଲଛମନ ଦାସଙ୍କ ଠାରୁ ଶୁଣିଥିଲୁ - ସନ୍ଥ ଓଳାଶୁଣିରେ ଡେରା କଲାପରେ ସେବେଳର ଗମନା ଗମନ ଅସୁବିଧାକୁ ଦୃଷ୍ଟିରେ ରଖି ଯଦି କେହି ଭକ୍ତ, ଭୋକୀ, ଶୋଷି ଦୈବାତ୍ ମଠରେ ପହଁଚିବ, ସେ ଚର୍ଚ୍ଚା ହେବ କିପରି ? କାରଣ ମଠର ପ୍ରଥମାବସ୍ଥାରେ ପ୍ରସାଦ ରୋଷେଇ ବ୍ୟବସ୍ଥା ନଥିଲା । ଏଣୁ ଅବେଳରେ ଯେ ପହଁଚିଯାଏ ତାକୁ କାଞ୍ଜିପାଣିରେ ଆପ୍ୟାୟିତ କରାଯାଏ, ସେ କାଞ୍ଜିର ବିଶେଷତ୍ୱ ପିଇବା ପରେ ସ୍ୱତଃ ଭୋକ ମାରି ଦିଏ ଯାହାକି ଆମ୍ଭେ ୧୯୯୨ ରେ ଶ୍ରୀମଦ୍ ବାବା ବଳିଆଙ୍କ ସାଧୁ ସମ୍ମେଳନ ଉପଲକ୍ଷେ ମହନ୍ତ ଲଛମନ

ଦାସଙ୍କୁ ନିମନ୍ତ୍ରଣ ଅବସରରେ କାଞ୍ଜିପାନ କରି ଅନୁଭବି ହୋଇଥିଲୁ ।

ସାଧୁ, ସନ୍ଥ, ଅବତାରୀ ପୁରୁଷମାନଙ୍କ ସହ ଅଲୌକିକ କାହାଣୀମାନ ପ୍ରାୟତଃ ଜଡ଼ିତ ଥାଏ । ମହାତ୍ମା ଅରକ୍ଷିତ ବହୁ ଆଲୌକିକତା ପ୍ରଦର୍ଶନ କରିଛନ୍ତି, ଯାହାକି ତାଙ୍କ ଆତ୍ମଜୀବନୀ ମୂଳକ ରଚନା ଓ ଲୋକ ମୁଖରେ ବିଦ୍ୟମାନ, ତାର ଅବତାରଣା ଏଠାରେ କରାଯାଉ ନାହିଁ କାରଣ ପ୍ରତିଷ୍ଠିତ ଲେଖକ ମାନଙ୍କର ଏଥିରେ ସନ୍ନିବେଶିତ ପ୍ରବନ୍ଧ ମାନଙ୍କରେ ତାହା ପଢ଼ିବାକୁ ମିଳିବ । ଊନବିଂଶ ଶତାବ୍ଦୀର ପ୍ରଥମଭାଗରେ ସ୍ପର୍ଶ ଅସ୍ପର୍ଶ ଭାବକୁ ପରିତ୍ୟାଗ କରିବା, ସମଦର୍ଶିତା ଭାବକୁ ଜାଗରୂପି କରିବା କଥା - ଏ ଯୁଗରେ ସେ ପାଇଁ ଆନ୍ଦୋଳନ କରିଥିବା ବରେଣ୍ୟ ନେତୃବୃନ୍ଦଙ୍କ ବହୁପୂର୍ବରୁ ସନ୍ଥଅରକ୍ଷିତ ଆହ୍ୱାନ ଦେଇ ବନ୍ଦନୀୟ ହୋଇ ରହିଛନ୍ତି । ଏହି କାଳୋତୀର୍ଣ୍ଣ ମହାପୁରୁଷ ରାଜବାଟୀର ସୁଖ, ସମ୍ଭୋଗ, ପ୍ରତିଷ୍ଠା ପ୍ରତିପତିରୁ ପ୍ରସ୍ଥାନ କରି ଲୋକବାଟୀରେ ଆସ୍ଥାନ ଜମାଇ ଲୋକକଲ୍ୟାଣରେ ବ୍ରତୀ ହୋଇ **ଭୋଗୀରୁ ହେଲେ ବୈରାଗୀ ଓ ଯୋଗୀ ।** ସନ୍ଥଙ୍କ ଅନୁଗାମୀ ଶିଷ୍ୟମାନେ ବେକରେ “ନାମ” ଲେଖାଥିବା ପଦକ ଧାରଣ କରିଥାନ୍ତି । ତାଳପତ୍ର ପୋଥିଯୁଗରେ ସନ୍ଥସାଧକ ମାନେ କେତେ ଗ୍ରନ୍ଥ ଲେଖିଛନ୍ତି ତାହା ସଠିକ୍ ହିସାବ ନାହିଁ । କାରଣ ସଯତ୍ନ ସାଇତି ରଖିବା ପଦ୍ଧତିର ଅଜ୍ଞତା ଏବଂ ଉଇଆଦି କୀଟଙ୍କର ଦୌରାତ୍ମ୍ୟ ଏହାର ଅନ୍ୟତମ କାରଣ । ଅରକ୍ଷିତ ତ ସହଜେ ବଣରେ ଲତାପତ୍ରରେ କଂଟା ସାହାଯ୍ୟରେ ଲେଖୁଥିଲେ, ତାଙ୍କୁ ସାଇତି ରଖିବା ନିଶ୍ଚିତ ଦୁରହବ୍ୟାପାର ହୋଇଥିବ । ଏଣୁ ତାଙ୍କର ଲେଖନୀ ନିଃସୃତ ଗ୍ରନ୍ଥର ହିସାବ ସଠିକ୍ ମିଳିବା ସମ୍ଭବ ନୁହେଁ ।

# ଶୂନ୍ୟ ପୁରୁଷ

ସୁଖର କଥା ଓଳାଶୁଣି ଗୁମ୍ଫା ଯାତ୍ରା ଓ ସଂଗୀତ ସମାରୋହ କମିଟି, ଲଳିତଗିରୀ ତରଫରୁ ମହାପୁରୁଷଙ୍କ ଉପରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ "ଶୂନ୍ୟବାଣୀ'' ୨୦୦୭ ମସିହାରେ ଆୟୋଜନ କରାଯାଇଥିଲା । ଓଡ଼ିଶାର ବରିଷ୍ଠ ସାହିତ୍ୟ ସାଧକ, ଐତିହାସିକ, ଦାର୍ଶନିକ ଗଣ ଏହି ଆଲୋଚନା ଚକ୍ରରେ ଭାଗ ନେବା ଲାଗି ସମ୍ମତି ପ୍ରଦାନ କରିଥିଲେ । ସବୁଠୁ ବଡ କଥା - ମହାପୁରୁଷଙ୍କ ପଂଚମ ପିଢ଼ୀର ଦାୟାଦ ରାଜା ଶ୍ରୀ ମାଣିକେଶ୍ୱରୀ ପ୍ରସାଦ ଦେବ ଏହି ଆଧ୍ୟାତ୍ମିକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିବାକୁ ସଦୟ ସ୍ୱୀକୃତି ପ୍ରଦାନ କରି ଏ ଅଂଚଳବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି । ମହାପୁରୁଷଙ୍କ ଅବର୍ତମାନ ଠାରୁ ଅଦ୍ୟାପି ଗୁମ୍ଫାର ୧୭୦ ବର୍ଷ ଇତିହାସରେ ମହାପୁରୁଷଙ୍କ ଦାୟାଦ ଜଣେ ରାଜାଙ୍କ ଆଗମନ ଏକ ଉଲ୍ଲେଖନୀୟ ଘଟଣା । ତାଙ୍କୁ ଏ ଅବସରରେ ହାର୍ଦ୍ଦିକ ବଧାଇ ଜଣାଉଛୁ । ଓଳାଶୁଣି ପୀଠର ସମସ୍ତ ମହନ୍ତ ମହାରାଜଙ୍କୁ ଏ ଅବସରରେ ଭକ୍ତିର ସହ ସ୍ମରଣ କରୁଛୁ ।

ସନ୍ଥ ଅରକ୍ଷିତ ଦାସଙ୍କ କୃତି ଗୁଡ଼ିକ ଉପରେ ପୂର୍ବରୁ ଏକ ବିଧିବଦ୍ଧ ଆଲୋଚନା ରାଜ୍ୟର ପ୍ରମୁଖ ଆଲୋଚକ ମାନଙ୍କ ଦ୍ୱାରା ପ୍ରାୟତଃ ହୋଇନାହିଁ । "ଶୂନ୍ୟପୁରୁଷ' ଆଧ୍ୟାତ୍ମିକ ପତ୍ରିକା ମାଧ୍ୟମରେ ଆମେ ଅନୁଷ୍ଠାନ ତରଫରୁ ପ୍ରୟାସଟିଏ ଆରମ୍ଭ କରିଛୁ ମାତ୍ର । ପରବର୍ତୀ ବର୍ଷ ମାନଙ୍କରେ ମହାପୁରୁଷଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କ୍ଷେତ୍ର ପ୍ରସ୍ତୁତି ପାଇଁ ଏହି ପତ୍ରିକା ମାଧ୍ୟମରେ ଆଶା ବାନ୍ଧିଛୁ । ଚଳିତ ସଂଖ୍ୟାରେ ଯେଉଁ ପ୍ରାବନ୍ଧିକ ଓ ସମାଲୋଚକମାନେ ସେମାନଙ୍କର ଲେଖାମାନ ଆଗ୍ରହର ସହ ସିମୀତ ସମୟ ମଧ୍ୟରେ ଦେଇଅଛନ୍ତି ସେମାନଙ୍କୁ ଗଭୀର କୃତଜ୍ଞତା ଜଣାଉଛୁ ।

# ଶୂନ୍ୟ ପୁରୁଷ

ପତ୍ରିକାରେ ପ୍ରକାଶିତ ଉତ୍କୃଷ୍ଟ ଲେଖାଗୁଡିକୁ ପୁସ୍ତକ ଆକାରରେ ଛାପିବା ଲାଗି ସହୃଦୟ ପାଠକ, ଭକ୍ତ, ଆଶ୍ରିତ ମାନଙ୍କର ଆଗ୍ରହ ତଥା ସର୍ବୋପରି ପୀଠର ହିତାକାଂକ୍ଷି ସାହିତ୍ୟ ସାଧକ ରାଜନେତା ସ୍ୱର୍ଗତଃ ସେକ୍ ମତଲୁବ୍ ଅଲ୍ଲୀଙ୍କ ପରାମର୍ଶକୁ ସମ୍ମାନ ପୂର୍ବକ ପ୍ରବନ୍ଧ ଗୁଡିକୁ ଏକ ପୁସ୍ତକର ରୂପ ଦିଆଯାଇଛି ।

ପରିଶେଷରେ, ଓଡ଼ିଶାର ସମସ୍ତ ଜନସାଧାରଣ ପାଠକ, ଲେଖକ, ଭକ୍ତ, ଭାବୁକ, ଆଶ୍ରିତମାନଙ୍କ କଲ୍ୟାଣ ପାଇଁ ଓ ଉତରୋତର ଉନ୍ନତି ପାଇଁ ମହାପୁରୁଷ ବ୍ରହ୍ମଲୀନ ଶ୍ରୀ ଶ୍ରୀ ଅରକ୍ଷିତ ଦାସଙ୍କ ଆଶିଷ ବାରି ଝରୁଥାଉ - ଏହା ହିଁ କାମନା ଓ ପ୍ରାର୍ଥନା ।

ଜୟ ଅରକ୍ଷିତ, ଜୟ ଜଗନ୍ନାଥ ।

***ଅଭିରାମ ପ୍ରସାଦ ଭୂୟାଁ***

# ମହାପୁରୁଷ ଅରକ୍ଷିତ ଦାସଙ୍କ ଦାର୍ଶନିକ ଚିନ୍ତାଧାରା

**ଦାର୍ଶନିକ ପ୍ରଫେସର ହୃଦାନନ୍ଦ ରାୟ**

ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦରେ ମହାପୁରୁଷ ଅରକ୍ଷିତ ଦାସ ଓଡ଼ିଶାରେ ଆବିର୍ଭୂତ ହୋଇଥିଲେ । ୧୭୭୨ ରୁ ୧୮୦୩ ଖ୍ରୀଷ୍ଟାବ୍ଦକୁ ତାଙ୍କ ଜୀବନକାଳ ଭାବରେ ଆପାତତଃ ସ୍ୱୀକାର କରାଯାଇଛି । ବଡ଼ଖେମୁଣ୍ଡି ରାଜ୍ୟର ରାଜକୁମାର ହୋଇ ସେ ମାତ୍ର ଅଠର ବର୍ଷ ବୟସରେ ସଂସାର ପ୍ରତି ବିତସ୍ପୃହ ହୋଇପଡ଼ିଲେ । ସଂସାରର ଭୋଗ ବିଳାସ ତାଙ୍କୁ ଅସାର ବୋଧ ହେଲା । ଏହା କେଉଁ କାରଣରୁ ଘଟିଲା ତାହା ଜାଣିହୁଏ ନାହିଁ । ସମ୍ଭବତଃ ସ୍ୱାଭାବିକ ଭାବରେ ସଂସାରକୁ ଅସାର ମଣିଲେ । ଏହି ମନୋବୃତିକୁ ସ୍ୱାଭାବିକ ବୈରାଗ୍ୟ ବୋଲି କୁହାଯାଇପାରେ । ହୁଏତ ପୂର୍ବ ଜନ୍ମର ଅନୁଭୂତି ଫଳରେ ତାଙ୍କର ଏହି ସଂସ୍କାର ଜାତ ହେଲା ଯେ ଏ ସଂସାର ତାହାର ସମସ୍ତ ଲୋଭନୀୟ ଭୋଗ୍ୟ ପଦାର୍ଥ ସହିତ ଏକ ଅନ୍ତଃସାର ଶୂନ୍ୟ ମହାକାଳ ଫଳ । ଯୋଗବାଶିଷ୍ଠ ରାମାୟଣରେ ଭଗବାନ ଶ୍ରୀ ରାମଙ୍କର ଏହି ମାନସିକ ଦଶା ଘଟିଥିଲା ବୋଲି ବର୍ଣ୍ଣନା କରାଯାଇଛି । ମୋହମୁଦ୍ଗର ଗ୍ରନ୍ଥରେ ଆଦି ଶଙ୍କରାଚାର୍ଯ୍ୟ ସଂସାରର ଏହି ଅସାରତାକୁ କବିତ୍ୱମୟ ପଦରେ ଉପସ୍ଥାପନା କରିଛନ୍ତି । କୌଣସି ପ୍ରଭାବରେ ମହାପୁରୁଷ ଅରକ୍ଷିତ ଦାସଙ୍କ ହୃଦୟରେ ତୀବ୍ର ବୈରାଗ୍ୟ ଜାତ ହେଲା ଓ ସେ ଗୃହତ୍ୟାଗର ସଂକଳ୍ପ ଘେନି ବନଚାରୀ ହେବାକୁ ସ୍ଥିର କଲେ । ବନ ପ୍ରତି ତାଙ୍କର ଅଦ୍ଭୂତ ଆକର୍ଷଣ ଓ ନିଃସମ୍ବଳ

# ଶୂନ୍ୟ ପୁରୁଷ

ବନଚାରୀ ହେବାର ସଂକଳ୍ପ ଆମକୁ ବିସ୍ମୟାଭୂତ କରେ । ଗୃହସଂସାର ତ ସେ ଛାଡ଼ିଲେ, ପୁଣି ଗ୍ରାମନଗର ଜନପଦକୁ ଛାଡ଼ି ଏକୁଟିଆ ଘୋର ବନପଥକୁ ପଳାଇବା କଅଣ ଆବଶ୍ୟକତା ଥିଲା ? ବୈରାଗ୍ୟ ସ୍ପୃହଣୀୟ ଓ ଗ୍ରହଣୀୟ, କିନ୍ତୁ ଘନଘୋର ରାତ୍ରୀରେ ଏକା ଏକା ନିଘଂଚ ଜଙ୍ଗଲକୁ କାଙ୍ଗାଳ ଅବସ୍ଥାରେ ପଳାୟନ କରିବା ଓ ନିରୁଦ୍ଦିଷ୍ଟ ଜୀବନ ଯାପନ କରିବାର ଦୃଢ଼ ସଂକଳ୍ପ ଘେନିବା ନିଶ୍ଚିତ ରୂପେ ବିସ୍ମୟକର । ଲୋକାଳୟକୁ ସମ୍ପୂର୍ଣ୍ଣ ରୂପେ ଉପେକ୍ଷା କରି ସେ ଜନମାନବ ଶୂନ୍ୟ ବନପଥକୁ ଆଦର କରିଛନ୍ତି । କଅଣ ଖାଇବେ ସେ ଚିନ୍ତା ନାହିଁ, କେଉଁଠି ଆଶ୍ରୟ ନେବେ ସେ ଚିନ୍ତା ନାହିଁ, ହିଂସ୍ର ଜୀବଜନ୍ତୁଙ୍କ ଦାଉରୁ କିପରି ଆତ୍ମରକ୍ଷା କରିବେ ସେ ଚିନ୍ତା ନାହିଁ । ଖରାରୁ ରକ୍ଷା ପାଇବା ପାଇଁ ବୃକ୍ଷ ମୂଳରେ ବସି ହେବ କିନ୍ତୁ ବର୍ଷାରୁ ରକ୍ଷାପାଇବା ଲାଗି ପାଖରେ ଗିରିକନ୍ଦରା ଥିଲେ ତ ! ସେ'ତ ଗିରିକନ୍ଦରାରେ ବାସ କରିବାକୁ ଯାଉ ନାହାନ୍ତି ! ସେ ବନପଥର ନିରୁଦ୍ଦିଷ୍ଟ ଯାତ୍ରୀ । ବଂଚିବାର ସକଳ ସାଧନ ଓ ସୁଯୋଗକୁ ପଛରେ ପକାଇ ଦେଇ କିପରି ସେ ଏଭଳି ଜୀବନ ବାଛି ନେଲେ ? ଜୀବନର ସକଳ ବନ୍ଧନ ଛଡ଼ାଇ, ମୋହଜାଲ କାଟି ମହାପୁରୁଷ ଅରକ୍ଷିତ ଦାସ ଶୂନ୍ୟଚାରୀ ହୋଇ ପାରିଥାନ୍ତେ, କିନ୍ତୁ ବନଚାରୀ ହୋଇଗଲେ ।

ବନଚାରୀ ହେବା ଥିଲା ତାଙ୍କ ପ୍ରସ୍ତୁତି ପର୍ବ; ସାଧନାର ପ୍ରଥମ ପାହାଚ । ମନେହୁଏ ଧ୍ରୁବଙ୍କୁ ସେ ଜୀବନାଦର୍ଶ ଭାବରେ ଗ୍ରହଣ କଲେ । ତାଙ୍କ ଲେଖାରୁ ସଂକେତ ମିଳେ ଯେ କେତୋଟି ଭାବନା ତାଙ୍କ ମନରେ ବସା ବାନ୍ଧି ସାରିଥିଲା । ସେଥିରୁ ଗୋଟିଏ ହେଉଛି ଯେ ଭଗବାନ ସର୍ବତ୍ର ଅଛନ୍ତି, ତାଙ୍କ ନଥିବା ସ୍ଥାନ ନାହିଁ । ଦ୍ୱିତୀୟଟି ସେ ସର୍ବନିୟନ୍ତା; ତାଙ୍କ

## ଶୂନ୍ୟ ପୁରୁଷ

ନିର୍ଦ୍ଦେଶ ବିନା ପତ୍ରଟିଏ ସୁଦ୍ଧା ହଲି ପାରିବ ନାହିଁ । ତେଣୁ ସେ ଏକମାତ୍ର ରକ୍ଷକ । ସେ ହିଁ ରକ୍ଷାର ସୁଦୃଢ଼ କବଚ । ତୃତୀୟଟି ହେଲା, ସେ ହେଉଛନ୍ତି ଚଉଦ ବ୍ରହ୍ମାଣ୍ଡର ପଡ଼ିଦାତା । ଏହା ଅସମ୍ଭବ ନୁହେଁ ଯେ ଘୋର ଅରଣ୍ୟରେ ସେ ଅନ୍ନସଂସ୍ଥାନ କରାଇ ପାରନ୍ତି । ତା ନହେଲେ ଧ୍ରୁବ ଅରଣ୍ୟରେ ଏକାକୀ ତପସ୍ୟା କଲେ କିପରି ! କାଙ୍ଗାଳ ଅରକ୍ଷିତ ଦାସଙ୍କୁ ଏହି ସବୁ ଭାବନା ବନଚାରୀ ହେବା ପାଇଁ ପ୍ରବର୍ତ୍ତାଇ ଥିବ । ସେ ଏହି ସମସ୍ତ ଭାବନାର ପ୍ରୟୋଗ ଜନିତ ସଫଳତା / ବିଫଳତା ଦେଖିବା ପାଇଁ ନିଜ ଜୀବନ ଉପରେ ପରୀକ୍ଷା ଆରମ୍ଭ କରିଦେଲେ । ତାଙ୍କ ସମଗ୍ର ଜୀବନ ଚର୍ଯ୍ୟା ଏହି ପରୀକ୍ଷା ଉପରେ ଆଧାରିତ ହୋଇଗଲା । ଭଗବାନଙ୍କ ଉପରେ ନିର୍ଭରଶୀଳ ହୋଇ କିପରି ଜୀବନାନୁଭୂତି କରାଯାଏ ତାହାର ଆସ୍ୱାଦନ ପାଇଁ ବାଳକ ଅରକ୍ଷିତ ଦାସଙ୍କର ଏହା ମହାର୍ଘ ପ୍ରଚେଷ୍ଟା ଥିଲା । ତେଣୁ ଅରକ୍ଷିତ ଦାସଙ୍କ ଜୀବନକୁ ଈଶ୍ୱରଙ୍କ ଠାରେ ନିର୍ଭରଶୀଳତାର ଏକ ଆନୁଭାବିକ ପରୀକ୍ଷଣ ବୋଲି କୁହାଯାଇପାରେ । ମହାତ୍ମାଗାନ୍ଧୀ ନିଜ ଜୀବନକୁ "ସତ୍ୟର ପରୀକ୍ଷଣ" ବୋଲି ନାମିତ କରିଛନ୍ତି । ମହାପୁରୁଷ ଅରକ୍ଷିତ ଦାସଙ୍କ ଜୀବନୀକୁ ସେହି ଭାବରେ "ଈଶ୍ୱରଙ୍କ ଠାରେ ନିର୍ଭରଶୀଳତାର ପରୀକ୍ଷଣ" ବୋଲି ନାମିତ କରାଯାଇପାରେ ।

ପ୍ରତ୍ୟେକଙ୍କ ପାଇଁ ଜୀବନଟା ହେଉଛି କେତେକ ମୌଳିକ ଭାବନା ଓ ବିଶ୍ୱାସର ପରୀକ୍ଷଣ ମାତ୍ର । ଯେ ଯାହା ବୁଝିଛନ୍ତି, ସେ ସେଭଳି ଆଚରଣ କରି ଚାଲିଛନ୍ତି । ଏପରିକି ପଶୁ ମଧ୍ୟ ଏହି ନିୟମରୁ ବହିର୍ଭୁତ ନୁହେଁ । ତେବେ କିଏ ଅଚେତନ ଭାବରେ ତ କିଏ ସଚେତନ ଭାବରେ ଏହି ନିୟମକୁ ପାଳନ କରିଥାନ୍ତି । ବାଳକ ଅରକ୍ଷିତ ଦାସ ଠିକ୍ ଧ୍ରୁବଙ୍କ୍

ପରି ପୂର୍ଣ୍ଣ ସଚେତନତାର ସହିତ ଏହି ନିୟମକୁ ପାଳନ କରି ଚାଲିଲେ । ଘଟଣାବଳୀର ପ୍ରବଳ ସ୍ରୋତରେ ନିଜ ଜୀବନକୁ ଖଣ୍ଡିଏ ତୃଣ ବା କାଗଜ ଡଙ୍ଗା କରି ସେ ଭସାଇ ଦେଲେ । ଈଶ୍ୱରଙ୍କ ଠାରେ ଭରସା ରଖି ନିଃସମ୍ବଳ ଭାବରେ ଜୀବନଯାତ୍ରା କଲେ ପରିଣତି କଅଣ ହୁଏ, ତାହାର ପରୀକ୍ଷା ସେ ନିଜ ଜୀବନରେ ଗ୍ରହଣ କରିନେଲେ । ଯେଉଁ ଭାବନା ଓ ବିଶ୍ୱାସ ମନୁଷ୍ୟର ଆଚରଣକୁ ନିୟନ୍ତ୍ରଣ କରେ ତାହା ହେଉଛି ତାହାର ଜୀବନ ଦର୍ଶନ । ଯାହାଙ୍କର ଭାବନା ସହିତ ଆଚରଣର ସାମଞ୍ଜସ୍ୟ ରହେ ନାହିଁ, ତାଙ୍କର ଜୀବନ ଦର୍ଶନ ନାହିଁ ବୋଲି ବୁଝିବାକୁ ହେବ । ଆଶ୍ଚର୍ଯ୍ୟର କଥା ଯେ ପିଲାଟି ବେଳରୁ ଅରକ୍ଷିତ ଦାସଙ୍କର ସୁନିର୍ଦ୍ଦିଷ୍ଟ ଜୀବନଦର୍ଶନ ରହି ଆସିଥିଲା । ଲକ୍ଷ୍ୟ କଲେ ଜଣାଯିବ ଯେ ସେ ନିଜର ଜୀବନ ଦର୍ଶନକୁ ନିଜ କାମରେ ହିଁ ଧାରଣ କରିଥିଲେ ।

"ଅରକ୍ଷିତ" ନାମଟି ତାଙ୍କର ପିତୃଦତ୍ତ ନାମ ନୁହେଁ । ଏକ ବିଶେଷ ଘଟଣାରେ ସେ ନିଜ ପାଇଁ ଏହି ନାମକୁ ଆଦରରେ ନିର୍ବାଚନ କରିଥିଲେ । ଏହି ନାମରେ ତାଙ୍କ ଜୀବନର ସକଳ ଅର୍ଥ ନିହିତ ଥିଲା । ସ୍ୱନିର୍ବାଚିତ ସେହି ନାମଟି ତାଙ୍କ ଜୀବନର ମୂଲ୍ୟସୂଚୀ ବା ଜୀବନ ଦର୍ଶନର ସଙ୍କେତ ବହନ କରି ଆସିଥିଲା ।

ବାଳକ ବୟସରୁ ଅରକ୍ଷିତ ଦାସଙ୍କର ସାଧୁସନ୍ଥମାନଙ୍କୁ ସ୍ୱହସ୍ତରେ ପରିଚର୍ଯ୍ୟା କରିବା ଲାଗି ବିଶେଷ ଆଗ୍ରହ ଥିଲା । ରାଜପୁତ୍ର ହେଲେ ହେଁ ସାଧୁସନ୍ଥଙ୍କ ସେବାରେ ସେ ନିଜକୁ ବିନୀତ ଭାବରେ ନିୟୋଜିତ କରୁଥିଲେ । ଦିନେ ରାତ୍ର ସମୟରେ ଆଗନ୍ତୁକ ସନ୍ଥ ମହାତ୍ମାଙ୍କ ପାଇଁ ଖଣ୍ଡେ କଦଳୀପତ୍ର ପ୍ରୟୋଜନ ପଡିବାରୁ ବାଳକ ଅରକ୍ଷିତ ତାଙ୍କ

# ଶୂନ୍ୟ ପୁରୁଷ

ଖମାରଘର ପାଖ ବାଡ଼ିରୁ ପତ୍ର ଖଣ୍ଡିକ କାଟି ଆଣୁଥିବା ବେଳେ ଘରର ମାଲିକିଆଣୀ ବୃଦ୍ଧା ବିଧବା ବ୍ରାହ୍ମଣୀ ଉଚ୍ଚ ସ୍ୱରରେ କହିଲେ କିଏ ସେ ଅରକ୍ଷିତଟା ଏତେବେଳେ ବାଡ଼ିରେ ପଶି ପତ୍ର କାଟୁଛି । ବୃଦ୍ଧା ଆସି ଦେଖିଲେ ଯେ ସେ ଆଉ କେହି ନୁହନ୍ତି ନିଜେ ବଡ଼ଖେମୁଣ୍ଡିର ବାଳୁତ ରାଜକୁମାର । ବୃଦ୍ଧା ଦୁଃଖିତା ହୋଇ ପଡିଲେ ଓ ନିଜ କର୍ମ ପାଇଁ ଦୁଃଖ ପ୍ରକାଶ କଲେ । ରାଜକୁମାର ହସି ହସି କହିଲେ, ଆଜି ଯାଏ ମୋର ଗୋଟିଏ ନାମ ମୁଁ ଖୋଜୁଥିଲି, ଆପଣଙ୍କ ସୁଦୟାରୁ ସେ ନାମଟି ମୋତେ ମିଳିଗଲା । ମୁଁ ନିଜକୁ ସେହି ନାମରେ ପରିଚିତ କରାଇବି । ସେହି ନାମଟି ହେଲା "ଅରକ୍ଷିତ" ।

ପଂଚସଖାଙ୍କ ପରମ୍ପରାରେ ନିଜକୁ "ଦାସ" ବୋଲି କହିବା ଏକ ସୁବିଦିତ ପରିଚୟ ହୋଇ ସାରିଥିଲା । "ଦାସ" ବୋଲାଉଥିବା ବ୍ୟକ୍ତିଟି ସମସ୍ତଙ୍କର ସେବକ ଓ ଭଗବାନଙ୍କର ଭୃତ୍ୟ । ନିଜର ଜାତ୍ୟାଭିମାନ ତ୍ୟାଗ କରି ଏହି 'ଦାସ' ମାନେ ନିଜକୁ ସର୍ବନିମ୍ନ ଶୂଦ୍ର ବୋଲି ଜ୍ଞାନ କରୁଥିଲେ । ସେବା ହେଉଛି ଶୂଦ୍ରମାନଙ୍କ ନଜସ୍ୱଧର୍ମ । ତେଣୁ ନିଜକୁ ତୃଣ କରି ନିଚବୋଧ କରୁଥିବା ବ୍ୟକ୍ତିଟି ନିରଭିମାନୀ ସେବକ ଭାବରେ ନିଜର ପରିଚୟ ଦେଉଥିଲେ । ସେଥିପାଇଁ ଉଚ୍ଚ ବ୍ରାହ୍ମଣକୂଳ ସମ୍ଭୁତ, ବିପୁଳ ଶାସ୍ତ୍ରଜ୍ଞାନର ଅଧିକାରୀ ଅଗାଧ ସଂସ୍କୃତ ଭାଷା ଜ୍ଞାନୀ, ଭାଗବତକାର ଜଗନ୍ନାଥ ମିଶ୍ର ନିଜକୁ ଜଗନ୍ନାଥ ଦାସ ନାମରେ ଅଭିହିତ କରାଇ ଅଛନ୍ତି । ଜାତ୍ୟାଭିମାନ, କୁଳାଭିମାନ ଛାଡ଼ିବା ଲାଗି ଏହି 'ଦାସ' ପଦବୀକୁ ଉପଯୁକ୍ତ ମଣି ପଂଚସଖାମାନେ ନିଜକୁ 'ଦାସ' ବୋଲି ପରିଚୟ ଦେଇଛନ୍ତି । ନିଜେ ରାଜକୁମାର ହେଲେ ହେଁ ଅରକ୍ଷିତଙ୍କ ନାମ ସହିତ

'ଦାସ' ପଦବୀ ଯୁକ୍ତ କରାଇବା ତାଙ୍କ ପକ୍ଷରେ ସାର୍ଥକ ହୋଇଛି । ବୈଷ୍ଣବମାନେ ସକଳ ଭାବରେ ନିରଭିମାନୀ ହେବେ, ଶ୍ରୀ ଚୈତନ୍ୟଙ୍କ ଏହି ଉକ୍ତି ପଂଚସଖାଙ୍କ ଠାରୁ ମହାପୁରୁଷ ଅରକ୍ଷିତ ଦାସଙ୍କ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇ ଆସିଛି । ମହାପୁରୁଷ ଅରକ୍ଷିତ ଦାସଙ୍କ ନାମର ଅର୍ଥ ହେଲା, ନିଃସମ୍ବଳ ନିରେଖ, ଅକିଂଚନ ସେବକ ଓ ଭଗବାନଙ୍କ ଭୃତ୍ୟ ଦାସାନୁ ଦାସ । ବୈଷ୍ଣବମାନଙ୍କର ଏହି ନିଷ୍କଂଚନ ସାଧନା ଓ ବିନୟ ବ୍ରତ ଉତ୍କଳରେ ବହୁ ପ୍ରସିଦ୍ଧି ଲାଭ କରିଛି ଓ ଉତ୍କଳୀୟ ସଂସ୍କୃତିକୁ ବହୁମନ୍ତେ ପ୍ରଭାବିତ କରିଛି ।

"ସକଳଭାବେ ବୈଷ୍ଣବ ହବେ ନିରଭିମାନ
ଜୀବେ ସମ୍ମାନ ଦିବେ ଜାନି କୃଷ୍ଣ-ଅଧିଷ୍ଠାନ" ।

ଶ୍ରୀ ଚୈତନ୍ୟଙ୍କ ଏହି ମହନୀୟ ଉକ୍ତି ଓଡ଼ିଆଙ୍କ ହୃଦୟ ତନ୍ତ୍ରୀରେ ଝଙ୍କୃତ ହୋଇ ଆସିଛି ଓ ଜନମାନସରେ ପୂର୍ଣ୍ଣ ସମର୍ଥନ ଲାଭ କରିଛି । ନିଜକୁ 'ଅରକ୍ଷିତ ଦାସ' ବୋଲି କହି ମହାପୁରୁଷ ଅରକ୍ଷିତ ଦାସ ସେହି ସ୍ରୋତରେ ସାମିଲ ହୋଇ ଯାଇଥିଲେ । କିନ୍ତୁ ବହୁ ବିଷୟରେ ତାଙ୍କ ଦର୍ଶନିକ ଚିନ୍ତାଧାରା ନିଜର ସ୍ୱାତନ୍ତ୍ର ରକ୍ଷା କରି ଆସିଛି ।

ତାହାକୁ ଏକ ନୂତନ ପ୍ରସ୍ଥାନ ବୋଲି ଅଭିହିତ କରାଯାଇପାରେ । ଏକ ନୂତନ ପ୍ରସ୍ଥାନ ସହିତ ସେ ଏକ ନୂତନାଚାରର ମଧ୍ୟ ପ୍ରବର୍ତ୍ତନ କରିଛନ୍ତି ।

# ରାଜର୍ଷି ଅରକ୍ଷିତ ଦାସଙ୍କ ଆଧ୍ୟାତ୍ମିକ ବାଣୀ

**ପ୍ରଫେସର ପଠାଣି ପଟ୍ଟନାୟକ**

ପୁରାଣ ଓ ଇତିହାସରେ କେତେ ଜଣ ରାଜର୍ଷି ହୋଇଥିଲେ ଭାରତ ବିଖ୍ୟାତ । ସେମାନେ ହେଲେ ଜନକ ମହର୍ଷି, ମହାବୀର ଓ ମହାତ୍ମା ବୁଦ୍ଧଦେବ । ରାଜର୍ଷିଜନକ ରାଜସିଂହାସନରେ ଆସୀନ ଥାଇ ମଧ୍ୟ ବୈରାଗ୍ୟଜୀବନକୁ ଆଦରି ନେଇଥିଲେ । ରାଜପୁରୀର ଐଶ୍ୱର୍ଯ୍ୟ ପ୍ରତି ସେ ଥିଲେ ସମ୍ପୂର୍ଣ୍ଣ ଅନାସକ୍ତ । ସେଥିପାଇଁ ସର୍ବତ୍ୟାଗୀ ତପୋବନ ବାସୀ ଋଷିମାନେ ମଧ୍ୟ ମହାରାଜା ଜନକଙ୍କୁ ସମ୍ମାନ କରୁଥିଲେ । ମହାନ ଯୋଗୀ ଶୁକଦେବଙ୍କର ରାଜର୍ଷି ଜନକ ଥିଲେ ଦୀକ୍ଷାଗୁରୁ । ସେହିପରି ଶକ୍ୟ ରାଜବଂଶର ସମସ୍ତ ପ୍ରକାର ଐଶ୍ୱର୍ଯ୍ୟ ମଧ୍ୟରେ ପ୍ରତିପାଳିତ ରାଜକୁମାର ସିଦ୍ଧାର୍ଥ ସମସ୍ତ ମୋହବାସନା ପରିତ୍ୟାଗ କରି ଜଗତ ବିଖ୍ୟାତ ହୋଇଥିଲେ, ଭଗବାନ ବୁଦ୍ଧଦେବ ରୂପରେ, ତାହାହିଁ ମଧ୍ୟ ମହାବୀରଙ୍କ ପ୍ରତି ପ୍ରଯୁଜ୍ୟ । ଓଡ଼ିଶାର ପରମ ସୌଭାଗ୍ୟ ଯେ ଦକ୍ଷିଣ ଓଡ଼ିଶା ବଡ଼ଖେମୁଣ୍ଡି ରାଜ୍ୟର ରାଜା ମଣିଦେବଙ୍କ ଏକମାତ୍ର ପୁତ୍ର ବଳଭଦ୍ର ଦେବ ସଂସାରବିରାଗୀ ହୋଇ ଗୃହତ୍ୟାଗ କଲେ ଯୌବନ କାଳରେ ଏବଂ ନିଜର ସାଧନା ବଳରେ ସେ ହେଲେ ମହାପୁରୁଷ ଅରକ୍ଷିତ ଦାସ । ରାଜପୁରୀର ଐଶ୍ୱର୍ଯ୍ୟ ଓ କ୍ଷମତାର ବଳୟ ତାଙ୍କୁ ବାନ୍ଧି ରଖିପାରିଲା ନାହିଁ । ତୁଳିତଳ୍ପ ଶଯ୍ୟା ଓ ଅସଂଖ୍ୟ ଦାସଦାସୀଙ୍କ ସେବା ପରିହାର କରି ଆଶ୍ରୟ କଲେ ପର୍ବତ ଗୁମ୍ଫାର ପଥର ଶଯ୍ୟା ଅଥବା ପରିବ୍ରାଜକ ଜୀବନରେ ବୃକ୍ଷମୂଳରେ ଭୂମିଶଯ୍ୟା । ଜଗତର କଲ୍ୟାଣ ପାଇଁ ଭଗବାନ ବୁଦ୍ଧଦେବ

# ଶୂନ୍ୟ ପୁରୁଷ

ମହାତ୍ମା ମହାବୀର ଅସରନ୍ତି ଉପଦେଶ ପ୍ରଦାନ କରି ଯାଇଛନ୍ତି, ଯାହାକୁ ଆଚରଣ କରି ଧର୍ମାବଲମ୍ବୀଗଣ ନିଜକୁ ଧନ୍ୟ ମନେ କରନ୍ତି । ସେହିପରି ମହାପୁରୁଷ ଅରକ୍ଷିତ ଦାସ ଜନକଲ୍ୟାଣ ଉଦ୍ଦେଶ୍ୟରେ ଅନେକ ଗ୍ରନ୍ଥ ରଚନା କରି ଉପଦେଶ ପ୍ରଦାନ କରିଅଛନ୍ତି ।

ପ୍ରାଚୀନ ଐତିହ୍ୟ ପରିପୂର୍ଣ୍ଣ ହିନ୍ଦୁଧର୍ମ ଓ ସମାଜରେ ନାନା କୁସଂସ୍କାର ଓ କଳଙ୍କିତ ପ୍ରଥାକୁ ରାଜକୁମାର ବଳଭଦ୍ର ସହ୍ୟ କରିପାରିଲେ ନାହିଁ । ସରଳ ବିଶ୍ୱାସୀ ଜନସାଧାରଣଙ୍କର ଦୁର୍ଦ୍ଦଶା ଓ ଧର୍ମ ଧ୍ୱଜାଧାରୀଙ୍କର ଉତ୍ପୀଡ଼ନ ଓ ଅତ୍ୟାଚାର ତାଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଥିଲା । ତେଣୁ ସନ୍ୟାସ ଅବଲମ୍ବନ କରି ନିଜର ସାଧନାପୂତ ଜୀବନରେ ଯେଉଁ ସତ୍ୟର ଉପନୀତ ହୋଇଥିଲେ, ତାହା ଉପଦେଶ ଛଳରେ ଲିପିବଦ୍ଧ କରିଯାଇଛନ୍ତି ନିଜ ରଚିତ ଗ୍ରନ୍ଥ ମାନଙ୍କରେ । ପ୍ରସଙ୍ଗକ୍ରମେ ଏଠାରେ ତାଙ୍କର କିଛି ବକ୍ତବ୍ୟ ଆଲୋଚନା କରାଯାଉଛି ।

ମହାତ୍ମା ଅରକ୍ଷିତ ଦାସ ଥିଲେ ଜାତିସ୍ମର । ନିଜର ପୂର୍ବଜନ୍ମ ସମ୍ପର୍କରେ ସୂଚନା ପ୍ରଦାନ କରି ସେ ଲେଖିଛନ୍ତି - ସତ୍ୟ ଯୁଗରେ ଏକାକ୍ଷର ମନ୍ତ୍ର ଜପ କରି ସେ ସିଦ୍ଧିଲାଭ କରିଥିଲେ । ତ୍ରେତୟା ଯୁଗର ରାମତାରକ ମନ୍ତ୍ର ଜପ କରି ସିଦ୍ଧି ଲାଭ କଲେ । ଦ୍ୱାପର ଯୁଗରେ ଗୋପାଳ ମନ୍ତ୍ରକୁ ଜପକରି ସେ ହେଲେ ସିଦ୍ଧପୁରୁଷ ।

ଅଥଚ - "କଳିଯୁଗେ ରାଜକୁଳେ ହେଲି ଅବତାର<br>
ଅଷ୍ଟାଦଶ ବରଷରେ ଜ୍ଞାନ ଦୃଶ୍ୟ ଘର ।"

ବହୁ ବର୍ଷକାଳ କଟକ ଜିଲ୍ଲାର ପ୍ରସିଦ୍ଧ ତନ୍ତ୍ରପୀଠ ଓଲାଶୁଣି ପର୍ବତରେ ସାଧନା କରି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଜଣେ ଅବଧୂତ ସନ୍ୟାସୀ ପ୍ରଚଳିତ ଅନେକ ଆଚାରବିଚାର ଓ ଚଳଣିକୁ ସେ

ଆଦୌ ସ୍ୱୀକାର କରିନାହାନ୍ତି । ସେ ଥିଲେ ନିର୍ଗୁଣ ବ୍ରହ୍ମର ଉପାସକ । ସନ୍ଥ ଅରକ୍ଷିତ ଏକେଶ୍ୱରବାଦୀ ହେଲେ ହେଁ ମୂର୍ତ୍ତି ପୂଜକ ମାନଙ୍କ ପ୍ରତି ତାଙ୍କର କୌଣସି ଅସୂୟା ଭାବନା ନଥିଲା ।

ଅବଶ୍ୟ ଅତୀତରେ ଅନେକ ମହାତ୍ମା ମୂର୍ତ୍ତିପୂଜା ପ୍ରତି କଠୋର ମନୋଭାବ ପୋଷଣ କରି ତୀବ୍ର କଟାକ୍ଷ କରିଅଛନ୍ତି । ଏହି ପ୍ରସଙ୍ଗରେ କବୀରଙ୍କର ଗୋଟିଏ କଥା ସ୍ମରଣ କରାଯାଇପାରେ । ସେ କହିଥିଲେ -

"ପାହନ ପୂଜେ ହରି ମିଲୈ, ତୋ ମୈଁ ପୁଜୁଁ ପହାର
ତାତେ ୟହ ଚାକୀ ଭଲୀ, ପୀସ ଖାୟ ସଂସାର ।"

ଯଦି ପଥର ପୂଜା କଲେ ଭଗବାନ ପ୍ରାପ୍ତ ହେବେ, ତେବେ ମୁଁ ପାହାଡ଼କୁ ପୂଜା କରିବି ନାହିଁ କାହିଁକି ? ମାତ୍ର ତାହା ଠାରୁ ଭଲ, ଘରେ ଥିବା ପଥର ଘୋରଣାକୁ ପୂଜା କରିବା । କାରଣ ଘୋରଣାରେ ସର୍ବଦା ଖାଦ୍ୟ ପେଶା ହେଉଥାଏ ।

ସନ୍ଥ ଅରକ୍ଷିତ ନିର୍ଗୁଣ ବ୍ରହ୍ମର ଉପାସକ ଥିଲେ । ପ୍ରତ୍ୟେକ ବସ୍ତୁରେ, ଅଣୁ ପରମାଣୁରେ ସେହି ବ୍ରହ୍ମ ବିଦ୍ୟମାନ । ମାୟାମୋହ ଗ୍ରସ୍ତ ମନୁଷ୍ୟ ଏହି ତତ୍ତ୍ୱଟି ସ୍ମରଣ କରିପାରେ ନାହିଁ । ମହାତ୍ମା ଅରକ୍ଷିତ ସେହିମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି -

"କାଷ୍ଠ ପାଷାଣ ପିତୁଳାକୁ । ଦେବତା ବୋଲି ପୂଜୁତାକୁ । ସେକି ଗତି ମୁକ୍ତି ଦେବ । ଏହା ନ ଜାଣେ ମୂଢ଼ ଜୀବ ।" ଯୁଗେ ଯୁଗେ ସନ୍ଥ ସାଧକଗଣ ଏହି ପ୍ରକାର ବାଣୀ ପ୍ରଚାର କରିଯାଇଛନ୍ତି ।

ସେହି ଈଶ୍ୱର ଅଦୃଶ୍ୟ ହେଲେ ହେଁ ସର୍ବତ୍ର ବିଦ୍ୟମାନ ଅଛନ୍ତି । ଏଥିରେ ସନ୍ଦେହର କୌଣସି କାରଣ ନାହିଁ । କାଠ ଭିତରେ ଅଗ୍ନି ବିଦ୍ୟମାନ, ଶୋରିଷ ଭିତରେ ତେଲ ରହିଛି, କ୍ଷୀର ମଧ୍ୟରେ ରହିଛି ଘିଅ ।

## ଶୂନ୍ୟ ପୁରୁଷ

ଏମାନେ ଦୃଶ୍ୟ ହୁଅନ୍ତି ନାହିଁ ବୋଲି ଅବିଶ୍ୱାସ କରିବାକି ? ଏହି ପ୍ରସଙ୍ଗରେ ଏ ଯୁଗର ମହାନ ଯୋଗୀ ସ୍ୱାମୀ ଶିବାନନ୍ଦଙ୍କର ବକ୍ତବ୍ୟ ଉଦ୍ଧାର କରାଯାଇପାରେ । ସ୍ୱାମୀଜୀ ସର୍ବଘଟରେ ବିଦ୍ୟମାନ ଈଶ୍ୱରଙ୍କ ବିଷୟରେ କହିଛନ୍ତି - He is hidden in all beings and forms, like oil in seed, butter in milk, mind in brain, pran in the body, foetus in the womb, sun behind the cloud, fire in wood, vapour in the atmosphere, salt in water, sound in the gramphone records, gold in quartz, microbes in blood" ଇତ୍ୟାଦି ।

ତେଣୁ ସେହି ପରମବ୍ରହ୍ମଙ୍କ ସର୍ବଦା ଅନୁଭବ କରିବାକୁ ହେବ । ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଜଣେ ଭକ୍ତ ଗୁରୁଙ୍କୁ ପଚାରିଲେ ଈଶ୍ୱର କେଉଁଠାରେ ବିଦ୍ୟମାନ । ସେ କଣ ଖ୍ରୀଷ୍ଟିଆନଙ୍କ ଚର୍ଚ୍ଚରେ ଅବା ବାଇବେଲ ଗ୍ରନ୍ଥରେ, ମୁସଲମାନଙ୍କର ମସ୍‌ଜିଦ୍ ଅବା କୋରାନ୍‌ରେ, ହିନ୍ଦୁମାନଙ୍କର ମନ୍ଦିରରେ ଅବା ବେଦ ଗ୍ରନ୍ଥରେ, ଶିଖମାନଙ୍କର ଗୁରୁଦ୍ୱାର ଅବା ଗ୍ରନ୍ଥ ସାହେବରେ ଅଛନ୍ତି କି ? ଗୁରୁଙ୍କର ଉତର ହେଲା -

"ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ
ଅନ୍ତର ଭିତରେ ଦେଖ ତୋର ଭଗବାନ ।"

ସନ୍ଥ ଅରକ୍ଷିତ କହିଛନ୍ତି - ଈଶ୍ୱରଙ୍କୁ ତୁମ ନିଜ ଅନ୍ତର ମଧ୍ୟରେ ଅନୁଭବ କର । ତାଙ୍କର ଭାଷାରେ -

"ଘର ଦେବତା ନ ପୂଜି ପୂଜଇ ପରକୁ ।
ଘରେ ଗଙ୍ଗାସ୍ନାନ ଛାଡ଼ି ଚଳଇ ତୀର୍ଥକୁ ।"

- (ଭକ୍ତିଟୀକା)

# ଶୂନ୍ୟ ପୁରୁଷ

ସେହି ସର୍ବବ୍ୟାପୀ ପରମବ୍ରହ୍ମଙ୍କର ସ୍ୱରୂପ ସମ୍ପର୍କରେ ସନ୍ଥ ଅରକ୍ଷିତ କେତେ ମାର୍ମିକ ଭାବରେ ବୁଝାଇ ଦେଇଛନ୍ତି ଏହିପରି -

"ହେ ବ୍ରହ୍ମ ତୁହିଟି ଅଚିହ୍ନ ।　　ହେ ବ୍ରହ୍ମ ତୁହିଟି ଅବର୍ଣ୍ଣ ।
ହେ ବ୍ରହ୍ମ ତୋର ରୂପ ନାହିଁ ।　　ହେ ବ୍ରହ୍ମ ଅରୂପ ଅଟଇ ।
ହେ ବ୍ରହ୍ମ ପୃଥୀ ଆକାଶ ।　　ହେ ବ୍ରହ୍ମ ଜଳେ ସ୍ଥଳେ ବାସ ।
ହେ ବ୍ରହ୍ମ ଜୀବ ଅଜୀବରେ ।　　ହେ ବ୍ରହ୍ମ ପୂରିଛି ନିକଟରେ ।
ଛପନକୋଟି ଜୀବେ ତୁହି ।　　ହେ ବ୍ରହ୍ମ ଲୀଳା କରୁ ତୁହି ।"

(ମହୀମଣ୍ଡଳ ଗୀତା)

ପଂଚସଖା ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ମଧ୍ୟ ଅବିକଳ ସେହି କଥାଟି ସ୍ମରଣ କରାଇ ଦେଇଛନ୍ତି ତାଙ୍କର 'ଶୂନ୍ୟସଂହିତା' ରେ ।

"ଶୂନ୍ୟପୁରୁଷ ଦୟାଳୁ ଅଟଇ
ଶୂନ୍ୟପୁରୁଷ ସର୍ବ ଘଟେ ରହି ।"

ସେହି କଥାଟି ଆଉ ଜଣେ ପଂଚସଖା ସାଧକ ବଳରାମ ମଧ୍ୟ ତାଙ୍କର "ବିରାଟ ଗୀତା" ରେ ଉଲ୍ଲେଖ କରିଛନ୍ତି -
"ଯାହାର ରୂପ ରେଖ ନାହିଁ । ଶୂନ୍ୟପୁରୁଷ ଶୂନ୍ୟ ଦେହୀ ।" ସନ୍ଥ ଅରକ୍ଷିତ ଦାସ ସେହି 'ବ୍ରହ୍ମ'କୁ ଆରାଧନା କରିଛନ୍ତି । କେତେ ବିକଳ ହୋଇ ପ୍ରାର୍ଥନା କରିଛନ୍ତି ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ -

"ହେ ବ୍ରହ୍ମ ତୋ ନାମ ଭଜିବି ।　　ଆଉ ମୁଁ କେଣିକି ନ ଯିବି ।
ହେ ବ୍ରହ୍ମ ମୋତେ ଦୟା କର ।　　ଏ ସ୍ଥାନୁ ନକର ଅନ୍ତର ।
ହେ ବ୍ରହ୍ମ ଅଜ୍ଞାନ ଅନ୍ଧାର ।　　ନାଶ ମୋ ହୃଦୟ ଭିତର ।
ହେ ବ୍ରହ୍ମ ଜ୍ଞାନଚକ୍ଷୁ ଦିଅ ।　　ଅଜ୍ଞାନ ନାଶ ଯେ କରାଅ ।

# ଶୂନ୍ୟ ପୁରୁଷ

ପାପ ତାପ ଯେ ଦୂର ଯାଉ । ହେ ବ୍ରହ୍ମ ତୋରେ ସେବା ରହୁ ।
ଅର୍କ୍ଷିତ ଦାସକୁ ଉଦ୍ଧାର । ଏହି ସୁଦୟା ତୁହି କର ।
ଜଣାଏ ଅରକ୍ଷିତ ଦାସ । ହେ ବ୍ରହ୍ମ ତୋର ପାଦେ ଆସ ।

(ମହୀମଣ୍ଡଳ ଗୀତ ଗୁପ୍ତଟୀକା)

ହିନ୍ଦୁ ସମାଜ ନାନା ଜାତି, ବର୍ଣ୍ଣ ଭେଦଭାବ ସୃଷ୍ଟି କରି ଅତ୍ୟନ୍ତ ସ୍ପର୍ଶକାତର ଜୀବନ ଅତିବାହିତ କରିଆସିଛି । ସାନ ବଡ଼ ଉଚ୍ଚ ନୀଚ ଭାବନାକୁ ପୁଞ୍ଜିକରି ମଣିଷ ଘୃଣା କରି ଶିଖିଛି । ଏହାଦ୍ୱାରା ସେ କେବଳ ସକଳ ଘଟରେ ବିଦ୍ୟମାନ ପରମବ୍ରହ୍ମଙ୍କୁ ଅସମ୍ମାନ କରିଛି ସିନା । ସନ୍ଥ ଅରକ୍ଷିତ ବ୍ରହ୍ମବାଦୀ ଥିବାରୁ ଜାତି ଭେଦକୁ ସ୍ୱୀକାର କରିନାହାନ୍ତି । ସମସ୍ତେ ଈଶ୍ୱରଙ୍କର ସନ୍ତାନ । ସେଠାରେ ଉଚ୍ଚନୀଚର ଭାବନା ଆସିବ କାହିଁକି ?

ପଂଚସଖାଙ୍କ ଆଦର୍ଶରେ ସନ୍ଥ ଅରକ୍ଷିତ ଅନୁପ୍ରାଣୀତ ହୋଇଥିଲେ । ପଂଚସଖାସାଧକ ଜଗନ୍ନାଥ ଦାସ ଘୋଷଣା କରିଥିଲେ -

"ଆତ୍ମାରେ ଆତ୍ମା ଯେ ଦେଖନ୍ତି
ଜନ୍ମ ମରଣେ ନାହିଁ ଭ୍ରାନ୍ତି ।"

ଭକ୍ତ ଶିରୋମଣି ଅଚ୍ୟୁତାନନ୍ଦ ତାଙ୍କର ଗୋଟିଏ ଭଜନରେ ଏହି ବ୍ରହ୍ମଦର୍ଶନକୁ ବିସ୍ତୃତ ଭାବରେ ବୁଝାଇ ଦେଇଛନ୍ତି । ଯେପରି -

"ଏହି ମନ ସିନା ଚତୁର୍ଦ୍ଧାମୂରତିରେ ମୂଢ଼ମତି
ମନକହେ ଚଇତନ ହେତୁରେ ଦେଖ ତୁ ବ୍ରହ୍ମ
ଏ ତତ୍ୱ ଚାରି ବେଦେଣ ଦଣ୍ଡିବ ନାହିଁ ଶମନ
ସନକାଦି ମୁନି ଧ୍ୟାଉଛନ୍ତି ହେ ।
ନଖୋଳ ତଡ଼ାଗ କୂପ ଦେଉଳ ତୋଟା ନ ରୋପ

# ଶୂନ୍ୟ ପୁରୁଷ

ସ୍ଥାପନା ଦିଅଁ ନ ସ୍ଥାପ ନ ଯା ବୃନ୍ଦାବନ ଗୋପ
ନ ଯା ତୁହି ପ୍ରୟାଗ ଗୋମତୀ ହେ ।
ଜଟା କୌପୀନ ନ ଧର   ତିଳକ ମାଳା ନକର
ଭସ୍ମ ଭଙ୍ଗ ପରିହର   ଏ ଜ୍ଞାନ ହୃଦେ ନଧର
ଗଙ୍ଗାକୂଳେ ନାହିଁ ସଦ୍‌ଗତି ହେ ।
ଆତ୍ମାକୁ ଆତ୍ମାରେ ଦେଖ  ଦେଖିଲେ ପାଇବୁ ସୁଖ
ସକଳ ସୁଖ ଉପେଖ   ଜ୍ଞାନ ଲଭିବୁ ପ୍ରତ୍ୟକ୍ଷ
ଭାବି କହେ ପାମର ଅଚ୍ୟୁତି ହେ ।"

ମୋହଗ୍ରସ୍ତ ମନୁଷ୍ୟ ଅଳୀକ ସଂସାରର ମୋହମାୟାରେ ଘୁରି ବୁଲୁଥାଏ । ସେ ଈଶ୍ୱରଙ୍କୁ ଖୋଜି ବୁଲୁଥାଏ ମନ୍ଦିର, ମସ୍‌ଜିଦ୍ ଚର୍ଚ୍ଚ ଓ ଗୁରୁଦ୍ୱାରରେ, ପବିତ୍ର ତୀର୍ଥ ସ୍ଥଳରେ, ନାନା ବାହ୍ୟ ଆଚାରବିଚାର ଜନିତ ଚଳଣିରେ । ଭ୍ରାନ୍ତ ମନୁଷ୍ୟକୁ ଚେତାବନୀ ଶୁଣାଇ ପରମଭକ୍ତ କବୀର କହିଥିଲେ -

"କସ୍ତୁରୀ କୁଣ୍ଡଲୀ ବସୈ, ମୃଗ ଢୁଁଣ୍ଡେ ବନ ମାହି
ଐସେ ଘଟମେଂ ରାମ ହିଁ, ଦୁନିଆ ଦେଖେ ନାହିଁ ।

ହିମାଳୟର କସ୍ତୁରୀମୃଗର ନାଭି ପ୍ରଦେଶରେ କସ୍ତୁରୀ ରହିଥାଏ । ତାହାର ସୁଗନ୍ଧରେ ସମଗ୍ର ବନ ପ୍ରଦେଶ ସୁବାସିତ ହେଉଥାଏ । ବିଚରା ମୃଗଟି ସେହି ସୁଗନ୍ଧ ଲାଭ କରିବା ପାଇଁ ବଣ ମଧ୍ୟରେ ଘୁରି ବୁଲୁଥାଏ । ସେ ଜାଣେ ନାହିଁ ଯେ ତାହାରି ଶରୀର ମଧ୍ୟରୁ ଏପରି ସୁଗନ୍ଧ ପ୍ରସାରିତ ହେଉଛି । ଠିକ୍ ସେହିପରି ମାୟାମୋହବିଷ୍ଟ ମନୁଷ୍ୟ ନିଜର ଆତ୍ମାରେ ବ୍ରହ୍ମଙ୍କର ଉପସ୍ଥିତି ବିଷୟରେ ସଚେତନ ନହୋଇ ତାକୁ ପାଇବା ପାଇଁ ସାରା ଜଗତ ଭ୍ରମଣ କରୁଥାଏ ।

# ଶୂନ୍ୟ ପୁରୁଷ

ସନ୍ଥ ଅରକ୍ଷିତ କହିଯାଇଛନ୍ତି - ଏ ସଂସାରରେ ସବୁ ଅଳୀକ । ଯାହାର ଜନ୍ମ ଅଛି, ତାହାର ମୃତ୍ୟୁ ଅବଶ୍ୟମ୍ଭାବୀ । ତଥାପି ଦୁର୍ବଳ ମନୁଷ୍ୟ ମୋହଗ୍ରସ୍ତ ହୋଇ ରହିଥାଏ । ଭାବୁଥାଏ, ସେ ଏ ମରଣଶୀଳ ସଂସାରରେ ଅଜରଅମର ହୋଇ ରହିଯିବ । ନାନା ଲୋଭ, ମୋହ, ଇର୍ଷା, ପରଶ୍ରୀକାତରତାରେ ଘାଂଟି ହେଉଥାଏ । ଜୀବନ ହୁଏ ଡହଳବିକଳ । ତଥାପି ତାର ଚେତନା ଜାଗ୍ରତ ହୁଏ ନାହିଁ ।

ଏହି ପାପତାପପୂର୍ଣ୍ଣ ସଂସାରରୁ ଉଦ୍ଧାର ପାଇବାର ଏକମାତ୍ର ବାଟ ହେଲା - ସେହି ପରମବ୍ରହ୍ମଙ୍କୁ ଭଜନ କରିବା, ଭକ୍ତି କରିବା, ତାହାରି ନିକଟରେ ଆତ୍ମସମର୍ପଣ କରିବା । ତାହା ହେଲେ ଏହି ପାପତାପ ପରିପୂର୍ଣ୍ଣ ସଂସାରରୁ ଉଦ୍ଧାର ମିଳିବ ସିନା ଅଲୀଳ ଭୋଗବିଳାସରେ ରତ ହୋଇ ଜୀବନ ହେଉଥାଏ ମରଣ ପଥର ଯାତ୍ରୀ । ବିଚରା ଦୁର୍ବଳ ମନୁଷ୍ୟ ଏହି ସତ୍ୟଟି ହୃଦୟଙ୍ଗମ କରିପାରେ ନାହିଁ ।

ଭ୍ରାନ୍ତ ମନୁଷ୍ୟକୁ ଚେତାଇ ଦେବାପାଇଁ ଜଣେ ପରମଭକ୍ତ - " ରେ ମନ, ଜନମ ଅକାରଣ ଖୋଇସି ହରିକୀ ଭକ୍ତି ନକବହୁଁ କୀହ୍ନୀ, ଉଦର ଭରେପ ରି ସୋଇସି, ନିଶି-ଦିନ-ଫିରତ ରହତ ମୁହଁ ବାଏ ଅହମିତି ଜନମ ବି ଗୋଇସି, ଗୋଡ଼ ପସାରି ପରୟୋ ଦୋଉନୀକୌଂ, ଅବ କୈସୀ କହି ହୋଇସି ଜାଲ ଜନମି ସୌଂ ଆନି ବନୀହେଁ ଦେଖି ଦେଖି ମୁଖ ଗୈଇସି ସର ଶ୍ୟାମବିନୁ କୌନ ଛୁଡ଼ାଔ ଚଲେ ଯାଓ ଭଇ ପୋଇସି ।

ଏହାର ମର୍ମବାଣୀ ହେଲା - ମଣିଷ ଜୀବନ ସାରା ଭୋଜନ ପ୍ରିୟ ଓ ଶୟନ ପ୍ରିୟ ହୋଇ ଜୀବନ ବିତେଇଲା । ଅହଂକାରରେ ଜୀବନକୁ ବିନଷ୍ଟ କଲା । ନାନା ପ୍ରକାର ଲାଳସାର ଅଧିନ ହୋଇ ଦିନରାତି ମାତି

ରହିଲା । ଆଉ ବେଳ ନାହିଁ । ଏବେ ଗୋଡ଼ ମେଲା; କଚାଡ଼ି ପଡ଼ିଗଲେ କିଏ ସାହା ଭରସା ହେବ ? ମୃତ୍ୟୁର ଦେବତା କାଳ ଫାଶ ଧରି ଅପେକ୍ଷା କରି ବସିଲାଣି । କାନ୍ଦିଲେ କ'ଣ ହେବ ? ଈଶ୍ୱର ପ୍ରାଣ ହେଲା ନାହିଁ । ଭକ୍ତ ଭାବନାରେ ଆଦୌ ମନ ଦେଲା ନାହିଁ । ଏ ବିଷୟ ଜଞ୍ଜାଳରୁ କିଏ ତାକୁ ମୁକ୍ତି ପ୍ରଦାନ କରିବ ?

"ମହୀମଣ୍ଡଳ ଗୀତା'' ରେ ମହାପୁରୁଷ ଅରକ୍ଷିତ ଦାସଙ୍କର ଉପଦେଶ ହେଲା ଏହିପରି -

"ଭକତି ଯୋଗ ଯେ ସାଧଇ । ମୋ ମାୟା ତାକୁ ନ ଲାଗଇ ।
ଭକତି ଯୋଗ ସାଧ କର । ମୋ ମାୟା ହୋଇଯିବୁ ପାର ।''

ପୁନଶ୍ଚ କହିଛନ୍ତି :-

ତୁମ୍ଭର ନାମ ସଙ୍ଗେ ଘେନି । ଭକତି ସାଧୁଥିବି ପୁଣି ।
ଏହି ଦୟାତ ତୁମେ କର । କ୍ଷୁଧା ତୃଷ୍ଣାକୁ ବେଗେ ହର ।

ଭକ୍ତି କ'ଣ ? "ଶାଣ୍ଡିଲ୍ୟ ଭକ୍ତିସୂତ୍ର'' ରେ କୁହାଯାଇଛି - "ସାପରାନୁରକ୍ତିରୀଶ୍ୱରେ'' । ଅର୍ଥାତ୍ ଈଶ୍ୱରଙ୍କ ଠାରେ ପ୍ରଗାଢ଼ ଅନୁଭକ୍ତି ହିଁ ଭକ୍ତି ।

ଅଙ୍ଗୀରସଙ୍କ ମତ ହେଲା - "ସ୍ନେହ, ପ୍ରେମ ଓ ଅତ୍ୟନ୍ତ ଶ୍ରଦ୍ଧାର ସହ ଈଶ୍ୱରଙ୍କ ପ୍ରତି ଅଲୌକିକ ଅନୁରାଗକୁ ଭକ୍ତି କୁହାଯାଏ । "ଶ୍ରୀ ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ କୃଷ୍ଣଦାସ କବିରାଜ ମାତ୍ର ପଦେ କଥାରେ ଭକ୍ତିର ବାଖ୍ୟା କରିଅଛନ୍ତି । ଶ୍ରଦ୍ଧାବାନ ଜନହୟ ଭକ୍ତ୍ୟେ ଅଧିକାରୀ ।'' 'ଭକ୍ତି' ସର୍ବଦା ଈଶ୍ୱରଭାବ ପ୍ରଧାନ ହୋଇଥିବାରୁ ଏଥିରେ କର୍ମ, ଜ୍ଞାନ, ଯୋଗର ଆବଶ୍ୟକତା ନଥାଏ । ଭକ୍ତି ହେଉଛି ହୃଦୟର ଦ୍ରବୀଭୂତ ଅବସ୍ଥା । ଶ୍ରଦ୍ଧା

ହେଉଛି ଭକ୍ତିଲାଭର ପ୍ରକୃଷ୍ଟ ଉପାୟ ।

ଈଶ୍ୱରଙ୍କର ନାମ ଅହରହ ସ୍ମରଣ କଲେ ଏହି ଭବ ସଂସାରରୁ ମୁକ୍ତି ମିଳିପାରିବ । ପଂଚସଖା ସାଧକ ଅଚ୍ୟୁତାନନ୍ଦ ଏହି ନାମ ଭଜନକୁ ପ୍ରଧାନ୍ୟ ଆରୋପ କରି ଲେଖିଥିଲେ -

'ନାମକୁ ଭଜିଲେ ସିନା ଗତି ମୁକ୍ତି ପାଇ
ପିଣ୍ଡକୁ କାରଣ ନାମ ବିନୁ ଅନ୍ୟ ନାହିଁ ।
ନାମକୁ ଚିହ୍ନିଲେ ଜୀବ ପରମ ମିଳଇ
ସୋଲ ଭେଲା ପ୍ରାୟେ ଭବସିନ୍ଧୁରେ ଭାସଇ ।'

(ଶୂନ୍ୟସଂହିତା)

ମହାପୁରୁଷ ଅରକ୍ଷିତ ଭକ୍ତିଯୋଗକୁ କାମନା କରିଛନ୍ତି । ସଂସାରର କୌଣସି କାମନା ବାସନାରେ ଯେପରି ବିଚଳିତ ନହୋଇ ସେହି ଈଶ୍ୱରଙ୍କର ନାମ ଭଜନରେ ମାତି ରହିବେ, ଏହା ହିଁ ତାଙ୍କର ଏକାନ୍ତ ପ୍ରାର୍ଥନା । ତାଙ୍କରି ଭାଷାରେ -

"ନମୋ ନମସ୍ତେ ପରଂବ୍ରହ୍ମ
ମହାଶୂନ୍ୟରେ ତୋ ଆଶ୍ରମ ।
ଏ ଦେହ ଯେବେ ତୁ ରଖିବୁ
ଭକତି ଯୋଗ ମୋତେ ଦେବୁ ।

(ମହୀମଣ୍ଡଳ ଗୀତା)

ବ୍ରଜପୁରର ଗୋପାଙ୍ଗନାଗଣ ଭକ୍ତିଭାବନାର ପରମ ସାଧିକା ଥିଲେ । ଶ୍ରୀକୃଷ୍ଣଙ୍କ ସଖା ଉଦ୍ଧବ ଗୋପପୁରକୁ ଯାଇ

# ଶୂନ୍ୟ ପୁରୁଷ

ଭଗବାନଙ୍କର ମହିମା ପ୍ରକାଶ କରି ଜ୍ଞାନମାର୍ଗରେ କଥା କହି ବସିଲେ । ଗୋପୀମାନେ କହିଲେ - ଆମର ହୃଦୟ ଓ ମନ ସର୍ବତ୍ର କୃଷ୍ଣମୟ । ଆମକୁ ଆଉ କିଛି ଶୁଣାଅ ନାହିଁ । ଆମ ହୃଦୟରେ କୃଷ୍ଣଙ୍କ ବ୍ୟତୀତ ଆଉ କାହା ପାଇଁ ସ୍ଥାନ ନାହିଁ । ଏହି ପ୍ରସଙ୍ଗରେ ଜଣେ ହିନ୍ଦୀ ଭାଷାର କବିଙ୍କର ଉକ୍ତି ଉଦ୍ଧାର କରିବା ସମୀଚୀନ ହେବ ।

"ବାଟନମେଁ ଘାଟନ ମେଁ ବୀଥିନମେଁ ବାଗନମେଁ
ବୃଛନମେଁ ବେଲିନ ମେଁ ବାଟିକାମେଁ ବନମେଁ ।
ଦରନମେଁ ଦିବାରନ ମେଁ ଦେହରୀ ଦରୀଚନ ମେଁ
ହୀରନମେଁ ହାରନମେଁ ଭୂଷନମେଁ ତନମେଁ ।
କନନମେଁ କୁଂଜନମେଁ ଗୋପିନମେଁ ଗାୟନମେଁ ।
ଗୋକୁଳ ମେଁ ଗୋଧନମେଁ ଦାମିନିମେଁ ଘନମେଁ ।
ଜହାଁ ଜହାଁ ଦେଖୈ ତହାଁ ଶ୍ୟାମ ହୀ ଦିଖାଇଦେତ ।
ସାଲିଗରାମ ଛାଇ ରହୋ ନୈନନମେଁ ମନମେଁ ।

ଏହାର ମର୍ମ ହେଲା - ରାସ୍ତାରେ, ଗାଧୁଆତୁଠାରେ, ଉପତ୍ୟକାରେ, ବଗିଚାରେ, ଗଛରେ, କୀଟପତଙ୍ଗରେ, ବଣରେ, ଲତାରେ, ପ୍ରବେଶ ପଥରେ, ଗୃହକାନ୍ଥରେ, ଝରକାରେ, ହୀରାନୀଳାରେ, ନାନା ଅଳଙ୍କାରରେ, ଗୋଗଷ୍ଠରେ, କୋକୁଳରେ, ବିଜୁଳି ଦେହରେ, ମେଘରେ ପ୍ରଭୃତି ଯେକୌଣସି ଦିଗକୁ ଗୋପାଙ୍ଗନାମାନେ ଦୃଷ୍ଟି ଫେରାଇଲେ ଜଗତ କେବଳ କୃଷ୍ଣମୟ ଦେଖାଯାଏ ।

ତେଣୁ ଈଶ୍ୱରପ୍ରାଣ ହୁଅ ବୋଲି ସନ୍ଥ ଅରକ୍ଷିତ ଦାସ ବାରମ୍ବାର ସ୍ମରଣ କରାଇଦେଇଛନ୍ତି । ଏହି ଜଗତ ବ୍ରହ୍ମସରୂପ । ତାଙ୍କର ଆଶ୍ରିତ ହୁଅ । ଭକ୍ତି ଭାବନାରେ ବିଗଳିତ ହୋଇଯାଅ । ସେହି ଅଦୃଶ୍ୟ ଶକ୍ତିକୁ

ଅନୁଭବ କର । ତାଙ୍କୁ ଦର୍ଶନ କରିବାର କାମନାରୁ ଦୂରରେ ରହ । ଈଶ୍ୱର ସାକ୍ଷାତ ପାଇଁ ସାଧନା ଆବଶ୍ୟକ । ଏ ଯୁଗରେ ଆଉଜଣେ ଦେବପୁରୁଷ ସାଇବାବାଙ୍କର ବାଣୀ ହେଲା - ତୁମେ ପ୍ରେମ ସ୍ୱରୂପ ହୁଅ । ଈଶ୍ୱରଙ୍କୁ ଲାଭ କରିବା ପାଇଁ ତାହା ହିଁ ପ୍ରଧାନ ଅବଲମ୍ବନ । ଈଶ୍ୱରଙ୍କୁ ଲାଭ କରିବା ପାଇଁ ତାହା ହିଁ ପ୍ରଧାନ ଅବଲମ୍ବନ । ତାଙ୍କରି ଭାଷାରେ -

"Start the day with Love. Live the day with Love, Fill the day with Love. Spend the day with Love. End the day with Love. This is the way to God.

ତେଣୁ ସନ୍ଥ ଅରକ୍ଷିତ ଦାସଙ୍କର ପ୍ରଧାନ ଉପଦେଶ ହେଲା ଜନ ସମାଜ ପ୍ରତି - "ଏଣୁ ତୁ ସର୍ବ କର୍ମ ଛାଡ଼ । ଭକତି ଭାବ କର ଦୃଢ଼ ।

X X X X X X X X

ସମୁଦ୍ର ବାଲି ଗଣି ହେବ । ଆଜ୍ଞା ମହିମା କେ କହିବ ।
ଆଜ୍ଞାମହିମା ଭାବେ ରସ । କହଇ ଅରକ୍ଷିତ ଦାସ ।

# କେତେ ବାଟ ରାଜଭୋଗରୁ ଆଧ୍ୟାତ୍ମିକ ଆନନ୍ଦ ମଠକୁ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**

ଏକ ପକ୍ଷରେ ରାଜଭୋଗ, ବିଳାସ ବ୍ୟସନ, ବସ୍ତୁସର୍ବସ୍ୱ ସୁଖମୟ ଜୀବନ, କ୍ଷମତା-ଉପଭୋଗ, ସ୍ୱର୍ଣ୍ଣମୃଗର ଆକର୍ଷଣ, ଅନ୍ୟପକ୍ଷରେ ଆଧ୍ୟାତ୍ମିକ ବିମଳ ଆନନ୍ଦ ବସ୍ତୁ-ସୁଖ ନୁହେଁ; ଆତ୍ମାର ଅନ୍ୱେଷା, ଅନିର୍ବଚନୀୟଙ୍କ ସହିତ କାୟାମନୋବାକ୍ୟରେ ଅନୁବନ୍ଧନ - ଏହି ଦୁଇଟି ଦିଗ ମଧ୍ୟରେ ବ୍ୟବଧାନ ଯୋଜନ ଯୋଜନ । ପ୍ରଥମଟି ବାରମ୍ବାର ସଂକଟଗ୍ରସ୍ତ ହୁଏ ମାତ୍ର ଦ୍ୱିତୀୟଟି ସଂକଟ ଅତିକ୍ରାନ୍ତ ଆତ୍ମ ପରିଚୟ ବା ଆତ୍ମୋପଲବ୍ଧିର ମାର୍ଗ । ଏହି ଦ୍ୱିତୀୟ ମାର୍ଗର ଲକ୍ଷ୍ୟ ହିଁ ଆନନ୍ଦ ମଠ, ଦିବ୍ୟାନନ୍ଦର ବୈକୁଣ୍ଠ ଭୁବନ । ପ୍ରଥମ ମାର୍ଗରେ ସଂକଟ ଅଛି, ସଂଘାତ ଅଛି, ସଂଘର୍ଷ ଅଛି; ଅଛି ମଧ୍ୟ ନରକ - ପତନ । ସେହି ମାର୍ଗରେ ଗତି କରୁକରୁ ଯେତେବେଳେ ସଂକଟ ବୋଧ ଶାଣିତ ହୋଇଯାଏ ସେତେବେଳେ ବ୍ୟକ୍ତିର ଚିତ-ବୃତ୍ତିକୁ ଦୋହଲାଇ ଝଙ୍କୃତ ହୋଇଉଠେ ଜିଜ୍ଞାସା - କାହିଁକି .... କାହିଁକି.... । କାରଣ ଖୋଜୁ ଖୋଜୁ ପାର୍ଥିବ ବସ୍ତୁପ୍ରତି, ଭୋଗବିଳାସ ପ୍ରତି ବୈରାଗ୍ୟ ଜାତ ହୁଏ ଓ ଅବଶେଷରେ ନିଜ ଭିତରେ ନିଜକୁ ଦେଖେ, ପରମ 'ମୁଁ' ସହିତ ଏକାତ୍ମ ହୋଇଯାଏ, ପାଏ ଆପଣାର ପରିଚୟ ଓ ସେତିକି ବେଳେ ତା' ଭିତରେପ୍ରକାଶ ପାଇଥାଏ ଗୋଟିଏ ମିତ୍ର-ଦୃଷ୍ଟି । ସେ ଅପୂର୍ଣ୍ଣରୁ ପୂର୍ଣ୍ଣ ହୋଇଯାଏ, ସର୍ବବ୍ୟାପୀ ହୋଇଯାଏ, ଗୋଟିଏ ଆନନ୍ଦମୟ ସ୍ଥିତିରେ ଅବସ୍ଥାନ କରି ଜଗତକୁ ଆନନ୍ଦମୟ ଦେଖେ । ସନ୍ଥ ଅରକ୍ଷିତ ଦାସ ଏହିପରି ଜଣେ ସାଧକ, ଜଣେ ସିଦ୍ଧ ଜଣେ ମାନବ କଲ୍ୟାଣ କର୍ମ ମହାପୁରୁଷ ।

# ଶୂନ୍ୟ ପୁରୁଷ

ରାଜସୁଖ, ସଂସାର ସୁଖ ତାଙ୍କୁ ମୋହଗ୍ରସ୍ତ କଲା ନାହିଁ; ବରଂ ସେ ସବୁକିଛି ତ୍ୟାଗ କରି ଚାଲିଗଲେ ଅରଣ୍ୟକୁ । ପଥେ ପଥେ କେତେ ସଂକଟ, କେତେ ପ୍ରତାରଣା, କେତେ ଛଳନା; ଅଥଚ ସେସବୁ ତାଙ୍କୁ ଲକ୍ଷ୍ୟଭ୍ରଷ୍ଟ କରାଇପାରିନାହିଁ । ସିଦ୍ଧିର ସୋପାନ ଆରୋହଣ କରି ସେ ହେଲେ ବୁଦ୍ଧ, ସିଦ୍ଧାର୍ଥଙ୍କ ସମାଧି ଉପରେ ବୁଦ୍ଧତ୍ୱର ମହିମା ହେଲା ବିଚ୍ଛୁରିତ । ଅରକ୍ଷିତ ଦାସ ଅନୁରୂପ ଭାବରେ ଉନ୍ନବିଂଶ ବୟସରେ ଗଂଜାମ ଜିଲ୍ଲାର ବଡ଼ଖେମୁଣ୍ଡି ନିକଟବର୍ତ୍ତୀ ବିଜୟନଗର ଗଡ଼ର ରାଜସୁଖ ତ୍ୟାଗ କରି ସନ୍ୟାସ ହୋଇ ଚାଲିଗଲେ । ସକଳ ସଂକଟ ଓ ବିପଦକୁ ଅତିକ୍ରମ କରି ତାଙ୍କର ରାଜଦତ୍ତ ନାମ ବଳଭଦ୍ର ଦେବଙ୍କ ସମାଧି ଉପରେ ମହିମାନ୍ୱିତ ହୋଇ ଉଠିଲା ସନ୍ଥ ଅରକ୍ଷିତ ଦାସଙ୍କ ନାମ । ଏହି ମହାନ ସନ୍ଥଙ୍କର ଆବିର୍ଭାବ ଅଷ୍ଟାଦଶ ଶତାବ୍ଦୀରଶେଷ ଭାଗ (୧୭୭୨ ଖ୍ରୀ.ଅ.) ଓ ତିରୋଧାନ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗ (୧୮୩୭) । ମହାପୁରୁଷ ହାଡ଼ିଦାସଙ୍କର ସେ ସମସାମୟିକ । ଜଣେ ଛତିଆବଟରେ ଅବସ୍ଥାନ କରୁଥିଲା ବେଳେ ଅନ୍ୟଜଣେ ଓଳାଶୁଣି ପାହାଡ଼ରେ ଅବସ୍ଥାନ କରୁଥିଲେ । ଉଭୟଙ୍କର ଲକ୍ଷ୍ୟ ଥିଲା ଆଧ୍ୟାତ୍ମିକ ବିମଳ ଆନନ୍ଦଓ ସେହି ଆନନ୍ଦରେ ଜଗତଜନଙ୍କୁ ଉତରିତ କରିନେବା । ଉଭୟ ଜାତି ମାନି ନାହାନ୍ତି, ସଂପ୍ରଦାୟ ମାନି ନାହାନ୍ତି; ମାନିଛନ୍ତି ମନୁଷ୍ୟକୁ ଓ ଅନିର୍ବଚନୀୟ ପରମ ପୁରୁଷଙ୍କୁ ।

ଡକ୍ଟର ରତ୍ନାକର ସାହୁଙ୍କ ମତରେ ସେ ଥିଲେ ଯଥାର୍ଥରେ ଜଣେ ସଂସାର ବନ୍ଧନମୁକ୍ତ, ବିଷୟ ବାସନା ବର୍ଜିତ, ବିକାରଶୂନ୍ୟ, ଉଦାସମନା, ସମଦର୍ଶୀ ଆତ୍ମାନୁଭୂତି ସମ୍ପନ୍ନ, ଜାତ୍ୟାଭିମାନହୀନ ଅବଧୂତ ସନ୍ୟାସୀ, ଶ୍ରୀମଦ୍ ଭାଗବତରେ ଅବଧୂତଙ୍କ ପରି ସେ ବିକାରହୀନ, ସଂସାର ବନ୍ଧନ ପ୍ରତି ନିର୍ଲିପ୍ତ, କାମିନୀ କାଂଚନ ପ୍ରତି ଅନାସକ୍ତ । କେତେକେତେ ପାହାଡ

# ଶୂନ୍ୟ ପୁରୁଷ

ପର୍ବତ ଅରଣ୍ୟ ଦେଇ ସେ ଗତି କରିଛନ୍ତି, ଖରା ବର୍ଷା ଶୀତ ସହିଛନ୍ତି, ଅନାହାରରେ ଦିନ କାଟିଛନ୍ତି, କେତେ ଭର୍ତ୍ସନା ମାଡ଼ ସହିଛନ୍ତି; ତଥାପି ସେ ରହିଛନ୍ତି ଅବିଚଳିତ ଓ ବ୍ରହ୍ମପଦ ଲାଭ କରି ହୋଇଛନ୍ତି ଅମୃତମୟ । ଷୋଡଶ ଶତାବ୍ଦୀରୁ ଓଡ଼ିଶାରେ ଯେଉଁ ସନ୍ଥ ପରମ୍ପରା ଗଢ଼ି ଆସିଥିଲା ସେହି ପରମ୍ପରାରେ ଅରକ୍ଷିତ ଦାସ ଏକ ଅନନ୍ୟ ପ୍ରତିଭାର ଅଧିକାରୀ । ଅଚ୍ୟୁତାନନ୍ଦ ତାଙ୍କୁ ନିଜର 'ଗେହ୍ଲାପୁଅ' ଓ 'ଟାଣ ଭକତ' କହିଅଛନ୍ତି । ଅରକ୍ଷିତ ଏକ ପରମେଶ୍ୱର ଶୂନ୍ୟବ୍ରହ୍ମଙ୍କ ଉପାସକ । ମୂର୍ତ୍ତ ନୁହେଁ; ଅମୂର୍ତ୍ତ ବ୍ରହ୍ମତାଙ୍କର ଧ୍ୟେୟ ବ୍ରହ୍ମବାଚକ ନାମବ୍ରହ୍ମ ତାଙ୍କର ପ୍ରେୟ । ଅନ୍ୟାନ୍ୟ ସନ୍ଥମାନଙ୍କ ପରି ସେ ଆଜ୍ଞାଧର୍ମର ସମର୍ଥକ । ସେ ଜ୍ଞାନକୁ ପ୍ରାଧାନ୍ୟ ଦେଇଥିଲେ ମଧ୍ୟ ନିର୍ମଳ ଭକ୍ତିକୁ ଗୁରୁତ୍ୱ ଦେଇଛନ୍ତି ।ଏହି ଭକ୍ତି ହିଁ ଶ୍ରଦ୍ଧା । ଶ୍ରଦ୍ଧାରୁ ଜ୍ଞାନ । ଅରକ୍ଷିତଙ୍କ ସାଧନା ମାର୍ଗରେ ଜ୍ଞାନ ଓ ଭକ୍ତି ଅଭେଦ । ଉପନିଷଦର ବ୍ରହ୍ମବାଦ ସହିତ ଏହା ସମ୍ପୃକ୍ତ । ସେ ମଧ୍ୟ ଯୋଗ ମାର୍ଗକୁ ଅସ୍ୱୀକାର କରି ନାହାନ୍ତି । ପିଣ୍ଡକୁ ବ୍ରହ୍ମାଣ୍ଡ ମନେକରି ତାରି ଭିତରେଜଗତକୁ ଦେଖିଛନ୍ତି । ପିଣ୍ଡ ଭିତରେ ଷଡ୍‌ଚକ୍ର, ତ୍ରିବେଣୀ ଓ ତ୍ରିକୂଟପ୍ରସଙ୍ଗକୁ ମଧ୍ୟ ସେ ପରିକଳ୍ପନା କରିଅଛନ୍ତି । ତାଙ୍କର ଆଧ୍ୟାତ୍ମିକ ଦର୍ଶନରେ ଓଁ କାର ତତ୍ତ୍ୱ, ସୃଷ୍ଟିତତ୍ତ୍ୱ, ବ୍ରହ୍ମତତ୍ତ୍ୱ, ଆଜ୍ଞାତତ୍ତ୍ୱ, ନାମତତ୍ତ୍ୱ ଓ ସର୍ବୋପରି ଜ୍ଞାନ ଓ ଭକ୍ତିତତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛି ।

ଗୃହତ୍ୟାଗ କଲାପରେ ଅରକ୍ଷିତ ନାନା ପାହାଡ଼ ପର୍ବତରେ ଅବସ୍ଥାନ କରିଅଛନ୍ତି । ଅନୁଭବର ପରିପକ୍ୱତ ସଂଗେସଂଗେ ଗ୍ରନ୍ଥ ମଧ୍ୟ ରଚନା କରିଛନ୍ତି । ମାତ୍ର ଓଳାଶୁଣି ପାହାଡ଼ ତାଙ୍କର ସ୍ଥାୟୀ ଅବସ୍ଥାନ କ୍ଷେତ୍ର ହେବାପରେ ହିଁ ତାଙ୍କର ଖ୍ୟାତି ବ୍ୟାପିଛି ଓ ବହୁ ଗ୍ରନ୍ଥ, ଭଜନ, ଜଣାଣ, ଚଉତିଶା ଏହିଠାରେ ରଚନା କରିଛନ୍ତି । ତାଙ୍କ ରଚନାବଳୀ

ମଧ୍ୟରେ 'ମହୀମଣ୍ଡଳ ଗୀତା' ଶ୍ରେଷ୍ଠ, ଏତଦ୍‌ଭିନ୍ନ ବାଲ୍ୟବୋଧ, ଭକ୍ତିଟୀକା, ମହାଗୁପ୍ତ ପଦ୍ମକଳ୍ପ, ଅବଧୂତ ସଂହିତା, ମହାକବଚ, ମହୀମଣ୍ଡ ଗୁପ୍ତଟୀକା ଆଦି ସହିତ ବହୁ ଭଜନ ଜଣାଣ ଚଉତିଶା ତାଙ୍କ ଜୀବନ-ପ୍ରବିଧି ଓ ବିଚାର - ବିବେଚନାର ଯଥାର୍ଥ ପ୍ରତିଲିପି । ଏକ ଈଶ୍ୱର,ଯିଏ ସର୍ବବ୍ୟାପୀ, ସର୍ବ ବିଦ୍ୟମାନ ଓ ସର୍ବଶକ୍ତିମାନ ତାଙ୍କୁ ସେ ଉପଲବ୍ଧି କରିଛନ୍ତି ନିଜ ଭିତରେ କାହାର, ସର୍ବତ୍ର । ତେଣୁ ସେ ହୋଇ ଯାଇଛନ୍ତି ଅଲୌକିକ ଶକ୍ତିସମ୍ପନ୍ନ ବ୍ରହ୍ମମୟ ପୁରୁଷ । ନିତ୍ୟ ଆନନ୍ଦରେ ସେ ସମାସୀନ । ଲକ୍ଷ୍ୟ କିନ୍ତୁ ମାନବ କଲ୍ୟାଣ । ଗ୍ରନ୍ଥ ମାନଙ୍କରେ ସେ ତେଣୁ ବାରମ୍ବାର ସୂଚାଇ ଦେଇଛନ୍ତି ସମଭାଗ ଓ ସମଦର୍ଶନ ସମ୍ପର୍କରେ ।

ଜଗତ ଯାକରେ ତୁହି ହରିମୟ ଦେଖ
ଜୀବେ ସେ ଅଜୀବେ ପୂରିଅଛି ପଦ୍ମମୁଖ ।
ଝଗଡ଼ା ସଂସାରକୁ ତୁ ବେଗେ ଦୂର କର
ଝାଡ଼ର ଭିତରେ ପଶି ସୁଖେ ପିଣ୍ଡ ହର ।
ନିରଂଜନ ନାମକୁ ତୁ ଲୟ କରିଥିବୁ
ନିରଂଜନବୋଲି ସର୍ବ ସମାନ ଦେଖିବୁ ।

-ତୁବୁତୁବା ଚଉତିଶା-

ସକଳ ଜୀବେ ସମବୁଦ୍ଧି ଉତତମ ଭାବ ୟେ ପ୍ରସିଦ୍ଧି

-ଭକ୍ତିଟୀକା-

ଏକ କରିଣ ସର୍ବଘେନ ବିକାର ନରଖିବ ମନ
ସମଦରଶୀ ଇଷ୍ଟ ପରେ ତପ କର୍ଷଣ ସହି ଧିରେ ।
ଚିତରେ ତୋହର ଚୋର ନପଶିବ ଚେତିଥିକୁ ପାର୍ଥ
ଏହା ପର ଅପର ଏକ କରି ଘେନିଲେ ଭେଟପାଇ ଚଉବାହା ।

-ଭକ୍ତିଟୀକା-

# ଶୂନ୍ୟ ପୁରୁଷ

ସମତା ଦୃଷ୍ଟି ସତ୍ୟ ଭାଷା ନିତ୍ୟେ କହିବ ଏଣେ ଆଶା

-ଭକ୍ତିଟୀକା-

ସମଦରଶୀ ପ୍ରେମ ଯୁକ୍ତ ଦୟାସାଗର ପରହିତ ।

-ଭକ୍ତିଟୀକା-

ଜଳ ସଂଗତେ ଜଳ ହେବୁ ସକଳ ସମାନ ଦେଖିବୁ ।

-ମହୀମଣ୍ଡଳ ଗୀତା-

ସକଳ ଜୀବେ ଏକ ଭାବେ । ତେବେ ଏ ସଂସାରୁ ତରିବ ।
ସକଳ ସମାନ ଦେଖିବୁ । ଆଜ୍ଞାକୁ ମନେ ଭାବୁଥିବୁ ।

-ମହୀମଣ୍ଡଳ ଗୀତା-୨୨ଶ ଅଧ୍ୟାୟ-

ତୁହି ମୁହଁଟି ତୁହି ସେହି । ସର୍ବ ସମାନ ଦେଖ କହି ।
ଇନ୍ଦ୍ରଙ୍କଠାରୁ ଯେତେ ଦେବ । ସମାନ ଦେଖିବୁଟି ସର୍ବ ।
ଚାଣ୍ଡାଳୁ ବ୍ରହ୍ମଯାଏ ତୁହି । ସର୍ବ ସମାନ ଦେଖ କହି ।
ମେରୁଠାରୁ ଯେତେ ପର୍ବତ । ସମାନ ଦେଖିଥିବୁ ତୁତ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ । ସମାନ ଦେଖିଥିବୁ ନିତ୍ୟେ ।

-ମହୀମଣ୍ଡଳ ଗୀତା - ୨୬ଶ ଅଧ୍ୟାୟ-

ସମାନ ଦୃଷ୍ଟି ଓ ସମଦର୍ଶିତା ଭାବ ଅରକ୍ଷିତ ଦାସଙ୍କ ସାରସ୍ୱତ ସୃଷ୍ଟିର ଏକ ଦିବ୍ୟ ଚେତନା । ଏହି ଚେତନା ତାଙ୍କ ଭିତରେ ସୃଷ୍ଟି କରିଛି ଅନନ୍ୟ ମାନବ - ସଂପ୍ରୀତି, ମାଟି ଓ ମଣିଷ ପ୍ରତି ତାଙ୍କର ଅସୀମ ମମତା । କୌଣସି କ୍ଷୁଦ୍ରତା ବା ସଂକୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରିପାରି ନାହିଁ । ତାଙ୍କ ବିଚାରରେ ରାଜା ଓ ପ୍ରଜା, ଧନୀ ଓ ଦରିଦ୍ର, ବ୍ରାହ୍ମଣ ଓ ଚାଣ୍ଡାଳ, ଜାତି ଓ ଅଜାତି, କ୍ଷମତାଧର ଓ କ୍ଷମତାହୀନଙ୍କ ମଧ୍ୟରେ ସମ ଭାବ ପ୍ରତିଷ୍ଠା ଦ୍ୱାରା ହିଁ ସମାଜର କଲ୍ୟାଣ, ରାଷ୍ଟ୍ରର କଲ୍ୟାଣ ଓ ସର୍ବୋପରି ମାନବର କଲ୍ୟାଣ ।

## ଶୂନ୍ୟ ପୁରୁଷ

ଏହି ଦିବ୍ୟ ଭାବ ହିଁ ତାଙ୍କୁ ରାଜ ଭୋଗରୁ, ସିଂହାସନରୁ, ବିଳାସବ୍ୟସନରୁ ଦୂରେଇ ଆଣି ବୈରାଗ୍ୟ ଭିତରକୁ ନେଇଯାଇଛି । ଗୋଟିଏ ଚଉତିଶାରେ ସେ ଲେଖିଛନ୍ତି -

ପିତା ମୋହର ଚକ୍ରବର୍ତ୍ତୀ ଅଟଇ
ପ୍ରଜାମାନଙ୍କୁ ବହୁ କଷ୍ଟ ଦିଅଇରେ
ପରମ କାନ୍ଦେ । ରାଜପଣକୁ ଅନୁକ୍ଷଣ ମୁଁ ନିନ୍ଦେରେ ।

-ଉଲଟ ଚଉତିଶା-

ରାଜାମାନଙ୍କର ପ୍ରଜାମାନଙ୍କ ଉପରେ ଅତ୍ୟାଚାର, ଶୋଷଣ, ପୀଡ଼ନ ଅରକ୍ଷିତଙ୍କୁ ଗଭୀର ଦୁଃଖ ଦେଇଛି । ସେ ଏପରି ବଡ଼ପଣକୁ ଘୃଣାକରି ବୈଷ୍ଣବ ପଣକୁ ବରଣ କରି ନେଇଛନ୍ତି । ସକଳ ଭୂତକୁ ସମାନ ଦେଖିଛନ୍ତି ଓ ସହିଷ୍ଣୁତା ଉପରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କର ଉପଦେଶ - 'ତୁଠ ପଥର ପ୍ରାୟ ସହ / ତେବେ ତରିବୁ ମାୟା ମୋହ, (ମ.ମ.ଗୀ) ସେ ପୁଣି କହନ୍ତି 'ଛୁଆଁ ଅଛୁଆଁ ନବାରିବୁ / ଏହାଙ୍କୁ ସମାନ ଦେଖିବୁ ।' ମିଛସତ, ଶଙ୍କୁଡି, ନିଶଙ୍ଖୁଡି, ସ୍ୱାଦ ଅସ୍ୱାଦ, ଦୁଃଖସୁଖ, ପାପପୁଣ୍ୟ, କର୍ମଅକର୍ମ, ଶୁଭଅଶୁଭ, ଭଲମନ୍ଦ, ଚିନ୍ତା, ଅଚିନ୍ତା, ଭୟ ଅଭୟ, ଧର୍ମ ଅଧର୍ମ, ସାଧୁ ଅସାଧୁ, ସ୍ୱର୍ଗ ନରକ, ନିନ୍ଦା ସ୍ତୁତି, ଜାତି ଅଜାତି, ଜୀବ ଅଜୀବ, ବିକାର ଅବିକାର, ଦେହ ଅଦେହ, ସ୍ତ୍ରୀପୁରୁଷ ସବୁକୁ ସମାନ ବିବେଚନା କରିବା ପାଇଁ କହିଛନ୍ତି । ଏହି ସମଦୃଷ୍ଟି ଆସିଲେ ମଣିଷ ସକଳ କ୍ଷୁଦ୍ରତାକୁ ଭୁଲି ଭୂମା ଭାବରେ ଉଦ୍‌ବୁଦ୍ଧ ହୁଏ । ଅରକ୍ଷିତ ରାଜ୍ୟଶ୍ରୀ ଛାଡ଼ି ଅତି ସାଧାରଣ ଭାବରେ ଜୀବନ କଟାଇଲେ । ସେ କହନ୍ତି -

ନିର୍ଲଜପଣ ଆଚରିଲି । ଗ୍ରାମେ ଗ୍ରାମେ ମାଗି ଖାଇଲି ।

# ଶୂନ୍ୟ ପୁରୁଷ

ଚାଣ୍ଡାଲୁ ବ୍ରାହ୍ମଣ ଯାଏ ପୁଣ । ଭକ୍ଷିଲି ସର୍ବ ଘରେ ଜାଣ ।
ତୁମ୍ଭେ ତ ସର୍ବ ଘଟେବସ । ତେଣୁ ମୁଁ ଭୁଂଜାଇ ବିଶ୍ୱାସ ।
ଯେ ଯାହା ଯାଚି ମୋତେ ଦେଇ । ନାସ୍ତି ନ କରି ତାହା ଖାଇ ।
ଏସର୍ବେ ମୋର ଅର୍ଦ୍ଧ ଅଙ୍ଗ । କିମ୍ପା କରିବି ମତି ଭଙ୍ଗ ।
ସେ ତ ମୋ ଦେହରେ ଅଛନ୍ତି । ମୁହିଁ ତାଙ୍କର ଦେହେ ସ୍ଥିତି ।
ଏଥିରେ ଜାତି ଭିନ୍ନ ନାହିଁ । ଏକ ଜାତିଟି ସର୍ବ ଦେହୀ ।
ସଂସାରେ ଖେଳିବା ଇଚ୍ଛାରେ । ନାନ ଜାତି ଶାସ୍ତ୍ର ବିଚାରେ ।
ଅଷ୍ଟପାଟକ ଜାତି କରି । ସଂସାରେ ଖେଳେ ନରହରି ।
ଏ ଘେନି ସର୍ବ ଘରେ ଖାଇ । ଏକ ଆତ୍ମାଟି ସର୍ବ ଦେହୀ ।

-ମ.ମ. ଶୀ. ୩୬ ଶ ଅଧ୍ୟାୟ-

ଜାତିବର୍ଣ୍ଣ ଧର୍ମ ଉଚ୍ଚ ନୀଚ ଧନୀ ଦରିଦ୍ର ନିର୍ବିଶେଷରେ ଏକ ମଣିଷ-ଭାବନା ଅରକ୍ଷିତଙ୍କ ଜୀବନାଦର୍ଶ । ମାନବ -ସଂପ୍ରତିରୁ ତାଙ୍କର ଉତରଣ ଘଟିଛି ଏକ ବ୍ରହ୍ମ ଭାବନାକୁ । ଯିଏ ସେହି ଅଚିନ୍ତ୍ୟ ବ୍ରହ୍ମଙ୍କୁ ଚିନ୍ତା କରେ ସିଏ ନିର୍ଭୀକ ହୋଇଯାଏ । ଅରକ୍ଷିତଙ୍କ ଆଧ୍ୟାତ୍ମିକ ଦର୍ଶନରେ ବ୍ରହ୍ମ ଗୁରୁତ୍ୱପୂର୍ଣ୍ଣ । ସେ ତେଣୁ କହନ୍ତି -

ଆନନ୍ଦେ ବ୍ରହ୍ମଙ୍କୁ ସୁମରି । ବ୍ରହ୍ମରେ ଅର୍ପଣ ମୁଁ କରି ।
ହେ ବ୍ରହ୍ମ ତୁହଟି ଅଚିହ୍ନ । ହେ ବ୍ରହ୍ମ ତୁହିଟି ଅବର୍ଣ୍ଣ ।
ହେ ବ୍ରହ୍ମ ତୋର ରୂପ ନାହିଁ । ହେ ବ୍ରହ୍ମ ଅରୂପ ଯେ ତୁହି ।
ହେ ବ୍ରହ୍ମ ପୃଥିବୀ ଆକାଶ । ହେ ବ୍ରହ୍ମଜଳ ସ୍ଥଳେ ବାସ ।
ହେ ବ୍ରହ୍ମ ଜୀବ ଅଜୀବରେ । ହେ ବ୍ରହ୍ମ ପୁରିଛି ନିକରେ
ଛପନା କୋଟି ଜୀବେ ତୁହି । ହେ ବ୍ରହ୍ମ ଲୀଳା କରୁ ରହି ।

# ଶୂନ୍ୟ ପୁରୁଷ

ଭଡାବୁଡା ଯେତେ ଅଛନ୍ତି । ହେ ବ୍ରହ୍ମ ସବୁଠାରେ ସ୍ଥିତି ।
ମେରୁ ଠାରୁ ଯେତେ ପର୍ବତ । ହେ ବ୍ରହ୍ମ ସବୁଠାରେ ଡୁତ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ । ହେ ବ୍ରହ୍ମ ରହିଛୁ ଗୁପତେ ।

-ମହୀମଣ୍ଡଳ ଗୁପ୍ତଟୀକା - ୧ମ ଅଧ୍ୟାୟ-

ଏକ ବ୍ରହ୍ମବୋଧ ଅରକ୍ଷିତ ଜୀବନ - ଦର୍ଶନର ମୂଳମନ୍ତ୍ର । ଓଳାଶୁଣି ପର୍ବତର ଅନନ୍ତ ଗୁମ୍ଫାରେ ତାଙ୍କର ଏହି ଦର୍ଶନ ହୋଇଛି ଉଚ୍ଚାରିତ । ବ୍ରହ୍ମ ସର୍ବ ବିଦ୍ୟମାନ ହୋଇଥିବାରୁ ଅରକ୍ଷିତ ମଣିଷର ଖାଦ୍ୟ ଉପରେ କୌଣସି ନିୟନ୍ତ୍ରଣ କରିନାହାନ୍ତି । ତାଙ୍କ ମତରେ ରଜ ବୀର୍ଯ୍ୟ ଆମିଷ । ସେଥିରୁ ସବୁ ଜାତ । ଛପନ କୋଟି ଜୀବ, ବସୁଧା, ଜଳ, ଅଗ୍ନି, ପବନ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ସବୁ ଆମିଷ । 'ଆମିଷ ବିନୁ ନାହିଁ କିଛି / ଆମିଷ ଶରୀର ହୋଇଛି ।' ସମସ୍ତେ ଆମିଷ ଓ ସମସ୍ତେ ଆମିଷ ଭକ୍ଷଣ କରନ୍ତି । 'ଆମିଷକୁ ଆମିଷ ଖାଇ/ ଆମିଷ ଆମିଷେ ମାରଇ ।' ତେଣୁ ଖାଦ୍ୟରେ କୌଣସି ଭେଦ ସୃଷ୍ଟି ନକରି ଶୁଦ୍ଧ ଚିତରେ ଯାହା ଯେତେବେଳେ ମିଳେ ତାହାକୁ ଭକ୍ଷଣ କରି ବ୍ରହ୍ମପଦରେ ସମର୍ପିତ ହେବାକୁ ଅରକ୍ଷିତ କେବଳ ନିର୍ଦ୍ଦେଶ ଦେଇ ନାହାନ୍ତି, ଓଳାଶୁଣିରେ ଶୁଖୁଆ ଭୋଗର ମଧ୍ୟ ପ୍ରଚଳନ କରିଅଛନ୍ତି । ସେ ପୁଣି 'ଆଜ୍ଞା' ଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ବ୍ରହ୍ମଙ୍କ ଆଜ୍ଞାରୁ ସବୁ କିଛି ସୃଷ୍ଟି । ସେହି ଅଜ୍ଞାରୁ ନିଜେ ଅରକ୍ଷିତ ମଧ୍ୟ ଜାତ - "ଆଜ୍ଞାରୁ ଅର୍କ୍ଷିତ ସମ୍ଭୂତ ।" ସେହି ଆଜ୍ଞା ବ୍ରହ୍ମଙ୍କର । ବ୍ରହ୍ମ ଅରୂପ, ଅନାମ । ସେ ଅକ୍ଷୟ, ଅଚ୍ୟୁତ । ସେ ହିଁ ଅଲେଖ ପୁରୁଷ, ଶୂନ୍ୟପୁରୁଷ । ବ୍ରହ୍ମଙ୍କର 'ଜାତିକୁଳ ଧର୍ମ ନାହିଁ ତ୍ରିଗୁଣ ବାହାର ।' ଅନ୍ତର ଭିତରେ ବ୍ରହ୍ମଙ୍କୁ ଉପଲବ୍‌ଧି କଲେ ବ୍ୟକ୍ତିର ଆତ୍ମପରିଚୟ ହୋଇଯାଏ । ଅରକ୍ଷିତଙ୍କ ଭାଷାରେ - ଆପକୁ ଆପେ

# ଶୂନ୍ୟ ପୁରୁଷ

ଚିହ୍ନରେ ସରଇ ଅକ୍ଷୁଆ', ଯିଏ ନିଜକୁ ଚିହ୍ନି ନାହିଁ ସେ କାହାକୁ ଚିହ୍ନିବ ? ଏହି ଆତ୍ମପରିଚୟ ହିଁ ବ୍ରହ୍ମ ସାକ୍ଷାତକାର । ଯାହାର ଆତ୍ମପରିଚୟ ହୋଇଯାଏ ତାର ସାମ୍ୟଭାବ ପ୍ରକାଶ ପାଏ । ଏକ ବ୍ରହ୍ମବୋଧ ଓ ଅନାମ ଚେତନା ତାର ସୁତୀବ୍ର ହୋଇଉଠେ । ଅରକ୍ଷିତ ତେଣୁ କହନ୍ତି - 'ନାମ ମାତ୍ର ସତ୍ୟ । ମାଳା ନାସ୍ତି । ତିଳକ ନାସ୍ତି । ଅଙ୍ଗନ୍ୟାସ ନାସ୍ତି । ଭୂମିବୁଦ୍ଧ ନାସ୍ତି । ଶୁଦ୍ଧ ଅଶୁଦ୍ଧ ନାସ୍ତି । ଛୁଆଁ ଅଛୁଆଁ ନାସ୍ତି । ଭୂମିବୁଦ୍ଧ ନାସ୍ତି । ଶୁଦ୍ଧ ଅଶୁଦ୍ଧ ନାସ୍ତି । ଶୌଚ ନାସ୍ତି । ଅଶୌଚ ନାସ୍ତି । ଶରୀର ତୀର୍ଥ କଲେ ଗତିପାଇ । ବାହାର ତୀର୍ଥ ନାସ୍ତି । ବ୍ରତ ନାସ୍ତି । ଉପାସିକା ମିଥ୍ୟା । ସର୍ବନାସ୍ତି । କେବଳ ପରମ ଭଜନ ସତ୍ୟ । ବେଶ୍ ସ୍ୱଷ୍ଟ ଓ ସରଳ ଭାବରେ 'ଭକ୍ତିଟୀକା' ଗ୍ରନ୍ଥରେ ଅରକ୍ଷିତ ଏକ ବ୍ରହ୍ମ ପତି ଅନ୍ତରର ଭକ୍ତି ନିବେଦନ କରିବାକୁ ଉପଦେଶ ଦେଇଛନ୍ତି । ଏଥିପାଇଁ ମାଳା ତିଳକ ଉପଚାରର ଆବଶ୍ୟକତା ନାହିଁ । ନାମବ୍ରହ୍ମରେ ଆଶ୍ରୟ ନେଲେ ହିଁ ଜୀବନ ଧନ୍ୟ ହୁଏ ମୁକ୍ତହୁଏ, ବ୍ରହ୍ମପଦରେ ଲୀନ ହୁଏ । ଚିତ ଦୃଢ଼ କରି ନାମଜପ କଲେ କୌଣସି ପାପ ସ୍ୱର୍ଶ କରେ ନାହିଁ । ଯାହାର ମନ ବ୍ରହ୍ମ ନାମରେ ପ୍ରବେଶ କରେ ତାକୁ ସପତ ବ୍ରହ୍ମାଣ୍ଡ ରେଣୁ ପରି ଦିଶେ । ନିଷ୍କାମ ଭକ୍ତି ବ୍ୟକ୍ତିକୁ ବ୍ରହ୍ମଙ୍କ ନିକଟକୁ ନେଇଯାଏ । ଅରକ୍ଷିତ ଏହି ନିଷ୍କାମ ଉକ୍ତିର ଉପାସକ । ତେଣୁ ତାଙ୍କର ବ୍ରହ୍ମଙ୍କ ନିକଟରେ ନିବେଦନ -

ତୁ ଚଉବର୍ଗ ଦାନୀ ପୁଣି । ଭକତି ଯୋଗ ଦିଅ ସ୍ୱାମୀ ।
ତୁହି ଭକତି ଯୋଗ ଧରି । ସକଳ ଘଟେ ଅଛୁପୂରି ।
ଭକତି ଯୋଗ ମୋତେ ଦେବୁ । ଯେବେ ତୁ ସଂସାରୁ ତରିବୁ ।

X X X X X X X X

-ମହୀମଣ୍ଡଳ ଗୀତା-୧୩ଶ ଅଧ୍ୟାୟ-

# ଶୂନ୍ୟ ପୁରୁଷ

ବ୍ରହ୍ମଙ୍କ 'ଆଜ୍ଞା' ଉପରେ ଗୁରୁତ୍ୱ ଦେଇ ଓ ତାଙ୍କ ଆଜ୍ଞାରୁ ସକଳ ସୃଷ୍ଟିର ଉତ୍ପତ୍ତି କଥା ସୂଚେଇ ଦେଇ ମହାପୁରୁଷ ଅରକ୍ଷିତ ଦାସ ଶରୀରକୁ ବ୍ରହ୍ମାଣ୍ଡ ରୂପେ ପରିକଳ୍ପନା କରି ଶ୍ରଦ୍ଧାଯୁକ୍ତ ଜ୍ଞାନମିଶ୍ରିତ ଭକ୍ତି ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ତାଙ୍କ ମତରେ ସର୍ବ ଯୋଗ ଉପରେ ସାର / ଭକତି ବୋଲିଣ ଯେ ତୋର କର୍ମଯୋଗ, ଜ୍ଞାନ ଯୋଗ, ମୋକ୍ଷଯୋଗ ଇତ୍ୟାଦି ତୁଳନାରେ ଭକ୍ତି ଯୋଗହିଁ ଶ୍ରେଷ୍ଠ । ଯିଏ ସବୁ କିଛି ତ୍ୟାଗ କରି ଭଗବାନଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରେ, ଭଗବାନଙ୍କ ନାମ କୀର୍ତନରେ, ସେ ହିଁ ପରମ ଆନନ୍ଦ ଲାଭ କରେ । କୌସ୍ତୁଭ ରାଜା ନିଜ ହୃଦୟରେ ନିର୍ମଳ ନିଷ୍କାମ ଭକ୍ତି ରଖିଥିବା ଯୋଗୁଁ ସେ ହୋଇଗଲେ ଭଗବାନଙ୍କ ହୃଦୟରେ ପଦକ । ସେହିପରି ଭକ୍ତିରେ ନିଷ୍ଠା ରଖିବାକୁ ଅରକ୍ଷିତ ଉପଦେଶ ଦେଇଛନ୍ତି । ସେ କହନ୍ତି -

ନାମକୁ ତୁ ନିତ୍ୟେ ଚିନ୍ତିଲେ
ଯମ ଡରୁଥିବ ଭଲେ ।

-ଭଜନ-

ଶ୍ରୀ ଜଗନ୍ନାଥଙ୍କୁ ପରମ ବ୍ରହ୍ମ ରୂପେ ପରିକଳ୍ପନା କରି ସେ ଜଗନ୍ନାଥଙ୍କୁ ନିବେଦନ କରିଅଛନ୍ତି -

ଭକତି ଯୋଗକୁ ଦେବା ନିମନ୍ତେ
ମାୟା ଯେ କରୁଛ ଜାଣିଲି ଚିତେ ।
ଭକତି ଯୋଗ ନଦେବୁ ତୁ ଯେବେ
ଯେ ଦେହ ଛାଡ଼ି ଯାଅ ତୁହି ବେଗେ ।
ମୋହର ଜୀଇବାକୁ ଆଶା ନାହିଁ
ଭକତ ଯୋଗ ନଦେଲେ ଗୋସାଇଁ ।

# ଶୂନ୍ୟ ପୁରୁଷ

ଜୟ ଜଗନ୍ନାଥ କି ପାପ କଲି ଭକ୍ତି
ନଦେଲେ ମୁହିଁ ନିଶ୍ଚେ ମଲି ।

-ଭଜନ-

ଶ୍ରୀ ଜଗନ୍ନାଥଙ୍କ ପରମବ୍ରହ୍ମ ରୂପେ ମାନି ସେହି ଶୂନ୍ୟ ଶୂନ୍ୟ ମହାଶୂନ୍ୟ, ମହା କାରୁଣ୍ୟଙ୍କଠାରେ ବାରମ୍ବାର ନିବେଦନ କରିଛି ଭକ୍ତି ଯୋଗରେ ତାଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ । ମାୟା ମୋହକୁ ନକାଟି ପାରିଲେ ମଣିଷର ହୃଦୟରେ ଭକ୍ତି ଜାତ ହୁଏ ନାହିଁ । ମାୟା ବିନିମୁକ୍ତ ଓ ଅହଂକାର ବିନିମୁକ୍ତ ହେଲେହିଁ ମଣିଷ ହୃଦୟରେ ନିର୍ମଳ ନିଷ୍କାମ ଭକ୍ତି ଜାତ ହୁଏ ଓ ସେ ପରମ ଧର୍ମ ଆନନ୍ଦମଠରେ ଅବସ୍ଥାନ କରେ । ତେଣୁ ତାଙ୍କର ଉପଦେଶ - 'ଭକତି ଯୋଗତୁ ସାଧରେ' । ପରମ ପୁରୁଷଅନନ୍ତ, ଅବ୍ୟକ୍ତ । ଭକ୍ତମାନେ ଜନକ କରି ହୋଇ ତାଙ୍କୁ ନାନା ନାମ ଦେଇଅଛନ୍ତି । ସବୁ ନାମ ଭିତରେ ବ୍ରହ୍ମ ନାମ ସାର । ଏହି ନାମ ପ୍ରତି ନିଷ୍ଠାଜାତ ହେଲେ ମଣିଷ ନିର୍ଭୟ ହୋଇଯାଏ ଭକ୍ତି ଜାତ ହୁଏ । ଏହି ନାମ ବ୍ରହ୍ମାଣ୍ଡଯାକ ଘୋଟି ଅଛି । ତାର ରୂପ ନାହିଁ । ସେ ବେଦରେ ନାହାନ୍ତି । ସେହି ଅନିର୍ବଚନୀୟ ଲୀଳାମୟ ପରମ ପୁରୁଷଙ୍କୁ ନିଜ ଭିତରେ ଖୋଜିବା ପାଇଁ ଅରକ୍ଷିତ ଜନସାଧାରଣଙ୍କୁ ନିବେଦନ କରିଅଛନ୍ତି । ଖଳବୁଦ୍ଧି ଆଚରଣ କଲେ ନିଜେ ହିଁ ଧ୍ୱଂସ ହୋଇଯିବ । ଦମ୍ଭପଣ ଦେଖାଇ କେହି କେବେ ଭବସାଗରରୁ ତରିଯାଇ ପାରିବ ନାହିଁ । ହିଂସା, ମୋହ, ରାଗ, କାମ, ଲୋଭ,କ୍ରୋଧ, ତମ ଅଶାନ୍ତି, ଅସତ୍ୟ, ଅଜ୍ଞାନ, ନିର୍ଦ୍ଦୟା, ଅଧବ, ମାୟା, ଅସାଧୁତା, ପାପ, ଭୟ, ଚିନ୍ତା, ବିଷୟବାସନା, କଳଙ୍କ କାଳିମା, କୁବୁଦ୍ଧି, ଅହଂକାର, ବିତର୍କ, କୁମନ, ଚଂଚଳତା ଆଦିକୁ ଦୂର କରି ମଣିଷ ଯେତେବେଳେ ଅହିଂସା, ଅରାଗ, ଅକାମ, ନିର୍ଲୋଭତା, ଅକ୍ରୋଧ, ଅତମ, ଶାନ୍ତି, ସତ୍ୟ, ଦୟା, କ୍ଷମା, ଜ୍ଞାନ, ଧର୍ମ, ନିର୍ମାୟା,

# ଶୂନ୍ୟ ପୁରୁଷ

ସତ୍‌ସଙ୍ଗ, ପୁଣ୍ୟ, ଅଚିନ୍ତା, ସୁବୁଦ୍ଧି, ନିଷ୍କାମ ଭକ୍ତି ଓ ସୁମନ ଓ ନିଶ୍ଚଳ ଭାବନା ଉପରେ ଗୁରୁତ୍ୱ ଦିଏ, ସେତେବେଳେ ସେ ନିଜେହିଁ ବ୍ରହ୍ମମୟ ହୋଇଯାଏ ଓ ନିଜ ଭିତରେ ପରମାନନ୍ଦଙ୍କୁ ଉପଲବ୍‌ଧି କରି ଆନନ୍ଦମୟ ହୋଇଥାଏ ।

ସନ୍ଥ ଅରକ୍ଷିତ ଦାସ ରାଜଭୋଗକୁ ଜୀବନର ଶ୍ରେୟ ମଣି ନାହାନ୍ତି, ବ୍ରହ୍ମାନନ୍ଦଙ୍କୁ ଶ୍ରେୟ ମଣିଛନ୍ତି । ଆଧ୍ୟାତ୍ମିକ ଆନନ୍ଦ ମଠ ହିଁ ଜୀବନର ଶ୍ରେଷ୍ଠ ଆଶ୍ରୟ ସ୍ଥଳ । ବିଭିନ୍ନ ରଚନାରେ ସେ ଦର୍ଶାଇ ଦେଇଛନ୍ତି ଯେ ଧନ ସମ୍ପତ୍ତି, ଭୋଗ ବିଳାସ ମଣିଷକୁ ନିତ୍ୟଆନନ୍ଦ ଦେଇପାରେ ନାହିଁ । ବରଂ ଏସବୁ ପାର୍ଥିବ ବାସନା ମଣିଷ ଭିତରେ ସୃଷ୍ଟି କରେ ଅଶାନ୍ତି ଓ ସଂଘର୍ଷ । ତେଣୁ ଅରକ୍ଷିତଙ୍କର ଆହ୍ୱାନ ସକଳ କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଭୁଲି ବ୍ରହ୍ମପଦରେ ଶରଣ ପଶିବା । ଏହାହିଁ ମଣିଷ ସମାଜକୁ ଏକ ମହାଭାବକୁ ନେଇ ଆସିବ । ଦ୍ୱନ୍ଦ ସଂଘର୍ଷ ବିଲୋପ ହେବ । ବିଶ୍ୱପ୍ରେମ ପ୍ରତିଷ୍ଠା ଲାଭ କରିବ । ବ୍ରହ୍ମଙ୍କୁ ପରମ ସତ୍ୟରୂପେ ମାନି ନେଇ ମଣିଷକୁ ସେହି ସତ୍ୟର ଆରାଧନା କରିବାକୁ ସେ ନେଇଛନ୍ତି ପ୍ରେରଣା । ଏପରି ଜଣେ ସନ୍ଥ ଯେପରି ସମଗ୍ର ମହୀମଣ୍ଡଳକୁ ନିଜ ଭିତରେ ଉପଲବ୍ଧି କରି ସର୍ବତ୍ର ବ୍ରହ୍ମଙ୍କ ବିରାଜମାନତାକୁ ସୂଚାଇ ଦେଇ ଧରିତ୍ରୀକୁ ଏକ ଅମୃତମୟ ଧାମରେ ପରିଣତ କରିବା ପାଇଁ ପ୍ରେରଣା ଦେଇଛନ୍ତି ତାହା ବାସ୍ତବିକ ଏକାନ୍ତ ପ୍ରଣିଧାନ ଯୋଗ୍ୟ । ଏଥର ଚିନ୍ତା କରନ୍ତୁ କ'ଣ ଲୋଡା - ରାଜଭୋଗ, କ୍ଷମତା, ସିଂହାସନ ନା ପ୍ରେମମୟ ଆନନ୍ଦ ମଠ ?

***ଅଳମତି ବିସ୍ତରେଣ***

# ଅରକ୍ଷିତଙ୍କର ସୁରକ୍ଷିତ ପ୍ରେମ ଧର୍ମ

ପଣ୍ଡିତ ଅଚ୍ୟୁତାନନ୍ଦ କର

ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧକୀର୍ତ୍ତି ସମ୍ବଳିତ ଲଳିତଗିରି ପାହାଡ଼ ନିକଟରେ ଓଲାଶୁଣି ଗୁମ୍ଫା ଦୃଷ୍ଟିଗୋଚର ହୁଏ । ବହୁ ବର୍ଷ ପୂର୍ବେ ଏ ଅଂଚଳ କେନ୍ଦ୍ରାପଡ଼ା ଜମିଦାର "ନରେନ୍ଦ୍ର" ଙ୍କ ଅଧିକାର ଥିଲା । ବର୍ତ୍ତମାନ ଏହା ଯାଜପୁର ଜିଲ୍ଲାରେ ସାମିଲ ହୋଇ ରହିଛି । ଲଳିତଗିରି ବୁଦ୍ଧଦେବଙ୍କ ସମ୍ପର୍କରେ ବହୁ ସ୍ମୃତି ଓ ବୁଦ୍ଧଦେବଙ୍କର ବହୁ ସ୍ମାରକୀ ବହନ କରି ବୌଦ୍ଧଧର୍ମର ଉତ୍‌ଥାନ ପତନର କାରଣ ବହୁ ଐତିହାସିକ ସୂଚନାର ବାର୍ତ୍ତାବହନ କରେ ।

ଅବତାରୀ ପୁରୁଷ ମହାନତ୍ୟାଗୀ ମାନବ ଧର୍ମପ୍ରଚାରକ ବୁଦ୍ଧଦେବଙ୍କ ପରେ ଆଉ ଜଣେ ଉତ୍କଳୀୟ ବୁଦ୍ଧଦେବ ମହାନ ସାଧକ ମାନବବାଦୀ ସନ୍ଥ ଅରକ୍ଷିତ ଦାସଙ୍କ ଆର୍ବିଭାବ ଓଲାଶୁଣି ଗୁମ୍ଫା ପାହାଡ଼ରେ ଘଟିଥିଲା ଅଦ୍ୟାବଧି ଓଡ଼ିଶାର ଐତିହାସିକ ମାନେଅରକ୍ଷିତ ଦାସଙ୍କ ପ୍ରକୃତ ଜନ୍ମ ସମୟ ନିରୂପଣ କରିବା ପାଇଁ ଗବେଷଣା ଚଳେଇଛନ୍ତି । ତଥାପି ଅରକ୍ଷିତ ଦାସଙ୍କର କର୍ମପ୍ରବାହକୁ ବିଚାର କରି ଅନୁମାନ କରାଯାଏ ପ୍ରାୟ ୧୭୮୮ ରେ ମହାପୁରୁଷ ଅରକ୍ଷିତ ଦାସ ଜନ୍ମଗ୍ରହଣ କରିଥିଲେ । ତେବେ ସେ ଯାହା ହେଉ, ୧୭୮୦ ମସିହା ଠାରୁ ୧୭୮୮ ମସିହା ମଧ୍ୟରେ ତାଙ୍କର କେଉଁ ଏକ ସମୟରେନିଶ୍ଚିତ ଭାବେ ଆର୍ବିଭାବ ଘଟିଥିଲା ଓ ମାତ୍ର ୧୭ ବର୍ଷ ବୟସରେ ବୁଦ୍ଧଦେବ ସନ୍ୟାସ ହେଲାପରେ ସେ ଗୃହ ତ୍ୟାଗ

କରି ସନ୍ୟାସ ହେଲାପରେ ସେ ଗୃହ ତ୍ୟାଗ କରି ସନ୍ୟାସ ହୋଇ ଯାଇଥିଲେ । ଅରକ୍ଷିତ ଦାସଙ୍କର ରାଜବଂଶୀୟ ନାମ ଥିଲା ବଳଭଦ୍ର ଦେବ । ଏମାନେ ଗଂଗ ବଂଶୀୟ ଅଟନ୍ତି ।

ବଳଭଦ୍ର ଦେବଙ୍କ ପିତା ପଦ୍ମନାଭ ଦେବ ଓରଫ୍ ମଣିଦେବ ଜଣେ ମହାନ୍ ଜାତୀୟବାଦୀ ଶାସକ ଥିଲେ । ଜଣାଯାଏ ମାତ୍ର ୧୬ ବର୍ଷ ରାଜ୍ୟ ଶାସନ ସମୟରେ ଇଂରେଜ ମାନେ ତାଙ୍କ ରାଜ୍ୟ ଆକ୍ରମଣ କରିଥିଲେ । ଓଡ଼ିଆ ଜାତିର ଜାତୀୟତାର ରକ୍ତ ପଦ୍ମନାଭ ଦେବଙ୍କ ହୃଦୟରେ ପ୍ରବାହିତ ହେଉଥିବାରୁ, ଇଂରେଜମାନଙ୍କ ଭୟଙ୍କର ଆକ୍ରମଣ ସମୟରେ ଆକ୍ରମଣର ସମ୍ମୁଖୀନ ହୋଇ ନିଜର ଉନ୍ନତ ମସ୍ତକକୁ ଅବନତ ନକରିବା ପାଇଁ ମହାନ ଶପଥ ଦ୍ୱାରା ବିରତ୍ୱର ପରକାଷ୍ଠା ଦେଖାଇଥିଲେ । କିନ୍ତୁ ଦୁର୍ଯୋଗ ଯେତେବେଳେ ଆସେ ସେ ସମସ୍ତ ସୁଯୋଗର ରାସ୍ତାକୁ ଅବରୁଦ୍ଧ କରି ଦେଇଥାଏ । ଏଇ ଆକ୍ରମଣରେ ପଦ୍ମନାଥ ଦେବ ପରାସ୍ତ ହୋଇ ଶତ୍ରୁ ଦ୍ୱାରା ମୃତ୍ୟୁ ପର୍ଯ୍ୟନ୍ତ ନଜରବନ୍ଦୀଜୀବନ କଟାଇଥିଲେ । ଏଇ ବନ୍ଦୀ ଜୀବନ ଅବର୍ଣ୍ଣନୀୟ । ଏ ସମୟରେ ଲୋମହର୍ଷଣକାରୀ ଅତ୍ୟାଚାରର ଶିକାର ସିଏ ହୋଇଥିଲେ ତାହା ସେ ବଂଶପାଇଁ ଏକଅଶ୍ଳୀଳ ଅଧ୍ୟାୟ ଥିଲା । ଏଇ ଅଶ୍ଳୀଳ ଅଧ୍ୟାୟ ହିଁ ପଦ୍ମନାଭ ଦେବଙ୍କ ପୁତ୍ର ବଳଭଦ୍ରଙ୍କର ଓରଫ ଅରକ୍ଷିତ ଦାସଙ୍କର ଜୀବନ ଚକ୍ରକୁ ବଦଳାଇ ଦେଇଥିଲା ।

ବୁଦ୍ଧଦେବଙ୍କର ଜୀବନଧାରାକୁ ଲକ୍ଷ୍ୟକଲେ, ଅରକ୍ଷିତ ଦାସଙ୍କୁ ଆମେ ଦ୍ୱିତୀୟ ବୁଦ୍ଧଦେବ ଭାବେ ବିଚାର କରିବାକୁ ବାଧ୍ୟ ହେଉ । କପିଳବାସ୍ତୁରର ରାଜା ଶୁଦ୍ଧୋଦନଙ୍କର ପୁତ୍ର ଗୌତମଙ୍କର ମନରେ ଏ ସଂସାର ସମ୍ପର୍କରେ ନାନା ତର୍କଣା ପିଲାଟି ବେଳରୁ ତାଙ୍କୁ ହଇଚଇ କରିଦେଇଥିଲା । ପିଲାବେଳେ ସେ ଜାଣିବାକୁ ଚାହିଁଥିଲେ ମଣିଷ ବୁଢ଼ା

ହୁଏ କାହିଁକି, ମଣିଷରମୃତ୍ୟୁ କାହିଁକି ହୁଏ, ମାନବ ଜାତି ଦୁଃଖକଷ୍ଟର ସାଗରରେ ଉବେଇ ଟୁବେଇ ହୋଇ ବିକଳ ଚିତ୍କାର କରେ କାହିଁକି ? ଏ ସଂସାର ଭିତରୁ କେଉଁ କେଉଁ ମାନେ ସନ୍ୟାସ ହୋଇଯାଆନ୍ତି ? ଏଇ ସବୁ ପ୍ରଶ୍ନର ସମାଧାନ ମାର୍ଗ ସନ୍ଧାନ ନିମନ୍ତେ ଗୌତମ ଶେଷରେ ବୁଦ୍ଧ ରୂପ ଗ୍ରହଣ କରିଥିଲେ । ଠିକ୍ ସେହିପରି ପିତାଙ୍କ କାରାଗାର ଦୁଃଖ କାହାଣୀର ଅଶ୍ରୁଳ ଅଧ୍ୟାୟ ତରୁଣ ବଳଭଦ୍ରଙ୍କ ହୃଦୟକୁ ଦ୍ରବିଭୂତ କରିଦେଇଥିଲା । ତାଙ୍କ ମନରେ ପ୍ରଶ୍ନ ଆସିଥିଲା କ'ଣ ପାଇଁ ଏ ରାଜ୍ୟ, କ'ଣ ପାଇଁ ଏ ରାଜଧାନୀ, ମୁକ୍ତ ମଣିଷ ବନ୍ଧ ଭିତରକୁ ଠେଲିହୋଇ ଯାଏ କାହିଁକି ? ଉଡ଼ନ୍ତା ଚଢ଼େଇର ନିର୍ମଳ ଆକାଶରେ ଭୟଙ୍କର ଦୁର୍ଦ୍ଦିନର ଘନଘୋଟା ମାଡିଆଶେ କ'ଣ ପାଇଁ ? ଏ ସମସ୍ତ ପ୍ରଶ୍ନ ପରେ ଆଉ ଏକ ପ୍ରଶ୍ନ ତାଙ୍କ ମନକୁ ଆସିଥିଲା ତ୍ୟାଗରେ ଶାନ୍ତି ଅଛି ନା ଭୋଗରେ ଶାନ୍ତି ଅଛି ? ଏଇ ପ୍ରଶ୍ନର ସମାଧାନ ପାଇଁ ୧୭ ବର୍ଷ ବୟସରେ ବଳଭଦ୍ର ରାଜ୍ୟ ପରିତ୍ୟାଗ କରିଥିଲେ । ଘର ଛାଡ଼ିବାର ଯେଉଁ ଅଧ୍ୟାୟ ଆମର ଦୃଷ୍ଟିଗୋଚର ହୁଏ ସେ ଅଧ୍ୟାୟ ପ୍ରତ୍ୟେକ ଧାଡ଼ି ବ୍ୟକ୍ତିର ନୟନକୁ ଅଶ୍ରୁଳ କରିଦେଇଥାଏ । ଘର ଛାଡ଼ିବାର ସମୟରେ କେହି ଜଣେ ମାଆ ବଳଭଦ୍ରଙ୍କୁ ଅନାଥ ପିଲା ମନେ କରି ତାଙ୍କୁ ଡାକିଥିଲେ ଅରକ୍ଷିତ ବୋଲି । ସନ୍ୟାସ ପାଇଁ ବଳଭଦ୍ର ସେଇ ନାମଟିକୁ ଗ୍ରହଣ କରିନେଇଥିଲେ ଓ ସେହିଦିନଠାରୁ ବଳଭଦ୍ର "ଅରକ୍ଷିତ ଦାସ" ନାମରେ ପରିଚିତ ହୋଇଥିଲେ । ଅରକ୍ଷିତ ଦାସଙ୍କ ସ୍ୱହସ୍ତଲିଖିତ ମାନବଜୀବନର ମହାନତତ୍ତ୍ୱ ସମ୍ବଳିତ "ମହୀମଣ୍ଡଳ ଗୀତା" ରେ ଘରଛାଡ଼ି ସନ୍ୟାସ ହେବାର କାହାଣୀରୁ ସେ ବର୍ଣ୍ଣନା କରି ଲେଖିଛନ୍ତି -

## ଶୂନ୍ୟ ପୁରୁଷ

" ଭାବିଲି ଘରେ କାର୍ଯ୍ୟ ନାହିଁ । ଅରଣ୍ୟେ ପଶିବିଟି ମୁହିଁ ।
ଏକା ହୋଇଣ ବନେ ଥିବି । ଗ୍ରାମକୁ କେବେ ନଆସିବି ।
ଏମନ୍ତେ ମନେ ମୁଁ ପାଂଚିଲି । ଘର ମୁଁ ଦିବସେ ଅଇଲି ।

ତାଙ୍କ ଲେଖାରୁ ଜଣାଯାଏ ଭୀରୁ କାପୁରୁଷ ପରି ରାତିରେ ସମସ୍ତେ ନଜାଣିବା ଅବସ୍ଥାରେ ଘର ଛାଡ଼ି ନଥିଲେ । ନିଜର ଦୃଢ଼ ସଂକଳ୍ପର ପରାକାଷ୍ଠା ଦେଖାଇ ହୃଦୟରେ ଥିବା ବୀର ରକ୍ତ ଝଲକ ଆହ୍ୱାନରେ ସେ ବୀର ଭଳି ଦିନରେ ସନ୍ୟାସୀ ହେବା ପାଇଁ ଗୃହତ୍ୟାଗ କରିଥିଲେ । ଗୃହତ୍ୟାଗ ସମୟରେ କାହାରି ସାହାଯ୍ୟ ସହଯୋଗ ଏପରି ଆଶାଆକାଂକ୍ଷା ମଧ୍ୟରୁ ଦୂରେଇ ଯାଇଥିଲେ ଏବଂ ଘର ଛାଡ଼ିବା ପରେ ଦିଗିପଣ୍ଡା ନାମକ କୌଣସି ଜଣେ ବ୍ୟକ୍ତିଙ୍କର ଘରକୁ କିୟତ୍‌କ୍ଷଣ ପାଇଁ ସାମୟିକ ଭାବେ ବସାଘର ବୋଲି ଧରି ନେଇଥିଲେ ଓ ସେଇ ଜାଗାରେ ନିଜର ଲୁଗା ଚିରି ସେ ଚିରାବସ୍ତ୍ରକୁ ଲେଙ୍ଗୁଟିରେ ପରିଣତ କରି ଲେଙ୍ଗୁଟି ଧାରଣ ପୂର୍ବକ ଘର ଛାଡ଼ିବାର ସମସ୍ତ କାହାଣୀ ପତ୍ର ମାଧ୍ୟମରେ ଲେଖି ନିଜ ଘରକୁ ପଠାଇ ଦେଇଥିଲେ । ଏ ଲେଖା ପଠାଇ ଦେବାପରେ ବୈଶାଖ ମାସ ଶୁକ୍ଳ ଅଷ୍ଟମୀ ରାତି ଅର୍ଦ୍ଧରେ ସେ ବସାଘର ତ୍ୟାଗ କରି ଜଙ୍ଗଲ ଅଭିମୁଖେ ବାହାରି ଆସିଥିଲେ ।

ଜନ୍ମ ପୂର୍ବରୁ ଭଗବାନ ଶ୍ରୀକୃଷ୍ଣଙ୍କ ସମୟରେ ପାରିପାର୍ଶ୍ୱିକ ଅବସ୍ଥା ଯାହା ଥିଲା, ଅରକ୍ଷିତ ଦାସ ଗୃହତ୍ୟାଗ ବେଳେ ପ୍ରକୃତି ସେଇ ରୂପ ଧାରଣ କରିଥିଲା । ସତେକି ଦ୍ୱାପରଯୁଗର ଅନାସକ୍ତ ମହାନାୟକ ଓ କଳିଯୁଗର ବୁଦ୍ଧଦେବ ଉଭୟଙ୍କର ଜ୍ୟୋତି ଗ୍ରହଣ କରି ବଳଭଦ୍ରଙ୍କ ସ୍ୱରୂପ ଅରକ୍ଷିତରେ ପରିଣତ ହେବା ପରି ଜଣାପଡୁଥିଲା । ଅରକ୍ଷିତ ଦାସ ରାତିରେଜଙ୍ଗଲରେ ପ୍ରବେଶ କଲାପରେ ଶୁକ୍ଳପକ୍ଷ ଅଷ୍ଟମୀର ଚନ୍ଦ୍ର

ଧୀରେଧୀରେ ଅନ୍ତ ହୋଇଗଲେ । ହଠାତ୍ ମେଘ ଘୋଟି ଆସିଲା । ପବନର ବେଗ ଖରତର ହେବାରେ ଲାଗିଲା । ଅନ୍ଧକାର ଭିତରେ ଝିପିଝିପି ବର୍ଷା ଓ ତହିଁ ସହିତ ଚକ୍ ଚକ୍ ବିଜୁଳି ଛଟା ବଣ ମଧ୍ୟରେ କେଉଁ ଏକ ଅଜଣା ଆତଙ୍କର ସୂଚନା ସୃଷ୍ଟି କରିଥିଲା । ନିଜ ଲେଖନୀରେ ସେ ଲେଖିଛନ୍ତି -

"ଏମନ୍ତ ବେଳେ ବାହାରନ୍ତେ, ମେଘ ଘୋଟିଲା ଯେ ତୁରିତେ
ପବନ ବହେ ଖରତର, ପଥ ନଦିଶେ ଅନ୍ଧକାର
ବରଷା ଝିପିଝିପି କଲା, ଗଗନେ ବିଜୁଳି ମାରିଲା
ଏହା ଦେଖନ୍ତେ ମୋର ମନ ଭାବିଲି କି କରିବି ପୁଣ ।"

ଅରକ୍ଷିତ ଦାସ ପୃଥିବୀର ଭୟଙ୍କରତାକୁ ଅତିକ୍ରମ କରି ସାଧୁତାର ସରଳମାର୍ଗ ସନ୍ଧାନରେ ଯେଉଁ ଦୃଢ଼ ସଂକଳ୍ପ ନେଇ ବାହାରିଥିଲେ ସେ ସଂକଳ୍ପ ହିଁ ତାଙ୍କୁ ତାଙ୍କ ପଥରେ ସଫଳତା ଆଣି ଦେଇଥିଲା । ଜୀବନକାଳ ମଧ୍ୟରେ ଜଙ୍ଗଲଠାରୁ ଆରମ୍ଭ କରି ବହୁଗ୍ରାମ, ନଗରମଠ, ମନ୍ଦିର, ପାହାଡ଼ ପର୍ବତ ନଦନଦୀ ଅତିକ୍ରମ କରି ସେ ସାଧନାର ଆଲୋକ ସ୍ତମ୍ଭରେ ପରିଣତ ହୋଇଥିଲେ । କେହି କେହି ତାଙ୍କୁ ଉଦାସ କହନ୍ତି, କେହି କେହି ତାଙ୍କୁ ଅଘୋରି କହନ୍ତି ଆଉ କେହି କେହି ତାଙ୍କୁ ଏକ ଅଦ୍ଭୁତ ଅଭିନବ ମାର୍ଗର ସନ୍ୟାସୀ କହନ୍ତି ।

ସିଦ୍ଧିଲାଭ କରିବା ପରେ ସେ ଓଳାଶୁଣି ଗୁମ୍ଫା ପାହାଡ଼ରେ ତାଙ୍କର ଆଦର୍ଶ ଭିତିଭୂମି ପ୍ରତିଷ୍ଠା କରିଥିଲେ । ଏ ପୂଣ୍ୟ ପୀଠରେ ଖାଦ୍ୟାଖାଦ୍ୟ, ଜାତିଅଜାତି, ଧନୀଦରିଦ୍ର, ରୋଗିଭୋଗିର ବାଛବିଚାର ନଥିଲା । ଏ ସ୍ଥାନର ସମସ୍ତେ ଏକ ମାନବୀୟ ଚେତନାର ଦାୟାଦ । ଏଠିଘୃଣାର ସ୍ଥାନ

ନାହିଁ । ବିଦ୍ୱେଷର ପରଦାକୁ ଚିରଦିନ ପାଇଁ ଏଠାରେ ନଷ୍ଟ କରି ଦିଆଯାଇଛି । ପ୍ରେମ କେବଳ ମାନବୀୟ ପ୍ରେମ ଏଇ ପ୍ରେମରେ ମଣିଷ ଠାରୁ ଜୀବଜନ୍ତୁ ପର୍ଯ୍ୟନ୍ତ ସମସ୍ତେ ଏଠାରେ ସାଧିନ ଭାବରେ ଏ ପାହାଡର ଅଧିକାରୀ ଅଟନ୍ତି । ଆଜି ଅରକ୍ଷିତ ଦାସ ନାହାନ୍ତି, କିନ୍ତୁ ବୁଦ୍ଧଙ୍କ ପରେ ଜଣେ ଉତ୍କଳୀୟ ରାଜପୁତ୍ର ଯେଉଁ ପ୍ରେମଧର୍ମର ପ୍ରଚାର କରିଗଲେ ତାର ନାମ ଅରକ୍ଷିତ ପ୍ରେମଧର୍ମ । ଏ ପ୍ରେମଧର୍ମ ଜଣଙ୍କର ନୁହେଁ, ସମସ୍ତଙ୍କର ସୁରକ୍ଷାକାରୀ ।

# ବ୍ରହ୍ମ ଅବଧୂତ ସନ୍ଥ ଅରକ୍ଷିତ ଦାସଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଓ ତହିଁରେ ଥିବା ତାତ୍ତ୍ୱିକ ଭାବଧାରାର ବିଚାର ବିମର୍ଶ

ଡଃ. ରତ୍ନାକର ସାହୁ

ଓଡ଼ିଶାର ସନ୍ଥସାହିତ୍ୟ ପରଂପରାରେ ଅରକ୍ଷିତ ଦାସଙ୍କ ବ୍ୟକ୍ତିତ୍ୱ ଏବଂ ଜୀବନଚର୍ଯ୍ୟାରେ ପ୍ରତିଟି ଦିଗ ଯେଭଳି ଅନନ୍ୟ ସାଧାରଣ ସେଭଳି ଅବିସ୍ମରଣୀୟ । ଶାକ୍ୟମୁନି ଗୌତମଙ୍କ ତୁଲ୍ୟ ସେ ଗୃହତ୍ୟାଗ ପୂର୍ବକ ବିଭିନ୍ନ ଅରଣ୍ୟ ଓ ପର୍ବତ ଗୁମ୍ଫାରେ ବୁଲି ବୁଲି ଶେଷରେ ଓଲାଶୁଣି ପୀଠରେ ନିଜର ଅନ୍ତିମ ଜୀବନ ଅତିବାହିତ କରିଥିଲେ । କ୍ଷମତାଲିପ୍ସୁ ଚକ୍ରବର୍ତ୍ତି ପିତାଙ୍କର ଶାସନର ମୋହ ତାଙ୍କୁ ରାଜ ଐଶ୍ୱର୍ଯ୍ୟ ପ୍ରତି ପ୍ରଲୁବ୍ଧ କରିପାରି ନଥିଲା । (୧) କାମିନୀ - କାଞ୍ଚନର ଆସକ୍ତି ଓ ଆକର୍ଷଣ ତାଙ୍କର ସିଦ୍ଧି ପଥରେ ଅନ୍ତରାୟ ହୋଇନଥିଲା । (୨) ସେ ଥିଲେ ଯଥାର୍ଥରେ ଜଣେ ସଂସାର ବନ୍ଧନମୁକ୍ତ, ବିଷୟବାସନା ବର୍ଜିତ, ବିକାରଶୂନ୍ୟ, ଉଦାସୀନ, ସମଦର୍ଶୀ, ଆତ୍ମାନୁଭୂତି ସମ୍ପନ୍ନ, ଜାତ୍ୟାଭିମାନହୀନ ଅବଧୂତ ସନ୍ୟାସୀ ।

ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ନିକଟବର୍ତ୍ତୀ ବିଜୟନଗର ଗଡ଼ରେ ଏହି ସନ୍ଥକବି ଅଷ୍ଟାଦଶ ଶତକର ଶେଷ ଭାଗରେ (ଆନୁମାନିକ ୧୭୭୨ ଖ୍ରୀଷ୍ଟାବ୍ଦ) କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିଲାବେଳର ନାମ ଥିଲା ବଳଭଦ୍ର ।

୧. ପିତା ମୋହର ଚକ୍ରବର୍ତ୍ତୀ ଅଟଇ, ପ୍ରଜାମାନଙ୍କୁ ବହୁ କଷ୍ଟ ଦିଅଇରେ ପରମ କାନ୍ଦେ, ରାଜପଣକୁ ଅନୁକ୍ଷଣେ ମୁଁ ନିନ୍ଦେରେ ।୧୩।

(ଅରକ୍ଷିତ ଦାସଙ୍କ ଚଉତିଶା)

୨. ଜନୈକା ବ୍ରାହ୍ମଣୀ କନ୍ୟା ଅରକ୍ଷିତଙ୍କର ଅନିନ୍ଦ୍ୟ ସୁନ୍ଦର ରୂପ ପ୍ରତି ପ୍ରଲୁବ୍ଧ ହୋଇ ତାଙ୍କୁ ବିବାହ କରି ସୁଖରେ ରହିବାକୁ ପରାମର୍ଶ ଦେଇଥିଲେ ମଧ, ସେ ତାହା ଭ୍ରୂକ୍ଷେପ ନକରି ସଂଯମର ପରାକାଷ୍ଠା ପ୍ରଦର୍ଶନ କରିଥିବା ବୃତାନ୍ତ ମହୀମଣ୍ଡଳ ଗୀତାରେ ବର୍ଣ୍ଣିତ । ଦେବ । (୩) ତାଙ୍କର ପତା ପଦ୍ମନାଭ ଦେବ ଥିଲେ ଗଙ୍ଗବଂଶୀ । ବିଳାସ ଓ ବ୍ୟସନର ପ୍ରାଚୁର୍ଯ୍ୟ ଭିତରେ ଅରକ୍ଷିତ ବଢ଼ିଥିଲେ ମଧ (୪) ତାହା ତାଙ୍କୁ ଶାନ୍ତି ଦେଉ ନଥିଲା । ପୁତ୍ରର ନିଃସଙ୍ଗ ଭାବ ଲକ୍ଷ୍ୟ କରି ପଦ୍ମନାଭ ଦେବ ଏକଦା ତାଙ୍କୁ ନୃପସେ ରାଜାଙ୍କ ପରମ ରୂପବତୀ କନ୍ୟାଙ୍କ ସହିତ ବିବାହ ଦେବାକୁ ସ୍ଥିର କଲେ । ମାତ୍ର ସ୍ତ୍ରୀସଙ୍ଗ ଲାଭ କରିବାର ବଳବତୀ ଇଚ୍ଛାକୁ ପରିହାର କରି ଅରକ୍ଷିତ ପିତାଙ୍କୁ ଯେଉଁ ଉତର ଦେଇଥିଲେ, ସେଥିରୁ ତାଙ୍କ ପରମାର୍ଥିକ ଉପଲବ୍ଧି ଏବଂ ଆତ୍ମଦର୍ଶନର ଗଭୀର ପରିଚୟ ମିଳେ । (୫) ପରେ ଜନୈକ ସାଧୁଙ୍କୁ ଅତିଥି ରୂପେ ପାଇ ସେ ତାଙ୍କ ପାନ ଭୋଜନର ବ୍ୟବସ୍ଥା କଲେ ।

୩. କାହାରି କାହାରି ମତରେ ଅରକ୍ଷିତଙ୍କ ବାଲ୍ୟନାମ ଥିଲା ବୀରବର ଦେବ ।

୪. ଘରେ ମୁଁ ଥିଲି ଯେତେ ଦିନ କି ଭୋଗ କରିନାହଁ ପୁଣ ।

ପାଟ ପତନି ପୀତାମ୍ବର  ଚୁଆ ଚନ୍ଦନ ଅଳଙ୍କାର ।
ଖଟ ପଲଙ୍କ ଯେ ସୁପାତି  କୁଙ୍କୁମ ଶରୀରେ ଲେପନ୍ତି ।
ନାନା ପୁଷ୍ପ ଯେ ଶିରେ ଘେନି  ତୁରଙ୍ଗ ଉପରେ ଯେ ପୁଣି ।
ଖିରି ଖେଚେଡ଼ି ପିଠା ଅନ୍ନ  ଖଣ୍ଡ ଶାକର ଘୃତ ପୁଣ ।
ନାନାଦି ଭୋଗ ଆଉ ଯେତେ  ମୁଁ କିସ କହିବଇ ଚିତେ ।

(ମହୀମଣ୍ଡଳ ଗୀତା)

୫. ଏହା ଶୁଣିଣ ଅରକ୍ଷିତ ଦାସ ପିତାଙ୍କୁ ପୁଛିଲେ ବାରତ ବିଭା ବୋଲିଣ
କେଉଁ କାର୍ଯ୍ୟ ଶୁଣି ମୁଁ ହୋଇଲି ଆଶ୍ଚର୍ଯ୍ୟ ।

X X X X X X X X

ଯେ ମାତା ରୂପେ ଜନ୍ମ କରି ପୁତ୍ର ହୋଇଲି ମୁଁ ତାଙ୍କରି ।
ପୁତ୍ର ମାତାକୁ ବିଭା ହେଲେ ଧର୍ମଟି ରହିବ କି ଭଲେ ।
କି କଥା କହିଲ ହେ ତାତ ସେହିଟି ମୋର ନିଜ ମାତ ।

(ବାଲ୍ୟବୋଧ-୩ୟ କଳ୍ପ)

ଊନବିଂଶ ବୟସରେ ଗୃହତ୍ୟାଗ କରି ଘୋର ଅରଣ୍ୟରେ ଏକାକୀ ଭ୍ରମଣ କରିବାକୁ ଲାଗିଲେ । ପରିବ୍ରାଜକ ରୂପେ ଅରକ୍ଷିତ ଯେଉଁ ଯେଉଁ ପର୍ବତ ଉପରେ ଅବସ୍ଥାନ କରି ତତ୍ତ୍ୱାନୁଶୀଳନରେ ବ୍ରତୀ ହୋଇଥିଲେ ସେଗୁଡ଼ିକ ହେଉଛି କେରାଣ୍ଡିମାଳ, ଚିତ୍ରକୂଟ, ଡୁବୁଡବା, ମେନ୍ତଝୋଲା, ଖଣ୍ଡଗିରି, ଡମପଡା, ସପ୍ତଶର୍ଯ୍ୟା, କପିଳାସ, ମହାପର୍ବତ, ଜ୍ୱାଳାପର୍ବତ, ଅନ୍ଧାରୁଆ, ହଳଦିଆ ପର୍ବତ, ଧଉଳି, ଉଦୟଗିରି, ବରୁଣେଇ, ଅଟଳାପର୍ବତ, ଧନାଶ୍ରୀ, ଶରଦାମୁଣ୍ଡିଆ, ଗୋଳବାୟୁ ମୁଣ୍ଡିଆ, ମଣିଭଦ୍ରା, ବାଙ୍ଗିଣିଆ ପର୍ବତ, ବଡ଼ମ୍ବା ପର୍ବତ ଓ ଓଳାଶୁଣୀ ପ୍ରଭୃତି । ଖଣ୍ଡଗିରିରେ ଥିବାବେଳେ ସେ ମହୀମଣ୍ଡଳ ଗୀତାର ୩୫ ଅଧ୍ୟାୟ ରଚନା କରିଥିବା କଥା ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । (୬) ସେହିପରି ଚିତ୍ରକୂଟରୁ ପ୍ରତ୍ୟାବର୍ତ୍ତନ କରିବା ପରେ ସନ୍ଥକବିଙ୍କ ଦ୍ୱାରା 'ଭକ୍ତିଟୀକା' ଗ୍ରନ୍ଥ ରଚିତ ହୋଇଥିବା ନିଦର୍ଶନ ମିଳେ । (୭) ଖରା, ବର୍ଷା ଓ ଶୀତ ଅଙ୍ଗରେ ଲିଭେଇ, ଉଦର ଜ୍ୱାଳାରେ ଅସ୍ଥିର ହୋଇ, ଏକ ଛେଲୁଆରେ ଆମ୍ବକଷି ଓ ଶବର ପ୍ରଦତ୍ତ ଅନ୍ନ ଭୁଞ୍ଜି, ବହୁ ମାଡ଼, ଗାଳି ଓ ଭର୍ତ୍ସନା, ସହି ସେ ବ୍ରହ୍ମପଦରେ ଆତ୍ମସମର୍ପଣ

କରିଥିଲେ । ଶୁଣାଯାଏ, ଓଲାଶୁଣୀ ପାହାଡ଼ରେ ଅନ୍ତିମ ଜୀବନ କାଟିବାକୁ ଇଚ୍ଛାକରି ଅରକ୍ଷିତ ଦାସ କେନ୍ଦ୍ରାପଡ଼ାର ତଦାନୀନ୍ତନ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କଠାରୁ ଅନୁମତି ପ୍ରାପ୍ତ ହୋଇଥିଲେ ଏବଂ ପ୍ରତ୍ୟାବର୍ତ୍ତନ କାଳରେ ପାହାଡ଼ର ପୀଠଦେଶକୁ ଆସିବା ପାଇଁ ଜମିଦାର ମହାଶୟଙ୍କୁ ସାଦର ଆମନ୍ତ୍ରଣ କରିଥିଲେ । ସନ୍ଥଙ୍କ ଅନୁରୋଧ କ୍ରମେ ଜମିଦାର ଓଲାଶୁଣି ପୀଠରେ ପହଁଚିବା ପରେ ତାଙ୍କୁ ଆମିଷ ମିଶ୍ରିତ ପ୍ରସାଦ ଅର୍ପଣ କରାଯାଇଥିଲା । ମାତ୍ର ସେ ଆମିଷ ସେବନରୁ ନିବୃତ ରହିବା ଦେଖି ମହାପୁରୁଷ ଅରକ୍ଷିତ ଦାସ ତାଙ୍କୁ ବେଦ, ବେଦାନ୍ତ ଓ ଉପନିଷଦରୁ 'ବ୍ରହ୍ମସତ୍ୟ, ଜଗତ୍ ମିଥ୍ୟା' ଏହି ତତ୍ତ୍ୱ ପ୍ରାଞ୍ଜଳ ଭାବେ ବୁଝାଇ ତାଙ୍କ ମନର ବିକାର ଦୂର କରିଥିଲେ ।

୬. ଖଣ୍ଡଗିରିଟି ମୁହିଁ ଥିଲି ତୁମ୍ଭ ଦୟାରୁ ଗୀତା କଲି ।
ପଂଚତିରିଶ ଅଧ୍ୟାକଲି ଖଣ୍ଡଗିରି ଛାଡ଼ି ଅଇଲି ।

(ମହୀମଣ୍ଡଳ ଗୀତା)

୭. ଚିତ୍ରକୂଟରୁ ମୁହିଁ ଯିବି ଭକତି ଟୀକା ସେ ସାଧିବି ।

(ଭକ୍ତିଟୀକା- ୫ମ ଅଧ୍ୟାୟ)

ଏହିଠାରେ ଗୋଟିଏ କଥା ମନକୁ ଆସେ । ଅରକ୍ଷିତ ଦାସଙ୍କ ସମାଧି ପୀଠରେ ବର୍ତ୍ତମାନ ଯେତେ ସବୁ ଭୋଗ ଲାଗି କରାଯାଏ, ତନ୍ମଧ୍ୟରେ କାଞ୍ଜି, ପୋଡପିଠା ଓ ଶୁଖୁଆପୋଡା ହେଉଛି ପ୍ରଧାନ । ଏସବୁ ଉପଚାର ଦେଖି କାହାରି କାହାରି ପୀଠର ଶୁଚି ଓ ଅନ୍ତର୍ନିଷ୍ଠା ପ୍ରତି ସଂଶୟ ଜାତ ହେବା ସ୍ୱାଭାବିକ ।

ଏହାର ଅନ୍ୟ କାରଣ ଯାହା ଥାଉନା କାହିଁକି ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ କିଛି ବିକାର ଉପୁଜେ ନାହିଁ । (୮) ଯେ ବ୍ରହ୍ମଙ୍କ ସେ ବ୍ରହ୍ମସ୍ୱରୂପ

ହୋଇଯାଏ । ସେଥିପାଇଁ କୁହାଯାଇଛି, 'ବ୍ରହ୍ମବିତ୍ ବ୍ରହ୍ମୈବ ଭବତି ।' ଯେ ମୁକ୍ତ, ଭେଦଭାବ ବିବର୍ଜିତ, ନିର୍ଲେପ, ବିକାରଶୂନ୍ୟ, ସମଚିତ ଓ ତତ୍ୱଜ୍ଞାତା ତାଙ୍କ ନିକଟରେ ଆମିଷ ନିରାମିଷ ପ୍ରଶ୍ନ ଉଠୁଛି କେଉଁଠୁ ? (୯) 'ଅନଳ ଯେହ୍ନେ ସର୍ବ ଖାଇ, ବିଚାରେ ଗୁଣ ଦୋଷ ନାହିଁ' ଏହିନ୍ୟାୟରେ ନର୍କ ଓ ଅମୃତ ତାଙ୍କ ପାଇଁ ସବୁ ସମାନ । (୧୦) ସର୍ବଭୂତରେ ପରଂବ୍ରହ୍ମଙ୍କ ଅଧିଷ୍ଠାନ ବିଷୟ ଚିନ୍ତା କରି ସେ ସମସ୍ତଙ୍କ ସହିତ ମିଶନ୍ତି, ସବୁଠାରେ ଭୋଜନ କରନ୍ତି ଏବଂ ସମଗ୍ର ଜୀବଜଗତକୁ ସମଜ୍ଞାନ କରନ୍ତି । (୧୧) କିମ୍ବଦନ୍ତୀ ଅଛି, ଭଗବାନ ଶଙ୍କର ଚଣ୍ଡାଳ ଅନ୍ନ ଗ୍ରହଣ କରୁଥିବା ଦେଖି ତାଙ୍କ ଶିଷ୍ୟମାନେ ମଧ ଚଣ୍ଡାଳ ଅନ୍ନ ଗ୍ରହଣ କଲେ ।

୮. ଦେଖ ନାସା ପବନ ବହି ବାସ ଦୁର୍ଗନ୍ଧ ସେ ନିଅଇ ।
ସେହି ପ୍ରକାରେ ତୁ ହୋଇବୁ ଗନ୍ଧ ଦୁର୍ଗନ୍ଧ ତୁ ଭକ୍ଷିବୁ ।
(ମହୀମଣ୍ଡଳ ଗୀତା - ୩୪ ଅଧ୍ୟାୟ)

୯. ନାହିଁ ନା ବିକାର ଅବିକାରକୁ
ଯେବେ ଚିହ୍ନିଲା ସେ ଏକ ବ୍ରହ୍ମକୁ ।
(ଭକ୍ତିଟୀକା - ୩ୟ ଅଧ୍ୟାୟ)

୧୦. ଜଗତେ ଯା ବାଞ୍ଛବୋଲ ନର୍କ, ମାଛି ସେହି ପରା ହୃଷୀକେଶ ।
କେବଳ ଅଦଣ୍ଡେ ଦଣ୍ଡ, ସିନା ୟେତେ ସେତ ନିର୍ଲେପ ପୁରୁଷ ।
(ଅନନ୍ତ ଗୁପ୍ତଟୀକା)

୧୧. ଚାଣ୍ଡାଳୁ ବ୍ରହ୍ମଯାଏ ପୁଣ ଭକ୍ଷିଲି ସର୍ବ ଘରେ ଜାଣ ।
ତୁମ୍ଭେ ତ ସର୍ବ ଘଟେ ବସ ଏଣୁ ମୁଁ ଭୁଞ୍ଜିଲି ବିଶ୍ୱାସ ।
(ମହୀମଣ୍ଡଳ ଗୀତା - ୪୬ ଅଧ୍ୟାୟ)

ପୁନଶ୍ଚ,

ଅଗ୍ନି ପ୍ରାୟ ସର୍ବ ଭକ୍ଷିବୁ           ବାଛବିଚାର ନ କରିବୁ ।

(ମହୀମଣ୍ଡଳ ଗୀତା, ୨୬ ଅଧ୍ୟାୟ)

ଶଙ୍କର ତପ୍ତ, ତରଳ ରୌପ୍ୟଖଣ୍ଡ ଭକ୍ଷଣ କରି ଶିଷ୍ୟମାନଙ୍କୁ ମଧ୍ୟ ସେହିପରି କରିବାକୁ କହିଲେ । ଶିଷ୍ୟମାନେ କହିଲେ, "ଗୁରୋଃ ଏତଦ୍ୱାରା ତ ଆମ୍ଭେ ମରିଯିବୁ ।" ଶଙ୍କର ଉତର ଦେଲେ, "ତେବେ ମୁଁ ଚଣ୍ଡାଳ ଅନ୍ନ ଗ୍ରହଣ କରିବା ଦେଖି ତୁମ୍ଭେମାନେ ତାହା କଲ କାହିଁକି ?" ଯେ ସିଦ୍ଧ ଓ ବ୍ରହ୍ମଦର୍ଶୀ ତାଙ୍କ ପକ୍ଷରେ ସବୁ ସମ୍ଭବ । ତାଙ୍କଠାରେ ତାପ, ଶୈତ୍ୟ, ସୁଖ, ଦୁଃଖ, କର୍ମ, ଅକର୍ମ, ପାପ, ପୁଣ୍ୟ, ସ୍ପର୍ଶ, ଅସ୍ପର୍ଶସମସ୍ତ ଯେପରି ଏକାକାର । ବ୍ରହ୍ମାର୍ପିତ ଦ୍ରବ୍ୟରେ ଶୁଦ୍ଧାଶୁଦ୍ଧର ବିଚାର ନଥାଏ । (୧୨) କବୀର, ରାମାନନ୍ଦ, ରୈଦାସ, ରସଖନ, ବାଲିଗାଁ ଦାସ, ହାଡ଼ିଦାସ, ଭୀମଭୋଇ ଓ ମଣିଦାସ ପ୍ରଭୃତି ସନ୍ଥମାନେ ଭେଦଭାବ ରହିତ ହୋଇ ସର୍ବତ୍ର ସମଜ୍ଞାନ କରିଅଛନ୍ତି । ମାଂସ ଭକ୍ଷଣରେ ଭକ୍ତି ଭାବ ଉଣା ହୁଏ ନାହିଁ, ପରନ୍ତୁ ଜୀବରେ ଦୟା ଓ ଅହିଂସା ଭାବ ପୋଷଣ କରୁଥିବା ବ୍ୟକ୍ତି ହିଁ ଯଥାର୍ଥ ସିଦ୍ଧିର ଅଧିକାରୀ । (୧୩) ଚଣ୍ଡାଳ ହେଲେ ମଧ୍ୟ ସେ ଯଦି ଈଶ୍ୱରଭାବାପନ୍ନ ଓ ଶୁଦ୍ଧଚିତ, ତେବେ ତା'ର ଘରେ ଅନ୍ନ ଭୁଞ୍ଜିବା ଦୋଷାବହ ନୁହେଁ । (୧୪) ସନ୍ଥ କବି ଅରକ୍ଷିତ ତତ୍ତ୍ୱ ଚିନ୍ତନରେ ବ୍ୟାପୃତ ରହିଛନ୍ତି ସମଗ୍ର ୧୨.

ବ୍ରହ୍ମକୁ ନିବେଶି ଯିବେ ଗ୍ରହଣ କରିବୁ
ତହିଁ କିଛି ଦୋଷ ନାହିଁ ଅବଶ୍ୟ ତରିବୁ ।

-ମନୁଗୀତା, ବଳରାମ ଦାସ

୧୩. ଏ ମାଂସ ଭକ୍ଷ ବା ନ ଭକ୍ଷ ଏଥିରେ ନାହିଁ ଭକ୍ତି ଲକ୍ଷ୍ୟ । କେବଳ ଜୀବରେ ଅହିଂସା ଏହି ଭାବୁକୁ କର ଆଶ୍ରା ।

-କଳିଭାଗବତ-ଠାକୁର ଅଭିରାମ ପରମହଂସ, ପ୍ରକାଶ ଥାଉକି, ଅରକ୍ଷିତ ଦାସଙ୍କ ଜଣାଣ ଗୀତୀକାରେ ଏହି ଅହିଂସାର ପ୍ରାଧାନ୍ୟ ସ୍ୱୀକୃତ ହୋଇଛି । ସେ ଲେଖିଛନ୍ତି -

"ହିଂସା ମୋ ବେଗେ ଦୂର ଯିବ
ତେବେ ସେ ତୁମ୍ଭଙ୍କୁ ସେବିବ ।
ନୋହିଲେ କି ତୁମ୍ଭଙ୍କୁ ମୁହିଁତ ସେବଇଂ
ହିଂସା ତ ଦେହକୁ ମାରିବ ହେ ଅନ୍ତର୍ଯ୍ୟାମି ।"

୧୪. ଚଣ୍ଡାଳ ଘର ଅନ୍ନକୁ ଅବ୍ୟ ନ କରିବୁ
ସତ୍ୟ ଚିତେ ଯାଚିଦେଲେ ଆନନ୍ଦେ ଭକ୍ଷିବୁ ।

-ଗୁପ୍ତଗୀତା, ୮ମ ଅଧ୍ୟାୟଃ - ବଳରାମ ଦାସ

ଜୀବଜଗତ ଏବଂ ଈଶ୍ୱରସୃଷ୍ଟି 'ପଂଚମହାଭୂତ'କୁ ଆମିଷର ପରିପ୍ରକାଶ ରୂପେ ଗ୍ରହଣ କରିଅଛନ୍ତି ।

ପ୍ରକାଶଥାଉକି, ଓଳାଶୁଣି ପାହାଡ଼ସ୍ଥ ବିରାଜିତା ସିଦ୍ଧିଦାତ୍ରୀ ଚଣ୍ଡୀ ଓଳାଶୁଣୀଙ୍କ ନାମରେ ନାମିତ । ଚଣ୍ଡୀଙ୍କ ଉଗ୍ର ପ୍ରଭାବ ଶ୍ରବଣ କରି ସନ୍ୟାସୀ ଅରକ୍ଷିତ ଭୟର ଆଶଙ୍କା କରିଥିଲେ ମଧ୍ୟ ଶୂନ୍ୟାଦେଶ ପାଇ ବୃନ୍ଦାବନ ଯାତ୍ରା କରିଥିଲେ । ସେଠାରେ ମୋହନ ବଂଶୀ ପ୍ରାପ୍ତ ହୋଇ ଚଣ୍ଡୀକୁ ବଶୀଭୂତ କରିବାରୁ ଦେବୀ ପାହାଡ଼ର ନିମ୍ନ ଦେଶରେ ଅବସ୍ଥାନ କଲେ ଏବଂ ସନ୍ଥ ଅରକ୍ଷିତ ଯୋଗ ସାଧନାରେ ନିମଗ୍ନ ରହିଲେ ।

ଅରକ୍ଷିତଙ୍କ ବର୍ଣ୍ଣନାରୁ ଉପଲବ୍ଧ ହୁଏ ଯେ, ସେ ଜାତିସ୍ମର ଥିଲେ । 'ଆତ୍ମବୃତାନ୍ତ ଭଜନ' ରେ ସେ ନିଜେ ସତ୍ୟଯୁଗରେ ଋଷି,

ତ୍ରେତୟାରେ କ୍ଷତ୍ରିୟ, ଦ୍ୱାପରରେ ଗୋପାଳ ଏବଂ କଳି ଯୁଗରେ ରାଜକୂଳରେ ଅବତାର ହେବା ବିଷୟ ଦର୍ଶାଇଛନ୍ତି । କିନ୍ତୁ କବିଙ୍କ ରଚିତ 'ଶକାବ୍ଦ' ରେ ଭିନ୍ନ ପ୍ରକାର ବର୍ଣ୍ଣନା ରହିଛି । ସେଥିରେ ଅଛି ସେ ପୂର୍ବଜନ୍ମରେ ମହାନିତ୍ୟରେ ଦେବ ଦେବୀ, ରାଜର୍ଷି ଓ ବ୍ରହ୍ମର୍ଷି ଗ୍ରହଣରେ ନିତ୍ୟରାସ ଦର୍ଶନ କରୁଥିବା ବେଳେ କଳିଯୁଗରେ ରାଜପୁତ୍ର, ଶାରଳାଙ୍କ ଚଣ୍ଡୀ ପୁରାଣ, ବଳରାମ ଦାସଙ୍କ ଜଗମୋହନ ଦାସଙ୍କ ପରଚେଗୀତା, ନନ୍ଦ ଦାସଙ୍କ ଅଣାକାର ସଂହିତା ଏବଂ ହାଡ଼ିଦାସଙ୍କ ବାସନାବରରେ ମଧ ପରିଦୃଷ୍ଟ ହୁଏ । ହିନ୍ଦୀ ସାହିତ୍ୟରେ ପ୍ରାଣନାଥଙ୍କ ସମ୍ବନ୍ଧରେ କୁହାଯାଇଛି ଯେ, ସେ ନିଜକୁ ଦେହୀ ମସିହା କହିଛନ୍ତି ।

ପୁନଶ୍ଚ - ହାଡ଼ି ବୋଲି କରି ଯାହା ପୁଚ୍ଛିଲୁ ଅର୍ଜ୍ଜୁନ
ମୋହରି ବ୍ୟତ୍ରକେ ସେହୁ ନୁହଇଟି ଭିନ୍ନ ।

-କୈବର୍ତ୍ତ ଗୀତା ଅଚ୍ୟୁତାନନ୍ଦ ଦାସ ୨୩ଅଃ

୧୫. ହେ ମନ କହୁଅଛି ମୁହିଁ — ଶରୀର ଆମିଷ ଅଟଇ ।
ରଜବୀର୍ଯ୍ୟ ଆମିଷ ଜାଣ — ତହିଁରୁ ସକଳ ଭିଆଣ ।
ଛପନ କୋଟି ଜୀବ ଯେତେ — ଆମିଷରୁ ଜାତ ସମସ୍ତେ ।
ଜଳ ସ୍ଥଳ ପୃଥ୍ୱୀ ଆକାଶ — ଆମିଷ ମଧ୍ୟେ ସବୁ ଲିପ୍ତ ।

- ମହୀମଣ୍ଡଳ ଗୁପ୍ତଟୀକା - ୪ର୍ଥ ଅଃ

(କଲ୍‌କୀ ଅବତାର) ରୂପେ ଗ୍ରହଣ କରୁଥିଲେ । (୧୬) ଏହି ଜାତିସ୍ମରତ୍ୱ ବା ପୂର୍ବଜନ୍ମର ଅନୁସ୍ମୃତି ମହାଯାନୀ ବୌଦ୍ଧ ବିଶ୍ୱାସରେ ଏକ ପ୍ରତିଷ୍ଠିତ ଧାରଣା । ଓଡ଼ିଆ ଭାଷାରେ ରଚିତ ଓ ସେଥିପାଇଁ ସେ କାଳର ଶିଷ୍ଟଗୋଷ୍ଠୀରେ ଅନାଦୃତ ସ୍ୱୀୟ ଗ୍ରନ୍ଥଗୁଡ଼ିକୁ ଏକ ଅଲୌକିକ ମର୍ଯ୍ୟାଦା

ଦେବା ପାଇଁ ଅରକ୍ଷିତଙ୍କ ଏ ପ୍ରକାର ବିବରଣୀର କୌଣସି ବିଶେଷ ଅର୍ଥ ନଥିଲେ ବି ଏଥିରେ ତାଙ୍କର ଆଧ୍ୟାତ୍ମିକ ବିଶ୍ୱାସ ଓ ଭାବନା ସୂଚିତ ।

ଅନ୍ୟାନ୍ୟ ସନ୍ଥମାନଙ୍କ ପରି ଅରକ୍ଷିତ ଦାସଙ୍କ ସମ୍ପର୍କରେ ଅନେକ ଅଲୌକିକ କଥା ଶ୍ରୁତିଗୋଚର ହୁଏ । ସେଗୁଡିକ ମଧ୍ୟରେ ଅରକ୍ଷିତ ଦାସ କେରାଣ୍ଡିମାଳାର ଯୋଗୀ ଗୁମ୍ଫାରେ ଅବସ୍ଥାନ କରୁଥିବା ସମୟରେ ଭକ୍ତିଯୋଗ ଦ୍ୱାରା ନୂତନ ଝରଣା ସୃଷ୍ଟି କରିବା ଏବଂ ବରୁଣ ବୃକ୍ଷର ଫଳକୁ ସବୁଦିନ ପାଇଁ ସୁମିଷ୍ଟ କରିବା, ଜନୈକ ମିର୍ଜା ନାମଧେୟ ମୁସଲମାନ ଜମିଦାରଙ୍କ ପ୍ରଦତ୍ତ ମାଂସକୁ ହିନ୍ଦୁ ଦେବାର୍ଚ୍ଚିତ ସାତ୍ତ୍ୱିକ ପ୍ରସାଦରେ ପରିଣତ କରିବା (୧୭), ନାମବ୍ରହ୍ମଙ୍କୁ ସ୍ମରଣ କରି ଯୌଗିକ କ୍ରିୟା ସାହାଯ୍ୟରେ ଖାରଦ ଗ୍ରାମର ହରିଚନ୍ଦଙ୍କ ମୃତା ସ୍ତ୍ରୀଙ୍କୁ ଜୀବନଦେବା, ତାନ୍ତ୍ରୀକ ଫକୀର ଦାସଙ୍କ ପ୍ରେରିତ ସର୍ପଗୁଡ଼ିକୁ ଆଜ୍ଞାବଳରେ ଗୁମ୍ଫାରୁ ତଡିଦେବା ଏବଂ ନିଜର ଦେହାବସାନ ପରେ ମଧୁଦାସଙ୍କୁ ଦେଖାଦେଇ କମ୍ବଳ ପ୍ରଦାନ କରିବା (୧୮) ପ୍ରଭୃତି ବୃତାନ୍ତ ପ୍ରଧାନ । ଏହିଭଳି ଆଶ୍ଚର୍ଯ୍ୟଜନକ ବିବରଣୀ ବଳରାମ ଦାସ, ଯଶୋବନ୍ତ ଦାସ, ଜଗନ୍ନାଥ ଦାସ, ବାଲିଗାଁ ଦାସ, ବାବାଲାଲ, ନାମଦେବ ଓ ତୁକାରାମଙ୍କ ସମ୍ବନ୍ଧରେ ମଧ୍ୟ ବହୁ ଅଲୌକିକ କାହାଣୀ ରହିଛି । ସଂସ୍କୃତରେ 'ଭକ୍ତିମାଳା' ଏବଂ ଓଡ଼ିଆରେ 'ଦାର୍ଢ୍ୟତାଭକ୍ତି' ଗ୍ରନ୍ଥ ଏତାଦୃଶ୍ୟ ଘଟଣାରେ ପରିପୂର୍ଣ୍ଣ ।

୧୯. ହିନ୍ଦୀ କାବ୍ୟରେ ନିର୍ଗୁଣ ସମ୍ପ୍ରଦାୟ, ପରଶୁରାମ ଚତୁର୍ବେଦୀ ପୃ. ୧୩୪ ।

୨୦. ଶ୍ରୀ ଗୋଲକ ଚନ୍ଦ୍ର ପ୍ରଧାନଙ୍କ 'ମହାପୁରୁଷ ଅରକ୍ଷିତ ଦାସ' ଗ୍ରନ୍ଥରେ (ପ୍ରକାଶକ ଶ୍ରୀ ପରମାନନ୍ଦ ଭୂୟାଁ) ଏହି ବିବରଣୀ ଉଲ୍ଲେଖ ଅଛି । - ୧୯୭୮

୨୧. ଅରକ୍ଷିତ ଦାସଙ୍କ ଶିଷ୍ୟ ମଧୁସୁଦନ ଦାସଙ୍କ 'ଭୂମଣ୍ଡଳ ଗୀତା'ର ୭୦ ଅଧ୍ୟାୟରେ ଏହି ବୃତାନ୍ତ ଲିପିବଦ୍ଧ ହୋଇଅଛି ।

ସନ୍ଥମାନଙ୍କର ମାହାତ୍ମ୍ୟ ଓ ଅପୂର୍ବ ସିଦ୍ଧିର ଦୃଷ୍ଟାନ୍ତ ଏଥିରୁ କଳନା କରିହୁଏ ।

ଅରକ୍ଷିତ ଦାସଙ୍କ ବହୁ ପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ 'ଛୟାଳିଶ ପଟଳ' ରେ ତାଙ୍କର ସୂଚନା ଦେଇ ଯାଇଛନ୍ତି ।

ସେ ଲେଖିଛନ୍ତି -

'ଓଳାଶୁଣି ପର୍ବତରେ ସାଧୁ ସଭା ହେବ ।
ଏକାକ୍ଷର ପରୀକ୍ଷା ସେ ଅର୍କ୍ଷିତ କରିବ ।
କେତେ କେତେ ଭକ୍ତ ଆସି ସେଠାରେ ମିଳିବେ ।
ଅରକ୍ଷିତ ଠାରୁ କେହି ଉବୁରି ନଯିବେ ।
ଅରକ୍ଷିତ ଦାସ ମୋର ଅଟେ ଗେହ୍ଲାପୁଅ ।
ମୋ ଆଗରେ ଚାଳିବ ସେ ମାଳିକା ନିର୍ଣ୍ଣୟ ।

ଅଚ୍ୟୁତଙ୍କ 'ତତ୍ତ୍ୱବୋଧିନୀ ଟୀକା' ରେ ମଧ୍ୟ ଅରକ୍ଷିତ ଦାସଙ୍କ ପ୍ରସଙ୍ଗ ଲକ୍ଷ୍ୟ କରିବାର କଥା । ସେଥିରେ ଅଛି -

"ଆହୁରି କଥାଏ ଶୁଣରେ ରାମ ।
ଅରକ୍ଷିତ ଅଟେ ଭକତ ଟାଣ ।।
ହଜ ସମାଧିକୁ ସାଧିବ ସେହି ।
କ୍ଷେତ୍ରେ ମିଳିବ ଦେହକୁ ହଜାଇ ।।
ହଜିବ ଦେହ ସେ ରଖିବ କିର୍ତ୍ତି ।
ନାମ ହୋଇବ ଜଗତରେ ଖ୍ୟାତି । "(୨୨)"

ଏଥିରୁ ଅରକ୍ଷିତ ଦାସଙ୍କ ନିର୍ବିକଳ୍ପ ସମାଧି ସମ୍ପର୍କରେ ଧାରଣା କରିହୁଏ । ସେ ଯଥାର୍ଥତଃ ଜଣେ ସିଦ୍ଧଯୋଗୀ ଓ ମୁକ୍ତଆତ୍ମା ହୋଇ ନଥିଲେ ତାଙ୍କର ମହିମା ଅଚ୍ୟୁତାନନ୍ଦ ସ୍ୱୀୟ ଗ୍ରନ୍ଥ ମଧ୍ୟରେ ଲିପିବଦ୍ଧ କରିଯାଇ ନଥାନ୍ତେ ।

## ଧର୍ମ ଓ ଦର୍ଶନ :

ପଂଚସଖାଙ୍କ ପରେ ଓଡ଼ିଶାରେ ଧର୍ମର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥିଲା । ନାନା ଐତିହାସିକ କାରଣରୁ ଓଡ଼ିଶାର ସନ୍ଥଗୋଷ୍ଠୀ କ୍ରମଶଃ ଆପଣାର ପ୍ରାଧାନ୍ୟ ହରାଇ ବସିଥିଲେ । ବିଭିନ୍ନ ମତବାଦ ଓ ବଳିଷ୍ଠ ନେତୃତ୍ୱର ଅଭାବରୁ ସନ୍ଥ ପରଂପରା ନାନା ଶାଖାରେ ବିଭକ୍ତ ହୋଇ ପରସ୍ପର ଠାରୁ ବିଚ୍ୟୁତ ହୋଇଗଲା । ଏଭଳି ଦୁର୍ଦ୍ଦିନରେ ଓଡ଼ିଶାର ଯୋଗାଚାରୀ ନିର୍ଗୁଣ ସାଧକଗଣ ଅନ୍ତର୍ନିଷ୍ଠା ଓ ଆତ୍ମଜ୍ଞାନର ପ୍ରତିଷ୍ଠା ପାଇଁ ସୁଦୂର ଅରଣ୍ୟ ପର୍ବତରେ ୧୯. (ତତ୍ତ୍ୱାବୋଧନୀ ଟୀକା, ୪ର୍ଥ ଅଧ୍ୟାୟ-ଅଚ୍ୟୁତାନନ୍ଦ ଦାସ) ଆଶ୍ରୟ ଗ୍ରହଣ ପୂର୍ବକ ଧର୍ମପ୍ରଚାରରେ ମନ ବଳାଇଲେ ଏବଂ ସାମାଜିକ ତଥା ଆଧ୍ୟାତ୍ମିକ ସଂକଟକୁ ଏଡାଇବା ପାଇଁ ସତ୍ୟ, ସଂଯମ, ଆଦର୍ଶ ଉପରେ ଗୁରୁତ୍ୱ ପ୍ରଦାନ କଲେ । ଦୁର୍ବଳ ସମାଜରୁ ଜାତ୍ୟାଭିମାନ ଦୂରକରି ଏକତାର ପ୍ରତିଷ୍ଠା ଏବଂ ପିତୁଳାପୂଜାକୁ ନିରର୍ଥକ ଜ୍ଞାନ କରି ଏକ ଅଦ୍ୱୟ ପରମାତ୍ମାଙ୍କ ପ୍ରତି ଆସ୍ଥା ସ୍ଥାପନ ନିମନ୍ତେ ସନ୍ଥ ଅରକ୍ଷିତ ଦାସଙ୍କ ଭୂମିକା ଉଲ୍ଲେଖଯୋଗ୍ୟ ।

ଅରକ୍ଷିତ ଦାସ ମୁଖ୍ୟତଃ ଯୋଗୀ, ସାଧକ ଓ ଭକ୍ତ । ଭକ୍ତିଯୋଗରେ ସିଦ୍ଧିପ୍ରାପ୍ତ ହୋଇ ସେ ପରମାତ୍ମାଙ୍କ ଶ୍ରୀଚରଣତଳେ ନିଜକୁ ସର୍ବତୋଭାବେ ଉତ୍ସର୍ଗ କରିଯାଇଛନ୍ତି । ଯୌବନାବସ୍ଥାରେ ସନ୍ୟାସ ଗ୍ରହଣ ପୂର୍ବକ ନୈତିକ ତଥା ଆଦର୍ଶ ଗୁଣାବଳୀର ପ୍ରକଟନ ଏହି ଋଷିପ୍ରତିମ ସନ୍ଥକବିଙ୍କ ଚରିତ୍ରର ଏକ ମହନୀୟ ଦିଗ ।

ବାଲ୍ୟକାଳୁ ତାଙ୍କର ଧର୍ମଚେତନା ଜାଗ୍ରତ ହୋଇଥିଲା । ତାଙ୍କର ପିତା ପାଠ ପଢ଼ିବା ପାଇଁ କହିବାରୁ ସେ ପରମଙ୍କର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି 'ଅବିଦ୍ୟା ହିଁ ମୋର ଲକ୍ଷ୍ୟ ଏବଂ ସେହି ଅବିଦ୍ୟାରୂପେ ପରଂବ୍ରହ୍ମଙ୍କୁ

ଲାଭ କଲେ ସବୁ ପାଇବି' ଏହି କଥା ଦର୍ଶାଇଥିଲେ । (୨୩)

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କ ଘରୁ ଭିକ୍ଷା ଗ୍ରହଣ କରୁଥିଲେ । ପ୍ରତ୍ୟେକ ନାରୀକୁ ପ୍ରକୃତି ରୂପିଣୀ ମାତା ଓ ପୁରୁଷଙ୍କୁ ପରମଙ୍କ ପ୍ରତୀକ ରୂପେ ସେ ଜ୍ଞାନ କରୁଥିଲେ । ବେଦାନ୍ତର ସିଦ୍ଧାନ୍ତ - ଆତ୍ମା ସ୍ତ୍ରୀ କିମ୍ବା ପୁରୁଷ ନୁହଁନ୍ତି; ଯେତେବେଳେ ଯେଉଁ ଶରୀର ଆଶ୍ରୟ କରନ୍ତି ତଦନୁଯାୟୀ ସ୍ତ୍ରୀ ପୁରୁଷ ବିବେଚିତ ହୁଅନ୍ତି । (୨୪) ଆତ୍ମା ମାୟାବଦ୍ଧ ହୋଇ ଜୀବ ସଂଜ୍ଞା ଧାରଣ କରେ; ମାତ୍ର ମୁକ୍ତ ଆତ୍ମା ପରମ ବା ପୁରୁଷସଞ୍ଜ୍ଞକ ହୁଏ । ଏଥିରୁ ଅନୁମିତ ହୁଏ ଯେ ଅରକ୍ଷିତ ଦାସ ଏହି କଥା କହିବା ପୂର୍ବରୁ ସିଦ୍ଧ ଥିଲେ

୨୨. ବିଦ୍ୟାଟି ବେଦ ଯେ ବୋଲାଇ, ତହିଁରେ ମୋର କାର୍ଯ୍ୟ ନାହିଁ ଭାବେ
ଅବିଦ୍ୟା ପରମକୁ, ଭାବେ ଭରସା ମୋର ତାଙ୍କୁ ।

-ବାଲ୍ୟବୋଧ, ୩ୟ କଳ୍ପ, ଅରକ୍ଷିତ ଦାସ

୨୩. ପରମରୁ ଟି ଜୀବଜାତ ଏକା ପୁରୁଷ ଦୁଇ ମତ ।
ସଂସାରେ ଖେଳିବା ନିମନ୍ତେ ଏକରୁ ଦୁଇ ହେଲେ ଚିତେ ।

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ-୯୫ ଅଃ ।

ହୋଇଥିଲେ ଅଥବା ମାୟାମୁକ୍ତ ହୋଇ ସିଦ୍ଧି ଅର୍ଜନ କରିଥିଲେ ।

ଏହି ମହାପୁରୁଷଙ୍କର ଆଚରିତ ମାର୍ଗରେ ବୌଦ୍ଧର ଶୂନ୍ୟବାଦ କିମ୍ବା ବୈଷ୍ଣବର ଦ୍ୱୈତବାଦ ଦେଖିବାକୁ ମିଳେ ନାହିଁ । (୨୨) ଦ୍ୱୈତାଦ୍ୱୈତବାଦର ଇଙ୍ଗିତ ମାତ୍ର ଥିଲେ ହେଁ ମୂର୍ତ୍ତି ବା ପ୍ରତିମାପୂଜା ଏହି ମାର୍ଗରେ ନିଷିଦ୍ଧ । (୨୪) ରାମକୃଷ୍ଣାଦି ଅବତାର ଓ ଦେବଦେବୀଙ୍କ ସତା ବ୍ରହ୍ମାଂଶ ସ୍ୱରୂପ ଗୃହୀତ ହେଲେ ହେଁ ଏହାକୁ ମୁଖ୍ୟ ଭାବରେ ଗ୍ରହଣ

କରାଯାଇ ନାହିଁ । ଏଥିରେ ବୈଷ୍ଣବମାନଙ୍କ ପରି 'ରାମକୃଷ୍ଣ ହରି' ଜପ କରିବାର ଆବଶ୍ୟକତା ନାହିଁ । ସୁତରାଂ ଆତ୍ମାକୁ ନଚିହ୍ନି କେବଳ ମାଳା ଜପିବା ନିରର୍ଥକ ବୋଲି ଅରକ୍ଷିତଙ୍କ ମତ । (୨୫)

ଅରକ୍ଷିତଙ୍କ ଶିଷ୍ୟବୃନ୍ଦ 'ନାମ ଫଳକ' ଧାରଣ କରି ପରଂବ୍ରହ୍ମଙ୍କ ନିରାମୟ ଉପାସନା କରିବାକୁ ଶ୍ରେୟ ମଣିଥାନ୍ତି । ଏମାନେ ନିଃସଙ୍ଗ ଓ ନିର୍ଲିପ୍ତ ଭାବରେ ନିଜ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଉଦାସୀନ ହୋଇ କେବଳ ମହାଶୂନ୍ୟ ତଥା ନାମବ୍ରହ୍ମର ଏକନିଷ୍ଠ ଧ୍ୟାନରେ ନିମଗ୍ନ ରହନ୍ତି । ଏମାନଙ୍କ ମତରେ ନାମ ହିଁ ସତ୍, ଜଗତ ମିଥ୍ୟା । "ମୋକ୍ଷପଥର ନିୟନ୍ତ ଏହି ନାମର ମହିମା ଅନନ୍ତ" । (୨୬) ବ୍ରହ୍ମବାଚକ ନାମ ମଧ୍ୟରେ ଏକାକ୍ଷର ଓଁକାର ହିଁ ମୁଖ୍ୟ ।

୨୪. ଅନାସକ୍ତ ସନ୍ଥ ଅରକ୍ଷିତ ବୌଦ୍ଧସନ୍ୟାସୀଙ୍କ ତୁଲ୍ୟ ବିଶ୍ୱାସହୀନ ଅଧ୍ୟାତ୍ମବାଦୀ ନୁହନ୍ତି । ସେଥିପାଇଁ ସେ ଶୂନ୍ୟର ସତ୍‌କୁ ଲକ୍ଷ୍ୟ କରି ତାହା ମହାକାଶ ବିଶେଷ ବୋଲି ଗ୍ରହଣ କରିଅଛନ୍ତି ।

୨୫. କାଷ୍ଠ ପାଷାଣ ପିତୁଳାକୁ       ଦେବତା ବୋଲି ପୂଜି ତାକୁ ।
ସେ କେବେ ଗତି ମୁକ୍ତି ଦେବ  ଏହା ନଜାଣେ ମୂଢ଼ ଜୀବ ।

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୨୬. ମାଳା ତୁମ ଖଣ୍ଡ ଖଣ୍ଡ ଭଜନ ହିଁ ଖଣ୍ଡ
ଆତ୍ମାକୁ ନ ଚିହ୍ନିଣ ଯେ ହୃଦେ ବହେ ଭଣ୍ଡ ।

-ଭକ୍ତଟୀକା, ୨ୟ ଅଃ, ଅରକ୍ଷିତ ଦାସ

୨୭. ସେ ନାମ ବ୍ରହ୍ମାଣ୍ଡେ ଘୋଟିଛି ସେହି ନାମକୁ ମୁଁ ଭାବୁଛି ।
ନାମ ଜଳ ସ୍ଥଳ ଅନଳ କେହି ନ ପାନ୍ତି ତାର ଥଳ ।

## ଶୂନ୍ୟ ପୁରୁଷ

ସେ ନାମ ସର୍ବ ଜୀବେ ଅଛି ଭାବ ତୁ ଭୟ ନାହିଁ କିଛି ।

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

ଏହି ଶବ୍ଦ ବ୍ରହ୍ମ ସାହାଯ୍ୟରେ ଯୋଗୀର ମନ ପ୍ରାଣ ଊର୍ଦ୍ଧ୍ୱଗାମୀ ହୋଇ ପରମାନନ୍ଦରେ ମୁଗ୍ଧ ହୋଇଯାଏ । ସେଥିପାଇଁ ଶୂନ୍ୟବାଦୀଗଣ ନାମର ମାହାତ୍ମ୍ୟ ସ୍ୱୀକାର କରି ନାମବ୍ରହ୍ମଙ୍କୁ ନମସ୍କାର କରିଥାନ୍ତି - 'ନାମ ରୂପାୟ ବୈ ନମଃ ।' (୨୬) ନାମ ବ୍ୟତୀ ରୂପର ସାର୍ଥକତା ନଥାଏ । ମାନବ ଶରୀରରେ ଜୀବ ପରମର ଅବସ୍ଥିତି; ତାହା ଉପରେ ଅଣାକ୍ଷର ଓ ତଦୂର୍ଦ୍ଧ୍ୱରେ ନିରାକାର । ସେହି ଜ୍ଞାନ ହିଁ ମହାଶୂନ୍ୟ ଏବଂ ସେହିଠାରୁ ହିଁ ଯଥାର୍ଥରେ ଶ୍ରେଷ୍ଠ ଭକ୍ତ । (୨୭)

ଅରକ୍ଷିତଙ୍କୁ ଅନେକ ଆଜ୍ଞାଧର୍ମର ପ୍ରବର୍ତ୍ତକ ରୂପେ ମନେ କରନ୍ତି । ସମଗ୍ର ସୃଷ୍ଟି ବିଶ୍ୱର ମୂଳଧାର ପରଂବ୍ରହ୍ମଙ୍କ ଆଜ୍ଞାରେ ପରିଚାଳିତ ହେଉଛି ବୋଲି ସନ୍ଥମାନଙ୍କର ବିଶ୍ୱାସ । ସେଥିପାଇଁ ସେମାନେ ପ୍ରତ୍ୟେକ ନିଜ ନିଜକୁ ଈଶ୍ୱରଙ୍କର ଆଜ୍ଞାନୁବର୍ତ୍ତୀ 'ଦାସ' ବୋଲି ସ୍ୱୀକାର କରନ୍ତି । 'ଆଜ୍ଞା' ଅର୍ଥରେ ଭଗବାନଙ୍କର ଆଦେଶ, ମହିମା, ମହତ୍ତ୍ୱ, ଯଶ, ପ୍ରଶସ୍ତି, ଖ୍ୟାତି ଓ ଗୌରବ ପ୍ରଭୃତି ଗ୍ରହଣୀୟ । ସନ୍ଥ ଭଈରୀ ଦାସ, ଚୈତନ୍ୟ ଦାସ, ହାଡ଼ିଦାସ ଓ ଭୀମଭୋଇ ଆଦିଙ୍କ ଗ୍ରନ୍ଥରେ ଏହି ଆଜ୍ଞାର ମହିମା ଉଦ୍‌ଘୋଷିତ ହୋଇଅଛି । ଅରକ୍ଷିତ ଦାସ ମହୀମଣ୍ଡଳ ଗୀତାର ବିଭିନ୍ନ ପରିଚ୍ଛେଦରେ ସେହି କଥାହିଁ ପରିକୀର୍ତ୍ତିତ । (୨୮)

ଅରକ୍ଷିତ ଦାସ ଜ୍ଞାନର ମହତ୍ତ୍ୱ ସ୍ୱୀକାର କଲେ ହିଁ ଭଗବତ୍‌ପ୍ରାପ୍ତି ପାଇଁ ଭକ୍ତିକୁ ଶ୍ରେଷ୍ଠ ମାର୍ଗ ରୂପେ ଦର୍ଶାଇଛନ୍ତି । ଶ୍ୱେତାଶ୍ୱେର ଉପନିଷଦ, ମହାନିର୍ବାଣ ତନ୍ତ୍ର ଏବଂ ସଂସ୍କୃତ 'ପଂଚଦଶୀ' ଗ୍ରନ୍ଥରେ ଜ୍ଞାନ ପ୍ରସଙ୍ଗରେ ବହୁ ଆଲୋଚନା କରାଯାଇଅଛି । 'ଶ୍ରୀମଦ୍ ଭାଗବତ ମହାପୁରାଣ'ରେ କୈବଲ୍ୟ ହିଁ ସାତ୍ତ୍ୱିକ ଜ୍ଞାନ

ରୂପେ ଅଭିହିତ, ତଥାପି ଏହି ଜ୍ଞାନରେ ସଂଶୟ ଓ

୨୬. ସ୍ୱୟମ୍ଭୁ ବେଉଷା କଲାଟି ଯେହୁ

୨୭. ନାମରେ ବେଉଷା କଲେଟି ଯେହୁ

ଭକତ ମଧ୍ୟେ ଟାଣ ଅଟେ ସେହୁ ।

-ତତ୍ତ୍ୱବୋଧନୀ ଟକୀ, ୨୯ ଅଃ, ଅଚ୍ୟୁତାନନ୍ଦ ଦାସ

୨୮. ସମୁଦ୍ର ବାଲି ଗଣି ହେବ । ଆଜ୍ଞା ମହିମା କେ କହିବ ।

ଆଜ୍ଞା ମହିମା ଭାବେ ରସ । କହଇ ଅରକ୍ଷିତ ଦାସ

ଆଜ୍ଞାର ମହିମା ଅପାର । ସୁଜନେ ଏହା ହେତୁ କର ।

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

ଅହଂକାର ଆସେ ବୋଲି ସନ୍ଥ ବର୍ଗ ବାସନାଶୂନ୍ୟ ଓ ଫଳତ୍ୟାଗୀ ହୋଇ ସମସ୍ତ କର୍ମ ଈଶ୍ୱରଙ୍କୁ ସମର୍ପଣ କରିଥାନ୍ତି । ତାହା ହିଁ ପ୍ରପତି ଭାବ ଓ ଶରଣାଗତି । ମହାମତି ଶଙ୍କର ଭକ୍ତିକୁ ମୁକ୍ତିର ସୋପାନ ରୂପେ ଦର୍ଶାଇଛନ୍ତି । ଗୀତା ଏବଂ ଶାଣ୍ଡିଲ୍ୟ ଭକ୍ତିସୂତ୍ର ପ୍ରଭୃତି ଗ୍ରନ୍ଥରେ ଭକ୍ତିର ଶ୍ରେଷ୍ଠତା ସ୍ୱୀକାର୍ଯ୍ୟ । ସନ୍ଥକବି ବଳରାମ ଦାସ ଏହାର ଉପାଦେୟତା ବିଷୟରେ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି -

"ସର୍ବଜ୍ଞାନମାନଙ୍କରୁ ଭକ୍ତିଯୋଗ ଶ୍ରେଷ୍ଠ ।
ଅବଶ୍ୟ ଫିଟଇ ମୋହ-ତିମିର-କବାଟ ॥
ନ ଲାଗଇ ପାପମାନ ଭବତାପ ନାଶେ ।
ଯେହ୍ନେ ତୂଳା କୁଡ଼ମାନ ଦହଇ ହୁତାଶେ ॥" (୨୯)

ଅନ୍ତର୍ଦୃଷ୍ଟି ସମ୍ପନ୍ନ କବି ଭୀମ ଭୋଇ ମଧ୍ୟ ଭକ୍ତିଭାବ ବ୍ୟତିରେକ ସଦ୍‌ଜ୍ଞାନ ପ୍ରାପ୍ତି ଜୀବ ପକ୍ଷରେ ଅସମ୍ଭବ ବୋଲି କହିଅଛନ୍ତି । (୩୦)

ବ୍ରହ୍ମବିତ୍ ଅରକ୍ଷିତ ଦାସଙ୍କ ରଚନାରେ ସେହି ତଥ୍ୟର ପୁନରାବୃତ୍ତି ଦେଖିବାକୁ ମିଳେ । (୩୧)

ନିର୍ଗୁଣ ଭକ୍ତିକୁ ଉପନିଷଦରେ 'ଅଭେଦଭକ୍ତି' ବୋଲି କୁହାଯାଇଛି । ଏହାର ଅର୍ଥ ଜୀବର ବ୍ରହ୍ମଙ୍କ ସହିତ ଅଭିନ୍ନତାବୋଧ । ଆବ୍ରହ୍ମସ୍ତମ୍ଭ ସଚରାଚର ଜାଗତିକ ସମସ୍ତ ବସ୍ତୁରେ ଚିନ୍ମୟ ।

୨୯. ଛତିଶଗୁପ୍ତଟୀକା, ଭଣିତା-ବଳରାମ ଦାସ ।

୩୦. "ବିନା ଭକ୍ତିରେ ହେ ପ୍ରାପତ ନୋହଇ ସଦଜ୍ଞାନ ।"

-ଭଜନମାଳା-୮, ଭୀମଭୋଇ ଗ୍ରନ୍ଥାବଳୀ, ପୃ-୪୦୩

ସଂ-ବୀରକିଶୋର ଦାସ

୩୧. "ଭକତି ଯୋଗୁ ତୁ ସାଧିଲେ ଯୁଗ ଯୁଗାନ୍ତେ ଥିବୁ ଭଲେ ।
ଅଜର ଅମର ତୁ ହେବୁ ଯେବେ ତୁ ଏ ଯୋଗ ସାଧିବୁ ।"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ ।

ପୁନଶ୍ଚ,

ତପ ତୀର୍ଥ ବାରବ୍ରତ ପୂଜା ହୋତ୍ର ମିଛ
ତତ୍ତ୍ୱ କରି କହୁଅଛି ଭକ୍ତି ଭାବେ ପଶ ।

-ଡୁବୁଡୁବା ଚଉତିଶା, ଅରକ୍ଷିତ ଦାସ

ପରଂବ୍ରହ୍ମଙ୍କର ସତ୍ତା ବିଦ୍ୟମାନ । (୩୨) ତାହା ଅଜ୍ଞାନତଃ ଭିନ୍ନ ରୂପେ ବୋଧ ହେଲେ ହେଁ ସ୍ୱରୂପତଃ ଏକ ଓ ଅଭିନ୍ନ । ବିଭିନ୍ନ ପ୍ରକାର ଗାଈ ଥିଲେ ମଧ୍ୟ ସମସ୍ତଙ୍କର କ୍ଷୀର ଶ୍ୱେତ ବର୍ଣ୍ଣ । (୩୩) ଏକ ସୂର୍ଯ୍ୟ ବିଭିନ୍ନ ଘଟରେ ଯେପରି ବହୁ ରୂପେ ଦୃଶ୍ୟ ହୁଏ ପରମାତ୍ମା ତାଦୃଶ ସର୍ବଘଟରେ ଏକାତ୍ମଭାବେ ବିରାଜମାନ କରିଥାନ୍ତି । (୩୪) ଗୋଟିଏ, ଦୀପ, ମାତ୍ର

ସେଥିରୁ ଅନନ୍ତ ଶିଖାର ପ୍ରଜ୍ଜ୍ୱଳନ ସମ୍ଭବ । (୩୫) ସୁବର୍ଣ୍ଣ ନିର୍ମିତ ନାନା ଅଳଙ୍କାରକୁ ନିଆଁରେ ଆଉଟି ଦେଲେ ତା' ଯେପରି ଅଖଣ୍ଡ ଓ ଅବିଭାଜ୍ୟ ରୂପେ ପରିଣତ ହୁଏ, ସେହିପରି ଏକ ଓ ଅଦ୍ୱିତୀୟ ପରମାତ୍ମା ହିଁ ଅନେକ ରୂପରେ ପ୍ରତିଭାତ ହୋଇଥାନ୍ତି । (୩୬) ଏହି ଔପନିଷଦିକ ତତ୍ତ୍ୱରାଜି 'ଅପଢ଼ା ପଣ୍ଡିତ' ସନ୍ଥମାନଙ୍କ ରଚନାରେ ମୁଖ୍ୟ ସ୍ଥାନ ଗ୍ରହଣ କରିଛି ।

୩୨. "ବାୟୁର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ

ରୂପଂ ରୂପଂ ପ୍ରତିରୂପୋ ପଭୁବ

ଏକସ୍ଥା ସର୍ବ ଭୁତାନ୍ତରାତ୍ମା

ରୂପଂ ରୂପଂ ପ୍ରତିରୂପେ ବହିଶ୍ଚ ।"

-କଠୋପନିଷଦ, ୨ୟ ବଲ୍ଲୀ

୩୩. "ଗାଈଟି ନାନା ବର୍ଣ୍ଣଧରେ କ୍ଷୀର ତା ଏକଇ ପ୍ରକାରେ ।"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୩୪. ଲକ୍ଷେ ପାଣିକୁମ୍ଭ ରଖିବା ଲକ୍ଷେ ଲୋକଟି ଯେ ଚାହିଁବା । ଏକା ସୂର୍ଯ୍ୟଟି ଲକ୍ଷେ ହୋଇ ଚାହାନ୍ତେ ସର୍ବ ଘଟେ ସେହି ।"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୩୫. ଦୀପ ଗୋଟି ଜାଳି ଦେବା ଲକ୍ଷେ ବଳିତା ଯେ ଆଣିବା । ଲଗାନ୍ତେ କେବେ ନ ସରଇ ସେହି ଶିଖାଟା ଜଳୁଥାଇ । ସର୍ବଘଟରେ ଏକ ବ୍ରହ୍ମ ଏହା ତୁ ଚିତେ ଅନୁମାନ ।"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୩୬. "ସୁବର୍ଣ୍ଣ ମୁଣ୍ଡାଏ ଆଣିବା ନାନା ଅଳଙ୍କାର କରିବା ।

ତାହାକୁ ଏକଠାବ କରି ଆଉଟି ଦେବା ଅଗ୍ନି ଭରି ।

ଭିନ୍ନଟି କେବେ ନ ଦିଶଇ ଏକ ବ୍ରହ୍ମଟି ସର୍ବ ଦେହୀ ।''

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

ସେଥି ମଧ୍ୟରୁ ବଳରାମ ଦାସଙ୍କ ଅମରକୋଷ ଗୀତା (୩୭), ଛତିଶ ଗୁପ୍ତଗୀତା (୩୮), ତ୍ରିଲୋଚନ ଦାସଙ୍କ ଗୋବିନ୍ଦଗୀତା (୩୯) ଏବଂ ସନ୍ଥ କବୀରଙ୍କ ରଚନା (୪୦) ଏହିଭଳି ବହୁ ବର୍ଣ୍ଣନାରେ ପରିପୂର୍ଣ୍ଣ ।

୩୭. "ସମସ୍ତ ଘଟ ଏକ କରି ସକଳ ଘଟେ ଜଳ ପୂରି ।
ଚାହିଁଲେ ସର୍ବଘଟେ ବସି ଏକ ହୋଇଲେ ପରକାଶି ।
ଘଟ ଭାଙ୍ଗିଲେ ଜଳ ଗଲା ସେ ଜଳ ଶୂନ୍ୟେ ଲୀନ ହେଲା ।
ଏରୂପେ ସକଳ ଶରୀରେ ପୂରି ଅଛନ୍ତି ଅଣାକାରେ ।

୩୮. "କାଳୀ ପାଟଳୀ ଦବଳୀ ଶ୍ୟାମଳୀ ଯେ ନାନାବର୍ଣ୍ଣ ଗାଈଥାଇ
ଦୁଧ ତା ଧବଳ ନୋହେ କଳାନୀଳ ଆତ୍ମା ତେହ୍ନେ ପ୍ରକାଶଇ ।
ଏଥୁ ଅନ୍ୟ ନାହିଁ ଏକ ବ୍ରହ୍ମ ସିନା ବିଚାରିଲେ ଅଦ୍ୟ ପ୍ରାନ୍ତ
ସହସ୍ର ଘଟରେ ଜଳ ମଧ୍ୟେ ଯେହ୍ନେ ଦିଶଇ ଏକ ଆଦିତ୍ୟ ।''

୩୯. "ସୁନା ରୂପାରେ କଂସା ତମ୍ବାରେ ପୁଣି ପିତଳ ମାଟି ଘଟରେ
ଜଳ ପୂରାଇଣ ଚାହିଁବା ତହିଁକି ଏକ ପରମ ପୁରୁଷ
ସେହିମତେ ସର୍ବ ଭୂତରେ ଅଛନ୍ତି ଏକ ପରମ ପୁରୁଷ
ତୋହର ମୋର ହେତୁ ଏକ ଆତ୍ମା ସର୍ବଭୂତେ ପରକାଶ ।
ଶ୍ୟାମଳୀ ଧବଳୀ ନାଲି କାଳି ପୁଣି କେହି ଅଟଇ କହରି
ନାନା ବର୍ଣ୍ଣରେ ଯେ ଗାଈମାନେ ଛନ୍ତି ଦୁଧ ତା ଧବଳ ସରି ।
ଦୁହିଁ ମିଶାଇଲେ ବାରି ଯେ ନୁହଇ ଏକ ଅଙ୍ଗେ ଦୁଇଯାକ
ସେହି ପରକାରେ ସକଳ ଭୂତରେ ଭୂତ ଭିନ୍ନ ପ୍ରାଣ ଏକ ।

ଏକ ଦୀପରୁ ବିହୁଡ଼ି ହୁଳା କରି ଯହିଁ ଲଗାଇବା ଯେତେ ।
ଯତନ ହୋଇଣ ପରମ ବ୍ୟାପିଛି ଏକ ଅନଳ ସମସ୍ତେ ।

ଅରକ୍ଷିତଙ୍କ ବର୍ଣ୍ଣନାରେ 'ପିଣ୍ଡବ୍ରାହ୍ମାଣ୍ଡବାଦ'ର ଯେଉଁ ଅବତାରଣା ଦେଖିବାକୁ ମିଳେ ତାହା ସନାତନ ଧର୍ମର ବିଶାଳ ବେଷ୍ଟନୀ ମଧ୍ୟରୁ ଅଭୁତ ଏବଂ ପାତଞ୍ଜଳିଙ୍କ ଯୋଗସାଧନା ଦ୍ୱାରା ପରିପୁଷ୍ଟ । ଲୟଯୋଗସଂହିତାତନ୍ତ୍ର, ଶିବସଂହିତା, କପିଳଗୀତା ବୃହନ୍ନାରଦୀୟ ପୁରାଣ ଏବଂ ଶ୍ରୀମଦ୍ ଭାଗବତ ମହାପୁରାଣରେ ଶରୀରକୁ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡ ରୂପ ପରିକଳ୍ପନା କରାଯାଇ ଆତ୍ମାର ଅର୍ଚ୍ଚନା ପ୍ରତି ଆହ୍ୱାନ ଦିଆଯାଇଛି । ଗୋରଖନାଥଙ୍କ ମତରେ ଏହି ସ୍ଥାବର ଅନୁଭବ କରେ ସେହି ଯୋଗୀ ହିଁ ପଣ୍ଡିତତ୍ତ୍ୱଦର୍ଶୀ ।(୪୧) ଚର୍ଯ୍ୟାଗୀତିକାର ସରହପାଦ, ଆଦିକବି ସାରଳା ଦାସ, ପଂଚସଖାର ଅନ୍ୟତନ ସାଧକ ଅଚ୍ୟୁତାନନ୍ଦ, ସନ୍ଥ ଦ୍ୱାରିକା ଦାସ ଓ ଅନ୍ଧକବି ଭୀମଭୋଇଙ୍କ ରଚନାରେ କାୟାବାଦର ମହତ୍ତ୍ୱ ପ୍ରକଟିତ । ମହାପୁରୁଷ ଅରକ୍ଷିତ ଦାସ ସେଥିପାଇଁ ଶରୀର ସାଧନା ଉପରେ ଗୁରୁତ୍ୱ ଦେଇ ସ୍ୱପିଣ୍ଡ ମଧ୍ୟରେ ବିଶ୍ୱରୂପୀ ପରଂବ୍ରହ୍ମଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ନିର୍ଦ୍ଦେଶ ଦେଇଯାଇଛନ୍ତି ।(୪୨)

ଯୋଗ ଶାସ୍ତ୍ରାନୁମୋଦିତ କେତେକ ଆଚାର ପ୍ରକ୍ରିୟାକୁ ଅରକ୍ଷିତ ଦାସ ଉପାସନା ମାର୍ଗରେ ଗ୍ରହଣ ପ୍ରକ୍ରିୟାକୁ ଅରକ୍ଷିତ ଦାସ ଉପାସନା ମାର୍ଗରେ ଗ୍ରହଣ କରି ଶରୀର ଭିତରେ ଷଷ୍ଠଚକ୍ର, ତ୍ରିବେଣୀ ଓ ତ୍ରିକୂଟର ସନ୍ଧାନ କରିଅଛନ୍ତି । ଏହି ସାଧନା ସହିତ ସେ 'ସପ୍ତାଙ୍ଗଯୋଗ' ବିବେଚନାକୁ ମୁଖ୍ୟ ସ୍ଥାନ ଦେଇ ନିର୍ଦ୍ଦିଷ୍ଟ ତିଥି, ବାର ଓ ଲଗ୍ନ ବିଚାରରେ ଇଡା ପିଙ୍ଗଳାର ସୁନିୟନ୍ତ୍ରଣ କରିବାକୁ କେତେକ ନିୟମାନୁମୋଦିତ

୪୦. ଜଲ୍ ମେଁ କୁମ୍ଭ କୁମ୍ଭ ମେଁ କଲ୍ ହୈ ବାହାର ଭିତର ପାନୀ ।
"ଫୁଟ କୁମ୍ଭ ଜଲ୍ ଜଲ୍ ହି ସମାନା ୟହ ତଥ କହୋ ଗିୟାନୀ ।"

-କବୀର ଗ୍ରନ୍ଥାବଳୀ

୪୧. ସିଦ୍ଧ ସିଦ୍ଧାନ୍ତ ପଦ୍ଧତି - ୩/୧

୪୨. "ଶରୀରେଟି ସ୍ୱୟଂ ବ୍ରହ୍ମ ଉଦେ ତୋର ହୋଇ
ଶୁଣ କହୁଅଛି ଏକ ଭାବେ ଭଜ ତୁହି ।"

-ଭକ୍ତଟୀକା, ୩ୟ ଅଃ, ଅରକ୍ଷିତ ଦାସ

ଏହା ସହିତ କବୀରଙ୍କ ଭକ୍ତି ତୁଳନୀୟ -
"ଶରୀର ସରୋବର ଭିତରେଁ ଆଛେ କମଲ ଅନୂପ ।
ପରମ ଜ୍ୟୋତି ପୁରୁଷୋତମୋଂ ଜାକେଁ ରେଖ ନ ରୂପ ।"

-କବୀର ଗ୍ରନ୍ଥାବଳୀ

ପନ୍ଥା ଦର୍ଶାଇ ଅଛନ୍ତି । ତାଙ୍କ ମତରେ ପଂଚଭୂତ ସହିତ ନିଜକୁ ମିଶାଇ ପାରିଲେ ସାଧକର ଅଚିରେ ପରମପଦ ପ୍ରାପ୍ତି ହୋଇଥାଏ । (୪୩)

ସନ୍ଥ ଅରକ୍ଷିତଙ୍କ ଦାର୍ଶନିକ ତତ୍ତ୍ୱ ବିବେଚନାରେ ଆଉ ଯେଉଁ ପ୍ରସଙ୍ଗର ଅବତାରଣା କରାଯାଇଛି, ତନ୍ମଧ୍ୟରେ ସୃଷ୍ଟି ପ୍ରକ୍ରିୟା, ଓଁ କାର ମହିମା ଏବଂ ଗୁରୁବାଦର ମହତ୍ତ୍ୱ ସ୍ୱୀକାର୍ଯ୍ୟ । ସୃଷ୍ଟିପ୍ରକ୍ରିୟା କଥା କହିବାକୁ ଯାଇ ସେ ମୁଖ୍ୟତଃ ଶୂନ୍ୟକୁ ପରମାକାଶ ରୂପେ ନିର୍ଦ୍ଦେଶ କରିଅଛନ୍ତି । ଓଁ କାର ବର୍ଣ୍ଣନାରେ ସେହିପରି ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ ଓ ଅରୂପ ବ୍ରହ୍ମଙ୍କ ଦର୍ଶନତତ୍ତ୍ୱ ପ୍ରତିଫଳିତ ହୋଇଅଛି । (୪୪) ଗୁରୁଙ୍କର ମାହାତ୍ମ୍ୟ ଦର୍ଶାଇବାକୁ ଯାଇ ସେ ଗୁରୁଙ୍କୁ ପରଂବ୍ରହ୍ମଙ୍କ ସ୍ୱରୂପ ବୋଲି ପରିକଳ୍ପନା କରିଅଛନ୍ତି । ତାଙ୍କ ମତରେ ଗୁରୁସେବା ଦ୍ୱାରା ବ୍ୟକ୍ତିମାତ୍ରକେ ଭକ୍ତି ଓ

ମୁକ୍ତି ପ୍ରାପ୍ତ ହୋଇଥାନ୍ତି । ନାମ ତତ୍ତ୍ୱ ଜାଣିବା ପାଇଁ ସାଧନା ପଥରେ ଗୁରୁହିଁ ଏକମାତ୍ର ଅବଲମ୍ବନ ବୋଲି ତାଙ୍କର ମତ । (୪୫)

ସେ ଯଥାର୍ଥ ଥିଲେ ବ୍ରହ୍ମବିତ୍ । ଶ୍ରୀ ଜଗନ୍ନାଥଙ୍କ ଦର୍ଶନରୁ ବଂଚିତ ହୋଇ ପ୍ରତ୍ୟାବର୍ତନ କରିବା ପଥେ ତାଙ୍କ କଣ୍ଠରୁ ନିମ୍ନୋକ୍ତ ବାଣୀ ନିଃସୃତ ହୋଇଥିଲା-

"ବୋଇଲି ଏଥି କାର୍ଯ୍ୟ ନାହିଁ
ବ୍ରହ୍ମାଣ୍ଡେ ପୂରିଅଛି ସେହି ।"

(ମହୀମଣ୍ଡଳ ଗୀତା)

ଗୀତାର ଏହି ପରମ ତତ୍ତ୍ୱ ସମ୍ବଳିତ ମହାଭାବ ଅରକ୍ଷିତ ଦାସଙ୍କ ହୃଦୟରେ ସଦାସର୍ବଦା ପରିସ୍ଫୁରିତ ହେଉଥିଲା । ସତ୍ୟ ସନ୍ଧାନରେ ବ୍ରତୀ ହୋଇ ବୈରାଗ୍ୟକୁ ବରଣ କରି ସେ ଜନସମାଜର କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିଯାଇଛନ୍ତି ।

୪୩. "ଏ ପଂଚଭୂତ ସଙ୍ଗେ ଦେହ ମିଶାଇ ଆନନ୍ଦରେ ରହ ।
ତେବେ ଅମର ହେବୁ ଜାଣ ତୋ ପୃଥ୍ୱୀ ଥିବ ସଦାଦିନ ।"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୪୪. "ଓଁ କାର ପରମ ପୁରୁଷ କହଇ ଅରକ୍ଷିତ ଦାସ"

-ମହୀମଣ୍ଡଳ ଗୀତା, ଅରକ୍ଷିତ ଦାସ

୪୫. "ଗୁରୁ ମିଳଇ ଯାକୁ ସତ୍ୟ ସେ ଲୋକ ଜାଣେ ନାମ ତତ୍ତ୍ୱ ।

-ଭକ୍ତିଟୀକା, ୧ମ ଅଃ

ଏହି ଅଜାତଶତ୍ରୁ ପୁଣ୍ୟକର୍ମା, ସତ୍ୟସନ୍ଧ ମହାପୁରୁଷ ପବିତ୍ର ମାଘମାସର କୃଷ୍ଣପକ୍ଷ ଏକାଦଶୀ ତିଥିରେ (ରାମଚନ୍ଦ୍ର ଦେବଙ୍କ ୨୫ ଅଙ୍କ, ୧୨୪୫ ସାଲ ଖ୍ରୀ ୧୮୩୭) ଇହଲୀଳା ସମ୍ବରଣ କରିଥିଲେ । କେବଳ ସନ୍ଥ ଭାବରେ ନୁହେଁ, ତାଙ୍କୁ ଜାତିର ଜଣେ ନେତା, ସଂସ୍କାରକ, ଶିକ୍ଷକ ଓ ଧର୍ମୋପଦେଷ୍ଟା ରୂପେ ଅଭିହିତ କରାଯାଇପାରେ ।

# ଶୂନ୍ୟ ପୁରୁଷ

ଅରିକ୍ଷିତ ଦାସ ଠିକ୍ ଭାବେ କେତେ ଗ୍ରନ୍ଥ ଲେଖିଥିଲେ ତାହା ଜାଣିବାର ଉପାୟ ନାହିଁ । କେବଳ ସେ କାହିଁକି, ଓଡ଼ିଶାର ବହୁ ଖ୍ୟାତନାମା ସନ୍ଥଙ୍କର ରଚନା ଆଜି ଅବଲୁପ୍ତ ପ୍ରାୟ । ଇଉ ମୁଖରେ ପଡି ରାଶି ରାଶି ମୂଲ୍ୟବାନ ଖେଦା ନଷ୍ଟ ହେବାରେ ଲାଗିଛି । ସଂସ୍କୃତିର ସୁରକ୍ଷା ପାଇଁ ଲୋକଦେଖାଣିଆ କେଇପଦ ଆଶା ଓ ପ୍ରବୋଧମୂଳକ ବାକ୍ୟ ଶୁଣାଇ ଆମେସ୍ଥିରନିଃଶ୍ୱାସ ମାରୁଛୁ । ତେବେ ଏହା ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ, ସେହି ମହାପୁରୁଷଙ୍କର ଅସୀମ କରୁଣା ଓ ଆଶୀର୍ବାଦ ବଳରେ କେତୋଟି ଗ୍ରନ୍ଥ ଆମର ହସ୍ତଗତ ହୋଇଥିଲା । ଗ୍ରନ୍ଥ ପ୍ରାପ୍ତିର ଏକ ସୂଚନା ଆମେ ପାଠକମାନଙ୍କର ଅବଗତି ପାଇଁ ନିମ୍ନରେ ଉଲ୍ଲେଖ କରୁଅଛୁ ।

୧୩/୭/୧୯୭୮ ମସିହାରେ ଓଳାଶୁଣି ପୀଠ ପରିଦର୍ଶନ କରିବାକୁ ଯାଇ ଆମେ ତତ୍କାଳୀନ ମହନ୍ତ ଶ୍ରୀ ଲଛମନ ଦାସଙ୍କ ସାନ୍ନିଧ ଲାଭ କରି ତାଙ୍କ ପାଖରୁ ଅରକ୍ଷିତ ଦାସଙ୍କ କେତେକ ପୋଥି ପାଇଥିଲୁ । ସେହି ପୋଥିଗୁଡିକ ମଧ୍ୟରେ ଭକ୍ତିଟୀକା, ଶକାବ୍ଦ, ଅବଦୂତ ସଂହିତା, ଆତ୍ମବୃତାନ୍ତ ଭଜନ ଓ ଅନ୍ୟ କେତେକ ଜଣାଣ, ଭଜନ ଓ ଚଉତିଶା ଆଦି ପ୍ରଧାନ । ଇତି ପୂର୍ବରୁ ୧୯୬୭ ମସିହାରେ ଗଞ୍ଜାମର ଖଲ୍ଲିକୋଟ ସାନ୍ଧ୍ୟ ମହାବିଦ୍ୟାଳୟରେ ଅଧାପନା କରୁଥିବା ସମୟରେ ଆମେ କେତେକ ସ୍ଥାନରୁ ମହାପୁରୁଷ "ମୋକ୍ଷ ଉପାଧି" ଦେଖିବାକୁ ପାଇ ତାହା ନକଲ କରି ଆଣିଥିଲୁ । ମହାପାତ୍ର ନୀଳମଣି ସାହୁଙ୍କ ପରାମର୍ଶ କ୍ରମେ ଆମେ ବି.ଜେ.ବି. ସାନ୍ଧ୍ୟ ମହାବିଦ୍ୟାଳୟରେ ଥିବାବେଳେ ଦିନେ ଖଣ୍ଡଗିରି ପରିଭ୍ରମଣରେ ଯାଇ ଅରକ୍ଷିତଙ୍କ 'ପାଦୁକାଶ୍ରମ' ରେ ଉପସ୍ଥିତ ହେଲୁ । ସେଠାରେ ଆଳାପ ଆଲୋଚନା ହେବା ପରେ ତତ୍ରସ୍ଥ ସାଧୁ ଆମ୍ଭଙ୍କୁ

ମହୀମଣ୍ଡଳ ଗୁପ୍ତଟୀକା ଏବଂ ବାଲ୍ୟବୋଧ ଗ୍ରନ୍ଥ ଦୁଇଟି ଦେଖାଇଲେ । ପରବର୍ତ୍ତୀ ସମୟରେ ଆମେ ଆଶ୍ରମକୁ ଯା'ଆସ କରି ସେଗୁଡିକୁ ଉଦ୍ଧାର କରିଥିଲୁ । ଏତଦ୍‌ଭିନ୍ନ ଓଡ଼ିଶା ମ୍ୟୁଜିୟମ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରରୁ ଆମକୁ ଅରକ୍ଷିତ ଦାସଙ୍କ ଭକ୍ତିଟୀକା, ମହାକବଚ ଓ ମହୀମଣ୍ଡଳ ଗୀତା ମିଳିଲା । ମ୍ୟୁଜିୟମ୍‌ର ମହୀମଣ୍ଡଳ ଗୀତା ଓ ଭକ୍ତିଟୀକା ଅନେକାଂଶରେ ନଷ୍ଟ ହୋଇଯାଇଥିଲା । ସେଥିରୁ ପୋଠାଦ୍ଧାର କାର୍ଯ୍ୟ ସମ୍ଭବ ହେଲା ନାହିଁ । ଯା' ହେଉ, ଈଶ୍ୱରଙ୍କ କୃପାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାରକୁ ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତି ଯେଉଁ "ଭକ୍ତିଟୀକା'' ପୋଥିଟି ଦାନ କରିଥିଲେ, ତାହା କେତେକାଂଶରେ ପାଠ୍ୟ ଉପଯୋଗୀ ଥିବାରୁ ତତ୍ ସହିତ ଓଳାଶୁଣିରୁ ପାଇଥିବା ଭକ୍ତିଟୀକା ମିଳାଇ ଶୁଦ୍ଧ ସମ୍ପାଦନା କରାଯାଇଅଛି । ସ୍ୱର୍ଗତ ଲଛମନ ଦାସଙ୍କ ପ୍ରକାଶିତ ମହୀମଣ୍ଡଳ ଗୀତା ମ୍ୟୁଜୁୟମ୍‌ରୁ ମିଳିଥିବା ମହୀମଣ୍ଡଳ ଗୀତାର କେତେକାଂଶ ଓ ବହୁ ପୂର୍ବରୁ ପ୍ରିଂଟିଙ୍ଗ କମ୍ପାନୀଙ୍କ ଆନୁକୁଲ୍ୟରେ ପ୍ରକାଶିତ ଏକବିଂଶ ଅଧ୍ୟାୟ ବିଶିଷ୍ଟ ମହୀମଣ୍ଡଳ ଗୀତାକୁ ନେଇ ଯତ୍‌ପରୋନାସ୍ତି ସମ୍ପାଦନା କାର୍ଯ୍ୟ ସମ୍ଭବ ହୋଇପାରିଛି । 'ଷଡଚକ୍ରଭେଦ' ନାମରେ ଅରକ୍ଷିତ ଦାସଙ୍କ କୃତ ପୋଥିଟିଏ ଗୋଟିଏ ସ୍ଥାନରେ ଦେଖିଥିଲୁ ସତ, ମାତ୍ର ତା କୀଟକବଳରେ ପଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିବାରୁ ନକଲ କରିବା ସମ୍ଭବ ହେଲା ନାହିଁ । ଗ୍ରନ୍ଥାବଳୀର ଶେଷରେ ରହିଥିବା 'ମହାଗୁପ୍ତ ପଦ୍ମକଳ୍ପ' ଗ୍ରନ୍ଥଟି 'ସିଦ୍ଧେଶ୍ୱରୀ ପୁସ୍ତକାଳୟ' ଦ୍ୱାରା ମୁଦ୍ରିତ ହୋଇଥିଲା । ଆଜିକାଲି ପୁରାଣ ପାଠକୁ ବିକୃତ କରି ପ୍ରକାଶକମାନେ ଯେଭଳି ରୂପ ଦେଉଛନ୍ତି ତାହା ନ କହିବା ଭଲ । ସ୍ୱଳ୍ପଶିକ୍ଷିତ ପ୍ରକାଶକଙ୍କ

ସଂଖ୍ୟା ଏ ଦିଗରେ ବେଶୀ । ସେମାନେ ମୂଳତଃ ଗ୍ରନ୍ଥର ଐତିହାସିକ ଓ ସାହିତ୍ୟିକ ମୂଲ୍ୟ ନ ବୁଝି ଯେନତେନ ପ୍ରକାରେଣ ଛାପି ଦିଅନ୍ତି । 'ମହାଗୁପ୍ତ ପଦ୍ମକଳ୍ପ' ଗ୍ରନ୍ଥଟି ଅରକ୍ଷିତ ଦାସଙ୍କ କୃତି କି ନୁହେଁ କହିହେବ ନାହିଁ । ତାର କାରଣ ଏଥିରେ ବହୁ ଆଧୁନିକ ଶବ୍ଦର ସମାବେଶ ହେବା ସଙ୍ଗେସଙ୍ଗେ ନୂତନ ତଥ୍ୟ ସବୁ ସ୍ଥାନ ପାଇଛି । ତାହା ପ୍ରକୃତରେ ଶିଷ୍ୟ ମାନଙ୍କର ପ୍ରକ୍ଷିପ୍ତାଂଶ କିମ୍ବା ପୁରୋଗାମୀ ଦୃଷ୍ଟିସମ୍ପନ୍ନ ମହାପୁରୁଷଙ୍କ ଲେଖନୀ ନିଃସୃତ, ଠିକ୍ ଜାଣି ହେଉନାହିଁ । ଏଥିପାଇଁ ଆମ୍ଭେ ସେ ଗ୍ରନ୍ଥଟି ପାଠକମାନଙ୍କ ରୁଚି ଓ ବିଚାର ଉପରେ ଛାଡ଼ି ଦେଉଛୁ । ଯେହେତୁ ଅରକ୍ଷିତ ଦାସଙ୍କ ପ୍ରାପ୍ତ ସମସ୍ତ ରଚନା ଗ୍ରନ୍ଥାବଳୀରେ ସ୍ଥାନ ପାଇବାର ଆବଶ୍ୟକତା ରହିଛି, ସେହି ଦୃଷ୍ଟିରୁ ଆମ୍ଭେ ତାହା ଗ୍ରନ୍ଥରେ ସନ୍ନିବିଷ୍ଟ କରିଅଛୁ ।

ସମଗ୍ର ଗ୍ରନ୍ଥଟି ପାଠ କରିବା ପରେ ମନେ ହୁଏ, ଅରକ୍ଷିତ ଦାସଙ୍କ ସାହିତ୍ୟିକ କୃତି ଅପେକ୍ଷା ତାତ୍ତ୍ୱିକ ମୂଲ୍ୟାୟନର ଗୁରୁତ୍ୱ ଅଧିକ । କବି ନିଜର ଅନୁଭୂତି ଲବ୍ଧ ଜ୍ଞାନକୁ ଗ୍ରନ୍ଥ ମଧ୍ୟରେ ଲିପିବଦ୍ଧ କରିଯାଇଛନ୍ତି । ତାଙ୍କର ବିଚିତ୍ର ଭାବବୋଧ ଯେତେ ପ୍ରାଞ୍ଜଳ ରୂପେ ନେଇଛି, ରସବୋଧ ଦୃଷ୍ଟିରୁ ସେ ସେହି ପରିମାଣରେ ସାର୍ଥକତା ଆଣିପାରି ନାହାନ୍ତି । ଜଣେ ଧର୍ମବେତ୍ତା ଭାବରେ ବେଦ ବେଦାନ୍ତ, ଉପନିଷଦ, ପୁରାଣ, ଭାଗବତ, ଯାମଳାଦି ଗ୍ରନ୍ଥ ଏବଂ ପଂଚସଖାଙ୍କ ବର୍ଣ୍ଣିତ କେତେକ ପରମାର୍ଥ ସମ୍ବନ୍ଧୀୟ ତତ୍ତ୍ୱକୁ କବି ମୁଖ୍ୟ ଉପାଦାନ ଗ୍ରହଣ କରିଛନ୍ତି । 'ଭକ୍ତିଟୀକା' ରେ ଏ ସବୁର ସମନ୍ୱୟ କରାଯାଇଅଛି । ମହୀମଣ୍ଡଳ ଗୀତା ଓ ଭକ୍ତିଟୀକାରେ କବି ଯେଉଁ ଗଦ୍ୟ ବ୍ୟବହାର କରିଛନ୍ତି, ତାହା ବିଚାର କରିବାର କଥା ।

# ଶୂନ୍ୟ ପୁରୁଷ

ଅଷ୍ଟାଦଶ ଶତକର ଶେଷ ପର୍ଯ୍ୟାୟରେ ଗଦ୍ୟର ସ୍ୱରୂପ କିଭଳି ଥିଲା ତାହା ଅରକ୍ଷିତଙ୍କ ବର୍ଣ୍ଣନାରୁ ଉପଲବ୍ଧ ହୋଇଥାଏ । (୪୬) ଆଳଙ୍କାରିକ ବର୍ଣ୍ଣନାକୁ ବାଦ୍ ଦେଲେ ଏହି ଗଦ୍ୟକୁ କେତେକାଂଶରେ ଚତୁର ବିନୋଦର ଗଦ୍ୟ ସହିତ ତୁଳନା କରାଯାଇପାରେ । ଯେତେଦୂର ବିଶ୍ୱାସ, ସାମାନ୍ୟ ଅକ୍ଷର ପରିଚିତ ଛଡ଼ା କବି ବିଶେଷ ବିଦ୍ୟାଧ୍ୟୟନ କରି ନଥିଲେ । ସେତେବେଳେ ଯାହା କିଛି ଶୁଣି ମନେ ରହୁଥିଲା, ତାହା ସେ ନିଜ ଗ୍ରନ୍ଥରେ ସନ୍ନିବିଷ୍ଟ କରିବାକୁ ଚେଷ୍ଟା କରିଅଛନ୍ତି । କବିଙ୍କର ସଂସ୍କୃତ ଜ୍ଞାନ ସେତେ ମାର୍ଜିତ ନୁହେଁ । ତେଣୁ ସ୍ଥାନେ ସ୍ଥାନେ ସଂସ୍କୃତ ଶବ୍ଦ ସହିତ ଓଡ଼ିଆ ଶବ୍ଦର ସମନ୍ୱୟ କରି ସେ କେତେକ ଶ୍ଳୋକ ଉଦ୍ଧାର କରିଅଛନ୍ତି । ଅପୂର୍ବ ରଚନାଶୈଳୀ ଓ ନୈସର୍ଗିକ କବିତ୍ୱ

୪୬. "ସେହି ପୁରୁଷ ଗୁରୁ ହୋଇ ଦୀକ୍ଷା ଦେଲା, ହେତୁ ଦେଲା । ଏଣୁ ଗୁରୁ ବୋଲାଇଲା । ନୋହିଲେ ପୃଥ୍ୱୀରେ କେ ଗୁରୁ । ସେ ଗୁରୁ, ସେ ଶିଷ୍ୟ । ଏଣୁ କରି ଗୁରୁ ନାହିଁ । ଏକା ଗୁରୁ ଶୂନ୍ୟବ୍ରହ୍ମ ଏ କରତା, ସେ ଶ୍ରୀଗୁରୁ ।"

-ଭକ୍ତିଟୀକା, ଅରକ୍ଷିତ ଦାସ, ୪ର୍ଥ ଅଃ

ଚାତୁରୀରେ ଅରକ୍ଷିତ ଦାସଙ୍କ ଗ୍ରନ୍ଥ ବିମଣ୍ଡିତ ନହେଲେ ମଧ୍ୟ ସହଜ, ସରଳ ଏବଂ ଭାବବ୍ୟଞ୍ଜକ ଭାଷାରେ ତାଙ୍କର ହୃଦୟାନୁଭୂତିର ପରିପ୍ରକାଶ ବେଶ୍ ବର୍ତ୍ତୁଳ ଓ ମନୋଜ୍ଞ ହୋଇଅଛି । ଗ୍ରନ୍ଥାବଳୀ ପ୍ରକାଶନ ସମ୍ପର୍କରେ-

୧୯୯୦ ମସିହାର ସେ ଏକ ବାହୁଡ଼ା ଦଶମୀ ତିଥି । ମାହାଙ୍ଗା ଗ୍ରାମର 'ଖନ୍ଦୋଳ' କୁ ଏକ ସାଂସ୍କୃତିକ ପ୍ରବଚନ ଦେବାପାଇଁ ଯିବାର

ଥାଏ । ସାହିତ୍ୟିକ ଓ ନିଷ୍ଠାପର କର୍ମୀ ସେକ୍ ମତଲୁବ୍ ଅଲ୍ଲି ମୋର କଟକ ସ୍ଥିତ ବାସଭବନକୁ ଆସିଥାନ୍ତି । ସେହି ଅବକାଶରେ ଅରକ୍ଷିତ ଦାସଙ୍କ ସମ୍ପର୍କରେ ତାଙ୍କ ସହିତ ମୋର ଆଲୋଚନା ହୁଏ । ସେ ମହାଶୟ ମୋ ପାଖରେ ଥିବା ସଂଗୃହୀତ ପୋଥିଗୁଡିକୁ ଦେଖି ତୁରନ୍ତ ଛାପିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ଏବଂ ସେଗୁଡିକୁ ଯଥାଶୀଘ୍ର ଏକତ୍ର କରି ଦେବାପାଇଁ ଅନୁରୋଧ କରନ୍ତି । ଏ ଦିଗରେ ପଂଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ବିଜୟାନନ୍ଦ ସିଂହଙ୍କ ପ୍ରଚେଷ୍ଟା ଓ ପରିଶ୍ରମ ଅନସ୍ୱୀକାର୍ଯ୍ୟ । ସେ ବାରମ୍ବାର ମୋ ନିକଟକୁ ଆସି ପାଣ୍ଡୁଲିପି ସଂଗ୍ରହ କରିବାରେ ଯେଉଁ ଧୈର୍ଯ୍ୟ ଓ ସହିଷ୍ଣୁତା ଦେଖାଇଛନ୍ତି ତାହା ମୁଁ ଭୁଲିପାରିବି ନାହିଁ । ସର୍ବୋପରି ମୋର ବିଶେଷ ସହାୟକ ହୋଇଛନ୍ତି ସହୃଦୟ ବନ୍ଧୁ, ରେଭେନ୍‌ସା ମହାବିଦ୍ୟାଳୟର ପ୍ରଧ୍ୟାପକ ଡ଼ଃ ଶ୍ୟାମସୁନ୍ଦର ମିଶ୍ର । ସେ ମୋର ସମଧର୍ମା ହୋଇଥିବାରୁ ଗ୍ରନ୍ଥଟିର ମୁଦ୍ରଣ ଜନିତ ତ୍ରୁଟି ଅନେକାଂଶରେ ସୁଧାରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ । ତେଣୁ ପ୍ରୁଫ୍ ସଂଶୋଧନ ଦିଗରେ ସେ ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି ସେଥିପାଇଁ ତାଙ୍କୁ କୃତଜ୍ଞତା ଜଣାଉଛି ।

ପରିଶେଷରେ ସେକ୍ ମତଲୁବ୍ ଅଲ୍ଲିଙ୍କୁ ମୋର ଅନ୍ତରର ଶ୍ରଦ୍ଧା ଓ ସାଧୁବାଦ ଜଣାଉଛି । ଯେଉଁ ମହାପୁରୁଷ ତାଙ୍କୁ ଏହି ବିଦ୍ୟପ୍ରେରଣାରେ ବ୍ରତୀ କରାଇଛନ୍ତି, ତାଙ୍କର ସମସ୍ତ ଶୁଭାଶୀର୍ବାଦ ସେ ଲାଭ କରନ୍ତୁ ।

ଏ ଦିଗରେ ମୋତେ ଯିଏ ପ୍ରେରଣା ଓ ପରାମର୍ଶ ଦେଇଛନ୍ତି, ସେ ହେଉଛନ୍ତି ମୋର ଶିକ୍ଷାଗୁରୁ ଅବସରପ୍ରାପ୍ତ ପ୍ରଫେସର ଡ଼ଃ ଗଙ୍ଗାଧର ବଳ । ଗ୍ରନ୍ଥର ମୁଖବନ୍ଧଟି ମୁଁ ତାଙ୍କୁ ଆମୂଳଚୂଳ ପଢ଼ି ଶୁଣାଇଛି । ତାଙ୍କର

ମନ୍ତବ୍ୟ ଓ ସହଯୋଗ ପାଇଁ ମୁଁ ଗଭୀର କୃତଜ୍ଞ ।

ମୋର ପ୍ରିୟତମ ଛାତ୍ର ଅଧ୍ୟାପକ ଡଃ ଖଗେନ୍ଦ୍ରନାଥ ମଲ୍ଲିକ ଗ୍ରନ୍ଥଟିକୁ ଲୋକଲୋଚନକୁ ଆଣିବା ପାଇଁ ବାରମ୍ବାର ଅନୁରୋଧ କରିଆସିଛନ୍ତି ।

ମୋର ସହଧର୍ମିଣୀ ଶ୍ରୀମତୀ ପଦ୍ମାବତୀ ସାହୁଙ୍କ ଦାନ ଅକିଂଚିତ୍ ହେଲେ ବି ସେ ମୋତେ ଯାବତୀୟ ଗୃହଜଂଜାଳ ଭିତରେ ପାଣ୍ଡୁଲିପି ପ୍ରସ୍ତୁତ କରିବା ପାଇଁ ସମୟ ଓ ସୁବିଧା ଯୋଗାଇ ଦେଇଛନ୍ତି । ସେଥିପାଇଁ ସେ ଧନ୍ୟବାଦର ପାତ୍ରୀ ।

ମହାପୁରୁଷ ଚରଣାଶ୍ରିତ ମୋପରି ଜଣେ ଅକିଂଚନ ବ୍ୟକ୍ତିର ସଂପାଦନା କାର୍ଯ୍ୟ ଯଦି କିଂଚିତ୍ ଉପାଦେୟ ବିବେଚିତ ହୁଏ ତେବେ ମୋର, ଶ୍ରମସାଧନା ସାର୍ଥକ ହେଲା ବୋଲି ମନେ କରିବି ।

# ଓଡ଼ିଆ ସାହିତ୍ୟର ଅନନ୍ୟ ଆତ୍ମକଥା "ମହୀମଣ୍ଡଳ ଗୀତା"

**ଅଧ୍ୟାପକ ବିଶ୍ୱରଂଜନ**

ସାହିତ୍ୟର ଏକ ବିଶେଷ ବିଭାଗ ହେଉଛି - ଆତ୍ମଜୀବନୀ ରଚନା । ଯେକୌଣସି ଭାଷାର ସାହିତ୍ୟରେ ଏହାର ସ୍ୱତନ୍ତ୍ର ସ୍ୱୀକୃତି ରହିଛି । ଆତ୍ମଜୀବନୀର ଉଦ୍‌ଭବ ଓ ବିକାଶ ହେଉଛି ଏକ ଆତ୍ମିକ ଆନ୍ଦୋଳନ, ଯେଉଁଠି ସ୍ରଷ୍ଟା ଓ ସୃଷ୍ଟି, ଶିଳ୍ପୀ ଓ ତାର ଶିଳ୍ପକଳା ଏକୀଭୂତ ହୋଇଯାଆନ୍ତି । ଓଡ଼ିଆ ସାହିତ୍ୟ ଜଗତରେ ମୋ ବିଚାରରେ କବିତାର ଆଙ୍ଗିକରେ ରଚିତ ପ୍ରଥମ ଆତ୍ମଜୀବନୀ ହେଉଛି ସନ୍ଥ ଅରକ୍ଷିତ ଦାସଙ୍କର "ମହୀମଣ୍ଡଳ ଗୀତା", ଏଥିରେ ବର୍ଣ୍ଣିତ ଆଧ୍ୟାତ୍ମିକ ତତ୍ତ୍ୱ ଓ ଭକ୍ତିଭାବ ଦୃଷ୍ଟିରୁ ଏହାକୁ ହୁଏ ତ ଏକ ମହାନ୍ ଧର୍ମଗ୍ରନ୍ଥ ଭାବରେ ଗ୍ରହଣ କରାଯାଇଛି । ମାତ୍ର ଏହା ହେଉଛି ଜଣେ ରାଜକୁମାରଙ୍କ ଆତ୍ମରଚିତ - ଯିଏ ପରବର୍ତ୍ତୀ କାଳରେ ନିଜକୁ ୫ ଜଣ ଆଧ୍ୟାତ୍ମ ପୁରୁଷ ଭାବରେ ପ୍ରତିଷ୍ଠିତ କରିପାରିଥିଲେ ।

ଗଞ୍ଜାମର ବଡ଼ଖେମୁଣ୍ଡି ରାଜବଂଶର ରାଜା ପଦ୍ମନାଭ ଦେବଙ୍କର ଭାଇ ବଳଭଦ୍ର ଦେବ ହେଉଛି ଆମର ପୂଜ୍ୟ ସନ୍ଥ ଅରକ୍ଷିତ ଦାସ । କପିଳାବାସ୍ତୁର ରାଜପୁତ୍ର ସିଦ୍ଧାର୍ଥ ରାଜ ଐଶ୍ୱର୍ଯ୍ୟ ତ୍ୟାଗ କରି ବୁଦ୍ଧତ୍ୱ ଲାଭ କଲା ଭଳି ବଳଭଦ୍ରଦେବ ମଧ୍ୟ ସତର ବର୍ଷ ବୟସରେ ରାଜପରିବାରର ସକଳ ଭୋଗବିଳାସ ତ୍ୟାଗକରି ଘୁରି ବୁଲିଲେ ବଣ ଜଙ୍ଗଲ ପାହାଡ,

ସତ୍ୟ ଓ ଆତ୍ମୋପଲବ୍ଧିର ସନ୍ଧାନରେ । ନିଜ ସମ୍ବନ୍ଧରେ ସେ ଲେଖିଛନ୍ତି – ସଂସାରେ ଥିଲାବେଳେ ମୁଁ କିଛି ଭୋଗ କରି ନଥିଲି ? ମୁଁ ସଦାସର୍ବଦା ପଟ୍ଟବସ୍ତ୍ର ବ୍ୟତୀତ ଆଉ କିଛି ବ୍ୟବହାର କରୁ ନଥିଲି ଓ ମୋର ଶରୀର ସର୍ବଦା ସୁଗନ୍ଧ ଦ୍ରବ୍ୟରେ ଲିପ୍ତ ଥିଲା । ମୁଁ କୋମଳ ଶଯ୍ୟାରେ ଶୟନ କରୁଥିଲି । ମୋର ମସ୍ତକ ପୁଷ୍ପଖଚିତ ହେଉଥିଲା । ମୁଁ କେବଳ ଖୀରି ପିଠା ଓ ଖେଚଡି ଖାଉଥିଲି ଏବଂ ଅଶ୍ୱାରୋହଣ କରି ବୁଲୁଥିଲି । ମାତ୍ର ଏ ପ୍ରକାର ସଂଭୋଗର ଜୀବନକୁ ତୁଚ୍ଛ କରି ଦୀର୍ଘ ଅଠର ବର୍ଷ କାଳର ଦୁଃଖ ଯାତନା ପୂର୍ଣ୍ଣ ଭ୍ରମଣକୁ ସେ ବରି ନେଇଥିଲେ ଏବଂ ତାଙ୍କର ଏହି ଭ୍ରମଣ ତଥା ଆଧ୍ୟାତ୍ମିକ ଅନ୍ୱେଷଣ ପରିଣତି ହେଲା ଯୁବରାଜ ବଳଭଦ୍ରଦେବରୁ ସାଧକ, ସନ୍ଥ ଅରକ୍ଷିତ ଦାସରେ ରୂପାନ୍ତରୀକରଣ, ଏକ ବୈପ୍ଳବିକ ବିବର୍ତ୍ତନ ।

ତାଙ୍କ ରଚିତ ଅନେକ ଭଜନ, ଜଣାଣ, ଚଉତିଶା ଆଦି ରହିଛି । 'ମହିମଣ୍ଡଳ ଗୀତା' ହେଉଛି ତାଙ୍କର ଆତ୍ମଚରିତମୂଳକ ସର୍ବଶ୍ରେଷ୍ଠ କୃତି । ଏଥିରେ ରହିଛି ତାଙ୍କର ସାଧନା ତଥା ଜୀବନାନୁଭୂତିର ସାକ୍ଷର । ଯାଯାବରୀ ଜୀବନର ଯାତ୍ରା ପଥରେ ଏହି ସନ୍ଥକବି ଓଡ଼ିଶାର ବହୁ ସ୍ଥାନ ଭ୍ରମଣ କରିଛନ୍ତି । ସେହି ସବୁ ସ୍ଥାନର ବିବରଣୀ ସହିତ ତତ୍‌କାଳୀନ ସମାଜର ଚିତ୍ର ଏବଂ ଧାର୍ମିକ ଆଚାର ବିଚାର ସଂପର୍କରେ ବିବରଣୀ ଏଥିରେ ସ୍ଥାନ ପାଇଛି । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ସହିତ ସମ୍ପୂର୍ଣ୍ଣ ଅପରିଚିତ ହେଲେ ହେଁ ପ୍ରତିବେଶୀ ବଙ୍ଗ ପ୍ରଦେଶରେ ରାଜା ରାମମୋହନ ରାୟ ଯେଉଁ ସବୁ ଧର୍ମ ସଂସ୍କାରର ପ୍ରଚାର, ପ୍ରସାର କାର୍ଯ୍ୟରେ ବ୍ୟସ୍ତ ଥିଲେ, ଅରକ୍ଷିତ ଦାସ ମଧ୍ୟ ଅନୁରୂପ ବିଚାର ପ୍ରକାଶ କରିଥିଲେ । ହିନ୍ଦୁ ଧର୍ମରେ ପ୍ରଚଳିତ ପ୍ରତିମା ପୂଜା, ପୁରୋହିତର ବାହ୍ୟ ରୀତି ନୀତି, ଜାତିଭେଦ,

ବିରୁଦ୍ଧରେ ସେ କେବଳ ଯୁକ୍ତିସିଦ୍ଧ ଦୃଢ଼ ସ୍ୱର ଉତ୍ତୋଳନ କରିନାହାନ୍ତି ଆପଣାର ଜୀବନଚର୍ଯ୍ୟାରେ ମଧ୍ୟ ତା'ର ପ୍ରମାଣ ଓ ପରିଚୟ ପ୍ରଦାନ କରିଛନ୍ତି -

ଚଣ୍ଡାଳୁ, ବ୍ରହ୍ମଯାଏ ପୁଣ । ଭକ୍ଷିଲି ସର୍ବଘରେ ଜାଣ ॥
ତୁମ୍ଭେ ସର୍ବ ଘଟେ ବସ । ତେଣୁ ମୁଁ ଭୁଞ୍ଜାଇ ବିଶ୍ୱାସ ॥
ଯେ ଯାହା ଯା ମୋତେ ଦେଇ । ନାସ୍ତି ନକରେ ତାହା ପାଇ ॥
ଏ ସର୍ବେ ମୋର ଅର୍ଦ୍ଧ ଅଙ୍ଗ । କିମ୍ପା କରିବି ମତିଭଙ୍ଗ ॥
ସେ ତ ମୋ ଦେହରେ ଅଛନ୍ତି । ମୁହିଁ ତାହାଙ୍କ ଦେହେ ସ୍ଥିତି ॥
ଏଥିରେ ଜାତି ଭିନ୍ନ ନାହିଁ । ଏକ ଜାତିଟି ସର୍ବଦେହୀ ॥

X X X X X X X X

ନାନା ଗାଈଟି କ୍ଷୀର ଶ୍ୱେତ । ନାନା ଜାତି ଏକା ରକତ ॥
(ଷଟ୍ ଚତ୍ୱାରିଂଶ ଅଧ୍ୟାୟ, ମହୀମଣ୍ଡଳ ଗୀତା)

ମୁଁ ସକଳ ଜାତିର ଲୋକଙ୍କ ଠାରୁ ଖାଦ୍ୟ ଗ୍ରହଣ କରିଛି । ବ୍ରାହ୍ମଣଠାରୁ ଓ ଚଣ୍ଡାଳ ଠାରୁ । ହେ ବ୍ରହ୍ମ । ତୁମ୍ଭେ ଯେ ସମସ୍ତଙ୍କ ଠାରେ ବିଭାଜିତ । ଗାଭୀ ନାନା ବର୍ଣ୍ଣର ହେଲେ ମଧ୍ୟ ସମସ୍ତଙ୍କର କ୍ଷୀର ସେହି ଏକ ଶ୍ୱେତ ବର୍ଣ୍ଣର । ପୁଣି ଆଉ ଠାଏ ଲେଖିଛନ୍ତି -

ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବ । କାହାକୁ ଅଛୁଆଁ ବୋଲି ବିଚାରିବ ନାହିଁ । ପବିତ୍ର ଓ ଅପବିତ୍ର ସମସ୍ତେ ଏକ । ସେହିପରି ସ୍ତ୍ରୀ ଓ ପୁରୁଷ ମଧ୍ୟ ଅଭେଦ ।

ଓଡ଼ିଶାର ବହୁ ଦେବାଦେବୀଙ୍କ ପୀଠସ୍ଥଳୀ ବୁଲି ଦେଖିଲା ବେଳେ ସନ୍ଥକବି କୌଣସି ଦେବାଦେବୀଙ୍କ ଠାରେ ଦେବତ୍ୱ ଦେଖିପାରି ନାହାନ୍ତି ।

# ଶୂନ୍ୟ ପୁରୁଷ

ଧର୍ମର ବାହ୍ୟଦିଗଟି ପ୍ରତି ଅଯଥା ଅଧିକ ପ୍ରାଧାନ୍ୟ ଦିଆଯାଇ ଅସଲ ଅଧ୍ୟାତ୍ମ ଦିଗଟି ଉପେକ୍ଷିତ, ଅବହେଳିତ ରହିଥିବାର ସେ ଲକ୍ଷ୍ୟ କରିଛନ୍ତି । ତାଙ୍କ ଚେତନାରେ ଯେଉଁ ଆତ୍ମିକ ପରିବର୍ତ୍ତନ ଆସିଛି ତାଙ୍କ ଭିତରେ ଯେଉଁ ଆଧ୍ୟାତ୍ମିକ ଭାବର ପ୍ରସାରଣ ଘଟିଛି, ତା'ର ଏକ ଚମତ୍କାର କାବ୍ୟିକ ପରିପ୍ରକାଶ ହେଉଛି 'ମହୀମଣ୍ଡଳ ଗୀତା' । ଏହା ଏକ ଭିନ୍ନ ଭାବ ଓ ରସର ଆତ୍ମରଚିତ । ଏଥିରେ ସନ୍ଥଙ୍କ ଜୀବନର ବହିରଙ୍ଗ ଓ ଅନ୍ତରଙ୍ଗ ସାଙ୍ଗକୁ ତତ୍‌କାଳୀନ ଧର୍ମୀୟ ସମାଜର ଚିତ୍ର । ଅନୁଭବସିଦ୍ଧ ଭକ୍ତିତ୍ୱ ତଥା ଗଭୀର ମନସ୍ତତ୍ତ୍ୱର ସମାବେଶ ଘଟିଛି -

ମୁଁ ସ୍ତିରୀ ପୁରୁଷଟି ହେଲି

XXX XXX XXX

ସ୍ତ୍ରୀ ରୂପଟି ମୁହିଁ ଜାଣ
ମୁଁ ମୋତେ ମୋହୁଅଛି ପଣ ॥

XXX XXX XXX

ଗେରସ୍ତ ଭାରିଯାଟି ମୁହିଁ
ପୁଅ ଝିଅଟି ମୁଁ ବୋଲାଇ ॥ (ସପ୍ତମ ଅଧ୍ୟାୟ)

XXX XXX XXX

ମୁଁ ମୋତେ କିଣଇ ବିକଇ
ମୁଁ ମୋତେ ହାଣଇ ମାରଇ

XXX XXX XXX

ହିଂସା ରାଗ ଯେ ହେଲି ମୁହିଁ
ମୁଁ ମୋତେ କପଟ ହୁଅଇ ।

## ଶୂନ୍ୟ ପୁରୁଷ

ମନ ଓ ଚୈତନ୍ୟ ମଧ୍ୟରେ ଏକ ପ୍ରକାର କଥୋପକଥନ । ଏହି ଆତ୍ମଚରିତଟି ହେଉଛି ରାଜାରୁ ଋଷି, ଋଷିରୁ କାଳଜୟୀ କବି ହେବାର ଜୀବନ ଚରିତ । ବ୍ୟକ୍ତି ସହିତ ସମାଜ, ସଂସାର ସହିତ ସନ୍ୟାସ ଏଥିରେ ଏକୀଭୂତ । ଏହି ରାଜର୍ଷି କଟକ ଜିଲ୍ଲାର ଓଳାଶୁଣି ପର୍ବତ ଗୁମ୍ଫାକୁ ତାଙ୍କ ଜୀବନର ଶେଷ ଆଶ୍ରୟସ୍ଥଳୀ ଭାବରେ ଗ୍ରହଣ କରି ନେଇଥିଲେ, ଯାହା ବର୍ତ୍ତମାନ ଏକ ପ୍ରସିଦ୍ଧ ଧର୍ମକ୍ଷେତ୍ରରେ ପରିଣତ ହୋଇଛି ଏବଂ ଅରକ୍ଷିତଙ୍କ ଧର୍ମତତ୍ତ୍ୱ ପ୍ରଚାର କରିଆସୁଛି ।

# ଓଳାଶୁଣି ଗୁମ୍ଫା ଓ ଅରକ୍ଷିତ ଦାସ

ଶ୍ରୀ ଶରତ ଚନ୍ଦ୍ର ତ୍ରିପାଠୀ

ଘରେ ମୁହିଁ ଥିଲି ଯେତଦିନ । କି ଭୋଗ କରିନାହିଁ ପୁଣ ।
ପାଟ ପତନୀ ପୀତାମ୍ବର । ଚୁଆ ବନ୍ଦ ଅଳଙ୍କାର ।
ଖଟ ପଲ୍ଙ୍କ ଯେ ସୁପାତି । କୁଙ୍କୁମ ଶରୀରେ ଲେପନ୍ତି ।
ନାନା ପୁଷ୍ପ ଯେ ଶିରେ ଘେନି । ତୁରଙ୍ଗ ଉପରେ ଯେ ପୁଣି ।
ଖିରି ଖେଚଡ଼ି ପିଠା ଅନ୍ନ । ଖଣ୍ଡ ସାକର ଘୃତ ଅନ୍ନ ।
ନାନାଦି ଭୋଗ ଆଉ ଯେତେ । ମୁଁ କିସ କହିବଇଁ ଚିତେ ।
ଏ ସର୍ବେ ସୁଖ ଛାଡ଼ି ମୁହିଁ । ତୋତେ ସେବିଲି କଷ୍ଟପାଇ ।

(ମହୀମଣ୍ଡଳ ଗୀତା)

ଉକ୍ତ ପଦଗୁଡ଼ିକ ମହାପୁରୁଷ ଅରକ୍ଷିତ ଦାସଙ୍କ ସ୍ୱରଚିତ ମହୀମଣ୍ଡଳ ଗୀତାରୁ ଗୃହିତ । ଅରକ୍ଷିତ ଧନାଢ୍ୟ ପରିବାରର ସନ୍ତାନ ଥିବା ଏଥିରୁ ସୂଚିତ ହୁଏ । ସେ ଗଡଜାତ ରାଜ୍ୟମାନଙ୍କ ମଧ୍ୟରୁ ଗଜପତି ବଂଶ ଶାସନାଧୀନ ଗଞ୍ଜାମ ଅଂଚଳର ବୃହତ୍ ଖେମଣ୍ଡି (ବଡ଼ଖେମଣ୍ଡି) ରାଜାଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ । ନାମ ତାଙ୍କର ଥିଲା ବଳଭଦ୍ର ଦେବ । ଗୌତମ ବୁଦ୍ଧଙ୍କର ଜୀବନ ରହସ୍ୟ ତାଙ୍କ ଜୀବନର ଉପଜୀବ୍ୟ ଥିଲା । ରାଜ ପରିବାରର ସୁଖସମ୍ଭୋଗ ତାଙ୍କୁ ବାନ୍ଧି ପାରିଲା ନାହିଁ । ରାଜପୁତ୍ର ଅରକ୍ଷିତ ଯୋଗୀ ହେବାକୁ ମନ ବଳାଇଲେ । ୧୯ ବର୍ଷ ବୟସରୁ ରାଜପରିବାର ତ୍ୟାଗ କଲେ, ସେ ତାଙ୍କର ଅନ୍ୟ ଏକ ପଂକ୍ତିରୁ ଜଣାପଡେ, ସେ ଘରୁ ବାହାରି ଆସି ଘରକୁ ଚିଠି ଲେଖି ନିଜର ମତାମତ ଜଣାଇ ଦେଇଥିଲେ ।

## ଶୂନ୍ୟ ପୁରୁଷ

ଏମନ୍ତ ମନେ ମୁଁ ପାଂଚିଲି । ଘରେ ମୁଁ ଦିବସେ ଅଇଲି ॥
ଏକ ଗ୍ରାମରେ ବସାଘର । ଦିଗି ପଣ୍ଡା ନାମ ତାହାର ॥
ମୁଁ ତହିଁ କୌପିନ ମାରିଲି । ଲେଖା ଘରକୁ ଚାଳି ଦେଲି ॥
ବୋଇଲି ଖୋଜିବଟି ନାହିଁ । ଖୋଜିଲେ ପାଇବ ବା କାହିଁ ॥

(ମହୀମଣ୍ଡଳ ଗୀତା)

ବଡ଼ଖେମୁଣ୍ଡି ରାଜ ପରିବାରର ଇତିହାସରୁ ଜଣାଯାଏ ୧୭୭୪ ଖ୍ରୀ. ରୁ ୧୮୦୫ ମଧ୍ୟରେ ସ୍ୱର୍ଗତ ପଦ୍ମନାଭ ଦେବ ଓରଫ୍ ମଣିଦେବ ରାଜଗାଦି ମଣ୍ଡନ କରିଥିଲେ । ମଣିଦେବ ବଡ଼ ବିପ୍ଳବୀ ଥିଲେ । ବିଜୟନଗର ଗଡ଼ ତତ୍‌କାଳୀନ ବଡଖେମଣ୍ଡିର ରାଜଧାନୀ ଥିଲା । ପଦ୍ମନାଭ ଦେବ ଏହି ଗଡ଼ରେ ଇଂରେଜ ଶାସନ ବିରୁଦ୍ଧରେ ଅସ୍ତ୍ର ଉତୋଳନ କରି କାରାବରଣ କରିଥିଲେ । ଏହି ମହାନ୍ ଦେଶପ୍ରେମୀ ସ୍ୱାଧୀନ ଚେତା ମଣିଦେବଙ୍କର ଜ୍ୟେଷ୍ଠପୁତ୍ର ବଳଭଦ୍ର ଦେବ ଦିନେ ଏ ଓଡ଼ିଶା ଭୂଇଁରେ ଅବଧୂତ ଧର୍ମ ପ୍ରବାହ ସୃଷ୍ଟି କରି ଅଗଣିତ ଭକ୍ତ, ଶିଷ୍ୟ, ଭଗବତ ପ୍ରେମୀଙ୍କ ହୃଦ ସିଂହାସନରେ ମୁକୁଟ ବିହୀନ ସମ୍ରାଟ ରୂପେ ମହାନ ପୁରୁଷ ଅରକ୍ଷିତ ଦାସ ନାମରେ ଅଧିଷ୍ଠିତ ହେଲେ । ପିତା ତାଙ୍କର ଥିଲେ ପାପତାପ ବିଜଡ଼ିତ ଅସାର ସଂସାରର ରାଜ, କିନ୍ତୁ ସେ ହଲେ ପୁଣ୍ୟମୟ ଆତ୍ମସତା ବିଜଡିତ ପରମ ରାଜ୍ୟର ସମ୍ରାଟ । ବାପା ଥିଲେ ତାଙ୍କର ମରମାଟିର ସନ୍ତାନ, କିନ୍ତୁ ସେ ହେଲେ ଚିର ଅମର, ଶାସ୍ୱତ ଓ ଅବିନଶ୍ୱର । ଏହି ମହାନ ପ୍ରତିଭା, ଏ ଜାତିର ସଂସ୍କୃତିରେ ଏକ ବିରାଟ ପରମ୍ପରା ସୃଷ୍ଟି କରିଗଲେ । ଅଦ୍ୟାବଧି ପ୍ରପୀଡିତ ନିରନ୍ନ ଓଡ଼ିଆର ହୃଦ କନ୍ଦରରେ ଜ୍ଞାନ ଦୀପ ଜାଳିଦେଇ ଜାତିକୁ ଉଦ୍‌ଜୀବିତ କରିଦେଇ ଗଲେ । ସେ କ୍ଷୁଦ୍ର ଜାତି ଭେଦର ବହୁ ଉର୍ଦ୍ଧ୍ୱରେ ରହି ଆଚଣ୍ଡାଳ ବ୍ରାହ୍ମଣ, ଖ୍ରୀଷ୍ଟିୟାନ୍, ମୁସଲମାନ

ସମସ୍ତଙ୍କ ଘରୁ ଅନ୍ନ ଗ୍ରହଣ କରି ସର୍ବ ଧର୍ମ ସମ୍ବଳିତ ମହାନ ମାନବଧର୍ମର ପୃଷ୍ଠପୋଷକତା କରିଗଲେ ଅରକ୍ଷିତ ।

ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ରାଜଗୃହ ପରିତ୍ୟାଗ କରି କୌପୀନ ଧାରଣ ପୂର୍ବକ ଘନ ବନାନୀର ଗିରି କନ୍ଦର ଘୂରି ବୁଲିଲେ ରାଜକୁମାର । କେରାଣ୍ଡିମାଳ, ଚିତ୍ରକୂଟ, ହୁମା, ଡୁବୁଡୁବା, ହେମନ୍ତ ଝୋଲା, ଶ୍ୟାମକୁଣ୍ଡ, ଯୋଗୀ ଗୁମ୍ଫା, ମହୁର ଚାଙ୍ଗୁଡି ଦେଇ, ପାଣ୍ଡୁରା, ଖଣ୍ଡିଗରି, ଡମପଡା, ଜ୍ୱାଳା, ଅନ୍ଧାରୁଆ ଇତ୍ୟାଦି ୩୨ ଟି ପାହାଡ଼ରେ ଭ୍ରମଣ କରି ଶେଷରେ ଓଳାଶୁଣିରେ ଆଶ୍ରମ ପ୍ରତିଷ୍ଠା କଲେ । ପାହାଡ଼ର ପାଦଦେଶରେ ସ୍ୱଚ୍ଛସଲୀଳା ଗୋବରୀ ନଦୀ ସର୍ପିଳ ଗତିରେ ବହି ଚାଲିଛି । ଅନତି ଦୂରରେ ବୌଦ୍ଧପୀଠ ଲଳିତଗିରି ପାହାଡ଼ଟିର ପ୍ରାକୃତିକ ପରିବେଶ ଅତୀବ ମନୋରମ । ଏଠାରେ ଦେବୀ ଓଳାଶୁଣି ଏବେ ବି ପୂଜା ପାଇ ଆସୁଅଛନ୍ତି । ଓଳାଶୁଣି ଏକ ଶାକ୍ତପୀଠ ଓ ଏଠାରେ ତନ୍ତ୍ରପୂଜାର ବହୁଳ ପ୍ରସାର ଥିବାରୁ ଅତୀତରେ ଏହା ତନ୍ତ୍ରପୀଠ ରୂପେ ପରିଚିତ ଥିଲା, ମନେ ହୁଏ ପାହାଡ଼ଟିର ପ୍ରାକୃତିକ ପରିବେଶର ଆକର୍ଷଣରେ ଚିରଦିନ ପାଇଁ ବାନ୍ଧି ହୋଇଗଲା ରାଜକୁମାର ବଳଭଦ୍ର । ଅନ୍ୟ ଏକ ପଦରେ ଦେଖନ୍ତୁ ।

ଓଳାଶୁଣି ପର୍ବତୁ ତୁହି, କାହିଁ ନନିଅ ମୁଁ ଜଣାଇ ।
ଏ ସ୍ଥାନେ ସୁଖେ ବସିଥିବି, ଆଉ ଯେ ଭ୍ରମି ନପାରିବି ।

(ମହୀମଣ୍ଡଳ ଗୀତା)

ଏହି ସାଧନା ପୀଠରେ ବଳଭଦ୍ର ପରିଚିତ ହୁଅନ୍ତି ମହାପୁରୁଷ ଅରକ୍ଷିତ ଦାସ ନାମରେ । ତାଙ୍କ ମୁଖ ପଦ୍ମ ନିସୃତ ଜୀବନ ପରମତତ୍ତ୍ୱ ଶୁଣିବାକୁ ବହୁ ତୃଷିତ ଭକ୍ତ ରୁଣ୍ଡ ହୁଅନ୍ତି । ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ, ଜ୍ଞାନୀ ସମସ୍ତେ ଆସିଛନ୍ତି । କେହି ନିରାଶ ହୋଇ ଫେରିନି, ବ୍ରହ୍ମ ସାଧନା

ପାଇଁ, ବ୍ରହ୍ମନିଷ୍ଠ ହେବା ପାଇଁ ଯୁବାବସ୍ଥାରେ ରାଜପୁତ୍ର ଭୋଗ କରିଥିବା ଦୁଃଖ ଯାତନା ଶୁଣିଲେ ପାଷାଣ ଆଖିରୁ ବି ଲୁହ ଝରିବ ।

ଭ୍ରମଣ ବେଳର ଏକ ଘଟଣା, ଗ୍ରୀଷ୍ମ ଋତୁ । ପ୍ରବଳ ରୁଦ୍ର ତାପ ସନ୍ତାପିତ ଯୁବରାଜ ବଳଭଦ୍ର ସାତଦିନର ଉପବାସ ପରେ ପୁରୀ ଉପକଣ୍ଠରେ ଥିବା ନାରୀକେଳ ବୃକ୍ଷ ଶୋଭିତ ଉଦ୍ୟାନ ପୁଷ୍କରିଣୀରେ ଶୌଚ ହୋଇ ପ୍ରତ୍ୟାବର୍ତ୍ତନ କରୁଥିଲେ । ପୂର୍ବରାତ୍ରରେ ନାରୀକେଳ ଅପହୃତ ହେବା ହେତୁ ଉଦ୍ୟାନରକ୍ଷକ । ସେଦିନ ଥଏ ସଜାଗ ସଚେତନ । ଜାତିରେ ବାଉରୀ, ନିର୍ଦ୍ଦୟ, ନିଷ୍ଠୁର । ସେ, ଯୁବରାଜଙ୍କୁ ଚୋର ବୋଲି ସନ୍ଦେହ କରେ ଓ ବନ୍ଧନ ପୂର୍ବକ ନିଷ୍ଠୁର ଭାବେ ପ୍ରହାର କରେ ।

ବୋଇଲା ଚୋର କାହିଁ ଯାଉ । ଆଜତ କେରଖିବ କହୁ ॥
ଏମନ୍ତ ବୋଲି ଯେ ଧାଇଁଲା । କେଶ ଧରିଣ ଝିଙ୍କି ନେଲା ॥
ଭୂମିରେ ପଡନ୍ତେଣ ମୁହିଁ । ଗୋଇଠା ମାରିଲାକ ନେଇ ॥
ହାବୁକା ମାରି ପେଲି ଦେଇ । ବାଳ ଧରି କଚାଡ଼େ ଭୂଇଁ ॥
ପୁଣି ବିଧା ଚାପୁଡା ମାରି । ଉପ୍ରୋଧ ନାହିଁ ଯେ ତାହାରି ॥

ଏତିକି ବେଳେ ହଠାତ୍ ଜଣେ ବୁଢ଼ୀ ଆସି ଯୁବରାଜଙ୍କୁ ମାଡ଼ରୁ ରକ୍ଷା କଲେ । 'ସେ ଅରକ୍ଷିତଟିଏ ..... ତାକୁ ମାରନା -

ଉପାସ ଆଠ ଦିନ ହେଲା । ବଉଳ ମୂଳେ ପଡିଥିଲା ॥
ଏ ଯେବେ ରାଜାଙ୍କୁ କହିବ । ମାଡ଼ ମରାଇ ବେଢ଼ିଦେବ ॥

(ମହୀମଣ୍ଡଳ ଗୀତା)

ଦୁଃଖ ଲାଗେ - ଯେ ରାଜପୁତ୍ର ସେ ଅରକ୍ଷିତ । ସେହି ଦିନରୁ ଓଡ଼ିଶା ଭୂଇଁରେ ବୁଢ଼ୀ ଦେଇଥିବା ଅରକ୍ଷିତ ନାମରେ ପରିଚିତ ହୁଅନ୍ତି । ଯୁବରାଜ ବଳଭଦ୍ର ରାଜ ଭୋଗ, ସୁଖ ଛାଡ଼ି ପାଦରେ ଚାଲି ଚାଲି ଓଡ଼ିଶାର

## ଶୂନ୍ୟ ପୁରୁଷ

ବହୁ ଅଂଚଳ ବୁଲିଛନ୍ତି ସେ, ପାଦ ତାଙ୍କର ଥକି ପଡିଛି । ଦେହ ଦୁର୍ବଳ, ରକ୍ତହୀନ, ରୋଗଗ୍ରସ୍ତ ହୋଇଛି । କାହାରି ବାରଣ୍ଡାରେ ବା ଘରେ ଆଶ୍ରୟ ନ ନେଇ ରାସ୍ତା କଡ଼ରେ, ଗଛ ଛାଇରେ ଆଶ୍ରୟ ନେଇଛନ୍ତି । ପ୍ରବଳ ରୁଦ୍ର ତାପରେ ସିଝିଛନ୍ତି । ହେମନ୍ତର କୁହୁଡ଼ିରେ ଭିଜିଛନ୍ତି । ଅସହ୍ୟ ଶୀତପ୍ରବାହରେ ଖୋଲା ଦେହରେ ଥରିଛନ୍ତି । ଦିନେ -ମାନେ - ବର୍ଷେ ନୁହେଁ, ବହୁ ବର୍ଷ କିନ୍ତୁ ମନରେ ନାହିଁ କ୍ଲାନ୍ତି, ଅବସାଦ, ଦୁଃଖ, ଗ୍ଲାନି ବରଂ ଶୁଦ୍ଧ ସୁବର୍ଣ୍ଣର ଜ୍ୟୋତି ପରି ଦିନକୁ ଦିନ ସେ ଜାଜୁଲ୍ୟମାନ ହୋଇ ଉଠିଛନ୍ତି । ବାହ୍ୟ ଜଗତର ଦୀନତା, ଅନ୍ତର୍ଜଗତର ମହନୀୟତାରେ ରୂପାନ୍ତରିତ ହୋଇଛି । ଦୁଃଖ ଯାତନାର ଅଗ୍ନି ଦାହ ତାଙ୍କ ପରମ ବ୍ରହ୍ମଙ୍କର ନିକଟରୁ ନିକଟତର କରିଛି ।

ଖଣ୍ଡଗିରିରେ ଅବସ୍ଥାନ କାଳରେ ଧର୍ମନେତା ଆରମ୍ଭ କରନ୍ତି ଯୋଗ ସାଧନା, ଗିରି ଗୁହାରେ ନିଭୃତରେ କାଳାତିପାତ କରି ବୁଦ୍ଧତ୍ୱ ପ୍ରାପ୍ତି ହୁଅନ୍ତି ଅରକ୍ଷିତ । ଜ୍ଞାନାଲୋକଦୀପ୍ତ ସାଧୁ ଅରକ୍ଷିତ ଦେଖନ୍ତି ଜଗତ ବ୍ରହ୍ମମୟ । ସବୁଠାରେ ଅନୁଭବ କରନ୍ତି ବ୍ରହ୍ମସତ୍ତା । ଏକେନୋବା ଦ୍ୱିତୀୟମ୍ ବ୍ରହ୍ମମ୍ - ସର୍ବେ ଖଲ୍ୱିଦମ୍ ବ୍ରହ୍ମମ୍ ଧାରଣା ଦୃଢ଼ୀଭୂତ ହୁଏ ଅନ୍ତରରେ । ସାଧକ ଅରକ୍ଷିତ ଦାସ ହୁଅନ୍ତି ତ୍ରିକାଳଦର୍ଶୀ ଅନ୍ତର୍ଯ୍ୟାମୀ ।

ଏଥର ଆରମ୍ଭ ହୁଏ ଅରକ୍ଷିତଙ୍କର ଧର୍ମପ୍ରଚାର, ବହୁ ସନ୍ତାପିତ ପ୍ରାଣରେ କୃପାବାରି ସେଚନ କରିଯାଆନ୍ତି ଅକୁଣ୍ଠିତ ଚିତ୍ତରେ, ଅପୁତ୍ରିକକୁ ପୁତ୍ର ଦିଅନ୍ତି - ରୋଗୀକୁ ନୀରୋଗ କରନ୍ତି - ମୃତ୍ୟୁ ଲୋକରେ ଅମୃତତ୍ୱ ଦାନ କରନ୍ତି । ଐଶୀ ଶକ୍ତିର ବିଭୂତି ଲୀଳାରେ ସ୍ତବ୍ଧ ହୁଏ ଗଗନ ପବନ ଭକ୍ତ ବୃନ୍ଦ ଚମତ୍କୃତ ହୁଅନ୍ତି । ବହୁ ଦୂରରେ ଥାଇ ଭକ୍ତ ଡାକିଲେ ହଠାତ୍ ତା ନିକଟରେ ପହଁଚି ଅଭିଷ୍ଟ ପୂରଣ କରନ୍ତି ।

# ଶୂନ୍ୟ ପୁରୁଷ

ସେ ଏକ ପବିତ୍ର ଦିନ, ପ୍ରଥମାଷ୍ଟମୀ, ଭକ୍ତମାନଙ୍କ ଗହଣରେ ସନ୍ୟାସ ଅରକ୍ଷିତ ପଦଯାତ୍ରାରେ ବାହାରି ଥାଆନ୍ତି ଓଳାଶୁଣିରୁ ଭରତପୁର ଆଡେ । ବାଟରେ ଏଣ୍ଡୁରୀ ପିଠା ମାଗି ଆଣିଥିବା ଧୋବଣୀ ଟୋକେଇରୁ ବାବାଜୀ କୌତୁହଳ ବଶତ ପିଠାଟିଏ ନେଇ ଖାଇଦେଲେ, ଭକ୍ତଗଣ ନିଜ ନିଜ ଭକ୍ତିର ପରକାଷ୍ଠା ଦେଖାଇବାକୁ ପଛାଇଲେ ନାହିଁ । ସବର୍ଣ୍ଣ ଭକ୍ତମାନେ ଅସବର୍ଣ୍ଣର ଟୋକେଇଟି ଖାଲି କରିଦେଲେ, ବିଚାରୀ ଧୋବଣି ଖାଲି ଟୋକେଇ ନେଇ ଘରକୁ ଫେରିଲା, ସେଦିନ ସେ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ଠାରୁ କେତେ ଯେ ଗଞ୍ଜଣା ସହିଥିବ, ତାହା ହିଁ ଅରକ୍ଷିତଙ୍କୁ ଜଣା । ସର୍ବଦ୍ରଷ୍ଟାଙ୍କ ଅନ୍ତରରେ ଏ ଘଟଣା ଖୁବ୍ ଆଘାତ ଦେଲା । ଭକ୍ତମାନଙ୍କୁ ପରାଭବ ଦେବା ପାଇଁ ଇଚ୍ଛା ହେଲା, ଭରତପୁର ଥଟାରି ସାହିରେ ପହଁଚି ରଙ୍ଗ ଆଉଟା ହେବାର ଦେଖିଲେ । ସେ ସଂଗେସଂଗେ ଟକମକ ହୋଇ ଫୁଟୁଥିବା ଆଉଟାରଙ୍ଗରୁ ଏକ ଗ୍ଲାସ ପାଣି ଉଦରସ୍ଥ କରି ଭକ୍ତମାନଙ୍କୁ ସେଥିରୁ କିଛି କିଛି ପିଇବାକୁ ନିର୍ଦ୍ଦେଶ ଦେଲେ, ଭକ୍ତମାନେ ନିର୍ବାକ୍ ନିସ୍ପନ୍ଦ ପରି ଚାହିଁ ରହିଲେ ମାତ୍ର କେହି ଜଣେ ମଧ ଏଭଳି ଦୁଃସାହସିକ କାର୍ଯ୍ୟ କରିବାକୁ ଆଗେଇଲେ ନାହିଁ, ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ନିଜ ନିଜର ଭୁଲ ପାଇଁ ସେଦିନ ବାବାଙ୍କ ପାଦତଳେ ଲୋଟି ପଡ଼ିଲେ ।

ଐଶୀ ଲୀଳାର ଆଉ ଏକ କାହାଣୀ, ଓଳାଶୁଣି ପାହାଡ଼ର ଅନତି ଦୂରରେ ଅକରପଡ଼ା ଗ୍ରାମ । ମୁସଲମାନ ଜମିଦାର ମୀର୍ଜା ବାବାଜୀଙ୍କ ନିର୍ବିକାରତ୍ୱର ପରୀକ୍ଷା ପାଇଁ ସଜ ହେଲେ । ସେ ପରୀକ୍ଷା ପାଇଁ ସଜହେଲେ । ମୁସଲମାନ ଢ଼ାଂଚାରେ ବିରିଆନୀ ପ୍ରଭୃତି ଖାଦ୍ୟ ପ୍ରସ୍ତୁତ କରି ବାବାଜୀଙ୍କୁ ତାଙ୍କ ଘରେ ଭୋଜନ କରିବାକୁ ନିମନ୍ତ୍ରଣ କଲେ ।

ଅରକ୍ଷିତ ଅମ୍ଳାନ ବଦନରେ ନିମନ୍ତ୍ରଣ ଗ୍ରହଣ କଲେ ଓ ନିର୍ଦ୍ଧାରିତ ସମୟରେ ମୀର୍ଜାଙ୍କ ଘରେ ପହଁଚିଲେ । ଖାଦ୍ୟଥାଳିରୁ କଦଳୀପତ୍ର କାଢ଼ି ଦେବାକ୍ଷଣି ମୀର୍ଜାସାହେବ ଏକ ଆଶ୍ଚର୍ଯ୍ୟ ଘଟଣା ଦେଖିଲେ । ଖାଦ୍ୟରେ ସବୁ ତୁଳସୀପତ୍ର ପଡ଼ିଛି ଓ ତାହାସବୁ ଜଗନ୍ନାଥଙ୍କର ଭୋଗରେ ପରିଣତ ହୋଇଛି, ବାବାଜୀ ଆନନ୍ଦରେ ପେଟଭରି ଖାଇବାକୁ ଲାଗିଲେ । ମୀର୍ଜା ସେଦିନ ଏହି ସର୍ବଶକ୍ତିମାନ ମହାପୁରୁଷଙ୍କର ଐଶୀ ଶକ୍ତିରେ ବିଭୋର ହୋଇ କ୍ଷମା ପ୍ରାର୍ଥନା କରନ୍ତି ଓ ଜୀବନର ଅବଶିଷ୍ଟାଂଶ ଏହି ମହାତ୍ମାଙ୍କର ସାହଚର୍ଯ୍ୟରେ ଅତିବାହିତ କରନ୍ତି । ଏ ଅବଧି ଓଳାଶୁଣି ପୀଠରେ ମୁସଲମାନ ମାନଙ୍କର ମଧ୍ୟ ମନ୍ଦିର ପ୍ରବେଶର ଅଧିକାର ରହିଛି । ଏହିଭଳି ବହୁ ଐଶୀ ଲୀଳାର ପରିପ୍ରଚାର କରି ଅଗଣିତ ନରନାରୀଙ୍କ ହୃଦୟ କ୍ଷେତ୍ରରେ ଭକ୍ତି ବିଜ ବପନ କଲେ ସନ୍ୟାସ ଅରକ୍ଷିତ ଦାସ ।

ଅଗ୍ନି ଅବଧୂତ ଗୋତ୍ରୀ ମହାପୁରୁଷ ଅରକ୍ଷିତ ନିର୍ଗୁଣ ବ୍ରହ୍ମ ଉପାସନାର ପଥ କିଭଳି ସରଳ ଓ ସହଜ ତାହା ସ୍ୱରଚିତ ମହୀମଣ୍ଡଳ ଗୀତାର ଛତ୍ରେ ଛତ୍ରେ ପ୍ରତିପାଦନ କରିଛନ୍ତି । ନାମ ହିଁ ବ୍ରହ୍ମ ଓ ଭକ୍ତି ହିଁ ବ୍ରହ୍ମୋ ଉପଲବ୍ଧିର ଏକମାତ୍ର ପଥ - ସେ ତାହାହିଁ ବଜ୍ର ଗମ୍ଭୀର କଣ୍ଠରେ ଗାଇଛନ୍ତି । ଭକ୍ତି କଲେ ମୁକ୍ତି ମିଳେ ଏହାହିଁ ତାଙ୍କ ପ୍ରଦର୍ଶିତ ମାର୍ଗର ପରମ ଓ ଚରମ ସୋପାନ ।

ଏଥର ବିଦାୟ ଲଗ୍ନ ନିକଟେଇ ଆସିଲା । ପାପତାପମୟୀ ସଂସାରକୁ ଛାଡ଼ିଯିବା ପାଇଁ ମହାପୁରୁଷ ଅରକ୍ଷିତ ଦାସ ମନସ୍ଥ କଲେ, 'ଅଗଣିତ' ଶିଷ୍ୟ ଭକ୍ତଙ୍କୁ ଶୋକ ସାଗରରେ ଭସାଇ ଓଳାଶୁଣି ପାହାଡ଼ର ଶିଖର ଦେଶରେ ମାଘ କୃଷ୍ଣ ଏକାଦଶୀ ପ୍ରଭାତ କାଳରେ ସେ ଜୀବନ୍ତ ସମାଧି ଗ୍ରହଣ କଲେ ।

ଓଳାଶୁଣି ପାହାଡ଼ ଆଜି ଏକ ପବିତ୍ର ଧର୍ମ ପୀଠରେ ପରିଣତ

ହୋଇଛି । ପ୍ରତି ବର୍ଷ ମହାପୁରୁଷଙ୍କର ତିରୋଧାନ ଦିବସରେ ଏଠାରେ ଗୁମ୍ଫାଯାତ୍ରା ହୁଏ ଓ ଲକ୍ଷାଧିକ ଜନସମାଗମ ହୁଏ । ବହୁ ଦୂର ଦୂରାନ୍ତରୁ ଧର୍ମପ୍ରାଣ ବ୍ୟକ୍ତିମାନେ ପୋଡପିଠା ଧରି ମହାପୁରୁଷଙ୍କୁ ଲାଗି କରିବାକୁ ଆସନ୍ତି । ଏକାଦଶୀର ପ୍ରାତଃରେ ଓଲାଶୁଣି ମଠ ତରଫରୁ ହଜାର ହଜାର ଲୋକଙ୍କୁ ଅନ୍ନଛତ୍ରରେ ଆପ୍ୟାୟିତ କରାଯାଏ । ଏଠାକାର ପ୍ରସିଦ୍ଧ କାଞ୍ଜି ମହାପୁରୁଷଙ୍କ ଜୀବିତା ବସ୍ଥାରୁ ରହି ଆସୁଛି । ରୋଗଗ୍ରସ୍ତ ବ୍ୟକ୍ତି ଭକ୍ତିପୂତ ହୃଦୟରେ ଆଶ୍ରମରୁ କାଞ୍ଜି ନେଇ ସେବନ କଲେ ରୋଗମୁକ୍ତ ହେବା ପ୍ରବାଦ ଏବେ ବି ଲୋକ ମୁଖରେ ପ୍ରଚଳିତ ।

# ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସ

ଡକ୍ଟର ସୁନାମଣି ରାଉତ

ଅଚିହ୍ନା ପିଲାଟାକୁ ଆମ୍ବତୋଟାରେ ପଶି ଆମ୍ବ ଖାଉଥିବାର ଦେଖି ସେଇ ଗାଁର ପିଲାମାନେ ତାକୁ ମାରଧର କରିବା ଆରମ୍ଭ କରିଦେଲେ । ବିଚରା ପିଲାଟିଏ କିଛି କୁଆଡ଼ୁ ରାହା ନପାଇ କାନ୍ଦିବାକୁ ଲାଗିଲା । ସେତିକିବେଳେ ସେଇ ଗାଁର ବୁଢ଼ୀଟିଏ ପାଖକୁ ଆସି ମାରୁଥିବା ପିଲାମାନଙ୍କୁ କହିଲା 'ହଇରେ, କାହିଁକି ସେ ଅରକ୍ଷିତ ପିଲାଟାକୁ ମିଳିମିଶି ସମସ୍ତେ ମାରୁଛ ? କ'ଣ କଲା ସିଏ ତମର ? ଆମ୍ବ ଦି'ଟା ଖାଇଦେଲା ବୋଲି ତାକୁ ଏମିତି ମାରୁଛ ଯେ ଅର୍କ୍ଷିତଙ୍କ ଭଳି କାନ୍ଦୁଚି ସେ ।'

ବୁଢ଼ୀଟିର କଥା ଶୁଣି ସବୁପିଲା ତୁନି ପଡିଲେ । ପିଲାଟିର ପାଖକୁ ଆସି ପିଠି ଆଉଁସି ଦେଇ ବୁଢ଼ୀଟି ପଚାରିଲା - 'ହଇରେ ବାପ, ତୋ ନାଁ କ'ଣ ? ତୋର ଘର କେଉଁଠି ? ତୋର କ'ଣ ବାପା କେହି ନାହାନ୍ତି ? ବୁଢ଼ୀଟିର ଏତେଗୁଡିଏ ପ୍ରଶ୍ନର ଉତରରେ ବିଚରା ପିଲାଟିଏ କହିଲା, 'ମାଉସୀ, ମୋର ନାଁ ପଚାରୁଛ କ'ଣ ? ତମେ ପରା ମୋର ନାଁ ଦେଇ ସାରିଲଣି । ମୁଁ ଅର୍କ୍ଷିତ । ଆଜିଠୁ ମୋ ନାଁ 'ଅରକ୍ଷିତ' ହେଲା ।

ଏ' ସେଇ ଅରକ୍ଷିତ ଦାସ, ଯିଏ ମାତ୍ର ସତରବର୍ଷ ବୟସରୁ ସଂସାରର ଜାଗତିକ ମୋହ ମାୟା ପ୍ରତି ଅନାସକ୍ତ ହୋଇ ସନ୍ୟାସ ବ୍ରତ ଗ୍ରହଣ କରିଥିଲେ । ବଡ଼ଖେମୁଣ୍ଡି ରାଜ୍ୟର ରାଜା ପଦ୍ମନାଭ ଦେବଙ୍କ ଏକମାତ୍ର ପୁତ୍ର ବଳଭଦ୍ରଦେବ ଯେ ନିଜର ଧନ ସମ୍ପତି ଐଶ୍ୱର୍ଯ୍ୟକୁ ତୁଚ୍ଛ

# ଶୂନ୍ୟ ପୁରୁଷ

ମନେକରି ପରମାତ୍ମାଙ୍କ ଅନ୍ୱେଷଣରେ ହଠାତ୍ ଏମିତି ଅରକ୍ଷିତ ହୋଇଯିବେ - ଏକଥା କିଏ ବିଶ୍ୱାସ କରନ୍ତା । ବୁଦ୍ଧ, ପ୍ରହ୍ଲାଦ, ଧ୍ରୁବ, ମହମ୍ମଦ, ମହାବୀରଙ୍କ ପରି ରାଜବଂଶର ସମସ୍ତ ସମ୍ମାନ ଓ ପ୍ରତିପତି ଠାରୁ ଦୂରେଇ ଯାଇ ସେ ଶାନ୍ତିର ବାର୍ତା ପ୍ରଚାର କରିଛନ୍ତି । ବଡଖେମୁଣ୍ଡିର ରାଜକୁମାର 'ବଳଭଦ୍ର ଦେବ' ସେଇ ଦିନଠୁଁ ଅର୍କ୍ଷିତ ହୋଇଯାଇଛି ତ' ଯାଇଛି, ଆଉ ରାଜା ହେବା ପାଇଁ ବଡ଼ଖେମୁଣ୍ଡିର ସିଂହାସନ ପାଖକୁ ଲେଉଟି ନଆସି ଜନମାନଙ୍କର ସିଂହାସନରେ ଏଯାବତ୍ ରାଜା ହୋଇ ବସି ରହିଛନ୍ତି ।

ସନ୍ଥ ଅରକ୍ଷିତ ଦାସଙ୍କ ଅଲୌକିକତା ସମ୍ପର୍କରେ ଅନେକ କାହାଣୀ ଓ କିମ୍ବଦନ୍ତୀ ଶୁଣିବାକୁ ମିଳେ । ଓଳାଶୁଣି ପାହାଡକୁ ନିଜର ସାଧନା କ୍ଷେତ୍ର କରିବାର ଇଚ୍ଛା ନେଇ ସେ କେନ୍ଦ୍ରାପଡ଼ାର ତତ୍କାଳୀନ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ଦ୍ୱାରସ୍ଥ ହୋଇ ଅନୁମତି ପ୍ରାର୍ଥନା କଲେ । ମାତ୍ର ଜମିଦାର ସେତେ ବେଳେ ପୂଜାପାଠରେ ବ୍ୟସ୍ତ ଥିବାରୁ ଅରକ୍ଷିତ ଦାସଙ୍କୁ ଉପେକ୍ଷା କରି ସାକ୍ଷାତ କରି ପାରିବେ ନାହିଁ ବୋଲି ଜଣାଇ ପଠାଇଲେ । ଏଥିରେ ଅରକ୍ଷିତ ଦାସ ଉତ୍କ୍ଷିପ୍ତ ହୋଇ କହିଲେ, 'ଜମିଦାର ପୂଜା କରୁଛନ୍ତି ନାଁ କଟକକୁ ଘୋଡା କିଣିଯିବା ପାଇଁ ଚିନ୍ତା କରୁଛନ୍ତି । 'ଏକଥା ଜମିଦାର ଶୁଣିବାରୁ ଅରକ୍ଷିତ ଦାସଙ୍କ ପାଖକୁ ଆସି ତାଙ୍କର ପାଦ ତଳେ ପଡ଼ି ନିଜର ଦୋଷ ସ୍ୱୀକାର କଲେ ଏବଂ ଓଳାଶୁଣି ପାହାଡ଼ର ଦାୟିତ୍ୱ ସେଇଦିନ ଠାରୁ ତାଙ୍କ ହସ୍ତରେ ଅର୍ପଣ କଲେ, କାରଣ ପୂଜାପାଠ ବେଳେ ସେ କଟକକୁ ଘୋଡା କିଣି ଯିବାକଥା ଚିନ୍ତା କରୁଥିଲେ ।

ଏହାଛଡ଼ା ଓଳାଶୁଣି ଚଣ୍ଡିଙ୍କୁ ମୋହନବଂଶୀ ଦ୍ୱାରା ବଶୀଭୂତ କରି ସେଇ ଅଗମ୍ୟ ପାହାଡକୁ ନିଜର ସାଧନା ପୀଠରେ ପରିଣତ କରିବାର

ଅନ୍ୟ ଏକ କିମ୍ବଦନ୍ତୀ ମଧ୍ୟ ରହିଛି । ଏବେ ବି ପାହାଡର ନିମ୍ନ ଦେଶରେ ଓଳାଶୁଣି ଚଣ୍ଡିଙ୍କ ଏକ ପ୍ରସ୍ତରମୂର୍ତ୍ତି ପ୍ରତିମା ଦେଖିବାକୁ ମିଳେ ।

ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସଙ୍କ ରଚନାବଳୀ ମଧ୍ୟରେ 'ଶରୀର ଭେଦ' ଭଜନମାନ, ପ୍ରଧାନ । ଏହାଛଡ଼ା ଯୋଗ ସାଧନା ପିଣ୍ଡବ୍ରହ୍ମାଣ୍ଡବାଦ ଉପରେ ବହୁ ଭଜନ ଓ ଜଣାଣ ରଚିତ ହୋଇଛି । ଏହା ଅଚ୍ୟୁତାନନ୍ଦ ପ୍ରମୁଖ ପଂଚସଖାଙ୍କ ସାହିତ୍ୟର ସାମ୍ୟତା ରକ୍ଷା କଲେ ହେଁ ଏଥିରେ ତାଙ୍କର ମୌଳିକତା ଓ ଆଧ୍ୟାତ୍ମିକତା ସୁସ୍ପଷ୍ଟ ।

ଅଷ୍ଟାଦଶ ଶତାବ୍ଦୀର ଉତର ଅଶୀରେ ଏହି ମହାପୁରୁଷ ଜନ୍ମ ଗ୍ରହଣ କରିଥିବାର ଅନୁମାନ କରାଯାଏ । ମାତ୍ର ୧୮୩୭ ମସିହା ମାଘ କୃଷ୍ଣ ଏକାଦଶୀ ତିଥିରେ ତାଙ୍କର ମହାପ୍ରୟାଣ ଦିବସକୁ ଓଳାଶୁଣି ଯାତ୍ରା ରୂପେ ପାଳନ କରାଯାଏ ।

ପାଂଚ ନମ୍ବର (କ) ଜାତୀୟ ରାଜପଥରେ ଚଣ୍ଡୀଖୋଲରୁ ପାରାଦ୍ୱୀପ ଆଡ଼କୁ ଯିବା ବାଟରେ ଦକ୍ଷିଣ ପାର୍ଶ୍ୱରେ ଏହି ଓଳାଶୁଣୀ ପାହାଡ଼ ଅବସ୍ଥିତ । ଏହାର ପୂର୍ବରେ ଗାଙ୍ଗା ପାହାଡ, ପଶ୍ଚିମରେ ଶୁଖୁଆପଡା ଗ୍ରାମର କଳରୋଳ, ଉତରରେ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରିର ବିଜନତା ଏବଂ ଦକ୍ଷିଣରେକଳନାଦିନୀ ଗୋବରୀ ନଦୀ ଏହାର ପଦଧୌତ କରି ବହିଯାଉଛି । ଆମ୍ବ, ପଣସ, ନଡ଼ିଆ, ଅଶୋକ ସର୍ବୋପରି ସରକାରଙ୍କ ଉଦ୍ୟମରେ ଇଉକାଲି-ପଟ୍‌ସ ଓ କାଜୁବାଦାମ ଆଦି ବୃକ୍ଷରେ ଉପବନର ଶାନ୍ତ ସ୍ନିଗ୍ଧ ପରିବେଶ ସୃଷ୍ଟି କରୁଛି ଏହି ପାହାଡ଼ । ମେଳାର ବହୁ ପୂର୍ବରୁ ଲୋକମାନଙ୍କ ଆଗମନ ଆରମ୍ଭ ହୋଇଥାଏ । ଗୁମ୍ଫାର ଆରାଧ୍ୟା ଦେବୀ ଓଳାଶୁଣୀଙ୍କ ବ୍ୟତୀତ ଶ୍ରୀ ଜଗନ୍ନାଥ, ରାଧାକୃଷ୍ଣ ତଥା ସିଦ୍ଧ ସାତଟି ମହାପୁରୁଷଙ୍କ ସମାଧି ମନ୍ଦିର ପୂଜିତ ହୁଏ ।

# ଶୂନ୍ୟ ପୁରୁଷ

ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସ ଅବଧୂତଧର୍ମୀ । ସେଥିପାଇଁ ପୋଡପିଠା ଓ ଆମିଷ ମହାପୁରୁଷଙ୍କ ପ୍ରଧାନଭୋଗ ରୂପେ ଲାଗି କରାଯାଏ । ଯାତ୍ରା ସମୟରେ ଓଡ଼ିଶା ବାହାରୁ ବହୁ ଭକ୍ତଙ୍କ ସମାଗମ ହୁଏ । ମହାପୁରୁଷଙ୍କ ମନ୍ଦିର ପାଖରେ ଲାଗି ହୋଇଥିବା ଭୋଗର ପଙ୍ଗତ ବସେ । ଏତେ ସଂଖ୍ୟାରେ ଲୋକ ସମାଗମ ହୁଏ ଯେ, ଖାଇବା ପାଇଁ ଲୋକମାନେ ମନ୍ଦିର ପାଖ ପଥର ଚଟାଣକୁ ଧୋଇ ଝାଡ଼ି ବିନା ପତ୍ରରେ ଭୋଜନ କରି ନିଅନ୍ତି । ଏଥିରୁ ଲୋକମାନଙ୍କ ଭକ୍ତି ଓ ଆଗ୍ରହ ସୂଚିତ ହୁଏ ।

ମେଳା ସମୟରେ ବିଜୁଳିବତୀର ଆଲୋକ ସଜ୍ଜା ଏବଂ ଦୋକାନ ବଜାରର ଆଡ଼ମ୍ବର ଫଳରେ ପାହାଡ଼ଟି ଦୂରକୁ ବେଶ୍ ମନୋରମ ଜଣାଯାଏ । ଏହି ଓଲାଶୁଣି ମେଳା ସେଇ ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସଙ୍କ ସ୍ମୃତି ଚାରଣ କରେ ।

# ଓଁ ଶ୍ରୀ ଶ୍ରୀ ସନ୍ଥ ମହାପୁରଷ ଅରକ୍ଷିତ ଦାସ-ସାମାନ୍ୟ କଥନ

ଶ୍ରୀଯୁକ୍ତ ବଙ୍କିମ ସାଇଁ

ଯୁଗେ ଯୁଗେ ଏହି ପୂଣ୍ୟଭୂମି ଉତ୍କଳ ଖଣ୍ଡରେ ବହୁ ସିଦ୍ଧଯୋଗୀ ସାଧକମାନେ ଆବିର୍ଭୁତ ହୋଇ ପାପତାପ ଭରା କଳୁଷ ଧରାକୁ ସ୍ୱ ସ୍ୱ ଉପଦେଶ ବାଣୀରେ ଉଶ୍ୱାସ କରିବାରେ ସହାୟକ ହୋଇଛନ୍ତି । ଏହି କାଳୋତିର୍ଣ୍ଣ ମହାପୁରୁଷ ମାନଙ୍କୁ ଦେଶ ଓ ଦଶ ପୂଜା କରି ଆସୁଅଛି । ଏ ଦେଶରେ ବୈଷ୍ଣବୀୟ ଧର୍ମଧାରା ଚାଲୁ ରହିଥିବା ସମୟରେ ମହାପୁରୁଷ ଅରକ୍ଷିତ ଦାସ ଆବିର୍ଭୂତ ହୋଇଥିଲେ, ମାତ୍ର ସେ କୃଷ୍ଣଙ୍କୁ ମାନୁଥିଲେ ମଧ୍ୟନିଜର ସ୍ୱତନ୍ତ୍ର ଧାରା ସୃଷ୍ଟି କଲେ ଯାହାକୁ କୁହାଯାଏ ଅବଧୂତ ପନ୍ଥା, ଓଡ଼ିଶାରେ ଏକ ଢ଼ଗ ଅଛି 'ଖା ଘୃତ୍, ପି ମୂତ୍ ତେବେ ଯାଇ ହେବ ଅବଧୂତ ।'

ଏହାର ତାତ୍ୱିକ ଅର୍ଥ ବିକାର ଶୂନ୍ୟତା । ସବୁବର୍ଣ୍ଣର ଲୋକଙ୍କୁ ସମାନ ଦୃଷ୍ଟିରେ ଦେଖିବ ଏବଂ ସବୁ ପ୍ରକାର ଖାଦ୍ୟକୁ ଅବିକାର ଭାବେ ଗ୍ରହଣ କରିବା । ଏଥିପାଇଁ ଓଳାଶୁଣି ଗୁମ୍ଫାର ମୁଖ୍ୟ ଭୋଗ ହେଉଛି - ଶୁଖୁଆ ଓ ପୋଡପିଠା ଏବଂ ପାନୀୟ କାଞ୍ଜିପାଣି । ମହାପୁରୁଷ ତାଙ୍କର ପବିତ୍ର ମହାସମାଧି ପୀଠ ଓଳାଶୁଣି ଗୁମ୍ଫାଠାରେ ଗୁରୁ ପରମ୍ପରାକୁ ବାଦ ଦେଇଛନ୍ତି । ଯେପରି "ଗୁରୁ ଗୋବିନ୍ଦ ସିଂହ'' (ଦଶମଗୁରୁ) ଶିଖ ଧର୍ମରେ ତାଙ୍କ ଠାରୁ ଗୁରୁ ପରମ୍ପରା ଉଠାଇ ଦେଇଥିଲେ, ସେପରି ମହାପୁରୁଷ

# ଶୂନ୍ୟ ପୁରୁଷ

ଅରକ୍ଷିତ ଦାସଙ୍କୁ ଯେ ଆଶ୍ରୟ କରି ଶିଷ୍ୟ ହୋଇପାରିବ । ମହାପୁରୁଷ କାହାକୁ ଶିଷ୍ୟରୂପେ ଗ୍ରହଣର ସ୍ୱୀକୃତି ପ୍ରଦାନ କରିନାହାନ୍ତି ।

ତାଙ୍କର ଆଶ୍ରିତ ଶିଷ୍ୟମାନେ ବଭିନ୍ନ ସମୟରେ ମଠର ପରିଚାଳନାରେ ମହନ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି ମାତ୍ର ।

ମହାପୁରୁଷ ଅରକ୍ଷିତ ଦାସ ରାଜବଂଶୀୟ ଥିଲେ । ଶାକ୍ୟ ବଂଶୀ ଗୌତମଙ୍କ ପରି ବାଲ୍ୟକାଳରୁ ତାଙ୍କର ସଂସାର ବୈରାଗ୍ୟଜାତ ହୋଇଥିଲା ଓ ସେ ରାଜଉଆସର ତୁଳୀ ତଳ୍ପ ଶଯ୍ୟା ତ୍ୟାଗ କରି ସଂସାର ତ୍ୟାଗୀ ହୋଇ କୃଚ୍ଛ ସାଧନାରେ ବ୍ରତୀ ହୋଇ ସିଦ୍ଧପ୍ରାପ୍ତ ହୋଇ ଓଳାଶୁଣିରେ ମଠ ସ୍ଥାପନ କରିଥିଲେ । ବାଲ୍ୟକାଳରୁ ତାଙ୍କର ପାଠପ୍ରତି ଅସ୍ପୃହ ଜାତ ହୋଇଥିଲା । ବୈରାଗୀରୁ ତାଙ୍କୁ ଗୃହ କାର୍ଯ୍ୟରେ ପ୍ରବୃତ କରିବା ଲାଗି ଏକ ସର୍ବଗୁଣ ସମ୍ପନ୍ନା ସୁନ୍ଦରୀ ରାଜକନ୍ୟାଙ୍କ ସହ ବିବାହ ସ୍ଥିର କରିବାରୁ ସେ ପିତାଙ୍କୁ ଉତର ଦେଇଥିଲେ । ରାଜକନ୍ୟା ତ ମା-ମୁଁ ମା'କୁ ବିବାହ ହେବି କିପରି ? ଏଠାରେ ଉତ୍କଳର ଅନ୍ୟଜଣେ ପ୍ରଖ୍ୟାତ ସନ୍ଥ ଠାକୁର ଅଭିରାମ ପରମହଂସଙ୍କ ବାଲ୍ୟକାଳର କଥା ମନକୁ ଆସେ । ଠାକୁର ଅଭିରାମ ପରମହଂସଙ୍କ ବାଲ୍ୟକାଳରେ ପିତା ସତ୍ୟବାଦୀ ବିବାହ ବନ୍ଧନରେ ଆବଦ୍ଧ ପାଇଁ ଶତ ଚେଷ୍ଟାକରି ବିଫଳ ହୋଇଥିଲେ । ଅଭିରାମ ପରମହଂସଙ୍କର ଉତର ଥିଲା "ଛୋଟ ଟି ଝିଅ ଭଳି'' ଟିକେ ଯେ ବଡ଼ - ଭଉଣୀ ପରି, ଆଉ ଟିକେ ଯେ ବଡ -ମା' ପରି'' ମୋତେ ବୋଧ ହେଉଛନ୍ତି - "ବିଭାହେବି କାହାକୁ'' ମହାପୁରୁଷ ଅରକ୍ଷିତ ଦାସଙ୍କର ଉତରର ପ୍ରତିଧ୍ୱନି ଭଳି ଏହା ବୋଧ ହୁଏ । ମହାପୁରୁଷ ସ୍ତରରେ ସମାନ ଚିନ୍ତାଧାରାର ଏହା ଏକ ଛୋଟିଆ ଉଦାହରଣ ମାତ୍ର ।

# ଶୂନ୍ୟ ପୁରୁଷ

"ବାଲ୍ୟକାଳୁ ଧର୍ମ ଧନ ମୁଁ ସଂଚିବି ଏ ଜୀବନ ଅନିଶ୍ଚିତ'' - ଏହା ଅରକ୍ଷିତ ଦାସଙ୍କଠାରେ ଦେଖାଯାଇଥିଲା । କଚେରୀକୁ ଚାଲିଯାଇ ସେ 'ସାଧୁ, ସନ୍ଥ, ସନ୍ୟାସୀ ଓ ଅତିଥିମାନଙ୍କର ନିଃସ୍ୱାର୍ଥପର ସେବାରେ ଦୁଇବର୍ଷ କଟାଇଥିଲେ ।

ଅଲୌକିକତା ପ୍ରାୟ ପ୍ରତ୍ୟେକ ସାଧୁ ସନ୍ଥଙ୍କ ଜୀବନ କାଳରେ ଘଟିଛି ଏବଂ ତାହା ସେମାନଙ୍କର ଜନପ୍ରିୟତା ଓ ପ୍ରସିଦ୍ଧିକୁ ବଢ଼ାଇଛି ଓ ସାଧକ ଅରକ୍ଷିତ ଓଳାଶୁଣି ପାହାଡ଼ ପାଇଁ କେନ୍ଦ୍ରାପଡ଼ା ଜମିଦାର 'ରାଧାଶ୍ୟାମ ନରେନ୍ଦ୍ର'ଙ୍କ ପାଖରେ, ଅକର ପଡା ଗ୍ରାମର ମୁସଲମାନ ଜମିଦାର "ମିର୍ଜ୍ଜା'ଙ୍କର ଆତିଥ୍ୟ ଗ୍ରହଣ ସମୟରେ ଗୋ ମଂାସକୁ ପୁରିଖିରିରେ ପରିଣତ କରିବା, ଫକୀର ଦାସର ତନ୍ତ୍ରଶକ୍ତିକୁ ପରାହତ କରିବା ଆଦି ବହୁ ଅଲୌକିକ କାହାଣୀ ମହାପୁରୁଷଙ୍କ ନାମରେ ଜଡ଼ିତ ଅଛି ।

ମହାପୁରୁଷଙ୍କର ବହୁ ଭଜନ ଲୋକଶିକ୍ଷାମୂଳକ ଏବଂ ଶରୀର ତତ୍ତ୍ୱ ସମ୍ପର୍କୀୟ ଜଣାପଡେ । ଏଗୁଡ଼ିକ ମଧ୍ୟରେ "ମହୀମଣ୍ଡଳଗୀତା, ଭୂମଣ୍ଡଳଗୀତା, ବାଲ୍ୟବୋଧ, ଅରକ୍ଷିତ ଭଜନ ମାଳା, ଶବ୍ଦାବ୍ଦ, ଭକ୍ତିଟୀକା'' ଆଦି ପ୍ରଧାନ ।

ମହାପୁରୁଷଙ୍କର ପୂର୍ବାଶ୍ରମ ନାମ ଥିଲା ବଳଭଦ୍ର ଦେବ । ବାଲ୍ୟକାଳରେ ନିଜ କଚେରୀରେ ରହି ସାଧୁ, ସନ୍ଥ, ସନ୍ୟାସୀ ଏବଂ ଅତିଥିମାନଙ୍କର ସେବା ସମୟରେ ଥରେ କଦଳୀ ପତ୍ର ନିଅଁଟ ପଡିବାରୁ ଜଣେ ବ୍ରାହ୍ମଣୀ ବାଡ଼ିରେ ପଶି କଦଳୀପତ୍ର କାଟୁଥିବା ସମୟରେ ବ୍ରାହ୍ମଣୀର କଟୁକ୍ତି "କିଏ ଅରକ୍ଷିତଆଟା ପତର କାଟୁଛି ।'' ଏହାକୁ ନିଜ ନାମ ସହ ଜୋଡ଼ିଦେଇ ଥିଲେ । ମାତ୍ର ମହୀମଣ୍ଡଳ ଗୁପ୍ତଟୀକାରୁ ଜଣାପଡେ ଯେ

## ଶୂନ୍ୟ ପୁରୁଷ

ସିଦ୍ଧ ଲାଭ କରି ବ୍ରହ୍ମଦର୍ଶୀ ହୋଇଥିଲେ ଓ ତାଙ୍କର ବାଣୀ ଦୁଃଖିରଙ୍କି ବାସ୍ତୁହରା ଲୋକମାନଙ୍କୁ ଉନ୍ନତତର ସୋପାନରେ ପହଁଚାଇ ଥିବାରୁ ସେ "ଅରକ୍ଷିତ ଦାସ ନାମ" ବହିଥିଲେ ।

"ଧୂଳି ଜାଗିଣ ତହିଁ ରହିଲ ନିଶ୍ଚିନ୍ତ
ଅରକ୍ଷ ରକ୍ଷ ହେବାରୁ ନାମ ଅରକ୍ଷିତ"
ମହାପୁରୁଷଙ୍କୁ ମୋର ଶତକୋଟି ଆଭୂମ ପ୍ରଣାମ ।

# MAHIMANDALA GITA ON "DEVOTION"

*Sri Rupakar Sarangi*

Arakshita Das was unquestionably highly celebrated saint of Orissa who led the life of a genuine Avadhuta and held aloft the torchof spirtitual wisdom one hundred and seventy years ago. Towards the latter part of his life, his choice fell on the peak of Olasuni hill as his hilly and holy retreat where his Samadhi (shrine) is situated now. Every year a great fair is held there on the eleventh (Ekadashi) day of the dark fortnight of the month of Magha incommenoration of the auspicious occasion of his passing away. Thousands of pilgrims visit this sacred spot with a view to offering their adoration and paying their deep homage to this well - renowed saint of Orissa. Only an on-the-spot experience can acquaint the visitor with the indescribable beauty, quiety, sereify, sanctity and somemnity of the atmosphere of this hilly region where Nature showers her charms lavishly. The saint has left behind him certain valuable and significant works like Mahimandala Gita, Gupta Tika, Bhakti Tika, Shakabada Samhita Abadhuta Samhita, Arakshita Rachanavali Atmajibani, Gupta Padmakalpa,

Tattwa Suragita, Dwadasa Chandrika, Kavacha, Moksha Samadhi Yoga and some other works that yet await publication.

Among all his works Mahimandal Gita ranks highest and regarded as his master piece and account of its sublimity of conception, lucidity of expression, simplicity of language and beauty of diction. The sole aim and object of the revered author is to propagate and propagate and popularize his spiritual experiences throught these works as well as to awaken the lahent spiritual consciousness of the readers as a result of a through and serifining study of these books. In his Mahimandala Gita, besides giving an autobiographical account of his renunciation and the unimaginable hardships and sufferings he had to court during the period of his wandering and austerity, the author has emphasized the paramount importance of realization of Param Brahma which is considered to be the be-all and end- all of life. The nine-lettered rhymed lines clearly indicate that the metrre of Oriya Bhagawata has been adopted.

According to Mahapurushaji (Arakshita Das), non-dual Brahma alone exists and the entire Nature with the fine elements is never different from Brahma. That is why, He in the form of a dialogue between mind (ମନ) and consciousness (ଚୈତନ୍ୟ) marvelously dewels on the

utility and importance of five elements - earth, water, fire, air and ether, despite their unreality and evanescene of existence. Here consciousness (ଚୈତନ୍ୟ) plays the role of a preceptor and mind (ମନ) plays the role of discipline. For satisfying its everincreasing inquisitiveness mind (ମନ) in an attitude of utter humility and deep reverence questions consciousness (ଚୈତନ୍ୟ)concerning the usefulness of the five elements. So, Consciousness (ଚୈତନ୍ୟ)as a preceptor dispels the doubt and darkness of mind (ମନ) ignorance by giving an elaborate account in this connection. From this account the immancence of Parambrahma throghout universe is proved beyond doubt although Param Brahma, also transcends it. Unlike some other Vedanta preachers Mahapurusha has never dismissed Nature as merely as unreal dream. Rather, on the other hand, he has admitted her importance since manifestation of Param Brahma is experienced through all her myrids of forms. So so long as man might be revolving like a mery-go-round along the cycle of birth and death under the intoxicating impact of Vishnu Maya, it will be impossible for him to Brahma and realizing it. Mind (ମନ) at the very outset, says to consciousness (ଚୈତନ୍ୟ) " ପ୍ରକୃତି ସଙ୍ଗରେ ଭ୍ରମଇ ।
ତୁମ୍ଭଙ୍କୁ ଚିହ୍ନି ନ ପାରଇ । (ମ.ଗୀ.)

But for the realization of Param Brahma absolute devotion is absolutely essential. It is on this account that he must fervently and whole - heartedly prays for devotion in Mahimandal a Gita which is quite obvious from the lines cited below. " ଭକତି ସାଧିଯେ ପାରିବ । ସଂସାରେ ଅମର ହୋଇବ ।'' ଭକତି ଯୋଗ ଯେ ସାଧଇ । ମୋ ମାୟା ତାକୁ ^ f ùMA ö'' b KZ ùi~ ùM ù~ ସାଧିଲେ । ଯୁଗ ଯୁଗାନ୍ତେ ଥିବୁ ଭଲେ । (ମ.ଗୀ) ଆହେ ଚୈତନ୍ୟ ତୁ ଈଶ୍ୱର । ଭକତି ମାଗୁଛି ପାମର । ଆହେ ଚୈତନ୍ୟ ଜଗତ୍ କର୍ତା । ଭକତି ଦିଅ ତୁହି ଦାତା । ଆହେ ଚୈତନ୍ୟ ସର୍ବଦେହୀ । ଭକତି ଯୋଗଦିଅ କହି । ଆହେ ଚୈତନ୍ୟ କଳ୍ପଦ୍ରୁମ । ଭକତି ମାଗୁଅଛି ପୁଣ । ଆହେ ଚୈତନ୍ୟ ରଘୁନାଥ । ଭକତି ମାଗୁଅଛି ତାତ । (ମ.ଗୀ) These lines most explicitly express mind's earnest inordinate and irrestible longing for devotion. The saint has also thus sung elsewhere." ତପବାର ବ୍ରତତୀର୍ଥ ପୂଜା ହୋମ ମିଛ । ତଥ୍ୟକରି କହୁଅଛି ଭକ୍ତି ଯୋଗେ ପଶ'' ଭକତି ଯୋଗକୁ ମନ କିମ୍ବା ସାଧୁ ନାହିଁ । ଭ୍ରମୁଛି ଅର୍କ୍ଷିତ ଦାସ ଦୟା କର ତୁହି ।'' ଲୀଳାରେ ଖେଳୁଛି ହରି ସର୍ବଜୀବେ ଦେଖ । ଲୀଳା କରୁଅଛି ତା'ର ନାହିଁ ରୂପରେଖ । ବିନାପାଶେ ବାନ୍ଧିଣତୁ ତାହାଙ୍କୁ ରଖିବୁ । ବିନାପାଶ ଭକତିଟି ଚିହ୍ନିଲେ ପାଇବୁ ।'' Jagannath Das, the most eminet Saint and poet of Orissa has similarly sung in Oriya Bhagawata. Lord Krishna, while imparting spiritutal wis-

dom to Uddhava says, "ଦୁର୍ଜୟ ଦେହମୋର ଶୂନ୍ୟ । ଭକତ ଭାବେ ମୋ ବନ୍ଧନ । ମୁଁ ଯେ ସଂସାର ଅଛି ଛନ୍ଦି । ଭକତ ପାରେ ମୋତେ ବାନ୍ଧି ।"

The vast majority of the saints are unanimous on this fundamental background that devotion is the royal road to divinity. It is the surest, the safest the sweetest and the swiftest means for the realization of ultimate reality. But Mahapurushji is of the opinion that such realization is end of question without single minded devotion and unconditional surrender to the Formless Brahma. Param Brahma, according to him has no particular form, but has the capacity to assume any form. Although in accordance with the devotee's prayer, Param Brahma should be offered adovation in all possible ways. The entire universe with all its innumerable beings and things and also with all its phenomena is managed according to the direction of Param Brahma. So, all beings and even gods like Brahma, Shiva etc. and all fores of Nature, perform their respective duties inobedience to the will and command of Param Brahma. The devotees, as a result of being over powered with the feelings of devotion have named this non-dual Brahma variously no doubt, but the real Name is beyond all conception and imagination. It is beyond the ken of ordinary knowledge. It is identical with Param Brahma itself. Body-conscious-

ness is the greatest obstracle in the way of the realization of Brahma. This body is not the individual Soul's real residence. In reply to the question of mind (ମନ) consciousness (ଚୈତନ୍ୟ) says "ହେ ମନ ଜାଣି ନ ପାରୁଛୁ । ପର ଘରରେ ତୁ ରହିଛୁ । ଏ ଦେହ ପରଘର କହି । ଏଥିରେ ଲୀଳା କରୁ ତୁହି । (ମ.ଗୀ) "ମୁହିଁ ତୋ ସଙ୍ଗେ ରହିଅଛି । ଏ ଦେହଥାଇ ମୁଁ ଭ୍ରମୁଛି । ପର ଘରଟି ଦେହ ଜାଣ, ଏଥିରେ ବାସ କଲାପୁର ।" This body is a despicable den of dirt and disease. It is a nasty package of nonseating materials. So, Mahapurushji has most justifically stated that this can never be the individual soul's own residence. The individual should is perfectly pure and conscious and the supreme soul is its eternal and inseparable companion. But, as a result of forgetting the Supreme soul, the individual soul has meandered into the dense jungle of hostile forces like lust, anger and greed etc. and has been attached to this body. Mahapurushaji in Mahimandala Gita awakens the individual soul through his sublime and soul thrilling message to be whole heartedly and unreservedly devoted to the supreme Brahma. It isby virtue of such devotion that the individual soul can acquire the most miraculous and mysterious grace of the supreme Lord through which it can reach the summiet of self realization. Mahapurushaji is never in favour of idolatry. Param Brahma is immunent

and transcendent. It is also formless and one without second. It is eternal existence (ସତ୍) Eternal conscious-ness (ଚିତ୍) and Eternal bliss (ଆନନ୍ଦ). It's realization is possible in this precious humah birth. "ଦୁର୍ଲ୍ଲଭ ଶରୀର ପାଇଲା । ଏହାକୁ ଏହି ନ ଚିହ୍ନିଲା ।'' (ମ.ଗୀ) । ଏହାକୁ ଏହି ନ ଚିହ୍ନଇ । ଖୋଜିଲେ ପାଇବ ସେ କାହିଁ ? କାଷ୍ଠ ପାଷାଣ ରୁଦ୍ରାକ୍ଷରେ । ଖୋଜିଲେ ନାହିଁଟି ତହିଁରେ । ମନ୍ତ୍ର ଯନ୍ତ୍ର ଧ୍ୟାନରେ ନାହିଁ । ତୀର୍ଥ ବ୍ରତରେ ସେହୁ କାହିଁ ? ଜଳ ଆହାରେ ନାହିଁ ଜାଣ । କ୍ଷୀର ପବନ କାହିଁ ପୁଣ ? ଗୁମ୍ଫା ଭିତରେ ପଶି ରହୁ । ତୋତେ ପାଇବ ସିଏ କାହୁଁ ? ଏ ତୋ ବିଚିତ୍ର ମାୟାକଲୁ । ନାନା କର୍ମରେ ଭ୍ରମାଇଲୁ । ତେଣୁଟି ଅଜ୍ଞାନ ହୋଇଲେ । ନାନାଦି ଦେବତା ପୂଜିଲେ । ତେଣୁ ହୋଇଲେ ଅଳ୍ପାୟୁଷ । ତୋତେ ନ ସେବିଗଲେ ନାଶ । ତୋତେ ଯେ ଏ ଦେହେ ଚିହ୍ନଇ । ତାହାର ଜନ୍ମମୃତ୍ୟୁ କାହିଁ ? ମୁଁ ଏବେ କଥାଏ ମାଗୁଛି । ଦିଅ ବା ନଦିଅ କହୁଛି । ଦୟାଟି ଯେବେ ମୋରେ ଥିବ । ଭକତି ଯୋଗ ମୋତେ ଦେବ । ଏ ବିନୁ ଅନ୍ୟ ନମାଗଇ । ନଦେଲେ ବେଗେ ନାଶ ଯାଇ । (ମ.ଗୀ.) The aforesaid lines from Mahimandal Gita repeatedly stress the need for devotion. This human body should be utilized in a proper manner for cultivating devotion instead of wasting it away in false, fleeting and frivolous sense pleasure. Also, cultivation of invaluable traits of human character like patience, perseverance painstakingness, forbearance, fearless-ness, desirelessness, indifference towards pairs of opposites like sun and rain, pleasure and pain, frame and blame and prosperity and adversity etc. must re-ceive man's special attention in order that he might be

the fittest recipient of the Grace of Param Brahma. Mahapurushaji himself has exemplified in his own life how these qualities can be acquired by virtue of unyielding will and unshakable determination. In spite of being supplied with the choicest materials of luxury and pleasure like Goutam Buddha, he still renounced the world at the age of only seventeen and embraced the life of an ascetic although he had to come across unbearable dangers and difficulties as an intenerant ascetic. His detachment and discrimination always led him forward and enabled him to overcome all hurdles and hindrances. Param Brahma is Formless but a spiritual aspirant must take shelter in the Name since it is identical with Param Brahma the Name since it is identical with Param Brahma itself persons without distinction of caste, creed and colour can find shelter in the Name. Mahapurushji has paved the way for bringing about a radical and revolutionary change in the caste-ridden and priest - ridden society by giving scope to all sections of people to mix with him freely and accepting food from them as all are the manifestation of the same suprement Brahma. On the whole, if a man is absolutely devoted to the supreme Lord, as advised by mahapurushaji, he is sure to fulfill the grand and supreme purpose of life and attain immorality. In these

days of increasing secularization of life, atheism, agnosticism, materialism and skepticism are sweeping over the world. Man is losing his sense of human values. Evil forces of violence and bloodshed are paralyzing him with a staggering horror. The pitious clamour for peace is heard from every nook and corner of the world. In such a tension-torn world, the inspiring, the enlightening and the life-transforming Message of devotion given by Mahapurushaji in Mahimandala Gita can show man the light, guide him a right and user in a golden era of celestical peace and bliss.

# A NEW BUDDHA

*Sri Pradipta Bhuyan*

If someone in human history is first remembered and revered for revolutionaizing the thinking on the 'purpose of life'; then he is definitely 6th Century B.C's Gautam Buddha, the most outstanding scholar and personally the worldhas ever produced. He repudiated scriptural infallibility, established the precedence of 'reason' over faith, bridge the dichotomy between austerity and indulgence, inucsciated a radical social-ethics and redefined 'Humanism' forever. That is why, Einsteinwas overobssessed to say, "Buddhism will be the future religion of the world."

fortunately, Buddha make Lalitagiri hislaboratory - to experiment and expound his postulations. In course, Lalitagiri also witnesses Buddha's big bangto big crunch. Ultimately, Buddha withers into oblivion, Buddhism declines; but never dies. History again repeats itself; it renews Buddha and his 'Ism'.

However, here, the selfish man forgets the funda; even turns hostile. But the sterilestone whispers; reminds the reminiscence and coincidentally embraces another

pondering prince. Again Lalitagiri becomes the grooming ground for another revolutionary; another cult. Believed to be a stranger to former's chronology or cult, this new one also conceives almost the same predicament whose surrogate nomenclature later on popularizes him as 'Arakshita Das' (the term 'Arakshita' is generally used to address a helpless, wretched and abandoned living creature out of compassion and the term 'Das' is construed as a humble person or devotee who has completely dedicated or subjeugated himself to the Supreme Being.)

Conventionally comprehended as a dirty dressed, curly haired and beard 'Baba' (Monk) and lover of a colloquial food menu (i.e. charred cake and fried dry fish), in contrast tothe tonsured, clean- shaved and alms - bowled Buddha, saint Arakshita Das also makes Lalitagiri his alter. He finds his brand of Buddhism in the doctrines of "Abadhutavad" (A Philosophy that envisages extreme  from worldly senses). Lke Buddha he had had his exclusive transcendental enigma. However, his life ordeal resembles that of Buddha. Hisrebellious childhood, anti-incumbency attitude (aversion towards royal proclivity and feudal insignia), Spiritual preponderance, renunciation, asceticism, penitence, enlightenment, deliverance of sermon, organization of a neo-

monastic life and attainment of Nirvan (salvation) etc. are almost Buddhist by nature.

Paradoxically, local gullible might have viewed him as a contemporary go getter 'Baba' claming certain supernatural power or showing miracles and offering "Prasad" (sacred food) to some social parasites. But he was been apart. He was a saint, a scholar, a philosopher, a liberator and a reformer. He was a radical as Buddha in thoughts, teachings and conviction. If Buddha was critical of post-Vedic society, then Arakhita Das wasof pre-capitalistic or feudal. He like Buddha, was also against theology, religious orthodoxy, scriptural authority, caste audacity, gender injustice and ignorance. He also preached the gospels of Love, Peace, nonvilence, tolerance and harmony. He also proounded a liberal, scientific, secular non-sectarian and egalitarian social philosophy - a humanistic 'Middle path'. He was also plebian in worlds and deeds, fond of the followers and the foes, compassionate towards the weak and wicked and like astoic, was untenable in pleasure and pain. His spiritual contemplation and metaphysical discourses (as evident from all ofhis philosophical literature like Mahimandal Gita or Bhakti Teeka) cultivated 'Jnana' or 'knowledge' for the realization of the self (Atma) and the universe, mind and matter, materialistic illusion,

non-dualistic approbation, non-attachment and end of desire etc. which were complimentary to Buddhist testament i.e. the knowledge for attainment of 'Nirvan'. Academically speaking, his holistic, non-dualistic and proto-Buddhist philosophy was a metamorphosis to that of Lord Buddha or the latent Buddha i.e. Adi Sankaracharya. Reducing himself down to dust, he became an epitole of divinity; although the prefix 'Lord or God' was not affixed to his surrogate name. He is now only deified in the name of 'Mahapurusha' - the Supreme Man.

However, the supreme souls are not free fromthe fangs of ferocious 'Man'. Once it spoiled Buddha's empire here; now targets at Arakshita Das. Posthumously, Buddha now faces much ideological contradiction and controversy and suffers as a victim of 'vivious will' like talibanic orthodoxy (Taliban's onslaught on Bamiyan Buddha) or historical jingoism (creating furore over the true birth place; whether Kapilvastu or Kapileswar) Saint Arakshita Das also follows the same fate; although in a different dimension. Now his world is also in peril. His egalitarian and neo-monastic culture is one the brink of decline due to the influx of local huns. Nevertheless, his holy shrine on the hilltop is still a 'Divine Centre' for the wearing man and the eternal essence of 'His Soul' is

still felt by the disciples and the devotees who flock there in Lakhs to feed him the coveted 'charred cake' on the sacred day of his Mahapari Nirvan.

True to say, in the historical and intellectual parlance, this new prince-renouncer is much behind Buddha in comparision to latter's image, acceptance, relevance and retrospect. But in a humble as well as parochial sense, it can be claimed that he is Buddha's philosophic replica; a bi-produce of Buddhist inertia. May be, this second prince's appearance at Lalitagiri as a Buddhist prototype after a pretty pause, 'a historical fiction'; but not a myth. Legacy breeds a living spirit. A new Buddha was bound to born.

Lalitgiri

# ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମତତ୍ତ୍ୱ ଏକ ଅନୁଶୀଳନ

ଡ଼କ୍ଟର ଏକାଦଶୀ ପ୍ରଧାନ

ଓଡ଼ିଶାର ସନ୍ଥ ପରମ୍ପରାରେ ମହାପୁରୁଷ ଅରକ୍ଷିତ ଦାସ ଅନ୍ୟତମ ବଳିଷ୍ଠ ଚରିତ୍ର । ବୌଦ୍ଧ ଚୌରାଶୀ ସିଦ୍ଧଙ୍କ ଠାରୁ - ଗୋରେଖନାଥ, ପଂଚସଖା କବି ସାଧକମାନଙ୍କ ଠାରୁ ମହିମାଧର୍ମ ଭୀମଭୋଇ ବା ସନ୍ଥ ଅରକ୍ଷିତ ଦାସଙ୍କ ପର୍ଯ୍ୟନ୍ତ ଜଗତ ଓ ଜୀବନକୁ ଭଲପାଇ କରିଛନ୍ତି ଅମରତ୍ୱର ଆବାହନ । ଅରକ୍ଷିତ ଦସଙ୍କ ଆଗମନ ବିଷୟ ନିଜ ଦିବ୍ୟ ଦୃଷ୍ଟି ବଳରେ ବହୁବର୍ଷ ପୂର୍ବରୁ ସନ୍ଥ ଅଚ୍ୟୁତାନନ୍ଦ ଦାସ ଜାଣିଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ 'ତତ୍ତ୍ୱବୋଧିନୀ'ରେ ଭବିଷ୍ୟତ ବାଣୀ ଦେଇଥିଲେ -

"ଅରକ୍ଷିତ ଅଟେ ଭକତ ଟାଣ ।

XXX XXX XXX

ଓଳାଶୁଣି ପର୍ବତରେ ସାଧୁ ସଭା ହେବ ।

ଏକାକ୍ଷର ପରୀକ୍ଷା ଯେ ଅର୍କ୍ଷିତ କରିବ ॥

ନାମବ୍ରହ୍ମରେ ମଜ୍ଜିଥିବା ସାଧକ ଅରକ୍ଷିତ ବୀତସ୍ପୃହ ଥିଲେ ସଂସାର ମୋହ ମାୟା ପ୍ରତି । ସନ୍ଥ ସାଧକ, ଅରୂପବ୍ରହ୍ମ, ମହାଶୂନ୍ୟର ଆଜନ୍ମ ଉପାସକ, ଅବଧୂତବାଦର ଉଦ୍‌ଘୋଷକ, ମାନବବାଦୀର ବିଶ୍ୱ ସଂସ୍କାରକ ମହାପୁରୁଷ ଅରକ୍ଷିତ ଦାସ ୧୭୮୨ ମସିହାରେ ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜା ପଦ୍ମନାଭ ଦେବଙ୍କ ପୁତ୍ର ବଳଭଦ୍ରଦେବ ରୂପେ

ଜନ୍ମଗ୍ରହଣ କରିଥିଲେ । ମାତ୍ର ୧୮ ବର୍ଷ ବୟସରେ ଯୁବରାଜ ବଳଭଦ୍ର ମୋହମାୟା, ରାଜକୀୟ ପଦମର୍ଯ୍ୟାଦା, ସାଂସାରିକ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସଂସାରତ୍ୟାଗୀ ହୋଇଥିଲେ । ମହୀମଣ୍ଡଳ ଗୀତାରେ ସେ ଉଲ୍ଲେଖ କରିଛନ୍ତି - "କଳିଯୁଗେ ରାଜକୁଳେ ହେଲି ଅବତାର । ଅଷ୍ଟାଦଶ ବରଷରେ ଜ୍ଞାନ ଦୃଶ୍ୟ ଘର ।" ସୂଚନାଯୋଗ୍ୟ ଦିଗପହଣ୍ଡି ଠାରେ ସାଧୁସନ୍ଥଙ୍କ ଅଭ୍ୟର୍ଥନାର୍ଥେ ରାତିରେ ବ୍ରାହ୍ମଣୀ ବାଡ଼ିରୁ କଦଳୀପତ୍ର କାଟିବା ଅବସରରେ ବ୍ରାହ୍ମଣୀ ଦ୍ୱାରା ଭର୍ତ୍ସିତ କିଏରେ "ଅର୍କ୍ଷିତ ବା ଅରକ୍ଷିତ" ଏତେ ରାତିରେ ବାଡ଼ିରୁ ପତ୍ର କାଟୁଛି କଥାକୁ ଯୁବରାଜ ବଳଭଦ୍ର ହସିହସି ସାଦରେ ଗ୍ରହଣ କରି ସେଦିନ ସେହି ବୈଶାଖ ଶୁକ୍ଳପକ୍ଷ ଗୁରୁବାର ରାତିରେ ନିଜ ପିନ୍ଧା ଲୁଗାକୁ ଚିରି କୌପିନ ମାରି ସନ୍ୟାସ ଧର୍ମ ଗ୍ରହଣ କରିଥିଲେ । ଆପଣାକୁ 'ଅରକ୍ଷିତ' ନାମରେ ନାମିତ କରାଇଲେ ।

ଭୋଗ ବିଳାସକୁ ତୁଚ୍ଛ ଜ୍ଞାନକରି ପାହାଡ, ପର୍ବତ, ଅଗଣିତ ଗ୍ରାମ, ବନ ଉପବନ, ଶବରପଲ୍ଲୀ, ଗିରିଗୁମ୍ଫାରେ ସମୟ ଅତିବାହିତ କରିଥିଲେ । ବହୁ ଲୋକ ଗାଳି ନିର୍ଯ୍ୟାତନାର ଶିକାର ହୋଇଥିଲେ । ଚୋର ବୋଲି ମଧ୍ୟ ମାଡ଼ ଖାଇଥିଲେ । ଶେଷରେ ଅବିଭକ୍ତ କଟକ ଜିଲ୍ଲା ବର୍ତମାନର ଯାଜପୁର ଜିଲ୍ଲା ଅନ୍ତର୍ଗତ ପୁଣ୍ୟତୋୟା ଗୋବରୀ (ଗୋମତୀ) ନଦୀ ତଟବର୍ତୀ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଲଳିତଗିରି ପୁଷ୍ପଗିରି ପରିସରଭୁକ୍ତ ଚିର ସବୁଜିମା ବନାନୀଘେରା ଓଳାଶୁଣି ଗିରି ଶିଖରସ୍ଥ ଅନନ୍ତଗୁମ୍ଫାକୁ ନିଜର ସାଧନା ସିଦ୍ଧି, ଲୀଳା ପ୍ରଚାର ତଥା ସମାଧି ପୀଠ ଭାବେ ଗ୍ରହଣ କରିଥିଲେ ।

# ଶୂନ୍ୟ ପୁରୁଷ

ଅରକ୍ଷିତଙ୍କ ସାଧନାରେ ଶୂନ୍ୟହିଁ ସବୁକିଛି । ଅରକ୍ଷିତଦାସଙ୍କ ଉଦ୍‌ଘୋଷିତ ଆଧ୍ୟାତ୍ମିକ ଦର୍ଶନ ତତ୍ତ୍ୱବାଦ ଯଥାର୍ଥରେ "ବ୍ରହ୍ମ ଏକାକ୍ଷର ଅବଧୂତ ବାଦ" ନାମରେ ସର୍ବଜନ ବିଦିତ । ବ୍ରହ୍ମଙ୍କୁ ପାଇଥିବା ଲୋକ ବାସ୍ତବିକ ଅବଧୂତ । ଜାଗତିକ ମୋହମାୟା, ଆଶା ଆକାଂକ୍ଷା, ସାଂସାରିକ ସୁଖ ସ୍ୱାଛନ୍ଦ୍ୟ ବର୍ଜିତ ପୂର୍ବକ, ନିଷ୍କାମ ଭାବେ ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ପର୍ଯ୍ୟନ୍ତ ଛପନ କୋଟି ଜୀବ ଜଗତକୁ ବ୍ରହ୍ମମୟ ଭାବି ତାଙ୍କରି ସେବାରେ ନିଜକୁ ନିୟୋଜିତ କରି, ପରମପୁରୁଷ ପରଂବ୍ରହ୍ମଙ୍କ ବ୍ରହ୍ମନାଦରେ ନିମଗ୍ନ ରହିବାକୁ ମହାପୁରୁଷ ଅରକ୍ଷିତ ଦାସ, ସମଗ୍ର ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ତେଣୁ ମହୀମଣ୍ଡଳ ଗୀତାରେ ସେ ଉଲ୍ଲେଖ କରିଛନ୍ତି - "ଆହାରକୁ ନଜଗଇ, ନିଦ୍ରାକୁ ନଜଗଇ, ମୈଥୁନକୁ ନଜଗଇ, ବାୟୁକୁ ନଜଗଇ, ତୃଷାକୁ ନଜଗଇ ଖରାବରଷା ଶୀତକୁ ନଜଗଇ, ନୟନ ନାସା, ମୁଖକର୍ଣ୍ଣ ଇନ୍ଦ୍ର ଗୃହ । ଏମାନଙ୍କୁ କେବେ ନଜଗଇ, ପାଂଚମନକୁ ନଜଗଇ, ପଚିଶ ପ୍ରକୃତିକୁ ନଜଗଇ, ସୁଖ ଅସୁଖ ଲୋଭ ଅଲୋଭ, କାମ, ଅକାମ, ସାଧୁ ଅସାଧୁ, ଲୋଭ ଅଲୋଭ, ସାରଅସାର, ବିକାର, ଅବକାର, ଜାତି ଅଜାତି, ସ୍ତିରୀ ଅସ୍ତିରୀ, ପୁରୁଷ ଅପରୁଷ, ଜୀବଅଜୀବ, ଜଣା ଅଜଣା, ଗୁଣ ହୋ ମନ । ଏ ସବର୍କକଥାମାନଙ୍କୁ କେବେ ନଜଗଇ ।" (ମ.ମ.ଗୀ. - ଅ-୬୬)

"ସକଳଜୀବ ହୃଦେ ଥାଇ
ଓଁ କାର ରୂପେ ବିହରଇ ।"

ବାସ୍ତବିକ ଅରକ୍ଷିତ ଦାସ ଭକ୍ତି ଓ ପ୍ରେମ ମାର୍ଗରେ ସାଧନାକୁ ନିୟୋଜିତ କରିଥିଲେ । ସେ ସକଳ ଯୋଗ, ତନ୍ତ୍ର, ମନ୍ତ୍ର, ସାଧନାକୁ ଅସ୍ୱୀକାର

କରି ଭକ୍ତି ଯୋଗର ପ୍ରାଧାନ୍ୟକୁ ସ୍ୱୀକାର କରି କହିଛନ୍ତି :-

ମହାଶୂନ୍ୟରୁ ସର୍ବଜାତ ।
ତୋତେ ମୁଁ କହିଦେଲି ସତ୍ୟ ॥
ଭକତି ଯୋଗ ତୁ ସାଧିଲେ
ଯୁଗ ଯୁଗାନ୍ତ ଥିବୁ ଭଲେ ॥
ଅଜର ଅମର ତୁ ହେବୁ ।
ଯେବେତୁ ଏଯୋଗ ସାଧିବୁ ॥

ଈଶ୍ୱରଙ୍କ ଆଜ୍ଞାରେ ସବୁ ହୁଏ ବୋଲି "ଆଜ୍ଞାଧର୍ମ" ଓ "ନାମମାର୍ଗକୁ" ସିଦ୍ଧ ସାଧକ ଅରକ୍ଷିତ ଦାସ ଆପଣେଇ ନେଇଥିଲେ । ସାର୍ବଜନୀନ ମାନବପ୍ରେମ ଓ ବିଶ୍ୱଭ୍ରାତୃତ୍ୱ, ଏକାତ୍ମବାଦ ଓ ମୈତ୍ରୀର କାଳଜୟୀ ବାର୍ତ୍ତାକୁ ସେ ବିଶ୍ୱବ୍ୟାପକ କରାଇ ପାରିଛନ୍ତି ।

ଓଡ଼ିଆ ଭକ୍ତି ସାହିତ୍ୟକୁ ଅରକ୍ଷିତ ଦାସଙ୍କ ଦାନ ଅତୁଳନୀୟ । ଜୀବନର ଅଧିକାଂଶ ସମୟ ସେ ବଣ, ଜଙ୍ଗଲରେ ବିତାଉଥିବା ସମୟରେ ଲେଖନୀ ଅଭାବରୁ ବଣର କଂଟା ସାହାଯ୍ୟରେ ତାଳପତ୍ରରେ ବହୁ ଭଜନ ଜଣାଣ ଏପରିକି ତାଙ୍କର ସର୍ବୋତ୍କୃଷ୍ଟ କୃତୀ "ମହୀମଣ୍ଡଳ ଗୀତା" ସମଗ୍ର ଭାବେ କଂଟା ଦ୍ୱାରା ଲେଖାଯାଇଥିଲା । ଏହାବ୍ୟତୀତ ସେ ମହାକବଚ, ମୋକ୍ଷ, ଉପାଧି, ବାଲ୍ୟବୋଧଗୀତା, ମହୀମଣ୍ଡଳ ଗୁପ୍ତଟୀକା, ଆତ୍ମବୃତାନ୍ତ ଭଜନ, ଶବ୍ଦ ଅବଧୂତ ସଂହିତା, ଭକ୍ତଟୀକା, ମହାଗୁପ୍ତ ପଦ୍ମକଳ୍ପ, ବ୍ରହ୍ମାଣ୍ଡଗୀତା, ଦୂତୀବୋଧନୀ, ବହୁ ଚଉତିଶା ଇତ୍ୟାଦି ଅନେକ ଗ୍ରନ୍ଥ ରଚନା କରିଯାଇଛନ୍ତି ।

# ଶୂନ୍ୟ ପୁରୁଷ

ବିଶେଷ ଦ୍ରଷ୍ଟବ୍ୟ ଏହି ଯେ ମହାପୁରୁଷଙ୍କ ଦିବ୍ୟଭୋଗ ନୈବେଦ୍ୟ ପୋଡପିଠା, ଅବଡାଅନ୍ନ, ମାଛ, ଶୁଖୁଆ ଆଦି ଅଭକ୍ଷାଦି ନୈବେଦ୍ୟ ଭକ୍ଷଣ କରାଯିବାର ଅନ୍ଧଚଳଣି ରହିଛି । ପ୍ରକୃତରେ ସାମାନ୍ୟ ଗୁଳ୍ମ ଛେଦନର ଜଡବାଦ ଜନିତ ଦୁଃଖ ଅନୁତାପରେ ବ୍ୟଥିତ ଦରଦୀ ପ୍ରାଣ ଅରକ୍ଷିତ ଦାସ କେବେବି ଜୀବବଧ କରି ଆମିଷ ସେବନ କରିବାକୁ ଜଗତକୁ କହିଯାଇନାହାନ୍ତି । କାରଣ ଆଜନ୍ମ ଉପାସକ ପରମ କାରୁଣିକ ଅବଧୂତ ଅରକ୍ଷିତ ଦାସ ଆମିଷତ୍ୱର ଘୋର ପରିପନ୍ଥୀ । ନଚେତ୍ ଅରକ୍ଷିତଙ୍କୁ ପରୀକ୍ଷା କରିବାକୁ ଯାଇ ମୁସଲମାନ ଜମିଦାର ମୀର୍ଜାଙ୍କ ଦ୍ୱାରା ଅର୍ପିତ ମାଂସାଦି ବ୍ୟଞ୍ଜନ, ଧୋବଣୀ ଦ୍ୱାରା ପ୍ରଦତ୍ତ ପିଠା, ଶୁଣ୍ଢିମାନଙ୍କ ଦ୍ୱାରା ପ୍ରଦତ୍ତ ମଦ୍ୟ, ଭରତପୁର ଥଟ୍ଟାରୀମାନଙ୍କ ଦ୍ୱାରା ପ୍ରଦତ୍ତ ଉତପ୍ତ ଆଉଟା କାଂସଜଳ, ଶୁଖୁଆପଡ଼ାସ୍ଥ ଦଲାଲ ମାନଙ୍କ ଦ୍ୱାରା ପ୍ରଦତ୍ତ ଶୁଖୁଆ ଗୁଡ଼ିକୁ ନିର୍ବିକାର ଚିତରେ ସେ ଭକ୍ଷଣ କରି ନିଜର ଅଲୌକିକ ଶକ୍ତି ବଳରେ ସେଗୁଡିକୁ ମହାପ୍ରସାଦରେ ରୂପାନ୍ତରିତ କରି ଅହଂକାରୀକୁ ବିସ୍ମିତ କରାଇ ନଥାନ୍ତେ । ବାସ୍ତବରେ ଏସବୁକୁ ଆଳ କରି ଠିକ୍ ଭାବେ ନବୁଝି ଅହିଂସା ପରମଧର୍ମ ଭଳି ସାର୍ବଜନୀନ ମହାଧର୍ମ ନୀତିକୁ ଉପେକ୍ଷା କରି ଅରକ୍ଷିତ ଧାମ ଓଳାଶୁଣି ପୀଠରେ ଜୀବବଧ ଜନିତ ପାପରେ ଭାଗି ହୋଇ ଅଭକ୍ଷାଦି ଆମିଷ ଗୁଡ଼ିକୁ ନୈବେଦ୍ୟ ପୂର୍ବକ ଭକ୍ଷଣ କରିବା ଅତ୍ୟନ୍ତ କ୍ଷୋଭର ବିଷୟ । ଅବଧୂତ ଅରକ୍ଷିତଙ୍କ ପ୍ରବର୍ତ୍ତିତ ଆମିଷ ତତ୍ତ୍ୱ ଅତୀବ ଗହନ ଓ ଗବେଷଣା ସାପେକ୍ଷ । ସେ ଲେଖିଯାଇଛନ୍ତି - "ହେ ମନ କହୁଅଛି ମୁହିଁ ଶରୀର ଆମିଷ ଅଟଇ । ରଜବୀର୍ଯ୍ୟ, ଆମିଷ ଜାଣ; ତହିଁରୁ ସକଳ ଭିଆଣ ।'' ସଂସ୍କାରକ ଅରକ୍ଷିତ ଦାସଙ୍କ ଏହି ମହାନତତ୍ତ୍ୱକୁ ସମସ୍ତେ

ହୃଦୟଙ୍ଗମ କରି ମଦ୍ୟ ମାଛ, ମାଂସରେ ନିମ୍ନଜିତ ନରହି ଏହି କ୍ଷେତ୍ରର ପବିତ୍ରତା ରକ୍ଷା କରିବା ସମସ୍ତଙ୍କର ପରମ କର୍ତବ୍ୟ ।

ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ ଏକାଦଶୀ ତିଥିରେ ଓଳାଶୁଣି ଗୁମ୍ଫାଠାରେ ମହାପ୍ରୟାଣ କରିଥିଲେ । ପ୍ରତିବର୍ଷ ଏହି ସ୍ମୃତିରେ ଏହି ପୁଣ୍ୟ କ୍ଷେତ୍ରରେ ଏକ ବିରାଟ ମେଳା - କଟକର ବାଲିଯାତ୍ରା ଉତ୍ସବ ପରି ଦୀର୍ଘ ଦିନ ଧରି ଚାଲିଥାଏ । ଏହି ମେଳାରେ ବହୁ ବଡ ବଡ ଦୋକାନ, ବଜାର, ସର୍କସ, ଯାତ୍ରାଦଳ, ବହୁଦିନ ଧରି ପଡି ରହିଥିବା ସହିତ ପ୍ରସ୍ତର ନିର୍ମିତ ମୂର୍ତି, ବିଭିନ୍ନ ଘରକରଣା ସରଞ୍ଜାମ ବିକ୍ରି କରାଯାଇଥାଏ । ଏହି ମେଳା ଦେଖିବା ପାଇଁ ଓଡ଼ିଶା ବାହାରୁ ମଧ ଯାତ୍ରୀମାନେ ଆସିଥାନ୍ତି ।

ଆଜି ସେହି ସିଦ୍ଧ ସାଧକ, ସଂସ୍କାରକ, ସନ୍ଥ ମହାପ୍ରଭୁଙ୍କ ପ୍ରତି ଭକ୍ତିପୂତ ଅର୍ଘ୍ୟ ଢ଼ାଳିଦେଇ ତାଙ୍କର ମହତବାଣୀ -

"ହେ ମନ ଶୁଣ ମୋର ବାଣୀ, ତୁ ଏକ ଭାବ କର ପୁଣି ।

ସର୍ବଘଟରେ ଏକ ବ୍ରହ୍ମ, ଏହାତୁ ଚିତେ ଅନୁମାନ ।" - ଇତ୍ୟାଦି ମହାନ ସାମ୍ୟବାଦୀ ଚିନ୍ତାଧାରାରେ ସମସ୍ତେ ଉଦ୍‌ବୁଦ୍ଧ ହୁଅନ୍ତୁ; ଏହାହିଁ କାମନା ।

# ଶବ୍ଦକାଢ ଓ ଅବଧୂତ ସଂହିତାରେ ଅରକ୍ଷିତଙ୍କ ଦୃଷ୍ଟି ଓ ଦିଗନ୍ତ

ଅଧ୍ୟାପକ ଡ଼ଃ ରବୀନ୍ଦ୍ର ବିହାରୀ

ଶକାଢ ଓ ଅବିରତ ସଂହିତା ସନ୍ଥ ଅରକ୍ଷିତଙ୍କ ପ୍ରାଥମିକ ଶ୍ରେଣୀୟ ରଚନା । କାରଣ ମହୀମଣ୍ଡଳ ଗୀତାର ପରିପକ୍ୱତା ଏହି ଗ୍ରନ୍ଥଦ୍ୱୟରେ ଦେଖିବାକୁ ମିଳେନାହିଁ । ପୁଣି ଆକାରରେ ଏହା ଅତ୍ୟନ୍ତ କ୍ଷୁଦ୍ର । ପଂଚସଖାଙ୍କ ପ୍ରଭାବରୁ ମଧ୍ୟ ଏହା ମୁକ୍ତ ନୁହେଁ । ତେବେ ସନ୍ଥଦୃଷ୍ଟିରୁ ଯେଉଁ କଳାତ୍ମକତା ଏଥିରେ ଅଛି ତାହା ଓଡ଼ିଶାର ସନ୍ଥ ପରମ୍ପରା ପ୍ରତି ଅରକ୍ଷିତଙ୍କ ଏହା ଏକ ମହାର୍ଘ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ୍ଥ ସମସ୍ତ ମାନବୀୟ ଆବେଦନର ସର୍ବଶ୍ରେଷ୍ଠ ଶବ୍ଦ । ଅରକ୍ଷିତ ସନ୍ଥ ରାଜାରୁ ଯୋଗୀ । ଯୋଗୀରୁ ତତ୍ତ୍ୱଦର୍ଶୀ, ତତ୍ତ୍ୱଦର୍ଶୀରୁ ସନ୍ଥ । ଏହି ପାହାଚ ପରେ ପାହାଚ ଅତିକ୍ରମ କରିଛନ୍ତି ସେ । ସମଗ୍ର ଗଡ଼ଜାତ ଓଡ଼ିଶା ପରିଭ୍ରମଣ କାଳରେ ଯେଉଁ ନିଛକ ସତ୍ୟ ସେ ଉପଲବ୍ଧି କରିଛନ୍ତି ତାକୁ ତାଙ୍କ ଗ୍ରନ୍ଥ ସମୂହରେ ଶବ୍ଦାୟିତ କଲାବେଳେ ଜୀବନଦୃଷ୍ଟିର ପ୍ରଲେପ ପ୍ରଦାନକୁ ସେ କେବେ ବି ଭୁଲିନାହାନ୍ତି । ମଣିଷକୁ ମଣିଷ ବୋଲି ସେ ଭାବିଛନ୍ତି । ଅନ୍ୟ କୌଣସି କଥା ସେ ଆଦୌ ଭାବିନାହାନ୍ତି । ଅତି ନିକଟରୁ ମଣିଷକୁ ଦେଖିବାର ଏହି ପ୍ରୟାସ ତାଙ୍କର ନିଜସ୍ୱ । ସମଗ୍ର ଭାରତର ତଥା ଓଡ଼ିଶାର ସନ୍ଥ ସାହିତ୍ୟରେ ଯେଉଁ ଆହ୍ୱାନ ଓ ଉଦ୍‌ବେଳନ ଶୁଣିବାକୁ ମିଳିଥିଲା, ଅରକ୍ଷିତଙ୍କ ସାହିତ୍ୟରେ ଏହା ମଧ୍ୟ ଥିଲା । ଜାତି, ବର୍ଣ୍ଣ ପ୍ରାଚୁର୍ଯ୍ୟ, ଦେବତା, ଆଚାର,

ନୀତିନିୟମ, ତତ୍ତ୍ୱଦର୍ଶନ ଭିତରେ ସେ ଅତିଷ୍ଠ ହୋଇ ପଡିଥିଲେ । ନିଜଭିତରକୁ ଦେଖିବାକୁ ସେ ଅଧିକ ଚାହୁଁଥିଲେ । ବାହ୍ୟାଚାର ପ୍ରତି ତାଙ୍କର ନଜର ନଥିଲା । ଗତାନୁଗତିକ ରହସ୍ୟବାଦିତା, ମୋହାଚ୍ଛନ୍ନତା ତାଙ୍କୁ ବାନ୍ଧି ରଖିପାରିନଥିଲେ । ରାଜକୀୟ ମୋହ, ଶାସ୍ତ୍ରୀଭିମାନ, ଭାକ୍ତିକ ପ୍ରହେଳିକା ଠାରୁ ସେ ଥିଲେ ଦୂରରେ । ସଂପ୍ରଦାୟ ଭିତରେ ଥିବା ବିଭିନ୍ନତା ତାଙ୍କୁ ବ୍ୟଥିତ କରିଥିଲା । ତେଣୁ ନିଜ ଭିତରର ଆହ୍ୱାନରେ ସେ ହେଉଥିଲେ ଭାବବିହ୍ୱଳ । ନିଜ ଶରୀରକୁ ସେମନ୍ଦିର ବୋଲି ଚିହ୍ନିଥିଲେ । ନିଜ ଅନ୍ତରର ଆହ୍ୱାନରେ ସେ ହେଉଥିଲେ ବିସ୍ତାରିତ । ସୃଷ୍ଟି ତତ୍ତ୍ୱ - ପିଣ୍ଡ - ବ୍ରହ୍ମାଣ୍ଡ ତତ୍ତ୍ୱର ଏହି ଚରମ ଉତ୍କର୍ଷତା ଓଡ଼ିଶାର ସନ୍ଥ ପରମ୍ପରା ପ୍ରସୂତ । ଅକ୍ଷରର ବିଭୂତି, ଶବ୍ଦର ବସାଣ, ପରଂବ୍ରହ୍ମଙ୍କ ରହସ୍ୟମୟତାର ମାୟା ତାଙ୍କୁ କବଳିତ କରିପାରିନଥିଲା । ନିଜକୁ ସାଧକର ଯୋଗ୍ୟ ଆସନରେ ବସାଇବାକୁ ଯେଉଁ ପ୍ରସ୍ତୁତିର ଆବଶ୍ୟକତା ଥିଲା ତାକୁ ହିଁ ସେ ଉପଲବ୍ଧି କରିଥିଲେ । ସେଇ ଉପଲବ୍ଧିର ଆସନ ଉପରେ ସେ ଶେଷ ସମୟ ପର୍ଯ୍ୟନ୍ତ ବସି ରହିଥିଲେ । ସେଇଠି ଥାଇ ଅନ୍ୟ ମାନଙ୍କୁ ନିଜ ଆସନ ଉପରକୁ ଉଠାଇ ଆଣିବାକୁ ଆହ୍ୱାନ ମଧ୍ୟ ଜଣାଇଥିଲେ । ଜଣେ କ୍ଷତ୍ରିୟ ଓ ରାଜବଂଶଜ ହୋଇ ମଧ୍ୟ ସେ ରାଜାରୁ ଅରକ୍ଷିତ ହେବାର ଗୌରବ ଲାଭ କରିଛନ୍ତି । ନୂଆ ସଂଜ୍ଞା, ନୂଆ ନାମ, ନୂଆ ପରମ୍ପରା ସୃଷ୍ଟି କରିବାରେ ତାଙ୍କର ଯେଉଁ ସିଦ୍ଧି ଓ ପ୍ରସିଦ୍ଧି ରହିଛି ତାହା ଓଡ଼ିଶାରେ ବିରଳ । ଆଧ୍ୟାତ୍ମିକତା ଭିତର ଦେଇ ଯେତେ ଉପରକୁ ଯାଇହେବ ଓ ସେହି ଯିବା ଭିତରେ ମୂଢ଼ମାନଙ୍କ ଦ୍ୱାରା ନିର୍ମିତ ଜଡତା, ଅଜ୍ଞତା-ସଜ୍ଞତାର ପ୍ରାଚୀର ମାନଙ୍କୁ କିଭଳି ଭାବେ ଭାଙ୍ଗି ଯିବାକୁ ହେବ ତାହା ତାଙ୍କଠାରେ ଦେଖିବାକୁ

ମିଳିଥିଲା । ଅଥଳ ସୃଷ୍ଟିତତ୍ତ୍ୱ, ନାମତତ୍ତ୍ୱ, ଶୂନ୍ୟତତ୍ତ୍ୱ, ବ୍ରହ୍ମତତ୍ତ୍ୱ ଭିତରେ ସେ ଥଳ ଖୋଜି ପାଇଛନ୍ତି । ଏ ଭିତରେ ଧନ୍ଦି ହୋଇ ସେ କ୍ଳାନ୍ତ ହୋଇ ପଡିନାହାନ୍ତି । ତାଙ୍କର ସାଧନା, ଅନୁଶୀଳନ ପ୍ରତିଭା ଭିତର ଦେଇ ସେ ଗୋଟିଏ ସତ୍ୟର ସନ୍ଧାନ ପାଇଛନ୍ତି, ତାହାହେଲା "ନିର୍ଭୟ ହୋଇ ସଭିଙ୍କୁ ସମାନ ଦେଖିବା" ଏହା ଯେପରି ତାଙ୍କ ଦ୍ୱାରା ଆବିଷ୍କୃତ ସତ୍ୟ । ଏହି ସତ୍ୟ ଉପରେ ପ୍ରତିଷ୍ଠିତ କବିଙ୍କ ଦୁଇ ରଚନା - "ଶବ୍ଦ ଓ ଅବଧୂତ ସଂହିତା ।"

ଶବ୍ଦ ସଂହିତା ଶବ୍ଦ ତତ୍ତ୍ୱ ଉପରେ ପ୍ରତିଷ୍ଠିତ । ସୃଷ୍ଟି ରହସ୍ୟ ଉନ୍ମୋଚନ ଏହାର ମୁଖ୍ୟ ପ୍ରତିପାଦିତ ବିଷୟ । ଶବ୍ଦ ସଂପର୍କିତ ହୋଇଥିବାରୁ ଏହା ଶବ୍ଦ । କବିଙ୍କ ଭାଷାରେ -

ନିଶବଦୁ ଶବଦ ହେଲା ।<br>
ଶବଦୁ ଆଜ୍ଞାଟି ଜନ୍ମିଲା ॥<br>
ଆଜ୍ଞାରୁ ହୋଇଲା ଓଁକାର ।<br>
ଅଣାକାର ଘର ବିଚାର ॥<br>
ଅଣାକାର ହେଲା ଅକାର ।<br>
ଆକାରୁ ଆଜ୍ଞାଟି ବାହାର ॥<br>
ଆଜ୍ଞା ହୋଇଲାକୁ ତୁମ୍ଭର ।<br>
ଆଜ୍ଞାରୁ ଲୀଳାଟି ପ୍ରଚାର ॥

ଆଜ୍ଞାଗୁରୁ । ଆଜ୍ଞା ଈଶ୍ୱର । ଆଜ୍ଞା ଲୀଳା । ଆଜ୍ଞା ସୃଷ୍ଟି । ଏହିଆଜ୍ଞା ପୁଣି ସୃଷ୍ଟି- ସ୍ଥିତି ଓ ପ୍ରଳୟ । ଯାହାକୁ ସେ ସ୍ୱୟଂ ଓ ତାଙ୍କ

# ଶୂନ୍ୟ ପୁରୁଷ

ପୂର୍ବବର୍ତ୍ତୀ ସନ୍ଥସାଧକ ପଂଚସଖା ମାନେ ଅନୁଭବ କରିଛନ୍ତି । ଈଶ୍ୱରଙ୍କ ଅବର୍ଣ୍ଣନୀୟ ଲୀଳାକୁ ବ୍ୟାଖ୍ୟା କରିବାକୁ ପଂଚସଖାଙ୍କ ସୃଷ୍ଟି । ପଂଚସଖା ଈଶ୍ୱରଙ୍କ ନିତ୍ୟ ରାସମଣ୍ଡଳର ସଖା । ସେମାନେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଯୁଗରେ ଭିନ୍ନ ନାମ ଧାରଣ କରି ଏହିପରି ଜନ୍ମ ହୋଇଛନ୍ତି । ତାଙ୍କ ଦ୍ୱାରା ସ୍ଥାପିତ ଆଶ୍ରମ ଗୁଡ଼ିକ ଓଡ଼ିଶାର ଲୀଳା କ୍ଷେତ୍ର ଭାବରେ ପ୍ରସିଦ୍ଧ । ନିଜ ସାଧନା ପଥରେ ଥାଇ ସନ୍ଥମାନେ ସ୍ୱ ସ୍ୱ ଗ୍ରନ୍ଥ ରଚନା ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସୁଛନ୍ତି । ଏହି ସବୁ ଗ୍ରନ୍ଥରେ ଆଧ୍ୟାତ୍ମିକ ରହସ୍ୟ ଭିନ୍ନ ମାନବବାଦର ଅଧିକ ବ୍ୟାଖ୍ୟା ରହିଛି ।

ଶବ୍ଦ ସଂହିତାରେ ପଂଚସଖାଙ୍କ ପ୍ରସଙ୍ଗ ଅରକ୍ଷିତଙ୍କ ପଂଚସଖାଙ୍କ ପ୍ରତି ଥିବା ଅନୁରକ୍ତିକୁ ଅଲକ୍ଷରେ ପ୍ରକାଶ କରିଥାଏ । ଏମାନେ ଭିନ୍ନ ହେଲେ ମଧ୍ୟ ଏମାନଙ୍କର ଲକ୍ଷ୍ୟ ଏକ । ଯାହା ଅରକ୍ଷିତଙ୍କର ମଧ୍ୟ । ତେଣୁ ଏହି ସବୁ ସନ୍ଥମାନଙ୍କର ଗୋଟିଏ ମାନସିକ ସମ୍ପର୍କ ରହିଛି । ପରସ୍ପର ସହିତ ଘନିଷ୍ଠ । ସନ୍ଥ ଦୃଷ୍ଟିର ଏହି ମହାମିଳନ ବାହ୍ୟଦୃଷ୍ଟିରେ ଭିନ୍ନ ହେଲେ ମଧ୍ୟ ଅନ୍ତଦୃଷ୍ଟିରେ ଅଭିନ୍ନ । ତେଣୁ ସେ କହିଛନ୍ତି -

"ଦଇନେ ତୁମ୍ଭେ ଆମ୍ଭେ ଭେଟ । ଏକଥା ନକର ପ୍ରଘଟ ॥"

ପଂଚସଖାଙ୍କ ସହିତ ତାଙ୍କ ମାନସିକ ସମ୍ପର୍କ କଥା ଶବ୍ଦ ସଂହିତାର ଏକ ପ୍ରସଙ୍ଗରୁ ଜଣାଯାଏ । ପଂଚସଖାଙ୍କ ତତ୍ତ୍ୱ ପ୍ରତି ସେ ଏକଦା ବୀତସ୍ପୃହ ହୋଇଛନ୍ତି, ତେଣୁ ଅଚ୍ୟୁତାନନ୍ଦ ଦାସଙ୍କୁ ଗୁପ୍ତରହସ୍ୟ ସେ ବୁଝାଇବାର ପ୍ରୟାସ କରିଛନ୍ତି । ସନ୍ଥ ଅରକ୍ଷିତଙ୍କ ଭାଷାରେ -

ସଂସାର ସାର ଯେତେକଥା ।
ସାର ସାରକୁ କଲେ ପୋଥା ॥

ରାମଦାସଙ୍କ ହସ୍ତେ ଦେଲେ ।
ଖଣ୍ଡଗିରି ଯାଅ ବୋଇଲେ ॥
ତହିଁ ଅର୍କ୍ଷିତଛନ୍ତି ଦାସ ।
ଏ ଲେଖା ଦେବୁ ତାଙ୍କ ପାଶ ॥
ତୁହିଁ ଚଳିଲେ ରାମଦାସ ।
ଖଣ୍ଡଗିରି ହେଲେ ପ୍ରବେଶ ॥
ରାମଦାସ ଦେଖି ଅର୍କ୍ଷିତ ।
କି ଆଜ୍ଞା ଆଣିଛୁରେ ତୁ ତ ॥
ରାମ ହସ୍ତରୁ ପତ୍ର ନେଲେ ।
ପଢ଼ି ହସନ୍ତି କୁତୂହଳେ ॥
ଦେଖିବା କଥାକୁ ବଖାଣେ ।
ନ ଦେଖିବା କଥା ନଜାଣେ ॥

ଦେଖା କଥାକୁ ସେ ପଂଚସଖାଙ୍କ ଗ୍ରନ୍ଥ ଭିତରେ କେବଳ ଦେଖିଛନ୍ତି ତେଣୁ ଅଗମ୍ୟ କଥା ବା ସତ୍ୟକୁ ବର୍ଣ୍ଣନା କରିବାକୁ ସେ ଅଚ୍ୟୁତିଙ୍କୁ ପରାମର୍ଶ ଦେଇଛନ୍ତି । ଅର୍ଥାତ୍ ପଂଚସଖାଙ୍କ ସାହିତ୍ୟରେ ଅଗମ୍ୟ ମାର୍ଗ ସମ୍ପର୍କରେ ଯଥାର୍ଥ ଉଲ୍ଲେଖ ନାହିଁ ବୋଲି ସେ କହିଛନ୍ତି । ତେଣୁ ଅଣାକାର ମାର୍ଗରେ ପ୍ରବୃତ ହେବା ଦ୍ୱାରା ଅସଲି ଈଶ୍ୱର ଉପଲବ୍ଧି ହୋଇପାରିବ ବୋଲି ସେ କହିଛନ୍ତି ।

ସନ୍ଥ ଅରକ୍ଷିତ ଦାସଙ୍କ ଅନ୍ୟ ଏକ ରଚନା "ଅବଧୂତ ସଂହିତା ।" ଏହିଗ୍ରନ୍ଥରେ ଜଗନ୍ନାଥ ଦାସଙ୍କ ଭାଗବତର ଏକାଦଶ ସ୍କନ୍ଧର "ଯଦୁ - ଅବଧୂତ ସମ୍ବାଦ" ପ୍ରସଙ୍ଗ ଅତ୍ୟନ୍ତ ସ୍ପଷ୍ଟ । ଅବଧୂତ ତତ୍ତ୍ୱରେ ସେ ପ୍ରଚଣ୍ଡ ବିଶ୍ୱାସୀ ଥିବାରୁ ଏହା ତାଙ୍କୁ ଆକର୍ଷିତ କରିଥିବା ପରି ମନେହୁଏ । ଏହାଛଡ଼ା

ସେ ମହର୍ଷି ଦତ୍ତାତ୍ରେୟଙ୍କ ଅଦ୍ଭୁତ ଗୀତାକୁ ମଧ୍ୟ ଅନୁକରଣ କରିଥାଇ ପାରନ୍ତି ବୋଲି ମନକୁ ଆସେ । ଅବଧୂତ ସଂହିତାର ପ୍ରଥମରୁ ଦ୍ୱାଦଶ ପୁଣି ଏକାଦଶରୁ ଚଉଷଠି ପଦଯାଏଁ ଯେଉଁ ବର୍ଣ୍ଣନା ରହିଛି ଏଥିରେ ଜଗନ୍ନାଥ ଦାସଙ୍କ ଅବଧୂତ ଚରିତ୍ରର ବର୍ଣ୍ଣନା ପ୍ରସଙ୍ଗ ଦ୍ୱାରା ସେ ଢେର ଅଧିକ ପ୍ରଭାବିତ ବୋଲି ମନେ ହୁଏ । ନିଜକୁ ଏହି ଗ୍ରନ୍ଥରେ ସେ ଅବଧୂତ ଟିଏ କରିଛନ୍ତି । ଅବଧୂତର ସମସ୍ତ ଲକ୍ଷଣରେ ସେ ଆତ୍ମପ୍ରକାଶ କରିଛନ୍ତି ମଧ୍ୟ । ତାଙ୍କ ଭାଷାରେ -

"ଆମ୍ଭେ ଅବଧୂତ ରୂପରେ ।
ବିହରୁ ଥାଇ ବନସ୍ତରେ ॥
ବନକନ୍ଦରେ ଥିବୁ ଶୋଇ ॥
ଆପେ ଆପଣା ଗତି ଧ୍ୟାୟି ॥

ଅବଧୂତ ହୋଇ ସେ ଯଦୁ ଓ ପ୍ରହ୍ଲାଦ ପରି ରାଜାମାନଙ୍କୁ ଉପଦେଶ ଦେଇଛନ୍ତି । ଏଠାରେ ରାଜତନ୍ତ୍ର ପ୍ରତି, ତାଙ୍କର ବୀତସ୍ପୃହତା ଯେପରି ପ୍ରକାଶିତ ହୋଇଛି ତେଣୁ ପ୍ରହ୍ଲାଦକୁ ଉପଦେଶ ଦେବା ଛଳରେ ସେ ଘୋଷଣା କରିଛନ୍ତି -

ମହାନିତ୍ୟରୁ ପ୍ରାପ୍ୟ ପାଇ ।
ଅସୁରଘରେ ଜନ୍ମ ହୋଇ ॥
ଜାଣ ସୁର ଅସୁର ଭାଇ ।
ରିପୁଟି ସଦାକାଳେ ଥାଇ ॥
ଗତକଥା ହେତୁ ନକରୁ ।
ବନସ୍ତେ ମୃଗ ମାରି ମରୁ ॥
ଜୀବ ଯେ ମାରିତୁ ଅପାର ।

# ଶୂନ୍ୟ ପୁରୁଷ

କିଛି ତ ନକଲୁ ବିଚାର ॥
ଏବେ କୁବୁଦ୍ଧି ମାର୍ଗ ଛାଡ଼ ।
ନିବୃତି ମାର୍ଗେ ଚିତ ଜଡ ॥
ମହାଶୂନ୍ୟକୁ ଉଦେ ଜ୍ୟୋତି ।
ଜ୍ୟୋତି ଭାବକୁ ଥିବୁ ଚିନ୍ତି ॥
ଜ୍ୟୋତିରେ ଜ୍ୟୋତି ରଖାଇବୁ ।
ସଂସାର କଥାକୁ ଦେଖିବୁ ॥

ରାଜତ୍ୱ ଐଶ୍ୱର୍ଯ୍ୟ ଭିତରେ ବ୍ରହ୍ମୋପଲବ୍ଧି ଅସମ୍ଭବ । ତେଣୁ ସେ ରାଜ ବିଭୂତି ତ୍ୟାଗ କରିଛନ୍ତି । ପ୍ରହ୍ଲାଦଙ୍କ ଭଳିପ୍ରଜାବତ୍ସଳ ଶାସକଙ୍କୁ ମଧ୍ୟ ସେ ଆହ୍ୱାନ ଜଣାଇଛନ୍ତି ଏହିପରି ହେବାକୁ । ଅବଧୂତଟିଏ ନ ହେଲେ ଅସଲ ତତ୍ତ୍ୱକୁ ବୁଝିହେବ ନାହିଁ । ଶୂନ୍ୟମଣ୍ଡଳରେ ଜ୍ୟୋତିର୍ମୟ ପୁରୁଷଙ୍କୁ ସଂଦର୍ଶନ କରିବାକୁ ହେଲେ ନିଜର ଅହଂ ପଣକୁ ପ୍ରଥମେ ତ୍ୟାଗକରିବାକୁ ହେବ । ସମଦର୍ଶୀ ନହେଲେ ଆତ୍ମଦର୍ଶୀ ହେବ କୁଆଡୁ ! ଭାଗବତରେ ଥିବା ଏହି ଗୁଣତତ୍ତ୍ୱକୁ ପ୍ରଥମେ ଉପଲବ୍ଧି କରିବାକୁ ହେବ । ଏହି ପରମଶାସ୍ତ୍ରରେ ଥିବା ତତ୍ତ୍ୱକୁ ନିରର୍ଥକରି ଶାସ୍ତ୍ରଜ୍ଞମାନେ ବୁଝାଇଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କ ଭାଷାରେ -

ଭାଗବତ ପଢ଼ନ୍ତି ଯେବେ ।
ଅର୍ଥକୁ ମଣନ୍ତି ଅନର୍ଥେ ॥
ଅର୍ଥସନ୍ଧିଯେ ବୁଝିପାରେ ।
ନିଜ ନାମେ ସେହି ବିହରେ ॥

ତେଣୁ ଶାସ୍ତ୍ର ମଧ୍ୟରେ ଥିବା ପରମତତ୍ତ୍ୱକୁ ବୁଝି ସଂସାର ମଧ୍ୟରେ ଆପଣା ମାର୍ଗରେ ରହି ସାଧନା କରିବାକୁ ସେପରାମର୍ଶ ଦେଇଛନ୍ତି । ଏହି ଗ୍ରନ୍ଥରଅନ୍ତିମ ପର୍ଯ୍ୟାୟରେ ସେ କହିଛନ୍ତି ସମସ୍ତ ସାଧୁସନ୍ଥ କଳିଯୁଗରେ ଗୁପ୍ତହୋଇ ସ୍ୱ ସ୍ୱ ଧାମରେ ଅବସ୍ଥାନ କରିଅଛନ୍ତି । ଜଗନ୍ନାଥ କଲ୍‌କୀ ଅବତାରରେ ମ୍ଲେଚ୍ଛ ସଂହାର କଲା ଉତାରେ ଏମାନେ ଆତ୍ମପ୍ରକାଶ କରିବେ । ସେଦିନକୁ ତାଙ୍କର ଅପେକ୍ଷା ।

ଏହି ଗ୍ରନ୍ଥ ରଚନାରେ ଅରକ୍ଷିତ ଦାସ ପଂଚସଖାଙ୍କ ପ୍ରସଙ୍ଗରେ ମଧ୍ୟ ଅବତାରଣା କରିଛନ୍ତି । ବିଶେଷ କରି ଜଗନ୍ନାଥ ଦାସ ଓ ମହର୍ଷି ଦତ୍ତାତ୍ରେୟଙ୍କ ଅବଧୂତ ଚରିତ୍ର ପ୍ରତି ଥିବା ତାଙ୍କର ମୋହ ଯେମିତିଅଲକ୍ଷରେ ପ୍ରକାଶିତ ହୋଇଛି । ନିର୍ଗୁଣ ତତ୍ତ୍ୱ, ବ୍ରହ୍ମତତ୍ତ୍ୱ, ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ, ସୃଷ୍ଟି ତତ୍ତ୍ୱକୁ ଅବଧୂତ ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିବା ତାଙ୍କର ଯେଉଁ ଲକ୍ଷ୍ୟ ତାହା "ଅବଧୂତ ସଂହିତା" ରେ ଅତି ନିଖୁଣ ଭାବରେ ସେ ବର୍ଣ୍ଣନା କରିଛନ୍ତି ।

# ରାଜର୍ଷି

## ଶ୍ରୀ ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ

ଜ୍ଞାନୀ, ବ୍ରହ୍ମଜ୍ଞାନୀ ଆଦି ସିଦ୍ଧ ମହାପୁରୁଷମାନଙ୍କୁ ମୁନି, ଋଷି, ବ୍ରହ୍ମର୍ଷି ଓ ରାଜର୍ଷି ନାମରେ କୁହାଯାଇଥାଏ । ସେମାନେ ସାଧୁ ଓ ସନ୍ଥ କିନ୍ତୁ ଏମାନଙ୍କ ମଧ୍ୟରେ ରାଜର୍ଷି ମାନଙ୍କର ମାନସିକତା ଭିନ୍ନ । ଭୋଗବିଳାସର ପରିଧି ବାହାରେ ରହି ଋଷି ହେବା ଓ ଭୋଗ ବିଳାସ ତଥା ରାଜଭୋଗକୁ ତୁଚ୍ଛ କରି ସନ୍ୟାସୀ ହେବା ସମ୍ପୂର୍ଣ୍ଣ ନିଆରା ।

ପାଂଚ ହଜାର ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସାଧୁସନ୍ଥ ମାନେ ମାନବ ସମାଜର କଲ୍ୟାଣ ପାଇଁ ଦିଗ୍‌ଦର୍ଶନ ଦେଇ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ସନ୍ଥ ଅରକ୍ଷିତ ଦାସ ଅନ୍ୟତମ ।

ଧୀରେ ଧୀରେ ଧରାପୃଷ୍ଠକୁ ଏହି ସବୁ ଅମ୍ଳାନ ପ୍ରତିଭା ଲୋପ ପାଇ ଆସୁଛି । ଆଜିର କୁହାଯାଉଥିବା ସାଧୁ ସନ୍ଥମାନେ ବିଳାସ ଭୋଗୀ ଓ ଲାଳସାର ବଶବର୍ତ୍ତୀ । ବିଶେଷକରି ଧନୀ, ମାନୀ ଓ ପ୍ରଭୂତ୍ୱ ଅଧିକାରୀ ବିଦ୍ୱାନ ମାନଙ୍କର ପୃଷ୍ଠପୋଷକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମାନେ ବିଦ୍ୱାନ ହୋଇପାରନ୍ତି କିନ୍ତୁ ଜ୍ଞାନୀ ନୁହଁନ୍ତି । ଏମାନଙ୍କ ବଚନ ତଥା କାର୍ଯ୍ୟରେ ଭିନ୍ନତା ଲକ୍ଷ୍ୟ କରାଯାଏ । ତେଣୁ ସେମାନେ ସାଧୁ ସନ୍ଥ ଶ୍ରେଣୀଭୁକ୍ତ ନୁହଁନ୍ତି । ଏମାନେ ବାବା, ମାତା ରୂପେ ପରିଚିତ ।

ପୁରାଣ, ପୋଥି ତଥା ଇତିହାସକୁ ପଢ଼ିଲେ ଏହା ସ୍ପଷ୍ଟ ଅନୁମେୟ ଯେ ମାନବ ସମାଜର ବିକାଶ ଦିନଠାରୁ ମୁନି, ଋଷିମାନେ ଜନ୍ମ ଗ୍ରହଣ

କରି ମହୀମଣ୍ଡଳ କଲ୍ୟାଣ ପାଇଁ କର୍ମ କରିଆସୁଛନ୍ତି । ଏମାନଙ୍କ ମଧ୍ୟରେ ରାଜର୍ଷିଙ୍କ ସଂଖ୍ୟା ଅତି ନ୍ୟୁନ । ପୁରାଣବର୍ଣ୍ଣିତ ଜନକ ପରେ ଗୌତମ ବୁଦ୍ଧଦେବ ଓ ତାପରେ ବଳଭଦ୍ର ଦେବ । ଏମାନେ ରାଜଭୋଗ, ରାଜସିଂହାସନ ଓ ସମସ୍ତ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି ଏ ଧରାରୁ କାମନାର ବିନାଶ ଓ ବ୍ରହ୍ମଦର୍ଶନ ପାଇଁ ତପସ୍ୟା କରିଥିଲେ । ଏମାନଙ୍କ ବାକ୍ୟ ଓ କାର୍ଯ୍ୟରେ କୌଣସି ତାରତମ୍ୟ ନଥିଲା, ଯାହା କ୍ଷତ୍ରିୟର ଧର୍ମ ଓ ଦର୍ଶନ ।

କ୍ଷତ୍ରିୟର ଧର୍ମ - ଅସରନ୍ତି ଦୟା ଓ କ୍ଷମାର ସିନ୍ଧୁ । ସାଗର ଗଭୀରତାର ମାପକାଠି ତା' ଶେଷବିନ୍ଦୁ ସ୍ପର୍ଶ କରିପାରେନା ।

କଠୋରତାର ଶୀର୍ଷରେ ରହି ନ୍ୟାୟର ବିଚାର ବେଳେ ଅନ୍ୟାୟର ବେଳାଭୂମିର ବହୁଦୂରରେ ମଧ୍ୟ ପାଦଚିହ୍ନ ଦେଖାଯାଏନି କ୍ଷତ୍ରୀୟର ।

ଜୀବନ ଜୀବିକା ତଥା ପୁରୁଷାକାର ଯୌବନ ହେଉ ବା ବାର୍ଦ୍ଧକ୍ୟ ନୁହେଁ କେହି କ୍ଷତ୍ରିୟର ନିଜସ୍ୱ ପରିଚୟ ।

କେବଳ କ୍ଷତ୍ରିୟର ହିଁ ଥାଏ ନିଜେ ଜଳି ଅନ୍ୟକୁ ଆଲୋକିତ କରିବାର ପ୍ରଲୁବ୍ଧ ଇଚ୍ଛା ।

ଅନ୍ୟର କଲ୍ୟାଣେ ସ୍ୱାର୍ଥତ୍ୟାଗର ତୃପ୍ତି କେବଳ କ୍ଷତ୍ରିୟର ଜୀବନ ଦର୍ଶନ ଓ ବିଶ୍ୱାସ । ଅନ୍ୟଥା ତାକୁ ସଂସାରରୁ ମୁକ୍ତି ମିଳେନା ।

ରାଜଦ୍ୱାରେ ହେଉ ବା ସିଂହଦ୍ୱାରେ - କାତରେ ସମର୍ପଣ କ୍ଷତ୍ରିୟ ପକ୍ଷରେ ସମ୍ଭବ ନୁହେଁ ।

ମୁଁ, ମୁଁକାର, ଅହଂତ୍ୱ ତା'ର ସ୍ୱାଭିମାନ ନୁହେଁ, କେବଳ ସ୍ୱଧର୍ମର ଗର୍ବ ଓ ଗୌରବ ।

# ଶୂନ୍ୟ ପୁରୁଷ

ଅତୀତର ଗାରିମା, ବର୍ତ୍ତମାନର ନିଜସ୍ୱ ଅନୁରକ୍ତି ଶୂନ୍ୟ ଭବିଷ୍ୟତ କ୍ଷତ୍ରୀୟର ବିଶାଳ ମନକୁ ବଂଚାଇ ରଖିଛି ସେ ନିଃସହୋଇ ମଧ୍ୟ ।

କୁହାଯାଇଥିବା ମହାପୁରୁଷ ଅରକ୍ଷିତ ଦାସ ଅରକ୍ଷିତ ନୁହଁନ୍ତି, ସେ ଦେବ ଦେବ ବଳଦେବ (ପ୍ରଭୁ ବଳଭଦ୍ର) । ଏହା କହିବାର ତାତ୍ପର୍ଯ୍ୟ ହେଲା - ସାଧନା ପୀଠର ସମନ୍ୱୟତା । ଯାହା ଯୁଗ ପରେ ଯୁଗ ପ୍ରକଟିତ ହୋଇ ଆସୁଛି । ଅନୁଜ ଅଗ୍ରଜ ବଳଦେବ, ନଦୀ, ଘନ ବନାନୀ ପଦବ୍ରଜରେ ବୁଲି ଦୈତ୍ୟ ଓ ପିଶାଚ ମାନଙ୍କୁ ସଂହାର କରି ମାନବ ଜାତିର କଲ୍ୟାଣ ସାଧନରେ ବ୍ରତୀ ହୋଇ ତାଙ୍କର ଶେଷ ସାୟାହ୍ନ ଲଳିତଗିରିଠାରେ କଟାଇଥିଲେ । ଏହାର ନିଦର୍ଶନ ସ୍ୱରୂପ ଲଳିତଗିରିର ପାଦ ଦେଶରେ ପ୍ରଭୁ ବଳଦେବଙ୍କର ଏକ ପ୍ରସ୍ତର ମୂର୍ତ୍ତି ବିଦ୍ୟମାନ, ଯାହାକୁ ଗ୍ରାମଲୋକ ଠାକୁରାଣୀ ରୂପେ ପୂଜା କରୁଛନ୍ତି ।

ଏହାର ପରବର୍ତ୍ତୀ ସମୟରେ ରାଜର୍ଷି ବୁଦ୍ଧଦେବ ସେହି ଲଳିତଗିରି ପାହାଡ଼ ପୃଷ୍ଠରେ ବୌଦ୍ଧବିହାର ସ୍ଥାପନ କରିଥିଲେ, ଯାହାର ଭଗ୍ନାବିଶେଷ ଏବେ ସଂରକ୍ଷିତ ଓ ଏକଦର୍ଶନୀୟ ପୀଠ ରୂପେ ପରିଚିତ । ଶୁଣାଯାଏ ମହାପୁରୁଷ ବୁଦ୍ଧଦେବଙ୍କ କେଶରାଶି ଏହି ସ୍ତୁପ ମଧ୍ୟରେ ସଂରକ୍ଷିତ । ଏଡି ପାହାଡ଼ର ଠିକ୍ ଅପରପାର୍ଶ୍ୱରେ ଓଳାଶୁଣି ପାହାଡ଼ ଦଣ୍ଡାୟମାନ । ପ୍ରବାହିତ ଗୋବରୀ ନଦୀ ଯାହା ଦୁଇ ପାହାଡକୁ ପୃଥକ କରିଦେଇଛି ନଚେତ୍ ଏହାକୁ ଏକ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ଓଳାଶୁଣି ପାହାଡ଼ ଏକଦା ଘନ ଜଙ୍ଗଲର ଏକ ପରିବେଷ୍ଟନୀ ତଥା ଜୀବ ଜନ୍ତୁମାନଙ୍କର ଆଶ୍ରୟସ୍ଥଳୀ ଥିଲା । ସେହି ଜଂଗଲକୁ ବଳଭଦ୍ର ଦେବ (ଅରକ୍ଷିତ ଦାସ) ବାଛିଥିଲେ ତାଙ୍କ ସାଧନା ପୀଠପାଇଁ । ଜମିଦାର

# ଶୂନ୍ୟ ପୁରୁଷ

ନରେନ୍ଦ୍ରଙ୍କ ଠାରୁ ଅନୁମତି ନେବାପରେ ତାଙ୍କଠାରୁ ଅନ୍ୟକୌଣସି ପ୍ରକାର ସାହାଯ୍ୟ ଓ ସହଯୋଗକୁ ବାରଣ କରିଥିଲେ । ସେ ଏକାକୀ ସେହି ନିଘଂଚ ଜଙ୍ଗଲ ମଧ୍ୟରେ ସାଧନା କରି ସିଦ୍ଧିପ୍ରାପ୍ତ ହୋଇଥିଲେ । ତାଙ୍କର ଏହି ମହୀମଣ୍ଡଳ ପାଇଁ ବିଶେଷ ଦାନ ଅଦ୍ୱୈତବାଦ, ଯାହା ଉଚ୍ଚ, ନୀଚ ଭେଦଭାବରୁ ଉର୍ଦ୍ଧ୍ୱରେ । ସକଳ ଘଟେ ନାରାୟଣ, ସର୍ବେସମାନ, ସୃଷ୍ଟିକର୍ତ୍ତା ଓ ସୃଷ୍ଟି ପରସ୍ପର ପରିପୂରକ, ଦୃଶ୍ୟମାନ ହେଉଥିବା ଭିନ୍ନତା ହେଉଛି କେବଳମାତ୍ର ମାନସିକ ଦୁର୍ବଳତା । ମାୟା ଜର୍ଜ୍ଜରିତ ସମାଜ ଜଙ୍ଗଲଠାରୁ ମଧ୍ୟ ଭୟଙ୍କର ଓ ବିପଦପୂର୍ଣ୍ଣ । ରାଜର୍ଷି ବୁଦ୍ଧଦେବଙ୍କ ପରି ସେ ମଧ୍ୟ ବ୍ରାହ୍ମଣ୍ୟବାଦ ଦ୍ୱାରା ଧର୍ମ ନାମରେ ଚାଲିଥିବା କପଟପଶା ଖେଳ ଠାରୁ ଦୂରେଇଯିବାକୁ ମାନବ ସମାଜକୁ ଉପଦେଶ ଦେଇଥିଲେ । ଦେବତାଙ୍କ ପ୍ରକାର ଭେଦ ଓ ସ୍ୱାର୍ଥ ସିଦ୍ଧି ପାଇଁ ଆରାଧନାର ଭିନ୍ନ ଭିନ୍ନ ପଦ୍ଧତି, ଦାନ, ଧ୍ୟାନ, ତପ, ଜପ ଇତ୍ୟାଦି ଠାରୁ ଦୂରେଇ ଯିବାକୁ ସେ ମାନବ ସମାଜକୁ ଆହ୍ୱାନ ଦେଇଥିଲେ । ଏଣୁ ତାଙ୍କର ବାଣୀ ହେଲା –

ହେ ବ୍ରହ୍ମ ମନ୍ତ୍ର, ଜପ, ତନ୍ତ୍ର, ହୋମ
ବ୍ରତ ନ ଜାଣେ ମୁହିଁ
ତୁମ୍ଭ ପାଦେ ଚିତ ମୋର
ସବୁତ ତୁମ୍ଭଙ୍କୁ ଗୋଚର,
ମୁଁ କିସ କହିବଇଁ ଛାର
ତୁମ୍ଭ ଭରସା ବିନୁ ଶୁଣ,
କିଛି ନଜାଣେ ଯେ ପୁଣ

# ଶୂନ୍ୟ ପୁରୁଷ

ସ୍ୱାର୍ଥସିଦ୍ଧି ପାଇଁ ବିଭୁକୃପା ମିଳେ ନାହିଁ । ପ୍ରକୃତ ବିଭୁକୃପାରୁ ପଙ୍ଗୁଗିରି ଲଘଂନ କରେ, ମୂକ ବେଦ ପାଠ କରେ, ପ୍ରାଣୀର ସବୁସତ୍ ଓ ପବିତ୍ର ଉଦ୍ଦେଶ୍ୟ ସାଧିତ ହୁଏ, ମନ ଓ ଚେତନାରେ ଅତି ମାନସ ଭାବ ଜାଗ୍ରତ ହୁଏ ଯାହା ଘଟିଥିଲା ବଳଭଦ୍ର ଦେବ (ଅରକ୍ଷିତ ଦାସ)ଙ୍କ ଜୀବନରେ ।

ମୋର ଶେଷକଥା - ଆଜି ଯେଉଁ ମହାପୁରୁଷ ମାନଙ୍କୁ ଆମେ ଭକ୍ତିରେ ଅନୁସରଣ କରୁଛେ - ସେମାନଙ୍କ ମଧ୍ୟରୁ ଅନେକ ବଂଗଦେଶୀୟ କହିଲେ ଭୁଲ ହେବ ନାହିଁ । ଯଥା - ଶ୍ରୀଚୈତନ୍ୟ, ଶ୍ରୀ ରାମକୃଷ୍ଣ ପରମହଂସ, ଶ୍ରୀବିବେକାନନ୍ଦ, ଶ୍ରୀ ଅରବିନ୍ଦ, ଶ୍ରୀନିଗମାନନ୍ଦ, ଶ୍ରୀ ଅନୁକୁଳଚନ୍ଦ୍ର ଆଦି ଅନେକ । ମୋର ଏହା କହିବାର ଅଭିପ୍ରାୟ ହେଉଛି ସେମାନଙ୍କର ଜନ୍ମସ୍ଥଳୀର ପ୍ରଭାବ ସେମାନଙ୍କ ମହତ୍ୱକୁ ପରିପୁଷ୍ଟ କରିପାରିଥିଲା, ଯେଉଁଥିପାଇଁ ସେମାନେ ସର୍ବଭାରତୀୟ ସ୍ତର ତଥା ବିଦେଶରେ ମଧ୍ୟ ଗ୍ରହଣୀୟ ହୋଇଛନ୍ତି । କିନ୍ତୁ ଆମ ଓଡ଼ିଶାରେ ଜନ୍ମ ନେଇଥିବା ମହାପୁରୁଷ ମାନଙ୍କୁ ଆମେ ଆମର ଅଜ୍ଞାନତା, ନିର୍ବୋଧତା ଓ ସ୍ୱାର୍ଥପରତା ପାଇଁ ଠିକ୍ ଭାବେ ପରିପ୍ରକାଶ କରିପାରିଲୁ ନାହିଁ । ଉଦାହରଣ ସ୍ୱରୂପ ମହାପୁରୁଷ ବଳଭଦ୍ର ଦେବଙ୍କୁ ଅରକ୍ଷିତ ନାମକରଣ କରି ପ୍ରଚାର କରାଗଲା । ଏହିପରି ଅନେକ ଯଥା :- ହାଡ଼ିଦାସ, ଫଗୁଦାସ, ଭୀମଭୋଇ ଆଦି ମହାପୁରୁଷ ମାନଙ୍କର ସର୍ବଭାରତୀୟ ସ୍ତରରେ ପରିଚୟରେ ଅନ୍ତରାୟ ସୃଷ୍ଟି ହେଲା ଓ ସେମାନଙ୍କ ବାଣୀ ପ୍ରଚାର, ପ୍ରସାର ମଧ୍ୟ ହୋଇପାରିଲା ନାହିଁ । ଏଥିପାଇଁ ଆମ ହୀନ ମାନସିକତା ହିଁ ମୁଖ୍ୟ କାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ ।

- ବଡ଼କୋଠା, କେନ୍ଦ୍ରାପଡ଼ା

# ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସିଦ୍ଧି ଓ ମହାପ୍ରୟାଣ ଭୂମି ଓଁ କାର – ଏଳାକ୍ଷର କ୍ଷେତ୍ର ଓଳାଶୁଣି ଗୁମ୍ଫା : ଏକ ଐତିହାସିକ ଅନୁଶୀଳନ ।

**ଡକ୍ଟର ହରିଶ ଚନ୍ଦ୍ର ପୃଷ୍ଟି**

ପୁରାଣ ତଥା ଇତିହାସ ପ୍ରସିଦ୍ଧ ପଂଚକୋଶୀ ବିରଜା ମଣ୍ଡଳ ବୈତରଣୀ ତୀର୍ଥ ନାଭିଗୟା ଯାଜପୁର (ଜିଲ୍ଲା) ବଡ଼ଚଣା ବ୍ଲକ୍ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲେଇ-ବନ୍ଦେରେଶ୍ୱର ଗ୍ରାମ ଉପକଣ୍ଠ ପ୍ରବହମାନ ପୂଣ୍ୟତୋୟା ସ୍ରୋତସ୍ୱନୀ କ୍ଷୀର ସିନ୍ଧୁ ଗୋମତୀ (ଗୋବରୀ) ର ବାମ ପାର୍ଶ୍ୱରେ ସୁପ୍ରସିଦ୍ଧ ଓଳାଶୁଣି ପର୍ବତ ଦଣ୍ଡାୟମାନ । ଚିର ସବୁଜିମା ବର୍ତ୍ତିଳ ବନାନୀ-ଉଦ୍ୟାନ ଅଧ୍ୟୁଷିତ ଓଳାଶୁଣି ପର୍ବତର ଶୀର୍ଷ ଦେଶରେ ରହିଛି, ଓଁକାର- ଏଳାକ୍ଷର-ଚତୁଦର୍ଶୀ ମହାସିଦ୍ଧ ସାଧକ ପରମକାରୁଣିକ ମହାପୁରୁଷ ଭଗବାନ ସନ୍ଥ ଅବଧୂତ ଅରକ୍ଷିତ ଦାସଙ୍କ ଲୀଳା, ବିହାରୀ ମହାସିଦ୍ଧି ଏବଂ ମହାସମାଧି ମନ୍ଦିର ପାର୍ଶ୍ୱରେ ରହିଛି ଚିର ହରିତ, ମହାମହିମାମୟ, ଅଜ୍ରାମର ତଥା ଦେବ ଦୁର୍ଲ୍ଲଭ ବଟବୃକ୍ଷ । ପଂଚରଥ ଶୈଳୀରେ ନିର୍ମିତ ମହାପୁରୁଷ ଅରକ୍ଷିତ ଦାସଙ୍କ ମହାସମାଧି ମନ୍ଦିର ପାର୍ଶ୍ୱରେ ଦୁଇ ଗୋଟି ପ୍ରସ୍ତର କଟା ବୌଦ୍ଧ ଗୁମ୍ଫା (୧୦ଗ୮ଫୁ) ଏବଂ (୮ଗ. ୬ ଫ) ରହିଥିବା ହେବେଳ, ଏହା ଯଥାକ୍ରମେ ସିଦ୍ଧଗୁମ୍ଫା ଓ ମୁନିଗୁମ୍ଫା ନାମରେ ସୁବିଦିତ । ତୃତୀୟ ବୌଦ୍ଧ ଗୁମ୍ଫାଟି ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ । ଏକ ଅମୁହାଁ-ନିବୁଜ-ମହାଗୁପ୍ତ ଗୁମ୍ଫା । କୁହାଯାଏ ଯେ- ଏହି

ଗୁମ୍ଫା ଗର୍ତ୍ତ ଗୃହାଭ୍ୟନ୍ତରରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଓଁକାର-ଏକାକ୍ଷର-ବ୍ରହ୍ମଦର୍ଶନ ଓ ମହାସିଦ୍ଧି ପ୍ରାପ୍ତ ହୋଇଥିଲେ ବୋଲି ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ଉପାଖ୍ୟାନ ତଥା ଆଖ୍ୟାୟିକ ମାନଅଦ୍ୟାବଧି ଏହି ଅଂଚଳ ମାନଙ୍କରେ ବେଶ୍ ଚଳଚଂଚଳ । ଏହି ଦେବଦୁର୍ଲ୍ଲଭ ଅନନ୍ତ ଗୁମ୍ଫା ମଧ୍ୟରେ ରହି ଅରକ୍ଷିତ ୯୩ ଅଧ୍ୟାୟ ବିଶିଷ୍ଟ ସ୍ୱରଚିତ ମହୀମଣ୍ଡଳ ଗୀତା ସମ୍ପନ୍ନ କରିଥିଲେ । ଅନନ୍ତ ଗୁମ୍ଫା ପାର୍ଶ୍ୱସ୍ଥ ମୁକ୍ତ ପ୍ରକୋଷ୍ଠ ମଧ୍ୟରେ ଅଦ୍ୟାବଧି ପୂଜାର୍ଚ୍ଚିତ ମହାପୁରୁଷ ଅରକ୍ଷିତଙ୍କ ସ୍ୱହସ୍ତ ଲିଖିତ ମହିମଣ୍ଡଳ ଗୀତାର ତାଳପତ୍ର ପୋଥି ଗ୍ରନ୍ଥ ପାଣ୍ଡୁଲିପିର ଅବସ୍ଥିତି ପରୋକ୍ତ ଅଭୁଲା ସ୍ମୃତିକୁ ଉଜ୍ଜିବୀତ କରୁଅଛି । ପ୍ରତ୍ନ ଐତିହାସିକ ଦୃଷ୍ଟିକୋଣରୁ ଓଳାଶୁଣି ପର୍ବତସ୍ଥ ପ୍ରସ୍ତରକଟା ବୌଦ୍ଧଗୁମ୍ଫା ପୁଞ୍ଜପୂର୍ବ ୨ୟ-୧ମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ୧ମ-୨ୟ ଶତାବ୍ଦୀ ସମୟ ସୀମା ମଧ୍ୟରେ ପରିବ୍ରାଜକ ବୌଦ୍ଧତପସ୍ୱୀ- ସନ୍ୟାସୀ ମାନଙ୍କର ସାମୟିକ ଆବସିକ ସ୍ଥଳୀ ଭାବେ ଉଦ୍ଦିଷ୍ଟ ଥିଲା । ଏହିଗୁମ୍ଫା ପୁଞ୍ଜମାନ ଖଣ୍ଡଗିରି, ଉଦୟଗିରି, କାଏମା, ଧର୍ମଶାଳା, ମହାଗିରି - ସିଦ୍ଧଗୁମ୍ଫା - ଉଦୟଗରି, ଗାଙ୍ଗା, ପାରାଭାଡ଼ୀ - ଶୁଖୁଆ ପଡ଼ା କାର୍ଲେ, କାହ୍ନେରୀ, ଭଜି, ଅଜନ୍ତା, ଏଲ୍ଲୋରାସ୍ଥ ଅନୁରୂପ ଜୈନ ଓ ବୌଦ୍ଧ ଗୁମ୍ଫାପୁଞ୍ଜ ସହ ସମକକ୍ଷ ଓ ସମକାଳୀନ । ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଆଗମନର ବହୁ ସହସ୍ର ଶତାବ୍ଦୀ ପୂର୍ବରୁ ଏଠାରେ ବୌଦ୍ଧ ସନ୍ୟାସୀ ପରିବ୍ରାଜକ ଗଣଙ୍କର ସାମୟିକ ବର୍ଷାବାସ ବିହାର ସ୍ଥଳୀ ଭାବେ ଉପରୋକ୍ତ ଗୁମ୍ଫା ମଣ୍ଡଳୀ ଗୁଡିକ ଉଦ୍ଦିଷ୍ଟ ଥିଲା ବୋଲି ଏହି ଐତିହାସିକ ବୌଦ୍ଧ ଗବେଷକଙ୍କ କ୍ଷେତ୍ର ସର୍ବେକ୍ଷଣ ଓ ଗବେଷଣାରୁ ବେଶ ସୁସ୍ପଷ୍ଟ ।

ଆଜିକୁ ଆନୁମାନିକ ୫୦୦ ବର୍ଷ ପୂବର୍ରରୁ ଅର୍ଥାତ୍ ପଂଚଦଶ

# ଶୂନ୍ୟ ପୁରୁଷ

ଶତାବ୍ଦୀରେ ମହାନ୍ ଦିବ୍ୟଦ୍ରଷ୍ଟା ମହାପୁରୁଷ ଅଚ୍ୟୁତାନନ୍ଦ ଦାସ (ଅରକ୍ଷିତ ଦାସଙ୍କ ଧରାବତରଣର ପ୍ରାୟତଃ ୨୫୦ ବର୍ଷ ପୂର୍ବରୁ) ସର୍‌ଗିତ ଛୟାଳିଶ ପଟଳ ମାଳିକା ଓ ତତ୍ୱବୋଧିନୀ ଗ୍ରନ୍ଥରେ - ଓଁକାର-ଏକାକ୍ଷର-ବ୍ରହ୍ମଦର୍ଶୀ ମହାସିଦ୍ଧ ସାଧକ ତଥା-ଜଗତ୍‌ଜିତା-ମୃତ୍ୟୁଞ୍ଜୟ-ମହାଯୋଗୀ-ଅବଧୂତ ମହାପୁରୁଷ ଏବଂ ମହାଶୂନ୍ୟ-ବ୍ରହ୍ମ-ଅଲେଖ ନିରଞ୍ଜନ-ନିରାକାର-ବିରାଟ ପୁରୁଷଙ୍କ ସାକ୍ଷାତ୍ ମୂର୍ତ୍ତିମନ୍ତ ଅବତାର ପରମବ୍ରହ୍ମ ଅରକ୍ଷିତ ଦାସଙ୍କ ଧରାବତରଣ, ମହାଲୀଳା, ମହାସିଦ୍ଧି, ମହାପ୍ରୟାଣ ସଂପର୍କରେ ଯେଉଁ ଚାଂଚଲ୍ୟକର ଭବିଷ୍ୟତବାଣୀ ଶୁଣାଇ ଯାଇଛନ୍ତି ତାହା ବାସ୍ତବରେ ଅକାଟ୍ୟ ଓ ଧ୍ରୁବ ସତ୍ୟ । ଅଚ୍ୟୁତଙ୍କ ଦିବ୍ୟ ଦୃଷ୍ଟିରେ ଅରକ୍ଷିତ ହେଉଛନ୍ତି ପଂଚସଖାଗଣ ତଥା ନିର୍ଦ୍ଦିଷ୍ଟ ଭାବେ ସ୍ୱୟଂ ଅଚ୍ୟୁତଙ୍କ ଯୁଗର ପରମୋପାସ୍ୟ ଗୁରୁଦେବ-ଜ୍ୟେଷ୍ଠ ଭ୍ରାତା । ପଂଚସଖାଗଣ ପଦ୍ମପୁଷ୍ପ ହେଲେ, ଅରକ୍ଷିତ ହେଉଛନ୍ତି କେଶର ସଦୃଶ ।ଅଚ୍ୟୁତଙ୍କ ଲିଖିତ ଲକ୍ଷାଧିକ ଗ୍ରନ୍ଥମାନ ଅରକ୍ଷିତଙ୍କ ସ୍ୱଚରିତ ଏକା ମହୀମଣ୍ଡଳ ଗୀତା ସହ ସମକକ୍ଷ ନୁହନ୍ତି । ସକଳଗ୍ରନ୍ଥ ଶାସ୍ତ୍ରମାନଙ୍କ ମଧ୍ୟରେ ମହୀମଣ୍ଡଳ ଗୀତା ହେଉଛି ସର୍ବସାର ଓ ସର୍ବଶ୍ରେଷ୍ଠ ।ଏହାର ତୁଳନା ନାହିଁ । ଏହି ଗୀତାକୁ ଭଲଭାବେ ପଢ଼ି, ବୁଝି, ଜୀବନ ଚର୍ଯ୍ୟାରେ ଯେ କେହି ସାଧନ କରିପାରିଲେ ସେ ପରମ ବ୍ରହ୍ମାନନ୍ଦ - କୈବଲ୍ୟାନନ୍ଦ - ମୋକ୍ଷ ପ୍ରାପ୍ତି ସହ ଯୁଗେ ଯୁଗେ ଅକ୍ରାମର ହେବା ଧ୍ରୁବସତ୍ୟ ବୋଲି ଖୋଦ୍‌ଅରକ୍ଷିତ ଉଦାତ କଣ୍ଠରେ ଘୋଷଣା କରିଯାଇଛନ୍ତି । ପୁନଶ୍ଚ ଓଲାଶୁଣି ପର୍ବତ ଠାରେ ହେବାକୁ ଥିବା ବିଶ୍ୱ ସାଧୁ-ସନ୍ଥ-ସିଦ୍ଧ-ସାଧକ ସମ୍ମିଳନୀରେ ବ୍ରହ୍ମ ଏକାକ୍ଷର-ଓଁକାର-ପରୀକ୍ଷାରେ ଅରକ୍ଷିତ ସମେବେତ ସମସ୍ତ ସିଦ୍ଧ ସାଧକ ଗଣଙ୍କୁ ପରାହତ

କରିବାରୁ ସହ ବ୍ରହ୍ମ ଏକାକ୍ଷର-ଓଁକାର ବ୍ରହ୍ମର କାଳଜୟୀ ବାର୍ତ୍ତା ପ୍ରଚାର ପ୍ରସାରପୂର୍ବକ ବିଶ୍ୱବିଜୟୀ ଜୈତ୍ର କେତନ (ଅବଧୂତ ବାନା) ଉଡ଼ାଇବା ଧ୍ରୁବ ସତ୍ୟ । ମହାପୂତ ପବିତ୍ର-ମାଘ କୃଷ୍ଣ ଏକାଦଶୀ ତିଥିରେ ଦେବଦୁର୍ଲ୍ଲଭ ହଜ-ସହଜ-ସମାଧିରେ ସଦେହ ହଜାଇ ଶ୍ରୀକ୍ଷେତ୍ରସ୍ଥ ପରମବ୍ରହ୍ମ-ପରମେଶ୍ୱର-ଜଗଦ୍ଦୀଶ୍ୱର-ଅଲେଖ ନିରଂଜନ ବିରାଟ ପୁରୁଷ-ଜଗନ୍ନାଥଙ୍କ ଅନନ୍ତ ମହାଶୂନ୍ୟ ରୂପୀହିରଣ୍ୟ ଗର୍ଭରେ ଚିରଦିନ ପାଇଁ ତଲ୍ଲୀନ ହୋଇଯିବେ । ଏହା ଅକାଟ୍ୟ ଓ ଧ୍ରୁବ ସତ୍ୟ ବୋଲି ଅଚ୍ୟୁତାନନ୍ଦ ଦାସ ଚମକପ୍ରଦ ତଥା ଚାଂଚଲ୍ୟକର ଭବିଷ୍ୟତବାଣୀ ଶୁଣାଇ ଯାଇଛନ୍ତି ।

ଯଥା - "ଆମ୍ଭେ ପଂଚ ସଖା ପଦ୍ମ ଫୁଲର ପରାଏ ।
ତହିଁପରେ ଅରକ୍ଷିତ କେଶର ବୋଲାଏ ॥
ଲକ୍ଷେକ ଗ୍ରନ୍ଥ ରଚିଲେ ଅଚ୍ୟୁତ ଗୋସାଇଁ ।
ଏକା ମହୀମଣ୍ଡଳକୁ ସରି କେହି ନୋହିଁ ॥
ସକଳ ଗ୍ରନ୍ଥ ମଧ୍ୟେ ସାର ।
ମହୀମଣ୍ଡଳ ନାମଯାର ॥
ଏହି ଗୀତାରେ ଭକ୍ତି ଅଛି ।
ଏଥିରେ ଆଉ ନାହିଁ କିଛି ॥
ଭକ୍ତି ମୂଳରେ ମୁକ୍ତି ଅଛି ।
ଅନ୍ୟ ଯୋଗରେ ନାହିଁ କିଛି ॥
ଏଗୀତା ପଢ଼ି ବୁଝି ଯେ ସାଧିବ ।

କାଳେ କାଳେ ଅକ୍ରାମର ହୋଇବ ॥
"ଓଳାଶୁଣି ପର୍ବତରେ ସାଧୁମେଳା ହେବ ।
ଏକାକ୍ଷର ପରୀକ୍ଷା ଯେ ଅର୍କ୍ଷିତ କରିବ ॥
କେତେ କେ ସାଧୁ ଆସି ।
ସେଠାରେ ମିଳିବେ ॥
ଅରକ୍ଷିତ ଦାସ ମୋର ଅଟେ ଗେହ୍ଲାପୁଅ ।
ବ୍ରହ୍ମ ଏକାକ୍ଷର ସେହୁ କରିବ ନିଶ୍ଚୟ ॥"

ଅଚ୍ୟୁତାନନ୍ଦ ଦାସ
(ଛୟାଳିଶ ପଟଳ)

"ଆହୁରି ଭକତ ଶୁଣ ହୋ ରାମ ।
ଅରକ୍ଷିତ ଅଟେ ଭକତ ଟାଣ ॥
ହଜ ସମାଧିକୁ ସାଧିବ ସେହି ।
ଶ୍ରୀକ୍ଷେତ୍ରେ ମକ୍ଟମକ୍ଟବ ଦେହ ହଜାଇ ॥
ହଜିବ ଦେହ ସେ ରଖିବ କୀର୍ତ୍ତି ।
ତା ନାମେ ହୋଇବ ଜଗତେ ଖ୍ୟାତି ॥"

ଅଚ୍ୟୁତାନନ୍ଦ ଦାସ
(ତତ୍ୱ ବୋଧିନୀ ମାଳିକା)

"ଆଜ୍ଞାରୁ ଅର୍କ୍ଷିତ ଅଚ୍ୟୁତି ।
ବଳରାମ ଯେ ଜଗନ୍ନାଥ ॥
ଯଶୋବନ୍ତ ଯେ ଶିଶୁ ଅନନ୍ତ କହି ।
ପାଂଚ ପାଂଚରେ ବୁଝ ତୁହି ॥"

# ଶୂନ୍ୟ ପୁରୁଷ

ଅଚ୍ୟୁତାନନ୍ଦ ଦାସଙ୍କ ଭବିଷ୍ୟବାଣୀ ଅନୁଯାୟୀ, ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ସତ୍ୟଯୁଗ ଠାରୁ କଳିଯୁଗ ପର୍ଯ୍ୟନ୍ତ ବହନ କରିଥିବା ବିଭିନ୍ନ ଅବତାର ମଧ୍ୟରେ ଅଚ୍ୟୁତଙ୍କ ସ୍ୱ ପରମାରାଧ-ଗୁରୁଦେବ-ଅଗ୍ରଜ-ଜ୍ୟେଷ୍ଠଭ୍ରାତା ଭାବେ ନିଜକୁ ପ୍ରତିପାଦିତ କରି ଯାଇଛନ୍ତି । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ବୋଲି ହୃଦ୍‌ବୋଧ ହୁଏ । ସତ୍ୟଯୁଗରେ ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଭଗବାନ ଅବଧୂତ ଦତ୍ତାତ୍ରେୟ ନାମ ବହନ କରି ଧରାବତରଣ କରିଥିବାବେଳେ, ଅନୁଜ - ଶିଷ୍ୟ ଅଚ୍ୟୁତାନନ୍ଦ ଦାସ ଯଦୁରାଜନ ନାମରେ ଭୂମିଷ୍ଠ ପୂର୍ବକ ଦତ୍ତାତ୍ରେୟଙ୍କ ଠାରୁ ବ୍ରହ୍ମଜ୍ଞାନ ଶ୍ରବଣ କରିଥିଲେ । ପରବର୍ତ୍ତୀ ସମୟରେ ଅରକ୍ଷିତ ମାର୍କଣ୍ଡେୟଋଷି ନାମକୁ ବହନ କରିଥିବା ବେଳେ; ଅଚ୍ୟୁତ ଅନୁଜ ଅଗସ୍ତି ଋଷି ନାମକୁ ଧାରଣ ପୂର୍ବକ ସ୍ୱଗୁରୁ ଆଶୀର୍ବାଦରେ ସାତ ସମୁଦ୍ରର ଜଳକୁ ଏକାବେଳେକେ - ଚଳୁକରି ଦେଇଥିଲେ । ସେହିଭଳି ଅରକ୍ଷିତ ଅବଧୂତ ନାମକୁ ବହନ କରି ଧରାବରଣ କରିଥିଲା ବେଳେ ଅଚ୍ୟୁତାନନ୍ଦ ଦାସ ରାକ୍ଷସ ହିରଣ୍ୟକଷ୍ୟପୁର ସନ୍ତାନ ପରମ ବିଷ୍ଣୁ ଭକ୍ତ ପ୍ରହ୍ଲାଦ ନାମରେ ଖ୍ୟାତି ଅର୍ଜନ କରିଥିଲେ । ନୀଘଂଚ ଅରଣ୍ୟରେ ମୃଗୟା ବିନୋଦ ଅବସରରେ ସ୍ୱଗୁରୁ ଦେବ - ଅଗ୍ରଜ-ଅରକ୍ଷିତ-ଅବଧୂତଙ୍କ ସଂଦର୍ଶନରେ ମହାଦିବ୍ୟଜ୍ଞାନ- ଉନ୍ମେଷ ହେବ ସହ ଅରକ୍ଷିତ୍‌ଙ୍କ ପଦାରବିନ୍ଦରେ ପ୍ରଣୀପାତ ପୂର୍ବକ ସଂସାରତ୍ୟାଗୀ ହୋଇଥିଲେ । ମହାଘୋର କଳିଯୁଗରେ ପରଂବ୍ରହ୍ମ ପରମପୁରୁଷ-ମହାଶୂନ୍ୟ ଅଲେଖନିରଂଜନ, ତ୍ରିଗୁଣାତୀତ-ବିରାଟ-ପୁରୁଷଙ୍କ ସାକ୍ଷାତ ମୂର୍ତ୍ତି ମନ୍ତ ଅବତାର ଭାବେ ଅରକ୍ଷିତ ନାମରେଧରାବତରଣ ପୂର୍ବକ ମାତ୍ର ୧୮ ବର୍ଷ

# ଶୂନ୍ୟ ପୁରୁଷ

ବୟସ ବେଳେ ରାଜକୀୟ ପଦମର୍ଯ୍ୟାଦା ମଦମାଶ୍ଚର୍ଯ୍ୟ, ବିଳାସବ୍ୟସନାଦିକୁ ଜଳାଞ୍ଜଳୀ ଦେଇ ବ୍ରହ୍ମଜ୍ଞାନଲୋକରେଆଲୋକିତ ବ୍ରହ୍ମଦର୍ଶୀ ଦିବ୍ୟଦ୍ରଷ୍ଟା ବ୍ରହ୍ମ ଅବଧୂତ ଅରକ୍ଷିତ ଅମାଅନ୍ଧକାର ମୟ ସଂସାର ତ୍ୟାଗ ପୂର୍ବକ ସନ୍ୟାସ ବ୍ରତ ଅବଲମ୍ବନ କରିଥିଲେ । ତାଙ୍କର ଅନୁଜ-ପଛ ଶିଷ୍ୟ ଅଚ୍ୟୁତାନନ୍ଦ ଦାସ ନାମକୁ ବହନ ପୂର୍ବକ ଧରାବତରଣ କରିଥିବା ଧ୍ରୁବସତ୍ୟକୁ ଖୋଦ୍ ଅଚ୍ୟୁତ ଓ ଅରକ୍ଷିତ ଦାସଙ୍କ ସଚରିତ ତତ୍ୱ - ସଂଗୀତା, ମହାଗୁପ୍ତ ପଦ୍ମକଳ୍ପ ମାଳିକାଦି ପୁସ୍ତକ ବହନ କରୁଅଛନ୍ତି ।

ଯଥା : "ସତ୍ୟ ଯୁଗେ ଋଷି ଅଙ୍ଗେ ଏକାକ୍ଷର ଘୋଷି ।

ପ୍ରାଣୀମାନେ ତରିଗଲେ ତପସ୍ୟାରେ ବସି ॥

ସେଯୁଗରେ ବାଆଷଠି ଦିନରହି ହାଦେ ।

ଯୁଗ ଶେଷ ହେଲା ତହିଁ ନପାରିଲି ପାଦେ ॥

ତ୍ରେତୟାରେ ରାମ ତାରକ ମନ୍ତ୍ରକୁ ଧ୍ୟାୟୀ ।

ବିକଟ ନଗ୍ରରେ କ୍ଷତ୍ରୀ କୂଳେ ଜନ୍ମ ମୁହିଁ ॥

ଦ୍ୱାପରରେ ମନ୍ତ୍ରକୁ ଆଶ୍ରେ କରି ।

ବୃନ୍ଦାବନ ବିହରିଲି କୃଷ୍ଣ ଲୀଳା କରି ॥

କଳିଯୁଗେ ରାଜ କୂଳେ ହେଲି ଅବତାର ।

ଅଷ୍ଟାଦଶ ବରଷରେ ଜ୍ଞାନ ଦୃଶ୍ୟ ଘର ॥"

ଅରୂପସେ ସୂକ୍ଷ୍ମସ୍ଥଳୀ ସ୍ୱରୂପେ ପ୍ରକାଶ ।

ସ୍ୱରୂପରେ ଥାଇ ଯାର ଗୁଣ ନାହିଁ ଦୃଶ୍ୟ ॥"

ଆଜକୁ ୨୫୦ ବର୍ଷ ପୂର୍ବେ ଆନୁମାନିକ ୧୭୭୨-୧୭୮୨

# ଶୂନ୍ୟ ପୁରୁଷ

ଖ୍ରୀଷ୍ଟାବ୍ଦ ମଧ୍ୟରେ ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଗଂଜାମ ଜିଲ୍ଲା ବଡଖେମୁଣ୍ଡି ଗଙ୍ଗ ରାଜବଂଶୋଦ୍ଭବ ଶ୍ରୀମାନ୍ ପଦ୍ମନାଭ ଦେବଙ୍କ ଏକମାତ୍ର ଯୋଗଜନ୍ମା ସନ୍ତାନ ଭାବେ ମହାପୂତ ପବିତ୍ର ବାହୁଡ଼ା ଏକାଦଶୀ ତିଥିରେ ଧରାବତରଣ କରିଥିଲେ । ତାଙ୍କର ପିତୃଦତ୍ତ ନାମ ଥିଲା ବଳଭଦ୍ର ଦେବ । ମାତ୍ର ଦିଗପହଣ୍ଡିଠାରେ ସମବେତ ସାଧୁସନ୍ଥଗଣଙ୍କ ଅଭ୍ୟର୍ଥନାର୍ଥେ ପାର୍ଶ୍ୱସ୍ଥ ବିଧବା ବ୍ରାହ୍ମଣୀ ବାଡ଼ିରୁ ୧୦ ଖଣ୍ଡି କଦଳୀ ପତ୍ର କାଟିବା ଅବସରରେ ବ୍ରାହ୍ମଣୀ ଦ୍ୱାରା ଭର୍ତ୍ସିତ " କିଏରେ ମାଗିଖିଆ ଅର୍କ୍ଷିତ" ବା ଅରକ୍ଷିତ ଭଳି ଭର୍ତ୍ସନୋକ୍ତିକୁ ସାଦରେ ଗ୍ରହଣ ପୂର୍ବକ ସେହିଦିନ ଠାରୁ ନିଜକୁ ଅରକ୍ଷିତ ନାମରେ ପରିଣତ କରାଇଲେ ।

ଯଥା : " ଏହା ଶୁଣି କହେ ବ୍ରାହ୍ମଣୀ । ଅର୍କ୍ଷିତ ମାଗିଖିଆପୁଣି ।"

ପ୍ରଜା ପ୍ରପୀଡ଼କ ନିର୍ଦ୍ଦୟ ସମ୍ରାଟ ପିତା ପଦ୍ମନାଭ ଦେବଙ୍କ ଉତ୍କଳ ପ୍ରଜାମାରଣ ନୀତିରେ ଅତିଷ୍ଠ ଦରଦୀ ପ୍ରାଣା କୋମଳ ମତି କିଶୋର ରାଜପୁତ୍ର ବଳଭଦ୍ର ବସ୍ତୁତଃ ବୃଥା ରାଜକୀୟ ମଦମାଶ୍ଚର୍ଯ୍ୟ, ପଦମର୍ଯ୍ୟାଦ, ସଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ଓ କାମିନୀ କାଂଚନ ମୋହ ମାୟା ବନ୍ଧନକୁ ଏଡାଇ ଚିରଦିନ ପାଇଁ ସଂସାରତ୍ୟାଗୀ (ସନ୍ୟାସୀ) ହୋଇଯାଇଥିଲେ । ସମଗ୍ର ନାରୀଜାତି ତାଙ୍କର ପରମୋପାସ୍ୟା ମାତୃବତ୍; ଅପରନ୍ତୁ, 'ପୁତ୍ର ମାତାଙ୍କୁ ବିବାହ କରିଲେ ଧର୍ମ ବୁଡିଯିବ' ଭଳି ଚାଂଚଲ୍ୟକର ଅଭିବ୍ୟକ୍ତି ପ୍ରଦାନରେ ବାଳବ୍ରହ୍ମଚାରୀ ପୁତ୍ର ବଳଭଦ୍ର-ପରିବର୍ତ୍ତିତ ଅରକ୍ଷିତ ସ୍ୱ ପିତା ମାତାଙ୍କୁ କିଂ କର୍ତ୍ତବ୍ୟ ବିମୁଢ଼ ପୂର୍ବକ ହତବାକ୍ କରି ଦେଇଥିଲେ । ଯଥା-

" ପିତା ମୋ ଚକ୍ରବର୍ତ୍ତୀ ଅଟଇ ।

ପ୍ରଜାମାନଙ୍କୁ ବହୁ କଷ୍ଟ ଦିଅଇରେ ପରମ କାନ୍ଦେ ।

ଅନୁକ୍ଷଣେ ରାଜପଣକୁ ନିନ୍ଦେ ।''
" ବିବାହ ବୋଲି ଯେଉଁ କାର୍ଯ୍ୟ ।
ଶୁଣି ଲାଗେ ଆଶ୍ଚର୍ଯ୍ୟ ।
ଯେ ମାତା ରୂପେ ଜନ୍ମ କରି ।
ପୁତ୍ର ହୋଇଲି ମୁଁ ତାଙ୍କରି ।
ପୁତ୍ର ମାତାକୁ ବିଭାଦେଲେ ।
ଧର୍ମଟି ସହିବକି ହେଲେ ।
କି କଥା କହିଲ ହେ ତାତ ।
ସେହିଟି ମୋର ନିଜ ମାତ ।।''

ପରମ କାରୁଣିକ ଭଗବାନ ତଥାଗତ ବୁଦ୍ଧ, ମହାବୀର ଜୀନ, ଭଗବାନ ଅବଧୂତ ଦତାତ୍ରେୟ, ମହର୍ଷି କପିଳ ମୁନିଙ୍କ ଭଳି ଉତ୍କଳ ଓଡ଼ିଶାର ପରମକାରୁଣିକ ଭଗବାନରୁଷି ଅରକ୍ଷିତ ଦୀର୍ଘ ଅଠର ବର୍ଷ କାଳ ଖଣ୍ଡଗିରି, ଡୁବୁଡୁବା, ଖାରଦ ମୁଣ୍ଡିଆ, ବାଙ୍କୀ, ପ୍ରାଚୀଶ୍ଵଳ, ଶ୍ରୀକ୍ଷେତ୍ରାଦି ମହୀମଣ୍ଡଳ ଭ୍ରମଣ ପୂର୍ବକ ଖଣ୍ଡଗିରି ରହଣି ଅବସରରେ ମହାଶୂନ୍ୟ ବ୍ରହ୍ମ-ଅଲେଖ ନିରଂଜନ, ମହାଶୂନ୍ୟ ବିରାଟ ପୁରୁଷଙ୍କ ନିର୍ଦ୍ଦେଶରେ ଅରକ୍ଷିତ ଓଲାଶୁଣି ପର୍ବତସ୍ଥ ମହାଗୁପ୍ତ ଦେବଦୁର୍ଲ୍ଲଭ ଅନନ୍ତ ଗୁମ୍ଫାକୁ ନିଜ ମହାସିଦ୍ଧି-ସାଧନା-ଭୂମି ଭାବେ ଗ୍ରହଣ କରିଥିଲେ ।ଏହି ଗୁମ୍ଫା ମଧ୍ୟରେ ସେ ନିଷ୍କାମ ପ୍ରେମ ଭକ୍ତି ପୂର୍ଣ୍ଣ ଓଁ କାର - ଏଳାକ୍ଷର- ବ୍ରହ୍ମଦର୍ଶନ ଓ ମହାସିଦ୍ଧି ପ୍ରାପ୍ତ ହୋଇଥିଲେ ।ଓଲାଶୁଣି ସମେତଲଣ୍ଡା, ପରାଭାଡି, ଗାଙ୍ଗୀ ଓରିଗିଡୀ ନାମ ଧାରୀ ପଂଚ ଗିରିର ସମାହାର । ଏକଦା ସୁଦୁର ଅତୀତରେ

## ଶୂନ୍ୟ ପୁରୁଷ

ମହାଗୌରବାବହ ଐତିହାସିକ "ପୁଷ୍ପଗିରି ପାଂଚାଳୀ'' ନାମକୁ ବହନ କରିଥିଲା । ଏହି ପଂଚଗିରି ମଧ୍ୟସ୍ଥ ଦେବଦୁର୍ଲ୍ଲଭ ଓଲାଶୁଣି ଗିରିରେ ହିଁ ନିଜର ଓକାର- ଏକାକ୍ଷର - ସାଧନା - ମହାସିଦ୍ଧି- ମହାପ୍ରୟାଣକ୍ଷେତ୍ର ବୋଲି ଖୋଦ୍ ମହାପୁରୁଷ ବ୍ରହ୍ମଦର୍ଶୀ ଅବଧୂତ ସନ୍ଥ ଅରକ୍ଷିତ ସ୍ୱରଚିତ ତତ୍ତ୍ୱ ସାର ଗୀତାରେ ଘୋଷଣା କରି ଯାଇଛନ୍ତି । ଯଥା -

"ପଂଚ ଗିରି ମଧ୍ୟେ ଓଲାଶୁଣି ଗିରିବର ।
ତହିଁ ବିହାର କରିବ ଭକ୍ତପ୍ରବର ॥
ଓଲାଶୁଣି ଯେ ପରବତ ।
ତହିଁରେ ମୋର ବାସ ସ୍ଥିତ ॥''

ନିଜର ଅଲୌକିକ ଆଧ୍ୟାତ୍ମିକ ଶକ୍ତି ବଳରେ ଓଲାଶୁଣୀ ଦେବୀଙ୍କ ଅହେତୁକ ଗର୍ବକୁ ଖର୍ବକରି ଚିରଦିନ ପାଇଁ ପାହାଡ ତଳ ଖୋଲରେ ସ୍ଥାନୀତ କରାଇବାରେ ଅରକ୍ଷିତ ସକ୍ଷମ ହୋଇପାରିଥିଲେ ବୋଲି ସ୍ୱରଚିତ ମହୀମଣ୍ଡଳ ଗୀତା ଘୋଷଣା କରେ । ଯଥା -

"ଶୁଣି ସେ ମୋହନ ବଂଶୀନାଦ ।
ସେ ଚଣ୍ଡୀଙ୍କ ପାଇ ସାହୃଦ ॥
ସେ ନାଦେ ଦ୍ରବୀଭୂତ ହେଲା ।
ପାହାଡୁ ଓହ୍ଲାଇ ଆସିଲା ॥
ଚଣ୍ଡୀର ତେଜ ଭାଙ୍ଗିଗଲା ।
ପାହାଡ଼ ତଳେ ସେ ରହିଲା ॥''

ମହାପୁରୁଷ ଅରକ୍ଷିତ ଦାସଙ୍କ ସମକାଳୀନ କେନ୍ଦ୍ରାପଡ଼ାର ପ୍ରଖ୍ୟାତ ଜମିଦାର

## ଶୂନ୍ୟ ପୁରୁଷ

ରାଜା ତଥା ଓଳାଶୁଣଇ ପର୍ବତର ମାର୍ଫତଦାର "ସ୍ୱର୍ଗରେ ଇନ୍ଦ୍ର, ମର୍ତ୍ତ୍ୟରେ ରାଧାଶ୍ୟାମ ନରେନ୍ଦ୍ର''ଙ୍କ ଠାରୁ ନିଜର ଅଲୌକିକ ଶକ୍ତି ବଳରେ ଓଳାଶୁଣି ପାହାଡକୁ ନିଜ ନାମରେ ଚିର ଦିନ ପାଇଁ ଲେଖାଇ ଆଣିବାରେ ସକ୍ଷମ ହୋଇଥିଲେ । ଯଥା -

"ତାହା ଶୁଣି କହେ ରାଜନ ।
ଘୋଡା କିଣିବା ତହୁଁ ମନ ॥
ରାଜା ଯେ ବହୁ ଭକ୍ତି କଲା ।
ପାହାଡ଼ ମୋତେ ଲେଖି ଦେଲା ॥''

ବ୍ରହ୍ମଦର୍ଶୀ ମହାପୁରୁଷ ଅରକ୍ଷିତ ଦାସଙ୍କ ଉଦ୍‌ଘୋଷିତ ଆଧ୍ୟାତ୍ମିକ ଦର୍ଶନତତ୍ତ୍ୱବାଦ ହିଁ ବ୍ରହ୍ମ ଏକାକ୍ଷର- ଓଁକାର- ଅବଧୂତ ତତ୍ତ୍ୱ ଉପରେ ପର୍ଯ୍ୟବେସିତ । ପରନ୍ତୁ ମହାଶୂନ୍ୟବାଦ, ପିଣ୍ଡବ୍ରହ୍ମାଣ୍ଡ ବାଦ, ସାର୍ବଜନନୀନ ବିଶ୍ୱ ସହାବସ୍ଥାନବାଦ ରହସ୍ୟମୟ ଆମିଷବାଦ, ଏକାତ୍ମବାଦ, ମାନବବାଦ, ଅହିଂସା, ଜୀବେଦୟା, କରୁଣା, ପରୋପକାର, ସବଜନହିତାୟ, ସର୍ବଜନ ସୁଖୀୟ, ତିତିକ୍ଷା, ସଂଜମ ଓ ଆତ୍ମୋତ୍ସର୍ଗ ହେଉଛି ସ୍ୱ ଉଦ୍‌ଘୋଷିତ ଆଧ୍ୟାତ୍ମିକ ଦର୍ଶନ ତତ୍ତ୍ୱବାଦର ଅସାଧାରଣ ମାଇଲ ଖୁଂଟ ସଦୃଶ । ପିଣ୍ଡ ମଧ୍ୟରେ ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ପରିକଳ୍ପନା, ଛପନକୋଟି ଜୀବଗଣଙ୍କ ମଧ୍ୟରେ ଏକ ବ୍ରହ୍ମର ଅବସ୍ଥିତି, ସ୍ତ୍ରୀ ପୁରୁଷ, ଜାତିଅଜାତି, ସ୍ପୃଶ୍ୟ ଅସ୍ପୃଶ୍ୟ, ଚାଣ୍ଡାଳ-ବ୍ରାହ୍ମଣ, ଦର୍ଶିପୋକଠାରୁ ମାନବଗଣ ଯେହେଉଛନ୍ତି ପରମଭକ୍ତ ପରମେଶ୍ୱର ଅବିନାସୀ ଅକଳେଶ୍ୱର ବିରାଟ ପୁରୁଷଙ୍କ ଅନବଦ୍ୟ ସୃଷ୍ଟିର ଅପୂର୍ବ ସମ୍ଭାର,

## ଶୂନ୍ୟ ପୁରୁଷ

ଏହା ଧ୍ରୁବ ସତ୍ୟ ବୋଲି ବ୍ରହ୍ମଦର୍ଶୀ ଅରକ୍ଷିତ ଉଦାତ୍ତ ପୂର୍ଣ୍ଣ ତଦଗତି ଶୁଭରେ ଘୋଷଣା କରିଯାଇଛନ୍ତି । ଛପନା କୋଟି ଜୀବଗଣଙ୍କ ସମେତ ନାରୀପୁରୁଷଙ୍କୁ ଏକ ଓ ଅଭିନ୍ନ ଭାବରେ ବିବେଚନା ପୂର୍ବକ ନିଷ୍କାମ ପ୍ରେମଭକ୍ତି ପ୍ରାଣରେ ସେମାନଙ୍କ ସେବାରେ ଜୀବନକୁ ଅହରହ ଉତ୍ସର୍ଗୀକୃତ କରିଥିବା ସମଦର୍ଶୀସାଧକ ହିଁ ପରମବ୍ରହ୍ମଙ୍କ ସତା ଉପଲବ୍ଧି ପୂର୍ବକ ଯୁଗେଯୁଗେ ଅଜ୍ରମର ମୃତ୍ୟୁଜୟ କରେ । ବହନ ସହ ପରମ ବ୍ରହ୍ମାନନ୍ଦ- କୈବଲ୍ୟାନନ୍ଦ- ପ୍ରାପ୍ତ ହେବା ଧ୍ରୁବସତ୍ୟ ବୋଲି - ସେ ଅରକ୍ଷିତ ବଜ୍ର ଗମ୍ଭୀର କଣ୍ଠରେ ଘୋଷଣା କରିଯାଇଛନ୍ତି । ତାଙ୍କ ମତରେ ବ୍ରହ୍ମହିଁ ମହାଶୂନ୍ୟ । ମହାଶୂନ୍ୟ ହିଁ ବ୍ରହ୍ମ । ମହାଶୂନ୍ୟରେ ନାମ ଲୁଚି ରହିଥିବା ବେଳେ ନାମରୁ ଅହରହ ବ୍ରହ୍ମ କ୍ଷରୁଅଛି । ଏଣୁ ସଦାସର୍ବଦା ସର୍ବଜୀବ ମାନବଜଗତକୁ ଏକାକାର ଭାବରେ କାୟ ମନବାକ୍ୟରେ ଗ୍ରହଣ କରି ତାଙ୍କରି ସେବାରେ ଜୀବନକୁ ଉତ୍ସର୍ଗ କରିପାରିଲେ ବ୍ରହ୍ମ ଦର୍ଶନ, ପ୍ରାପ୍ତି ଓ କୈବଲ୍ୟାନନ୍ଦ- ନିର୍ବାଣାନନ୍ଦ- ମୋକ୍ଷ ପ୍ରାପ୍ତି ହିଁ ସମ୍ଭବ । ଗାଭୀ ନାନା ରଙ୍ଗର ହେଲେ ମଧ୍ୟ, କ୍ଷୀର ଯେପରି ଗୋଟିଏ ରଙ୍ଗର (ଧଳା) ତଦ୍ରୁପ ଭାବେ, ଛପନ କୋଟି ଜୀବ ଜନ୍ତୁ, ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ଗଣଙ୍କୁ ସ୍ପୃଶ୍ୟ- ଅସ୍ପୃଶ୍ୟ, ବଡ଼-ସାନ, ନାରୀ ପୁରୁଷ ନିର୍ବିଶେଷରେ ସାକ୍ଷାତ ବ୍ରହ୍ମର ସ୍ୱରୂପ ବା ମୂର୍ତ୍ତିମନ୍ତତା ତାରପ୍ରକାଶ ବୋଲି ଅନ୍ତଃକରଣରେ ଭାବ ସେମାନଙ୍କର ସେବାରେ ନିୟୋଜିତ କରି ବ୍ରହ୍ମାନନ୍ଦ ପଥର ଅଭିଯାତ୍ରୀ ହେବା ସୁନିଶ୍ଚିତ ବୋଲି ଅରକ୍ଷିତ ଘୋଷଣା କରିଯାଇଛନ୍ତି । ଜୀବ ସେବା ହିଁ ବ୍ରହ୍ମସେବା, ଜୀବ ହିଁ ବ୍ରହ୍ମ । ଅରୂପରେ ସେ ଓଁକାର- ଏକାକ୍ଷର ବ୍ରହ୍ମ ନାମକୁ ବହନ କରୁଥିବା ବେଳେ, ରୂପରେ ଛପନକୋଟି ଜୀବ ରୂପରେ

## ଶୂନ୍ୟ ପୁରୁଷ

ପରିପ୍ରକାଶିତ । ଆଲୋଚ୍ୟ ପ୍ରସଙ୍ଗରେ ଅରକ୍ଷିତଙ୍କ ମୁଖନିସୃତ ଧ୍ରୁବବାଣୀ ବାସ୍ତବିକ ଅତ୍ୟନ୍ତ ହୃଦୟସ୍ପର୍ଶୀ ତଥା ପ୍ରଣିଧାନଯୋଗ୍ୟ । ସ୍ତ୍ରୀ ଓ ପୁରୁଷ ହିଁ ସେହି ଓଁ କାର ବ୍ରହ୍ମର ଏକାକ୍ଷର ରୂପାନ୍ତରିତ ପରିପ୍ରକାଶ । ଯଥା :

"ସଂସାରେ ଯେତେ ବିଧିମତ ।
ପିଣ୍ଡରେ ଅଛି ସମସ୍ତ ।
ସ୍ତିରୀ ପୁରୁଷ ମୁହିଁ ହେଲି ।
ଯୋନୀ ଇନ୍ଦ୍ରିଟି ବୋଲାଇଲି ।
ରୂପରେ ଜୀବ ମୁଁ ବୋଲାଇ ।
ଅରୂପେ ବ୍ରହ୍ମ ମୁଁ ଅଟଇ ॥"
ତହିଁ, ମୋ ବିନୁ ଅନ୍ୟ ନାହିଁ ॥"
"ସକଳ ଘଟେ ଏକ ବ୍ରହ୍ମ ।
ଏହାର ନାହିଁ ରୂପବର୍ଣ୍ଣ ।
ଏଣୁ ଦେଖ ଏକ କରି ।
ଏକା ଓଁକାର ତୁ ବିଚାରି ।
ଓଁକାର ପରମ ପୁରୁଷ ।
କହି ଅରକ୍ଷିତ ଦାସ ॥
ମିଥ୍ୟା ନୁହିଁଇ ଅରକ୍ଷିତ ଦାସ ।
ନାମରୁ କ୍ଷରୁ ଅଛି ବ୍ରହ୍ମ ।

"ମୁଁ ଅରକ୍ଷିତ ସମସ୍ତଙ୍କ ହସ୍ତରୁ ଖାଦ୍ୟ ଗ୍ରହଣ କରିଛି । ବ୍ରାହ୍ମଣଠାରୁ ଚାଣ୍ଡାଳ ପର୍ଯ୍ୟନ୍ତ । ଗାଭୀନାନା ବର୍ଣ୍ଣର ହେଲେ ମଧ୍ୟ କ୍ଷୀର ଯେପରି

# ଶୂନ୍ୟ ପୁରୁଷ

ଗୋଟିଏ ଧବଳ ରଙ୍ଗ, ସେହିପରି, ଛପନ କୋଟି ଜୀବଗଣଙ୍କ ମଧ୍ୟରେଗୋଟିଏ ବ୍ରହ୍ମ ବିରାଜିତ । କାହାରିକୁ ଅପର ବା ଘୃଣା କରିବ ନାହିଁ । ସମସ୍ତଙ୍କୁ ଏକ୍ ବୋଲି ହୃଦୟରେ ଭାବି ସେମାନଙ୍କୁ ସେବା କରିବାରେ ଜୀବନକୁ ଉତ୍ସର୍ଗ କରିବା ଏକାନ୍ତ ବାଞ୍ଛନୀୟ ।

ଯଥା -

"ସବୁ ଜୀବରେ ଏକ ଭାବ ।
ତେବେ ଏ ସଂସାରୁ ତରିବ ॥
ତୁ ଯେବେ ଏକ ଭାବେ ଭାବୁ ।
ତେବେ ଏ ସଂସାରୁ ତରିବୁ ।
ସମଦରଶ ଯେଉଁନର ।
ତାପାଦେ ମୋର ନମସ୍କାର ।"

ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବିଶ୍ୱ ଏକାତ୍ମ ଭାବର ପଟାନ୍ତର ନାହିଁ । ଅନାବିଳ ବିଶ୍ୱପ୍ରେମ, ତିତିକ୍ଷା, ଆତ୍ମୋତ୍ସର୍ଗ, ଅହିଂସା, ଜୀବେଦୟା, କରୁଣାର ସେ ହେଉଛନ୍ତି ଦୁର୍ଭେଦ୍ୟ ହିମାଳୟ । ତାଙ୍କର ବିଶ୍ୱ ମାନବବାଦ ଚିନ୍ତା ଚେତନା ଓ ଏକାତ୍ମବାଦର ତୁଳନା ନାହିଁ । ବ୍ରହ୍ମଦର୍ଶୀ ଭଗବାନ ମହାପୁରୁଷ ସନ୍ଥ ଅରକ୍ଷିତ ହେଉଛନ୍ତି ସମଗ୍ର ସନ୍ଥ ସାଧକ ଜଗତର ଏକ ଅନନ୍ୟ ପ୍ରବାଦ ପୁରୁଷ, ମହାବିସ୍ମୟ ଭାବେ ଜନଜଗତକୁ ବିସ୍ମୟାଭୂତ କରୁଅଛନ୍ତି ।

ଏହି ଓଳାଶୁଣି ଗୁମ୍ଫା ଧାମ ଓଁକାର- ଏକାକ୍ଷର କ୍ଷେତ୍ରରେ ବ୍ରହ୍ମଦର୍ଶୀ-ଏକାତ୍ମକତ୍ୱ - ପରମାକାରୁଣିକେନ - ଭଗବାନ ମହାପୁରୁଷ

# ଶୂନ୍ୟ ପୁରୁଷ

ସନ୍ଥ ଅରକ୍ଷିତ ଦାସ ଗଣ ସହସ୍ରାଧିକ ଗୀତା, ଚଉତିଶା, ପିଣ୍ଡ-ବ୍ରହ୍ମାଣ୍ଡବାଦ ସର୍ବସ୍ୱ-ନିର୍ଗୁଣ- ନିରାକାର ବ୍ରହ୍ମ ଏକାକ୍ଷର- ଭକ୍ତି ଜଡ଼ିତ ଜଣାଣ, ଭଜନାବଳୀ ମାନ ରଚନାକରି ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଯାଇଛନ୍ତି । ଏଗୁଡିକ ମଧ୍ୟରେ ସର୍ବଶ୍ରୀ ମହୀମଣ୍ଡଳ ଗୀତା,ସତ୍ୱସାରଗୀତା, ଅବଧୂତ ସଂହିତା, ଶବ୍ଦାଦ ସଂହିତା, ଡୁବୁ-ଡୁବା ଚଉତିଶା, ଓଲଟ ଚଉତିଶା, ଆତ୍ମ ଚରିତ, ମହାକବଚ, ତତ୍ୱବୋଧନୀ, ଆଦି ସାରସ୍ୱତ ଜଗତ ପାଇଁ ମହାର୍ଘଦାନ କହିଲେ କିଛି ଭୁଲ ହେବ ନାହିଁ । ୯୩ ଅଧ୍ୟାୟ ବିଶିଷ୍ଟ ମହୀମଣ୍ଡଳଗୀତାଟି ନିଷ୍କାମ ପ୍ରେମ ଭକ୍ତିରସାମୃତ ମହାସାଗରର ଅବଦମିତ ଉତୁଙ୍ଗ ତରଙ୍ଗରେ ତରଙ୍ଗାୟିତ । ଏହି ଗୀତାକୁ ପଢ଼ି, ବୁଝି ଓ ଏହାର ନିଗୂଢ଼ାଧ୍ୟାତ୍ମିକ ନିର୍ଯ୍ୟାସକୁ ଜୀବନ ଚର୍ଯ୍ୟାରେ କାର୍ଯ୍ୟକାରୀ କରିପାରିଲେ ବ୍ରହ୍ମାନନ୍ଦ-କୈବଲ୍ୟାନନ୍ଦ-ନିର୍ବାଣନନ୍ଦ ମୋକ୍ଷ ପ୍ରାପ୍ତି ହିଁ ଅବଶ୍ୟମ୍ଭାବୀ ସହ ସାଧକ ଯୁଗଯୁଗ ଧରି ଦୁର୍ଭେଦ୍ୟ-ମୃତ୍ୟୁଞ୍ଜୟ-ଅକ୍ରାମର ବଜ୍ରକାୟା ଧାରଣ ପୂର୍ବକ ଚିର ଅମରତ୍ୱ ଲାଭ ହେବା ଧ୍ରୁବ ସତ୍ୟ ବୋଲି ଖୋଦ୍ ଦରଦୀପ୍ରାଣା ଦିବ୍ୟଦ୍ରଷ୍ଟା ବ୍ରହ୍ମଜ୍ଞ ମହାପୁରୁଷ ଅବଧୂତ -ସନ୍ଥ ଅରକ୍ଷିତ ବଜ୍ର ଗମ୍ଭୀର କଣ୍ଠରେ ଘୋଷଣା କରିଯାଇଛନ୍ତି । ଯଥା- "ସକଳ ଗ୍ରନ୍ଥ ମଧ୍ୟେ ସାର । ମହୀମଣ୍ଡଳ ନାମ ଯାର ।" ଏ ଗୀତାପଢ଼ି, ବୁଝି ଯେ ସାଧିବ । କାଳେ କାଳେ ଅଜ୍ରମର ହୋଇବ ।" ସ୍ୱରଚିତ ପର୍ଯ୍ୟାପ୍ତ ସଂଖ୍ୟକ ଭଜନା କଳୀମଧ୍ୟରେ ନିମ୍ନୋକ୍ତ ଭଜନ ଗୁଡ଼ିକ ଓଡ଼ିଶାର ପ୍ରତି ଗଳିକନ୍ଦି ମାନଙ୍କରେ ବେଶ୍ ଲୋକପ୍ରିୟତା, ଅର୍ଜନ କରି ପାରିଛନ୍ତି । ଯଥା- "ଦିନେ ଯୁଗଳ ଲୀଳା ଭାଙ୍ଗିବ; ଦିନେ ରାହାସ ଲୀଳାଭାଙ୍ଗିବରେ ମିତଣି ଦାରୁଣ ଦଇବ । ନିତ୍ୟ ବୃନ୍ଦାବନେ ରାହାସ କାନନେ ଦିନେ

ଭେଟାଭେଟି ହେବ । ତୋ ମନ ଯେବେ ମୋହଠାରେ ଥିବ ମୋମନ ତୋଠାରେ ଥିବ । ନିତ୍ୟ ବୃନ୍ଦାବନେ ରାହାସ କାନନେ ଦିନେ ଭେଟାଭେଟି ହେବ । ।୧। ବାଟ ଡକାୟତ ବାଟ ଜଗିଅଛି ତୋତେ ଛାଡ଼ିମୋତେ ନେବ । ତୁ ମୁଁ ଦିହେଁ ଚିହ୍ନା ଚିହ୍ନି ହେଲେ ଡକାୟତ ପଳାଇବରେ ମିତଣି – ଦାରୁଣ ଦଇବ ।।୨।। ହାଡରକ୍ତ ମାଂସ ଚମଡ଼ା ଛାଉଣି ଏଥିରେ କି ତୋର ଭାବ । ତୁ ମୁଁ ଏକା ଉଦରୁ ଜନମ ନଜାଣନ୍ତି ବ୍ରହ୍ମାଶିବ ।।୩।। ତୁପରା ବଲ୍ଲଭ ଲଗାଇଛୁ ଭାବ ଭାବ ସଂଗେ ଅଛି ଲାଭ । ଅରକ୍ଷିତ ଦାସ ଭରସା କରିଛି ଓଲାଶୁଣିରେ ରହିବ ।।୪।।

ପୁନଶ୍ଚ,

"ସଖୀ ପାରିବୁକି ମନେରଖିବୁରେ ପ୍ରିୟସଖି
ଭାବ ଭାବିଲେ ପାଇବୁ
ନିତିରେ ପ୍ରିୟ ସଖୀ । ଠା
ମନ ମତଗଜ ମନଟି ସହଜ
ମନମେରୁ ତୁଲେ ରଖି
ମନଟି ତରୁଣ ନୁହେଁ ବୃଦ୍ଧା ଜାଣ
ମନବଙ୍କଳ ବାଳକୀ ।୧।
ଅମଳ ଗୁମ୍ଫାକୁ ମନ ବଳାଉଛୁ
ଅଟକିଯିବ ଝଟତି ।
ଚୈତନ୍ୟ କଂଟାକୁ ହେତୁଦ୍ୱାରେ ରଖି
ଥୟରେବେନିଆଖି ।୨।

ନିମିଷମାତ୍ରେ ତୁ ବିଭା ହୋଇଛୁ,
ଦିନେ ନାହିଁ ଭେଟାଭେଟି ।
ଛାଇ ପ୍ରାୟ ହୋଇ ରହିଅଛି ସେହି
ଆଖି ମୋ ଯାଏ ଝଲସି ।।୩।।
ତୋ ମନ ମୋ ମନ ଯେବେ ଏକାତ୍ମନ୍ତା
ଆଉକି ରହନ୍ତା ବାକୀ ।
ଅରକ୍ଷିତ ଦାସ କି ପାଇଁ ଭ୍ରମନ୍ତା
ଓଲାଶୁଣିରେ ରହିକି... ରେ.... ପ୍ରିୟସଖୀ ।୪।
"ମୋହ ମାୟା ଫାନ୍ଦେ ପଡ଼ି ପଥହୁଡନା ।
ଶ୍ରୀହଟା ପାଟଣା ପରେ - କରଭାବନା .... ।୧।
"ମହାଶୂନ୍ୟେ ଅବଧୂତ ବାନା ଉଡୁଛି ।''

ଇତ୍ୟାଦି ।

ଆନୁମାନିକ ୧୮୩୫-୩୭ ଖ୍ରୀଷ୍ଟାବ୍ଦରେ କାଳଜୟୀ-ମୃତ୍ୟୁଜୟ-ବ୍ରହ୍ମଦର୍ଶୀ ଓଁକାର-ଏକାକ୍ଷର-ଅବଧୂତ ଯୋଗୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ମହାପୂତ ପବିତ୍ର ମାଘ କୃଷ୍ଣ ଏକାଦଶୀ ତିଥିର ଏକ ବ୍ରହ୍ମ ମୂହୁର୍ତ୍ତରେ ଦେବଦୁର୍ଲ୍ଲଭ ହଜ-ସହଜ ସମାଧିରେ ସମାଧିସ୍ଥ ପୂର୍ବକ ଶ୍ରୀକ୍ଷେତ୍ରରେ ସ୍ୱଦେହ ହଜାଇ-ଚିର ବ୍ରହ୍ମାନନ୍ଦ - ପରମ ନିର୍ବିକଳ୍ପାନନ୍ଦ - ନିର୍ବାଣାନନ୍ଦ ମହାସାଗରର ଅନନ୍ତ ହିରଣ୍ୟ ଗର୍ଭରେ ଚିରଦିନ ପାଇଁ ତଲୀନ ହୋଇଯାଇଥିଲେ । ବ୍ରହ୍ମ ଏକାକ୍ଷର - ଓଁକାର- ଅବଧୂତ କ୍ଷେତ୍ର-ଦ୍ୱିତୀୟ ନୀଳାଚଳ ଧାମ ଓଲାଶୁଣି ପୀଠସ୍ଥ କୋଟିଏ ରେଣୁ ପୂର୍ଣ୍ଣ କୋଟିଏ ବ୍ରହ୍ମାଣ୍ଡକୁ ବହନ ପୂର୍ବକ ପ୍ରଲମ୍ବିତ ବଡଦାଣ୍ଡର ରେଣୁ ସମବେତ ଅସୁମାରୀ ଭକ୍ତ

ଗଣଙ୍କ ମୁଣ୍ଡରେ ବାଜିଲେ କୋଟି କୋଟି ପାପ ବିନାଶ ହେବା ଧ୍ରୁବସତ୍ୟ, ପରନ୍ତୁ, ଏହି ବଡଦାଣ୍ଡରେ ଯେଉଁ ଭକ୍ତର ମୃତ୍ୟୁ ହୋଇଥାଏ, ସେ ନିଶ୍ଚିତ ଭାବେ ପରମବ୍ରହ୍ମ- ପରମେଶ୍ୱର- ଜଗଦୀଶ୍ୱର - ଜଗତରନାଥ - ଶ୍ରୀଜଗନ୍ନାଥ - ନାରାୟଣ ବିଷ୍ଣୁଙ୍କ ଅଙ୍ଗରେ ଲୀନ ହୋଇଯିବା ଧ୍ରୁବ ସତ୍ୟ । ଏହା ନିଃସନ୍ଦେହ । ଯଥା- "କୋଟି ବ୍ରହ୍ମାଣ୍ଡ ଯହିଁତହିଁ । କୋଟିଏ ରେଣୁ ଅଛ ରହି । ସେ ରେଣୁ ବାଜେ ଯାର ମୁଣ୍ଡେ । ଅଶେଷକୋଟି ପାପଖଣ୍ଡେ । ଏ ଦାଣ୍ଡେ ହଜଇ ଯାତନ । ବିଷ୍ଣୁଙ୍କ ଅଙ୍ଗେହୁଏ ଲୀନ ॥"

ମହାପୁରୁଷ ବ୍ରହ୍ମ ଅବଧୂତ ସନ୍ଥ ଅରକ୍ଷିତ ଦାସଙ୍କ ପରମୋପାସ୍ୟ ଭୋଗ ହେଉଛି, ପୋଡପିଠା, ତୁଳସୀ ମିଶ୍ରିତ ଦହିପଖାଳ, ଅବଢ଼ାନ୍ନ, ଖିରି, ପୁରୀ-ଖେଚୁଡି-ଅନ୍ନ ବ୍ୟଞ୍ଜନ । ଶ୍ରୀ ନୀଳାଚଳ ଧାମ ଓଁକାର ଅବଧୂତ-ବ୍ରହ୍ମ ଏକାକ୍ଷର ଓଳାଶୁଣି ଧାମରେ ତଦ୍ରୂପ ଭାବେ ଅରକ୍ଷିତଙ୍କ ପ୍ରିୟ ନୈବେଦ୍ୟାର୍ଘ ହେଉଛି ପୋଡପିଠା । ଯାହା କଳଙ୍କ କାଳିମା ଶୂନ୍ୟ, ମହାପବିତ୍ର ତଥା ଶରୀରୋପଯୋଗୀ, ଓଡ଼ିଆ ମାନଙ୍କର ପ୍ରିୟ ଖାଦ୍ୟ ଓ ଭୋଗ ଭାବେ ସର୍ବଜନବିଦିତ । ଅଗ୍ନିରେ ପୋଡି, ଦଗ୍ଧିଭୂତ ହୋଇଥିବା କଂଚାମାଟି ପାତ୍ର ଯେପରି ଚିରସ୍ଥାୟୀ ହୋଇଥାଏ, ତଦ୍ରୂପ ଭାବେ ପୋଡପିଠା ଭକ୍ଷଣ ହିଁ ପ୍ରକାରାନ୍ତେ କ୍ଷଣ ଭଂଗୁରୁ କଂଚା ଶରୀରକୁ ଅଜରମର କରିବାରେ ସହାୟକ ହୋଇଥାଏ ବୋଲି ଗଭୀରଆଶା ଓ ବିଶ୍ୱାସ ଭଳି ଆଧାତ୍ମିକ ଆଖ୍ୟାୟିକା ମାନ ଅଦ୍ୟାବଧି ବେଶ୍ ପ୍ରଚଳିତ ତଥା ଉଦ୍‌ଜୀବୀତ ।

ବ୍ରହ୍ମଦର୍ଶୀ ମହାପୁରୁଷ ଭଗବାନ ଅବଧୂତ ଅରକ୍ଷିତ ଦାସଙ୍କ ଅନ୍ତର୍ଦୃଷ୍ଟି ପୂର୍ଣ୍ଣ ଦିବ୍ୟ ଚିନ୍ତା ଓ ଚେତନାରେ ନାନାଦି ମରଣାନ୍ତକ - କଷ୍ଟ -

# ଶୂନ୍ୟ ପୁରୁଷ

ନିର୍ଯ୍ୟାତନା ପୂର୍ଣ୍ଣ ନିର୍ଜଳା ବ୍ରତ, ପୂଜ୍ୟ ହେମା, ତୀର୍ଥ-ବ୍ରତ, ଜାଗଯଜ୍ଞକର୍ମ, କାଷ୍ଠ, ପାଷାଣ, ମୃଣ୍ମୟ ଜନିତ ତଥାକଥିତ ଦେବାଦେବୀ, ପିତୁଳା ପୂଜାର୍ଚ୍ଚନା, ଉପାସକ ବସ୍ତୁତଃ ହାସ୍ୟାସ୍ପଦ, ତଥା ନିରର୍ଥକ । ଏ ସବୁ ଉପାସନା ଅନ୍ତିମ ଗତିମୁକ୍ତି - କୈବଲ୍ୟାନନ୍ଦ-ବ୍ରହ୍ମାନନ୍ଦ - ନିର୍ବାଣାନନ୍ଦ ମୋକ୍ଷ କସ୍ମିନକାଳେ ଦେଇପାରିବ ନାହିଁ, ଭଗବାନ ପରମବ୍ରହ୍ମ-ପରମେଶ୍ୱର-ଜଗଦୀଶ୍ୱର-ଅବିନାଶୀ-ଅବନେଶ୍ୱର- ଜଗନ୍ନାଥ ବାସୁଦେବ ହେଉଛନ୍ତି ଅରୂପ; ଅଲେଖ, ନିର୍ଗୁଣ, ନିରାକାର, ନିରଞ୍ଜନ, ମହାଶୂନ୍ୟବିହାରୀ, ବିରାଟପୁରୁଷ, ତଥା ସର୍ବ ଗତି, ମୁକ୍ତି, କୈବଲ୍ୟ, ଦାତା ଓ ସର୍ବ ହର୍ତା, କର୍ତା ଦୈବ ବିଧାତା, ବସ୍ତୁତଃ ଏ ଶରୀର ବା ଦେହ ବା କାୟା ହେଉଛି ଆମଷମୟ, ଆମିଷରୁ ସୃଷ୍ଟି, ଆମିଷରେ ବିଲୟ ହେବନାହିଁ ଧ୍ରୁବସତ୍ୟ । ମଳମୂତ୍ର, ବିଷ୍ଠା, ରକ୍ତ, ମାଂସ, ହାଡ-ଚର୍ମ-କୃମି-ପୂର୍ଣ୍ଣ କୀଟ ଦ୍ରଂଷ୍ଟ ଛପନକୋଟି ଜୀବ ସ୍ୱତଃ ଅପବିତ୍ର ନର୍କକୁଣ୍ଡ ।କେବଳ ଏହି ନର୍କପୂର୍ଣ୍ଣ ଶରୀର ଅଭ୍ୟନ୍ତରରେ ବିରାଜ କରିଛନ୍ତି ନିର୍ଗୁଣ-ନିରାକାର-ଅଲେଖ-ନିରଞ୍ଜନ-ସ୍ୱତଃପୂତ ପବିତ୍ର ପରମବ୍ରହ୍ମ ବିରାଟ ବାସୁଦେବ । ତେଣୁ ନିଜକୁ ଛପନାକୋଟି ଜୀବଗଣଙ୍କ ସହ ସମୀକରଣ ଓ ଏକା କରି ତାଙ୍କରି ସେବାରେ ଜୀବନକୁ ଉତ୍ସର୍ଗୀକୃତ କରିପାରିଲେ ଅନ୍ତିମମୋକ୍ଷ ବା ବ୍ରହ୍ମପ୍ରାପ୍ତି ହିଁ ଅବଶ୍ୟମ୍ଭାବୀ ବୋଲି ଭଗବାନ ପରଂବ୍ରହ୍ମ ଅବଧୂତ ଅରକ୍ଷିତ ଉଦାତ ଭରା କଣ୍ଠରେ ଘୋଷଣା କରିଯାଇଛନ୍ତି । ଯଥା- "ରୂପକାର ବ୍ରତ ପୂଜା ହେମଆଦି ମିଛ । ଦେବାଦେବୀ ପଟଳ ମାୟା ମାତ୍ର ଲକ୍ଷ । ନଜାଣନ୍ତି ଅରୂପ ବୋଲିଣ ବାସୁଦେବ । ପ୍ରତିମା ପିତୁଳାରେ କରୁଥାନ୍ତି ଭାବ । ଦନ୍ତମୂଳରେ ବିଷ୍ଠା

ଥୋଇ । କେତେତୁ ତପା ଆଚରଇ । କାଷ୍ଠ ପାଷାଣ ରୁଦ୍ରାକ୍ଷକୁ । ଦେବତା ବୋଲି ପୂଜତାକୁ । ଏହି କୀଗତି ମୁକ୍ତି ଦେବ । ଏହା ନଜଣେ ମୂଜୀବ । ଘରଦିଅଁ ଛାଡ଼ି ପୁଣି ପୂଜଇ ପରକୁ । ଘରେ ଗଙ୍ଗା ସ୍ନାନ ଛାଡ଼ି ଚଳଇ ତୀର୍ଥକୁ । ନାନାଦି ଦେବତା ପୂଜିଲେ । ମୋର ମାୟାରେ ସେ ଭ୍ରମିଲେ । ଏଣୁ ହୋଇଲେ ଅଳ୍ପାୟୁଷ । ମୋତେ ନ ସେବି ଗଲେ ନାଶ ।।'' ପୁନଶ୍ଚ -

"ଯଦି ବଂଚିବୁ ଦିନା କେତେ ।
କୃଷ୍ଣ ନଭଜ କଦାଚିତେ ।
ଯଦିତୁ କୃଷ୍ଣଙ୍କୁ ଭଜିବୁ ।
ଆୟୁ ଥାଇ ତୁମରିବୁ ।
କୃଷ୍ଣ ଭଗତି, ଯାର ନାହିଁ ।
ପରମ ଭାଗ୍ୟବତୀ ସେହି ।
ଅକର୍ମେବାସୁ ଦେବପ୍ରୀତି ।
କର୍ମ କରିଲେ କ୍ଷୟ ଯାନ୍ତି ।
ତେଣୁ ତୁ ଅକର୍ମ କରିବୁ ।
କାଳେ କାଳେ ଅଜ୍ରମର ହୋଇବୁ ।''

କିନ୍ତୁ, ଓଳାଶୁଣି ଗୁମ୍ଫା ଧାମରେ ଅଦ୍ୟାବଧି ସଂରକ୍ଷିତ ଶତାଧିକ ବର୍ଷର କାଞ୍ଜିପାଣି ସେବନରେ ଦୁରାରୋଗ୍ୟ - ମରଣାନ୍ତକ ବ୍ୟାଧି ଆରୋଗ୍ୟ ହେଉଥିବା ବେଳେ ଗୋସମ୍ପଦର ସୁରକ୍ଷାର୍ଥେ ଏହି କାଞ୍ଜିପାଣି ହେଉଛି ଏକ ଅକାଟ୍ୟ ଅବ୍ୟର୍ଥ ମହୌଷଧି ।

# ଶୂନ୍ୟ ପୁରୁଷ

ଓଁକାର- ଏକାକ୍ଷର- ବ୍ରହ୍ମଅବଧୂତ ଅରକ୍ଷିତ ଧାମ ତଥା ଦ୍ୱିତୀନୀଳଚଳ - ଶ୍ରୀକ୍ଷେତ୍ର ଓଲାଶୁଣି ପୀଠର ଚତୁଃପାର୍ଶ୍ୱକୁ ମଧୁଚକ୍ର ଭଳି ଘେରି ରହିଛନ୍ତି ବୌଦ୍ଧ କୀର୍ତି ବିମଣ୍ଡିତ ଲଣ୍ଡା ପାହାଡ଼ (ଲଳିତଗିରି) ପାରାଭାଡ଼ୀ, ରିଗିଡ଼ୀ, ଗାଙ୍ଗା ଓ ଲଙ୍ଗୁଳୀ ପର୍ବତ; ଯାହା ସୁଦୂର ଅତୀତରେ ଗୌରବା ବହ ଐତିହାସିକ ପୁଷ୍ପଗିରି ପାଂଚାଳୀ ନାମରେ ପ୍ରସିଦ୍ଧ ଅର୍ଜନ କରିଥିଲା । ଉତରକୁ ରହିଥିବା ଅବଲୁପ୍ତ ଅନ୍ତାର୍ଜତୀୟ ପୋତାଶ୍ରୟ ବନ୍ଦରେଶ୍ୱର ହିଁ ଅତୀତରେ ମହାନ୍ ଆନ୍ତର୍ଜାତିକ (ବିଶ୍ୱଖ୍ୟାତି) ବନ୍ଦରଭାବେ ସୁଦୂର ଦରିଆପାରି ସିଂହଳ, ଜାଭା, ବର୍ମା, ବାଲିଦ୍ୱିପ, ମାଳୟ, ସହ ବୌଦ୍ଧ ଧର୍ମ-ସାଂସ୍କୃତିକ ଦୁଃସାହସିକ ନୌବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବାରେ ପ୍ରମୁଖ ଭୂମିକାନିର୍ବାହ କରି ଅଧୁନା ବିସ୍ମୃତିର ଅତଳଗର୍ତରେ ବିଲୀନ ହୋଇଯାଇଛନ୍ତି । ବ୍ରହ୍ମଦର୍ଶୀ ମହାସିଦ୍ଧ ସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ଅପ୍ରକଟର ୨୫୦ ବର୍ଷ ପୂର୍ବରୁ ଅଚ୍ୟୁତାନନ୍ଦ ଦାସ (୧୫ ଶତାବ୍ଦୀ) ବ୍ରହ୍ମଦର୍ଶର ମହାସିଦ୍ଧ ସାଧକ ଅରକ୍ଷିତ ଦାସଙ୍କ ଅଲୌକିକ-ମହାଜାଗତିକ ଲୀଳା, ସଂପର୍କରେ ସ୍ୱରଚିତ ଛୟାଳିଶ ପଟଳ ଓ ତିତ୍ୱବୋଧିନୀ ମାଳିକାଦିରେ ଚାଂଚଲ୍ୟକର ଭବିଷ୍ୟବାଣୀ ଶୁଣାଇ ଯାଇଛନ୍ତି ।

ବହୁ ଦୂରଦୂରାନ୍ତ - ତଥା ବିଦେଶାଗତ ଅସୁମାରୀ ଭକ୍ତ-ପର୍ଯ୍ୟଟକ - ମାନଙ୍କର ରକ୍ଷଣାବେକ୍ଷଣ ଓ ନିରାପଦ ରହଣିପାଇଁ ଏହି ଓଲାଶୁଣି ଧାମରେ ଗଢ଼ି ଉଠିଛି ଏକାଧିକ ଯାତ୍ରୀ ବିଶ୍ରାମାଗାର, ଯାତାୟତ ପାଇଁ ଗଢ଼ି ଉଠିଛି ସର୍ବକାଳୀନ ପକ୍‌କା ରାସ୍ତା- ଅରକ୍ଷିତ ସରଣୀ, ଚଳାଚଳ ଓ ଜୀବନ ଧାରଣ ପାଇଁ ସର୍ବକାଳୀନ ୨୪ ଘଂଟିଆ ବିଦ୍ୟୁତ୍ ଆଲୋକ

ଯୋଗାଣ, ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାଦିର ସୁବନ୍ଦୋବସ୍ତ କରାଯାଇଛି । ଏପରିକି ଏହି ଦେବଦୁର୍ଲ୍ଲଭ ଓଁକାର-ଏକାକ୍ଷର- ଅବଧୂତ ଧାମର ୧/୨ କିଲୋମିଟର ଦୂରରେ ରହିଛି ବିଶ୍ୱବିଖ୍ୟାତ ବୌଦ୍ଧ ହୀରକ ତ୍ରିଭୁଜର ଅନ୍ୟତମ ପ୍ରମୁଖ ବୌଦ୍ଧ ପୀଠ ବିଶ୍ୱପ୍ରସିଦ୍ଧ ଲଳିତଗିରି, ପୁଷ୍ପଗିରି, ଲଳିତଗିରି - ପୁଷ୍ପଗିରିର ମହାସ୍ତୁପ - ଚୈତ୍ୟ ଗର୍ଭରୁ ଆବିଷ୍କୃତ ଭଗବାନ ତଥାଗତକୁଳଙ୍କ ମହାପୂତ-ପବିତ୍ର ଦନ୍ତଧାତୁ (ଦେହାବଶେଷ) ସୁନା ଫରୁଆରେ ସଂରକ୍ଷିତ ହୋଇ ସମଗ୍ର ଜନଜଗତକୁ ବିସ୍ମୟାତିରୂଢ଼ କରୁଅଛି । ଏକଦା ଖ୍ରୀଷ୍ଟିୟ ୭ମ ଶତାବ୍ଦୀରେ ତତ୍କାଳୀନ ଚୀନ ପରିବ୍ରାଜକ ହୁଏନ୍‌ସାଂ, ଲଳିତଗିରି ବୌଦ୍ଧ ପୀଠ ଦର୍ଶନରେଆସି ମହାସ୍ତୂପରୁ ବିନିର୍ଗତ ଅଲୌକିକ - ମହାଶ୍ଚର୍ଯ୍ୟମୟ-ଆଧ୍ୟାତ୍ମିକ ବର୍ଣ୍ଣାଳୀ ଛଟାରେ ଆଶ୍ଚର୍ଯ୍ୟ ଚକୀତ ହୋଇ ଯିବା ସହ ଏହି ଲଳିତଗିରି ବୌଦ୍ଧପୀଠକୁ - ମହାଶ୍ଚର୍ଯ୍ୟମୟ- ମହାଶ୍ଚର୍ଯ୍ୟପୂର୍ଣ୍ଣ - ଗରିମାମୟ "ପୁ-ଟି-ପୋ-କ-ଲି" ବା ପୁଷ୍ପଗିରି, ବୋଲି ସ୍ୱରଚିତ ଭ୍ରମଣ ବୃତାନ୍ତ କାହାଣୀ (ଡାଏରୀ)ରେ ଘୋଷଣା କରିଯାଇଛନ୍ତି ।

ଏହି ଓଳାଶୁଣି ଗୁମ୍ଫା କ୍ଷେତ୍ରରେ ବାରମାସରେ ତେର ପର୍ବ ପାଳିତ ହାଇ ଆସୁଅଛି । ମହା ପୂତ ପବିତ୍ର ମାଘକୃଷ୍ଣ ଏକାଦଶୀତିଥିଟି ଭଗବାନ - ପରମବ୍ରହ୍ମ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ତଥା ସପ୍ତାହ ବ୍ୟାପୀ ସୁପ୍ରସିଦ୍ଧ ଓଳାଶୁଣି ଗୁମ୍ଫାଯାତ୍ରା ନାମରେ ସାରା ଓଡ଼ିଶା ତଥା ରାଜ୍ୟ ବାହାରେ ସୁପରିଚିତ । ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଗଣଙ୍କ ଅଭୁତପୂର୍ବ ସମାବେଶରେ ଓଳାଶୁଣି ଗୁମ୍ଫା ଧାମ ଶତଧା ଉତ୍ସବ ମୁଖର ହୋଇଉଠେ ।

ଏତଦ୍‌ଭିନ୍ନ, ଓଁକାର-ଏକାକ୍ଷର-ବ୍ରହ୍ମଅବଧୂତ ପୀଠ ଓଳାଶୁଣି

ଧାମର ଅନ୍ୟାନ୍ୟ ଆକର୍ଷଣ ହେଉଛି ଦିବଙ୍ଗତ ପୀଠାଧୀଶମାନଙ୍କର ସମାଧି ମନ୍ଦିର, ଅଧୁନା ଗଢ଼ି ଉଠିଥିବା ହନୁମାନଙ୍କ ମନ୍ଦିର,ବୈଦେଶ୍ୱର ଶିବମନ୍ଦିର, ପାଦୁକାମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସର୍ବୋପରି ପ୍ରଲମ୍ବିତ- ବଡଦାଣ୍ଡର ଅବସ୍ଥିତି ଓ ସମାବେଶ ବାସ୍ତବିକ ଅତ୍ୟନ୍ତ ଚିତାକର୍ଷକ ତଥା ଅବିସ୍ମରଣୀୟ । ପାଂଚନମ୍ବର ଜାତୀୟ ରାଜପଥର ଚଣ୍ଡୀଖୋଲ ଠାରୁ ପାରାଦ୍ୱୀପ ଅଭିମୁଖେ ୨୨ କିଲୋମିଟର ଦୂରରେ ବନ୍ଦରେଶ୍ୱର ନିକଟରେ ଓଲାଶୁଣି ଗୁମ୍ଫା କ୍ଷେତ୍ର ଅବସ୍ଥିତ । ପୁନଶ୍ଚ କେନ୍ଦ୍ରାପଡ଼ା ବସ୍ ଷ୍ଟାଣ୍ଡରୁ ମଧ୍ୟ ୧୯ କିଲୋମିଟର ପଶ୍ଚିମକୁ ୫ ନମ୍ବର ଜାତୀୟ ରାଜପଥରେ ଗଲେ ଗୋବରୀ ନଦୀ ପାର୍ଶ୍ୱରେ ପଡେ-ଓଁକାର-ଏକାକ୍ଷର-ବ୍ରହ୍ମ-ଏକାକ୍ଷର ଅବଧୂତ-କ୍ଷେତ୍ର-ଓଲାଶୁଣି ଗୁମ୍ଫା ଧାମ ।

ଆସନ୍ତୁ । ମହାପୂତ ପବିତ୍ର ଦ୍ୱିତୀ ନୀଳାଚଳ ଧାମ ତଥା ବ୍ରହ୍ମଦର୍ଶୀ ମହାସିଦ୍ଧା ସାଧକ-ପରମକାରୁଣିକ - ପରମବ୍ରହ୍ମ ମହାପୁରୁଷ ଭଗବାନ ଅବଧୂତ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ତଥା ମହାପବିତ୍ର ମାଘ କୃଷ୍ଣ ଏକାଦଶୀ ତିଥି ଅବସରରେ ତାଙ୍କର ମହାସମାଧି ଗାଦିବ୍ରହ୍ମ ସଂଦର୍ଶନ ପୂର୍ବକ ଏହି ନଶ୍ୱର ଜୀବନକୁ କୃତାର୍ଥ କରି ମର ସଂସାରରୁ ତରିଯିବା । ଏହା ହିଁ କାମନା ।

# ମା ଓଲାଶୁଣି ଓ ସନ୍ଥ ଅରକ୍ଷିତ

ଶ୍ରୀ ଅଶୋକ ସାମଲ

ଜଣେ ବଂଶୀବାଦକଙ୍କୁ ଗୁରୁ ରୂପରେ ଗ୍ରହଣ କରି ଜନୈକ ଯୁବକ ବଂଶୀ ବାଦନ ଶିକ୍ଷା କରୁଥିଲେ । ଗୁରୁଙ୍କ ପାଖରେ ଛାତ୍ର ଜଣକ ଯେତିକି ବିନୟୀ ଥିଲେ, ସେତିକି ମେଧାବୀ ମଧ୍ୟ ଥିଲେ । କିଛି ବର୍ଷ ପରେ, ପରୀକ୍ଷାର ସମୟ ଉପଗତ ହେଲା । ଛାତ୍ରର ମେଧାରେ ଗୁରୁ ଖୁସି ଥିଲେ । ମାତ୍ର ଛାତ୍ରଙ୍କୁ କହିଲେ, ତୁମେ ଜଙ୍ଗଲକୁ ଯାଅ ! ସେଠାରେ ଅଭ୍ୟାସ କର । କିଛି ଦିନର ବ୍ୟବଧାନ ପରେ ଛାତ୍ର ଆସି ଗୁରୁଙ୍କୁ ସାକ୍ଷାତ କଲେ । ଗୁରୁ ପୂର୍ବପରି ଛାତ୍ରକୁ ଜଙ୍ଗଲକୁ ଯାଇ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଲେ । ଏହିପରି ତିନିଥର ଛାତ୍ର ଆସିବା ପରେ ଗୁରୁ ତାଙ୍କୁ ସେପରି କହିଲେ । ପରବର୍ତ୍ତୀ ସମୟରେ ଛାତ୍ର ଜଣଙ୍କ ଦୀର୍ଘଦିନ ଧରି ଫେରିଲେ ନାହିଁ । ତେଣୁ ଗୁରୁ ଚିନ୍ତାରେ ପଡ଼ିଲେ, ଶିଷ୍ୟ କେଉଁଠି ଥିବ, କ'ଣ କରୁଥିବ, ଆଦି ଅନେକ ପ୍ରଶ୍ନବାଚୀ । ଶିଷ୍ୟଙ୍କୁ ଖୋଜିବା ଆରମ୍ଭ ହେଲା, କୌଣସି ସମ୍ବାଦ ମିଳିଲା ନାହିଁ । ଗୁରୁଙ୍କ ଆଶଙ୍କା ବଢ଼ିବାରେ ଲାଗିଲା । କିନ୍ତୁ ଶିଷ୍ୟ ଆସିଲେ; ମାତ୍ର ତାଙ୍କର ବସନ ଭୂଷଣ ପ୍ରତିଥିରେ ଉଦାସୀନ । ହାତରେ ନଥିଲା ବଂଶୀ । ଗୁରୁ ଗଭୀର ଆଲିଙ୍ଗନ କଲେ, ଆନନ୍ଦ ବିହ୍ୱଳ ହୋଇ ପଡ଼ିଲେ, ମୋ ଶିକ୍ଷାଦାନକୁ ତୁମେ ସାର୍ଥକ କରିଛ । କେବଳ ତୁମେ ବଡ଼ ହୋଇ ନାହିଁ, ତୁମେ ବଡ଼ ହେବା ସହିତ ମୋତେ ବଡ଼ କରିଦେଇଛ । ତୁମେ ନିଜେ ପାଲଟି ଯାଇଛ ବଂଶୀ ।

ଆମେ ସେହିପରି ଏକ ବିଷୟ ଆଲୋଚନା କରିବାକୁ ଯାଉଛେ । ଯେଉଁଠି ରାଜପୁତ୍ର 'ଯୁବରାଜ' ତାଙ୍କର ନିଷ୍ଠା, ଏକାଗ୍ରତା ଦ୍ୱାରା ହୋଇଛନ୍ତି ସିଦ୍ଧ ମହାପୁରୁଷ । ସୃଷ୍ଟି ହୋଇଛି ଭିନ୍ନ ଏକ ସଂସ୍କୃତି, ଅନ୍ୟ ଏକ ପରମ୍ପରା । ପ୍ରବାହିତ ହେଉଛି ମାନବବାଦୀ ଧାରା । ଓଲାଶୁଣୀ ପାହାଡ଼, ଘଂଚ ଜଙ୍ଗଲ, ପାହାଡ଼ ଶୀର୍ଷରେ ଗୁମ୍ଫା, ଗୁମ୍ଫା ଭିତରେ ବନଦୁର୍ଗା-ମା ଓଲାଶୁଣୀ । ଯାହାର ପରିବେଶକୁ ବର୍ଣ୍ଣନା କରିବାକୁ ଯାଇ କବି ସ୍ୱର୍ଗତ ନନ୍ଦକିଶୋର ସାମଲ ଲେଖିଥିଲେ;

ଏମିତିକା ଥିଲା ବଣ ।
ଭୂମି ଛୁଇଁବାକୁ ସୂର୍ଯ୍ୟ କିରଣ
ହେଉଥିଲା ହଇରାଣ ।

ଏହିପରି ପରିବେଶରେ ପହଁଚିଥିଲେ ବଡ଼ଖେମୁଣ୍ଡି (ବ୍ରହ୍ମପୁର) ରାଜପୁତ୍ର ବଳଭଦ୍ର ଦେବ । ସାଧନ ଭଜନର ଏକ ଗଭୀର ଭାବାବେଶ ନେଇ ପରବର୍ତ୍ତୀ ସମୟରେ ଘଟଣା ପ୍ରବାହ ଗୁଡ଼ିକୁ ସୁନ୍ଦର ଭାବରେ ତାଳପତ୍ରରେ କଂଟାରେ ଖୋଦିତ କରିଛନ୍ତି । ଯାହା "ମହୀମଣ୍ଡଳଗୀତା" ଓ ଅନ୍ୟାନ୍ୟ ପୁସ୍ତକ ଆକାରରେ ଆଶ୍ରମରେ ଉପଲବ୍ଧ । ଯୁବରାଜ ବଳଭଦ୍ର ଦେବ, ଦେବୀଙ୍କ ଠାରୁ ବର ପ୍ରାପ୍ତ ହୋଇଛନ୍ତି । ଯୋଗ ସାଧନ ନିମନ୍ତେ ମା ଓଲାଶୁଣି ବଳଭଦ୍ରେ ଅବସ୍ଥାନ କରିବାର ପ୍ରତିଶ୍ରୁତି ନେଇ ଓହ୍ଲାଇଛନ୍ତି । ରାଜପୁତ୍ର ଏବଂ ଦେବୀଙ୍କ କଥୋପକଥନକୁ କବି ଲେଖିଛନ୍ତି -

"ଅନେଇ ରହିଛି ଗୋବରୀ ନଈ
ମୋ ପାଦ ଧୋଇବା ପାଇଁ ।"

ଗୁମ୍ଫାରେ ରାଜପୁତ୍ର ଯୋଗ ସାଧନା ସହିତ ସାହିତ୍ୟ ରଚନା କରିଛନ୍ତି । ଯେଉଁ ସାହିତ୍ୟ ଶ୍ରେଷ୍ଠତା ଦାବୀ କରେ । ଏକଦା ବଙ୍ଗଳା କବି ରାମପ୍ରସାଦ ସେନ୍ ଲେଖିଥିଲେ ।

"ଅର କେନ ମନ ଭ୍ରମିଛ ବାଇରେ
ଚାଲିନା ଆପ୍‌ନା ଅନ୍ତରେ ।
ବାଇରେ ଯାର୍ ତତ୍ତ୍ୱ କର ଅବିରତ
ଓଇତ ଅନ୍ତରେ ବିହରେ ।''

ମାତ୍ର ସାଧନା ସିଦ୍ଧ (ରାଜପୁତ୍ରରୁ ମହାପୁରୁଷକୁ ରୂପାନ୍ତରିତ) ସନ୍ଥ ଲେଖିଲେ

ଦିନେ ଯୁଗଳ ଲୀଳା ଭଙ୍ଗିବ ମିତଣୀ
ଦାରୁଣ ଦଇବ ।
ନିତ୍ୟ ବୃନ୍ଦାବନେ ରାହାସ କାନନେ
ଦିନେ ଭେଟାଭେଟି ହେବ ॥

ଉକ୍ତ ପଦଟି ଗୋଟିଏ ଭଜନ ଆଦ୍ୟାଂଶ ନୁହେଁ । ଏହା ବହନ କରିଛି ଆତ୍ମା ଓ ପରମାତ୍ମାର ସମ୍ପର୍କର ସେତୁକୁ । ଜୀବ ପରମର ଭାବ ଧାରାକୁ ପୁଣି ନୂଆ ଏକ ଧର୍ମ ଭାବନା ଓ ସାଧନାର ଧାରାକୁ ।

ଅନ୍ୟ ପକ୍ଷରେ ନାମ ଓ ସଂସ୍କୃତି ଦୃଷ୍ଟି କୋଣରୁ ବିଚାର କଲେ: ଯେଉଁ ଦିଗଟି ସାମ୍ନାକୁ ଆସେ ତାହା ଏକ ସମ୍ବେଦନଶୀଳ ଦିଗ । ରାଜପୁତ୍ର ଭ୍ରମଣରେ ଥିବା ସମୟରେ ଘଟଣା ପ୍ରବାହ ମଧ୍ୟରେ ତାଙ୍କୁ ଜଣେ ବ୍ରାହ୍ମଣୀ

ଅରକ୍ଷିତ ବୋଲି ସମ୍ବୋଧନ କରିଥିଲେ । ବ୍ରାହ୍ମଣୀଙ୍କର ସେହି ସମ୍ବେଦନଶୀଳତାକୁ ସମ୍ମାନ ଜଣାଇ ନିଜର ନାମକୁ ଅରକ୍ଷିତ ଦାସରେ ରୂପାନ୍ତରିତ କରିଥିଲେ । ଏହି ଭାବ ଓ ଭାବନା ମାନବର ନୁହେଁ : ଏହା ଭିତରେ ରହିଛି ଦେବତ୍ୱର ପ୍ରତିଛବି । ପୁଣି କଳିଯୁଗରେ ମଣିଷ ସ୍ୱାର୍ଥପର, ପରଶ୍ରୀ କାତର ଏବଂ ଜୀବନଜଞ୍ଜାଳ ଭିତରେ ଭୁଲିଯାଏ ଦୟା, କ୍ଷମା ଆଦି ମହନୀୟତାକୁ । ଫଳତଃ ସାଧୁ ସନ୍ଥ ଠାରୁ ଅସହାୟ ମଣିଷ ମାନଙ୍କୁ ଆହାଃ ପଦ କହିବା ନିମନ୍ତେ କେହି ରହିବେ ନାହିଁ ଯାହାକୁ କେହି ରଖିବେ ନାହିଁ; ସେ ହେବ ଅରକ୍ଷ । ତେଣୁ ସୃଷ୍ଟି ହେବ ହାହାକାର । ବୋଧହୁଏ ଅରକ୍ଷ ମାନଙ୍କ ନିମନ୍ତେ ଆବଶ୍ୟକ ପଡ଼ିବ ରକ୍ଷକର । ତେଣୁ ସନ୍ଥଙ୍କ ଦ୍ୱାରା ପ୍ରଚଳିତ ସଂସ୍କୃତି ହେଉଛି, ଅରକ୍ଷର ରକ୍ଷା ହେତୁରେ 'ଅରକ୍ଷିତ' ସଂସ୍କୃତି । ଫଳ ସ୍ୱରୂପ ଅରକ୍ଷିତ ସଂସ୍କୃତିର ଆଦର ବଢ଼ିଛି । ରୋଗ, ଶୋକରେ ବିଶ୍ୱାସ କେନ୍ଦ୍ରିଭୂତ ହୋଇଛି ଗୁମ୍ଫାର କାଞ୍ଜିପାଣି ଉପରେ । ଭକ୍ତି ଭାବନା କ୍ଷେତ୍ରରେ ଅରକ୍ଷିତ ସଂସ୍କୃତିକୁ ପାଥେୟ କରୁଛି ଆଜିର ମଣିଷ । ସନ୍ଥଙ୍କ ମହାପ୍ରୟାଣ ଦିବସ ମାଘ କୃଷ୍ଣ ଏକାଦଶୀ ତିଥିରେ ପୀଠ ରୂପାନ୍ତରିତ ହେଉଛି ଅନ୍ୟ ଏକ ଶ୍ରୀକ୍ଷେତ୍ରରେ । ଯେଉଁ ଉତ୍ସବକୁ ଓଳାଶୁଣି ମେଳା ନାମରେ ଚର୍ଚ୍ଚା ହେଉଛି ।

ହଁ, ବରଗଛର ଓହଳ ଭୂମି ସ୍ପର୍ଶ କଲେ, ମୂଳ ବୋଧହୁଏ ପ୍ରାଧାନ୍ୟ ହରାଏ, ମାତ୍ର ଏଠାରେ ବ୍ରହ୍ମଲୀନ ସନ୍ଥ ଅରକ୍ଷିତଙ୍କର ସମାଧିପୀଠରେ ପୂଜାର୍ଚ୍ଚନା ଚାଲୁଥିବା ସମୟରେ : ପାହାଡ ପାଦଦେଶରେ ଗୋବରୀ ନଦୀ କୂଳରେ ମା ଓଳାଶୁଣିଙ୍କ ପୂଜାର୍ଚ୍ଚନା ମଧ୍ୟ ହୋଇଥାଏ । ସେଠାରେ ଭକ୍ତମାନେ ମାଙ୍କୁ ଦଶମହାବିଦ୍ୟା ବା ଦଶମାଇ ରୂପରେ ପୂଜା କରନ୍ତି :

"କାଳୀତାର ମହାବିଦ୍ୟାଂ ଶୋଡସୀ ଭୁବନେଶ୍ୱରୀଂ
ଭୈରବୀ ଛିନ୍ନମସ୍ତାଙ୍ଗ ବିଦ୍ୟାଧୂମାବତୀ ତଥା
ବଗଳାମୁଖି ବିଦ୍ୟାଂ ମାତଙ୍ଗା କମଳାତ୍ମିକାଂ
ଏତଦଶ ମହାବିଦ୍ୟାଂ ସିଦ୍ଧିବିଦ୍ୟା ପ୍ରକିର୍ତ୍ତିତାଂ ।

ଭକ୍ତଗଣ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପରେ ମାଙ୍କ ଆବାହନ କରିଥାନ୍ତି । ବାର୍ଷିକ କାର୍ଯ୍ୟକ୍ରମ ଭିତରେ ସଂକ୍ରାନ୍ତି, ପୂର୍ଣ୍ଣିମା ବ୍ୟତୀତ ଦୁର୍ଗାପୂଜା ସମୟରେ ମହାଷ୍ଟମୀ ପୂଜା, ସପ୍ତପୁରୀ ଅମାବାସ୍ୟାରେ ସପ୍ତସତୀ ଚଣ୍ଡୀପାଠ, ଗୀତା ଜୟନ୍ତୀରେ ଗୀତା ଯଜ୍ଞ, କାର୍ତିକ ପୂର୍ଣ୍ଣମୀ ବା ରାହାସ ପୂର୍ଣ୍ଣମୀରେ ରାହାସ ଆଦି ଅନୁଷ୍ଠିତ ହୁଏ । ଏବଂ ମହାପୁରୁଷଙ୍କ ସମାଧି ଦିବସରେ ଦୁଇଦିନ ପୂର୍ବରୁ ଅର୍ଥାତ୍ ମାଘ କୃଷ୍ଣ ନବମୀ ତିଥିରେ ସଂନ୍ଧ୍ୟାରେ ଏକ ମହୋତ୍ସବ ହୋଇଥାଏ ।

ଏମିତିରେ ମା ଓଳାଶୁଣି ଦେବୀ ଏବଂ ମହାନ ସନ୍ଥ ଅରକ୍ଷିତ ଦାସଙ୍କର ପୀଠରେ ଶ୍ରଦ୍ଧାଳୁମାନେ ମିଳିତ ହୋଇ ସେମାନଙ୍କର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାନ୍ତି । ତେଣୁ ଏହା ଯେପରି ଏକ ବିରଳ ସଂସ୍କୃତି, ସେପରି ଏକ ଭିନ୍ନ ପରମ୍ପରା ବାର୍ତା ବହନ କରେ ।

# MAHAPURUSA ARAKSHITA DAS

*Prof. Dr. Karuna Sagar Behera*

In the Upanishad, the question is asked if all the riches of the world belong to me, can I be happy ? The answer is emphatic No. The wealth is no passport to happiness and salvation. Therefore one has to realize the meaning of the self and the universal self. In order to seek onuttar Jaynna. Goutam Buddha renounced the world. Mahavir also led an ascetic life. In our Indian traditions, the quest for the devine always dominated our outlook. In recent times in Orissa, we find a fine example of approach towards life in the example of Mahapurus Arakhit Das. He was born in the royal family of Badakhemundi, in the later half of the 18th Century. His father was Raja Padmanabh Dev. His only son was Balavadra Dev who was the prince and the heir to the royal throne. He grew up in luxury but was not interested in worldly life. At the age of 17 the supreme moment came. He left his household and became a sanyassee. Earlier his father also tried to mould his life in the different way. At the age of 15 his father wanted

that he should marry a royal princess but he did not accept the suggestion Leaving behind the royal palace, he accepted the life of a Sanyasi. He virtually became an “Arakhit”. He visited several Jagannath. The young Sanyasi was very much influenced by the nonsectarian character of Lord Jagannath. In the sharing of Mahaprasad, there is no caste distinction. He wanted to enter the temple but he was prevented to have a darshan of the Lord. Arkhit Das was against Idology. The Mahimandal Geeta contains many episodes relating to his asceitic life. During his ascetic career, he visited several places such as Khandagiri, Udayagiri, Barunei, Kantilo, Neelamadhab, Belpada Dadhi Bamana etc. Ultimately he reached Olasuni and selected it as his Sadhana pith. The site of Olasuni situated on a hillrock offered a beautiful environment to carry on his Sadhana. The famous Buddhist establishments of Lalitgiri existed near Olasuni but Arakhit Das was not influenced by Buddhism. His teachings were of his own realization based on indigenous tradition. His teachings were very simple and appealed to common people. In a society ridden with caste and inequality he preached equality. To set an example, he took food from a Sabar. He did not favour to perpetuate his religious tradition by initiating any one

as Sisya or disciple. His teachings, keeping with the best tradition of India gave emphasis on compassion, good conduct and virtuous way of life. His newly formulated religion was based on the best traditions of Sanatan Dharmas. Mahapurus Arakhit Das has left behind a number of text in Oriya such as Balyavodh, Brahmand Geeta, Abadhut Samghita, Gupta Geeta, Mahimandal Geetaand a host of stavs and stutis. His Mahimandal Geeta has been published. The Mahimandal Geeta like the Brahmanda Bhoogola speaks of his universal outlook. The concern for humanism and humanity is unique to his philosophy. His Samadhi at Olasuni which is quite simple and sacred provides spiritual solace for countless devortees. It is hoped that in the years ahead, all his religious works should be edited and published for the scholars of the world. It is incredible that such as saint lived in Orissa in the modern times.

***Retd. Professor of History***

***Utkal University***

# ମହୀମଣ୍ଡଳ ଗୀତା : ଆତ୍ମଜୀବନୀ ଆତ୍ମଜିଜ୍ଞାସା

ପ୍ରଫେସର ଶ୍ରୀ ଦାଶରଥି ଦାସ

## (ଏକ)

ଗୀତା ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏଠାରେ ଭଗବତ୍ ଗୀତାକୁ ସ୍ମରଣ କରିବାକୁ ହୁଏ । ଭଗବତ୍ ଗୀତା ଅଷ୍ଟାଦଶ ଅଧ୍ୟାୟତ୍ମକ ଶ୍ଳୋକନିବଦ୍ଧ ଗ୍ରନ୍ଥବିଶେଷ । ଏହା ତତ୍ତ୍ୱ ଜ୍ଞାନାର୍ଥି ଶ୍ରୀକୃଷ୍ଣ କର୍ତ୍ତୃକ ଅର୍ଜ୍ଜୁନଙ୍କ ପ୍ରତି ପ୍ରଶ୍ନୋତର ଛଳରେ ଉପଦିଷ୍ଟ ଆତ୍ମବିଦ୍ୟାବିଷୟକ ପ୍ରସିଦ୍ଧ ସଂସ୍କୃତ ରଚନା । ଏହିଠାରୁ ଗୀତା ନାମଟି ଓଡ଼ିଆ ସାହିତ୍ୟକୁ ଆସିଛି । ଗୀତା ଓଡ଼ିଆ ଭାଷାରେ ପୂର୍ବର ବିଶେଷତ୍ୱ ହରାଇ ଆଧ୍ୟାତ୍ମତତ୍ତ୍ୱପୂର୍ଣ୍ଣ ପଦ୍ୟାତ୍ମକ ଗ୍ରନ୍ଥମାତ୍ରାରେ ପରିଣତ ହୋଇଛି । ଏଥିରେ କୃଷ୍ଣ ଅର୍ଜ୍ଜୁନଙ୍କ ସ୍ଥାନ ଗ୍ରହଣ କରିଛନ୍ତି ଯଥାକ୍ରମେ ଚୈତନ୍ୟ ଓ ମନ । ଆମ ଗୀତା ପ୍ରାୟ ସର୍ବତ୍ର ମନଚୈତନ୍ୟ, ସମ୍ବାଦାତ୍ମକ । ଚରିତ୍ରରେ ଆତ୍ମବିଦ୍ୟା ବିଧେୟକ ମଧ୍ୟ । ଅଧ୍ୟାୟ ସଂଖ୍ୟା କ୍ଷେତ୍ରରେ ନିରଙ୍କୁଶ । ଯିଏ ଯେତେ ଅଧ୍ୟାୟରେ ଲେଖିପାରନ୍ତି । ଓଡ଼ିଆ ଗୀତା ଭଗବତ୍ ଗୀତା ଆଦର୍ଶରେ ଲେଖା । ଓଡ଼ିଆ ଭାଗବତର ନବାକ୍ଷରି ବୃତ ବି ଏହାକୁ ପ୍ରେରଣା ଦେଇଥାଏ । ଜିଜ୍ଞାସା ଜୀବପରମ ଜିଜ୍ଞାସା । ଅଧିକାଂଶ ବେଦାନ୍ତ ସାର ବି ଆତ୍ମପରଚେ ସଂକ୍ରାନ୍ତ । ମହୀମଣ୍ଡଳ ବିଶେଷ ବ୍ୟତିକ୍ରମ ନୁହେଁ । ଅରକ୍ଷିତ ଦାସ ମନଚୈତନ୍ୟ ସମ୍ବାଦ ଛଳରେ ବେଦାନ୍ତ ତତ୍ତ୍ୱଗର୍ଭା ନିଜର ଆତ୍ମବିଦ୍ୟାବିଷୟକ ଚିନ୍ତା, ଚେତନା ଓ ଅଭିଜ୍ଞତା ଉପଲବ୍ଧିକୁ ଉପସ୍ଥାପନ କରିଛନ୍ତି - ଏ ଯେମିତି ନିଭୃତ ଅରଣ୍ୟ ବାସ କାଳର ନିଜ ସହିତ ନିଜର

## ଶୂନ୍ୟ ପୁରୁଷ

ବାର୍ତ୍ତାଳାପ ଛଳରେ ନିଜର ଜୀବନୀ ଓ ଜିଜ୍ଞାସା ଉପସ୍ଥାପନା । ମୁଁ କିଏ ? କେଉଁଠୁ ଆସିଛି ? ଆତ୍ମା କିଏ ? ପରମାତ୍ମା କିଏ ? କ'ଣ ଏଗୁଡ଼ିକର ସମ୍ପର୍କ ? ଉପାସ୍ୟ କିଏ ? ଉପାସନାର ମାର୍ଗ କ'ଣ ? ସାଧ୍ୟ କ'ଣ ? ଏସବୁ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ସେ, ନିଜର ଅନୁଧାବିତ ପଥ ଓ ମତଟିକୁ ବି ପର୍ଯ୍ୟବେକ୍ଷଣ କରିଛନ୍ତି । ଯାହା ଲକ୍ଷ୍ୟ କରିଛନ୍ତି ତାହା ହିଁ ତାଙ୍କର ମତ ଓ ପଥ । ଶେଷ ପର୍ଯ୍ୟନ୍ତ କିନ୍ତୁ ମହୀମଣ୍ଡଳ ଗୀତା ଗୀତାମାତ୍ର ହୋଇ ରହି ନାହିଁ, ହୋଇ ଉଠିଛି ଗୀତା ଓ ଆତ୍ମଜୀବନୀ । ଏହା ୯୩ ଟି ଅଧ୍ୟାୟତ୍ମକ ଏକ ବିରାଟ ଗ୍ରନ୍ଥ । ଏଥିରେ ପ୍ରାୟ ଏକ ତୃତୀୟାଂଶ ଆତ୍ମଜୀବନୀ । ଓଡ଼ିଆ ଭାଷାର ପ୍ରଥମ ଆତ୍ମଜୀବନୀ । ଦୁଇ ତୃତୀୟାଂଶ ଗୀତା କବିଙ୍କ ଜୀବନୀ ତଥା ମତ ଓ ପଥ ଜାଣିବାକୁ ହେଲେ ଗୀତାଟି ଅବଶ୍ୟ ପାଠ୍ୟ ।

### (ଦୁଇ)

ମହୀମଣ୍ଡଳ ଗୀତା ରଚନା ପଛରେ ପୂର୍ବର କୌଣସି ପରିକଳ୍ପନା ଲକ୍ଷ୍ୟ କରି ହୁଏ ନାହିଁ । ଲେଖୁଲେଖୁ ଯାହା ଲେଖିହୋଇଯାଇଛି ତାହା ହିଁ ଏ ଗୀତା । ଏଥିରୁ କବିଙ୍କ ପଥ ଓ ମତଟିକୁ ସ୍ପଷ୍ଟ ଅନୁଧାବନ କରିବା ଯେପରି ସହଜ ନୁହେଁ ସେମିତି ବି ଅନୁପୁଙ୍ଖ ଜୀବନଟିକୁ ପାଇବା ସମ୍ଭବ ନୁହେଁ । ଯାହା ଲେଖିଲେ ତାହା ସତ୍ୟର ନିକଟବର୍ତ୍ତୀ ହେବ ବୋଲି ଭରସା ରଖି ହେବ ନାହିଁ । ଲେଖକ ଗୀତାଟିକୁ ବହୁବାର ପଢ଼ିଛି । କିନ୍ତୁ କେବେ ଥଳକୂଳ ପାଇ ନାହିଁ । ତେଣୁ ଭୟରେ ଲେଖାଯାଇଛି ଏ ପ୍ରବନ୍ଧ । କବି ଗୀତାଟିକୁ କେଉଁଠୁ ଆରମ୍ଭ କରି କେଉଁଠି ଶେଷ କରିବେ ଜାଣି ନଥିବାରୁ ଯେତେବେଳେ ଯେଉଁ ଭାବନା ଆସିଛି ତାହାକୁ ଲିପିବଦ୍ଧ କରିବାକୁ ଶ୍ରେୟ

ମଣିଛନ୍ତି - ଯେଉଁ ଅଭୁକ୍ତ  ଅବ୍ୟବସ୍ଥିତ ଜୀବନ ସେ ଯାପନ କରୁଥିଲେ ସେଥିରେ ଗୀତାଟି ଲେଖିବା କିଛି କମ୍ କୃତିତ୍ୱର କଥା ନୁହେଁ । ବେଦାନ୍ତ ତତ୍ତ୍ୱରେ ସେ କେତେଦୂର ଅବଗାହି ଥିଲେ ତାହା ଜାଣିବା ଏ ଲେଖକ ପକ୍ଷରେ ସାଧ୍ୟାତୀତ ବ୍ୟାପାର - ଆଉ ବେଦାନ୍ତତତ୍ତ୍ୱ ଓ ଭକ୍ତିମାର୍ଗ କେଉଁଠି କେଉଁ ବିନ୍ଦୁରେ ନାନ୍ଦନିକ ସମୀକରଣରେ ଉପନୀତ ହୋଇଛନ୍ତି, ତାହାବି ଏ ଲେଖକ ପକ୍ଷରେ ଜାଣିବାର ଉପାୟ ନାହିଁ । କବି ବ୍ରହ୍ମତତ୍ତ୍ୱ ଉପସ୍ଥାପନ କରିଛନ୍ତି ଓ ଭକ୍ତି ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି - ଏଣେ ମହୀମଣ୍ଡଳ ଗୀତାର ଜୀବନୀ ସହିତ କିମ୍ବଦନ୍ତୀ ଓ ଲୋକଶ୍ରୁତି ପରସ୍ପର ସାମଞ୍ଜସ୍ୟ ରଖୁନାହାନ୍ତି । ମହୀମଣ୍ଡଳ ଗୀତାକୁ ଯେବେ କବିଙ୍କ ଜୀବନୀ ଓ ମତପଥ ପ୍ରଦର୍ଶନ ପାଇଁ ପ୍ରମାଣିକ ଗ୍ରନ୍ଥ ଭାବରେ ଗ୍ରହଣ କରାଯାଏ, ତେବେ ଏଥିରେ ଗୀତାର ୬ଷ୍ଠ ସଂସ୍କରଣଟିକୁ ବ୍ୟବହାର କରାଯାଇଛି - ଏହା ଓଳାଶୁଣି ଗୁମ୍ଫାର ମହନ୍ତ ଶ୍ରୀ ରାମାନନ୍ଦ ଦାସଙ୍କ ଦ୍ୱାରା ୨୦୦୫ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୫ ତାରିଖ ଦିନ ପ୍ରକାଶିତ ହୋଇଛି । ପୃଷ୍ଠା ସଂଖ୍ୟା ୨୪୪ ।

## (ତିନି)

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବଡ଼ଖେମୁଣ୍ଡି ରାଜ୍ୟର ଜ୍ୟେଷ୍ଠ ରାଜକୁମାର ବଳଭଦ୍ର ଦେବ ଧ୍ରୁବ କି ବୁଦ୍ଧଙ୍କ ଆଦର୍ଶରେ ଗୃହତ୍ୟାଗ କରି ଅରଣ୍ୟବାସ ପାଇଁ ମନ ବଳାଇଛନ୍ତି ଓ ଶେଷ ପର୍ଯ୍ୟନ୍ତ ଊନବିଂଶ ବର୍ଷ ବୟସରେ ଗୃହତ୍ୟାଗ କରିଛନ୍ତି । ପଛରେ ଛାଡ଼ି ଆସିଥିବା ଓ ବିତାଉଥିବା ଜୀବନର ତୁଳନାତ୍ମକ ବିଚାରରୁ ତାଙ୍କର ରାଜକୀୟ ଭୋଗବିଳାସମୟ ଜୀବନର ଚିତ୍ର ଉଭାସିତ ହୋଇ ଉଠିଥାଏ । ୪୪ଶ ଅଧ୍ୟାୟରେ ଅଛି,

## ଶୂନ୍ୟ ପୁରୁଷ

ଗୃହେ ମୁଁ ଥିଲି ଯେଉଁଦିନ ।
ଛୋଟ ବସ୍ତ୍ର ନ ପିନ୍ଧେ ମନ ॥
ଯେବେ ଭୂମିରେ ବସ୍ତ୍ର ବାଜି ।
ତେବେ ମୋ ମନ ହୁଏ ରାଜି ॥
ଏବେ କନା ଖଣ୍ଡିଏ ମାତ୍ର ମାରି ।
ଆବର ବୁଲେ ଗ୍ରାମେ ଫେରି ॥

ଚୁଆଚଂଦନ ଅଙ୍ଗେ ଦେଇ ।
କେଶେ ପାଟ ବାନ୍ଧି ଖଞ୍ଜାଇ ॥
ତହିଁ ଉପରେ ପୁଷ୍ପ ଖଞ୍ଜେ ।
ଲଲାଟେ ନାନା ଚିତା ରଞ୍ଜେ ॥
ଏବେ କେଶ ମୁକୁଳା କରି ।
ଅଡ୍ଡାଛାଡ଼ି ଗ୍ରାମେ ଫେରିଲି ॥

କୁଙ୍କୁମ ଦିନେ ଯେବେ ବୋଲେ ।
ସେ ଦିନ ନିଦ୍ରା ଯେ ନ ହୁଏ ॥
ସ୍ନାହାନ ନକଲେ ମୁଁ ଦିନେ ।
ନିଦ୍ରା ମୋ ନଆସେ ନୟନେ ॥
ଏବେ ମାସକେ ଦିମାସରେ ।
ସ୍ନାନ କରେ ମୁଁ ଅଣାଚାରେ ॥
ଖଟଶଯ୍ୟା ମାଣ୍ଡି ଛାଡ଼ିଲି ।
ଏବେ ଭୂମିରେ ମୁଁ ଶୋଇଲି ॥

(ପୃଷ୍ଠା, ୧୨୩-୧୨୪)

# ଶୂନ୍ୟ ପୁରୁଷ

କ'ଣ ପାଇଁ ଘର ଛାଡ଼ିଲେ ? କିମ୍ବଦନ୍ତୀଟିଏ ଗଢ଼ିଉଠିଛି ଏଥିପାଇଁ । ଦିନେ ରାତିରେ କୁଆଡେ ସନ୍ଥଟିଏ ଉପସ୍ଥିତ ହେଲେ । ମଣୋହି କରିବେ । କଦଳୀପତ୍ର ଲୋଡା ପଡ଼ିଲା - ବାଳକ ବଳଭଦ୍ର ଦେବ ଯେତେବେଳେ ପତ୍ର କାଟୁଥିଲା ବେଳେ ଘରର ମାଲିକାଣୀ ବୃଦ୍ଧା ବିଧବା ତାଙ୍କୁ "କିଏରେ ତୁ ଅରକ୍ଷିତ'' ବୋଲି ଗାଳି ଦେଇଛି; ଆଉ ସେ ଭର୍ତ୍ସିତ ହୋଇ ବୁଢ଼ୀ ଡାକିବା ନାମରେ ପରଚିତ ହୋଇ ଘର ଛାଡ଼ିଛନ୍ତି । କିମ୍ବଦନ୍ତୀର ମୂର୍ଖତା ନୁହେଁ, କାଣ୍ଡଜ୍ଞାନ ହୀନତା କଥାଟିକୁ ମିଥ୍ୟା ପ୍ରତିପାଦନ କରେ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବଡ଼ଖେମୁଣ୍ଡିର ଯୁବରାଜ କେଉଁ ଦୁଃଖରେ ପରବାଡ଼ିରେ ପଶି ରାତିରେ କଦଳୀପତ୍ର କାଟିବେ ? ରାତ୍ରସେବକ ଓ ପରିବାର ବୃନ୍ଦ ଗଲେ କୁଆଡେ ? ରାଜାଙ୍କ ଉଆସ ପାଖରେ ବୁଢ଼ୀ ବ୍ରାହ୍ମଣୀର ଘର କୁଆଡୁ ଆସିଲା ? ରାଜ ଉଦ୍ୟାନରେ କ'ଣ କଦଳୀଗଛ ନଥିଲା ? ପ୍ରକୃତରେ କିନ୍ତୁ କାଙ୍ଗାଳ ବଳଭଦ୍ର ଘର ଛାଡ଼ି ନଥିଲେ ? ଘର ଛାଡ଼ିଲା ବେଳକୁ ସେ ଉନବିଂଶ ବର୍ଷ ବୟସ୍କ ଯୁବକ । ସପ୍ତଦଶ ବର୍ଷ ବୟସରୁ ସେ ଘର ଛାଡ଼ିବା ଚିନ୍ତା କରିଥିଲେ - ପ୍ରସ୍ତୁତି ପାଇଁ ସମୟ ନେଲେ ଦୁଇବର୍ଷ । ସେ ଯେବେ ୧୭୭୨ ବେଳକୁ ଜନ୍ମିଥାନ୍ତି ତେବେ ୧୭୯୦ କି ୧୭୯୧ ବେଳକୁ ଘର ଛାଡ଼ିଛନ୍ତି ।

(ଆନୁମାନିକ ସମୟ ୧୭୭୨- ୧୮୦୩)

ସତର ବରଷ ଯେ ଠାରୁ ।
ସୁବୁଦ୍ଧି ହେଲା ମୋ ହୃଦରୁ ॥
ଦୁଇ ବରଷ ଘର ଠାରେ ।
ରହିଥିଲି ତୁମ୍ଭ ଭାବନାରେ ॥

ଭାବିଲି ଘରେ କାର୍ଯ୍ୟନାହିଁ ।
ଅରଣ୍ୟେ ପଶିବିଟି ମହିଁ ॥
ଏମନ୍ତେ ମନେ ମୁଁ ପାଂଚିଲି ।
ଘରୁ ମୁଁ ଦିବସେ ଅଇଲି ॥

(୬୭/୨୬-୩୧) (ପୃଷ୍ଠା, ୧୮୨)

ଘର ଛାଡ଼ିଛନ୍ତି ଦିବସରେ, ରାତ୍ରରେ ନୁହେଁ । ଏବେ ତାଙ୍କ ସମ୍ବନ୍ଧରେ ନୂଆ ଏକ କିମ୍ବଦନ୍ତୀ ଗଢ଼ି ଉଠୁଛି । ଅରକ୍ଷିତ ଦାସଙ୍କ ଭଜନା ବଳୀର ମୁଖବନ୍ଧ ସ୍ୱରୂପ ଅଛି "ମଠ କର୍ମାଙ୍ଗ ମାଦଳାନୁସାରେ ସିଦ୍ଧ ଅରକ୍ଷିତ ଦାସ ବାବାଙ୍କ ବିଷୟ ।''ଗଜପତି ଦିବ୍ୟସିଂହ ଦେବ କୁଆଡ଼େ ଅରକ୍ଷିତ ଦାସଙ୍କୁ ଆବାହନ କରି ଯୋଡ଼ ମସାଲ ଦେଇ ବେଢ଼ାରେ ଉପାଧି ଦର୍ଶନ କରାଇ ଖଣ୍ଡୁଆ ପତନୀ ଶାଢ଼ୀ ଉପହାର ଦେଲେ । ଗଜପତିଙ୍କ ଆଗ୍ରହ ଓ ଆନୁକୁଲ୍ୟ ନ ପାଇଲେ ସବୁ ଯେମିତି ନିରର୍ଥକ ! ମହୀମଣ୍ଡଳ ଗୀତା କିନ୍ତୁ ଭିନ୍ନ କଥା କହେ । ସଦ୍ୟ ଗୃହତ୍ୟାଗୀ ଅରକ୍ଷିତ ପୁରୀରେ ପହଁଚିଥାନ୍ତି । ବାଟବଣାହୋଇ ସାତଆଠଦିନ ହେବ ନ ଖାଇ ନପିଇ କ୍ଳାନ୍ତ ଅବସନ୍ନ ଅବସ୍ଥାରେ ଗୋଟିଏ ନଡ଼ିଆ ବଗିଚାରେ ଉପନୀତ ହୋଇଛନ୍ତି । ବାଉରୀ ତାଙ୍କୁ ଚୋର ଭାବି ଗୁଡାଏ ମାଡ଼ ଦେଇଛି - ସେ ଛାଡ଼ ପାଇଛନ୍ତି ବୁଢ଼ୀଟିର ହସ୍ତକ୍ଷେପ ଫଳରେ । ଜଗନ୍ନାଥଙ୍କ ଦର୍ଶନ ମିଳିନାହିଁ ମନ୍ଦିର ପ୍ରବେଶ ପାଇଁ ଟଙ୍କା ମଗାଯାଇଛି - ଅରଣୁସ୍ତମ୍ଭ ପାଖରେ ପଡି ପଡି ଭୋକ ଉପାସରେ ପୁରୀ ଛାଡ଼ିଛନ୍ତି । ଭାବିଛନ୍ତି "ବ୍ରହ୍ମାଣ୍ଡେ ପୁରିଅଛି ସେହୁ'' - ମନ୍ଦିରରେ ଜଗନ୍ନାଥଙ୍କୁ ନ ଦେଖିଲେ ଚଳେ । ପରେ ସେ ତ ପ୍ରତିମାଦର୍ଶନ ବର୍ଣ୍ଣନ କରିଛନ୍ତି । (୭୦ମ ଅଧ୍ୟାୟ ଦ୍ରଷ୍ଟବ୍ୟ) ଯିଏ

ରାଜକୀୟ ସୌଭାଗ୍ୟ ଛାଡ଼ିଛନ୍ତି ସେ ରାଜାଙ୍କ ଅନୁଗ୍ରହରେ ଧନ୍ୟ ହୁଅନ୍ତେ କାହିଁକି ? ଅଧିକନ୍ତୁ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଆନୁମାନିକ ୧୭୭୨ ରେ ଭୂମିଷ୍ଠ ହୋଇଥିବା କବିଙ୍କୁ ଖ୍ରୀ. ୧୭ଶ ଶତାବ୍ଦୀରେ "ଅବଧୂତ ଶାଢ଼ୀ'' ମିଳନ୍ତା କିପରି ? କିମ୍ବଦନ୍ତୀର ସମୟଜ୍ଞାନ ନାହିଁ ବୋଧହୁଏ । ଅରକ୍ଷିତ ଦାସ ପାରାଦ୍ୱୀପ ରାଜାଙ୍କୁ ଭେଟିବାକୁ ଅବଶ୍ୟ ଚାହିଁଛନ୍ତି, କ୍ଷୁଧା ପିପାସାକାତର ହୋଇ ସେ ରାଜାନୁଗ୍ରହରୁ ଖାଇବା ପିଇବା ପାଇବାର ଆଶା ରଖିଛନ୍ତି । କିନ୍ତୁ  ଦର୍ଶନ ମିଳିନାହିଁ । ପାରଦ୍ୱୀପର ଆତିଥ୍ୟ ପ୍ରୀତିକର ହୋଇ ନାହିଁ, ରାଜା ଓ ରାଜ୍ୟପ୍ରତି ଘୋର ବିରକ୍ତ ହୋଇ ଅରକ୍ଷିତ ସେଠାରୁ ଫେରିଛନ୍ତି-

ଏ ରାଜା ମୂର୍ଖ ସେ ଅଟଇ ।
ସ୍ୱଭାବେ ଷଣ୍ଢନାମ ବହି ।।
ଗୋରୁ କି ଜାଣେ ଜ୍ଞାନ ପୁଣ ।
ଆମ୍ଭଙ୍କୁ ଏ ଚିହ୍ନିବ ପୁଣ ।।

ଆହେ ସୁଜନମାନେ କହି ।
ପାରାଦ୍ୱୀପ ନ ଯିବ କେହି ।।
ତହିଁରେ ଦୟାଧର୍ମ ନାହିଁ ।
ଏ ଘେନି ତୁମ୍ଭଙ୍କୁ କହି ।।

(ପୃଷ୍ଠା , ୨୧୧)

ଏହାପରେ ଅବଶ୍ୟ କନିକା ଯିବାକୁ ଚାହିଁଛନ୍ତି, କିନ୍ତୁ ଯିବାର ପ୍ରମାଣ ନାହିଁ । ରାଜପ୍ରସାଦ ତାଙ୍କୁ ସୁଲଭ ହୋଇ ନାହିଁ । ମିଥ୍ୟା କିମ୍ବଦନ୍ତୀ

ଗଢ଼ା ନ ଯାଉ । ନିଜ ଜ୍ୟୋତିରେ ସେ ନିଜେ ଝଟକୁଥାନ୍ତୁ । ପୁରୀ ଗଜପତିଙ୍କୁ ଜାତିର ସବୁ ବ୍ୟାପାରରେ ସମ୍ପୃକ୍ତ କରିବାର ଏବେ ଯେଉଁ ପ୍ରବଣତା ଦେଖାଯାଇଛି ତାହାର ହସ୍ତକ୍ଷେପରୁ ଏପରି କିମ୍ବଦନ୍ତୀ ଏବେ ଗଢ଼ାଯାଇ ପାରିଥାଏ ।

କେଉଁମାନେ ଘର ଛାଡ଼ିଥାନ୍ତି ? କବି ଅରକ୍ଷିତ ତାଲିକାଟିଏ ପ୍ରସ୍ତୁତ କରିଛନ୍ତି । କିଏ ଖାଇବାକୁ ନପାଇଲେ ଘର ଛାଡ଼େତ କିଏ ଘର କାମଧନ୍ଦା କରିବାକୁ ପ୍ରସ୍ତୁତ ନହୋଇ ଘରଛାଡେ । କିଏ ବା ବିବାହ କରିନପାରିଲେ, ଆଉ କିଏ ଅପୁତ୍ରିକ ହୋଇଗଲେ ପଳାନ୍ତି, ଆଉ କିଏ ଦୁରାରୋଗ୍ୟ ବ୍ୟାଧି ଭୋଗିଲେ ଇତ୍ୟାଦି- (ପୃଷ୍ଠା ୧୦୮)

ଏସବୁ କାରଣରୁ କିନ୍ତୁ ଅରକ୍ଷିତରାଜଶ୍ରୀ ଛାଡ଼ିନାହାନ୍ତି - କେବଳ ବ୍ରହ୍ମଙ୍କ ଉପରେ ଭରସା ରଖିବା ଯୋଗୁ ସେ ଗୃହତ୍ୟାଗୀ ହୋଇଛନ୍ତି - ପରିପୂର୍ଣ୍ଣ ଆତ୍ମ ସମର୍ପଣରେ ତାଙ୍କର କୃତାର୍ଥତା ଅହେତୁକ ଭକ୍ତିରେ ସମ୍ପନ୍ନତା -

ମୁହିଁତ ଏତେ ଯେ କଥାରେ ।
ଗୃହ ତେଜିନାହିଁ ମନରେ ॥
ତୁମ୍ଭ ଭରସା କିନ୍ତୁ ଜାଣ ।
କିଛି ମୁଁ ନଜାଣଇ ପୁଣ ॥
ପ୍ରଭୁ ଯା ମନେ ପାଂଚିଥିବେ ।
ତାହାତ ଅବଶ୍ୟ କରିବେ ॥

(ପୃଷ୍ଠା-୧୧୮, ୧୧୯)

## ଶୂନ୍ୟ ପୁରୁଷ

ଯାହା ତାଙ୍କ ଇଚ୍ଛା ସିନା । କିଏ କେତେ ପ୍ରକାର ଦେବତା ପୂଜନ୍ତି କେତେ କେତେ ଉପାୟରେ । କିଏ ପୂଜାପୂଜି କରେ, କିଏଜଟା ଜୁଟ ରଖେ, କିଏ ସୁରାପାନ କରେତ କିଏ ଗଂଜାଇ ଖାଏ - କିଏ ହନୁମନ୍ତ ଧ୍ୟାୟେ ତ କିଏ ଦୁର୍ଗା ଭଜେ । ଇତ୍ୟାଦି ଇତ୍ୟାଦି । (ପୃଷ୍ଠା ୧୧୯) ଅରକ୍ଷିତ କିନ୍ତୁ ବ୍ରହ୍ମଙ୍କ ଭରସାରେ ଅନ୍ୟ ଦେବ ଦେବୀଙ୍କୁ ପୂଜା କରନ୍ତି ନାହିଁ - ସେ ଲକ୍ଷ୍ୟ କରିଛନ୍ତି ବିନା ଭକ୍ତିରେ ଦେବଦେବୀ ପୂଜା କରାଯାଇପାରେ, ବ୍ରହ୍ମଙ୍କୁ ନ ଭାବି ନଚିନ୍ତି ଧାର୍ମିକ ହୋଇହୁଏ - କିଏ କେତେ ଛଳନା ବି କରନ୍ତି - କିଏ ମନ୍ତ୍ର ଜପେ ତ, କିଏ ଚିତା ତିଳକ କାଟେ । କିଏ ଦେହରେ ପାଉଁଶ ବୋଳିହୁଏତ, କିଏ ଉର୍ଦ୍ଧ୍ୱବାହୁ ହୋଇ ପଂଚାଗ୍ନିସ୍ଥାପିତ ତପସ୍ୟା କରେ, କିଏ କେବଳ କ୍ଷୀର ଖାଇ ବଂଚେ ତ, ଆଉ କିଏ ଗୁମ୍ଫା ଭିତରେ ଲୁଚି ରହେ, କିଏ କେବଳ ପାଣି ପିଇ ରହେତ କିଏ କଅଁଳ ପତ୍ର ଖାଇ ବଂଚେ - କିଏ ଚାରିଧାମ ବୁଲେତ, କିଏ ଅଷ୍ଟାଙ୍ଗ ଯୋଗ ସାଧେ । କିଏ ବ୍ରହ୍ମଚର୍ଯ୍ୟ ପାଳେ ତ କିଏ ନିଦ୍ରାହୀନ ରହେ - (ଇତ୍ୟାଦି ଇତ୍ୟାଦି ପୃଷ୍ଠା - ୧୨୧)

କବି ଅରକ୍ଷିତ କିଛି କରନ୍ତି ନାହିଁ । କୌଣସି କଥା ନ କରଇ । ବ୍ରହ୍ମଙ୍କ ନାମରେ ତାଙ୍କର ଭରସା - ଏପରିକି ନାମ ଭଜନ ବେଳେ ଯେଉଁସବୁ ନାମ ଅନ୍ୟମାନେ ଭଜିଥାନ୍ତି ସେ ତାହା ବର୍ଜନ କରନ୍ତି - ହରେକୃଷ୍ଣ, ମୁକୁନ୍ଦ କି ମୁରାରୀ ବା ଜଗନ୍ନାଥ ବ୍ରହ୍ମଙ୍କ ନିଜ ନାମ ନୁହେଁ, ଏସବୁ ନାମରେ ସଦ୍‌ଗତି ନାହିଁ - ବ୍ରହ୍ମଙ୍କ ନିଜ ନାମରେ ସଦ୍‌ଗତି । "କର୍ଣ୍ଣରେ ଯେତେ ନାମ ଶୁଣି - ଏଥିରେ ଗତି ନାହିଁ ପୁଣି" - ପ୍ରଭୁ ଯାକୁ ଦୟା କରନ୍ତି - ନିଜ ନାମ ଭକତି ଦ୍ୟନ୍ତି । ପୃଷ୍ଠା ୧୨୨ । ତେବେ 'ନିଜ

ନାମ' ରେ କ'ଣ ବୁଝନ୍ତି କବି, ତାହା ଗୀତାଟିରୁ ସ୍ପଷ୍ଟ କି ପରିସ୍ଫୁଟ ହୁଏ ନାହିଁ ।

ମହୀମଣ୍ଡଳ ଗୀତାର ଅରକ୍ଷିତ ଦାସ ସର୍ବତ୍ର ଠିକ୍ ସାଧାରଣ ମଣିଷଟିଏ ପରି ଆଚରଣ କରିଛନ୍ତି, ତେଣୁ ତାଙ୍କୁ ସହଜରେ ଚିହ୍ନି ହୁଏ ନାହିଁ - ଏ ଲେଖକ ଚିହ୍ନି ପାରିନାହିଁ ନିଶ୍ଚୟ - ମଣିଷ ରୂପରେ ଜନ୍ମିଛନ୍ତି, ଅବିକଳ ମଣିଷ ପରି କ୍ଷୁଧାତୃଷ୍ଣାରେ ଘାରି ହୋଇଛନ୍ତି ବାରମ୍ବାର ଘରକୁ ଫେରିଯିବାକୁ ଭାବିଛନ୍ତି - ଭୟ ଭ୍ରାନ୍ତି, ଆଶା ଆଶଙ୍କା - ସବୁ ଠିକ୍ ମଣିଷ ପରି । ୭ ଥର ବାହାରି ୭ ଥର ବଣକୁ ଫେରିଛନ୍ତି - ଭକତି ଯୋଗେ ଆଶା ନାହିଁ - "ଆଉ ବନେ ମୁଁ ନ ପଶଇ ।" ଶେଷ ପର୍ଯ୍ୟନ୍ତ ଅବଶ୍ୟ ବଣରେ ଅଛନ୍ତି - ସେ ଦେବାଦେବୀ ପୂଜନ୍ତି ନାହିଁ ଆଦୌ, କେବଳ ନାମ ଭରସାରେ ଥାନ୍ତି, ଭକ୍ତି ପ୍ରାର୍ଥନା କରୁଥାନ୍ତି, ଶେଷକୁ ଘୋଷଣା କରିଛନ୍ତି,

"ଭକ୍ତି ନ ଦେଲେଟି ଅବଶ୍ୟ
ଅର୍କ୍ଷିତ ଦାସ ଯାଉ ନାଶ ।" (ପୃଷ୍ଠା ୧୧୭)

ତାଙ୍କ ଦୃଷ୍ଟିରେ ସବୁ ସମାନ - ଶୁଭ ଅଶୁଭ, ସୁଖଦୁଃଖ, ମଙ୍ଗଳ ଅମଙ୍ଗଳ - କିନ୍ତୁ ଏକମାତ୍ର ଭକ୍ତି ଅଦ୍ୱିତୀୟ - ଅନ୍ୟାନ୍ୟ ଯୋଗ ଉପାସନା ପିଠାହେଲେ ଭକ୍ତି ଅମୃତ, ଯେ ହାତୀକନ୍ଧରେ ବସେ ସେ ଗଧଚଢ଼େନା, ଯେ ପାଟବସ୍ତ୍ର ପିନ୍ଧେ - ସେ ଚିରାକନା ଖୋଜେନା - ସେମିତି ଯିଏ ଭକ୍ତି ଖୋଜେ ସେ ଆଉ କିଛିରେ ସନ୍ତୁଷ୍ଟ ହୁଏ ନାହିଁ । ତାଙ୍କ ପାଇଁ ଭକ୍ତି ସର୍ବ ସାଧନ ଗରୀୟସୀ ଆଉ ବ୍ରହ୍ମନାମ ସର୍ବଶୁଭପ୍ରଦ । ବ୍ରହ୍ମ ଉପାସନା କଥାକେଉଁଠୁ ପାଇଲେ କବି ଅରକ୍ଷିତ ? ବ୍ରହ୍ମସୂତ୍ରରୁ କି ? ଗୋଟିଏସୂତ୍ର ଅଛି - ମୁକ୍ତୋପସୃପ୍ୟ ବ୍ୟପଦେଶାତ୍, ୧/୩/୨ - ବ୍ରହ୍ମ ମୁକ୍ତ ସାଧୁମାନଙ୍କର

ଉପସୃପ୍ୟ ଅର୍ଥାତ୍ ସଦ୍‌ଗତି । ବେଦାନ୍ତ ତତ୍ତ୍ୱ ସହିତ ଭକ୍ତିକୁ ମିଶାଇଲେ ନାମ ଭଜନକୁ ସ୍ୱୀକାର କରିବାକୁ ହେବ - ବିଷ୍ଣୁକି କୃଷ୍ଣଙ୍କ ସ୍ଥାନରେଅରକ୍ଷିତ କେବଳ ବ୍ରହ୍ମଙ୍କୁ ଭଜିଛନ୍ତି, ସର୍ବଦା ବ୍ରହ୍ମଙ୍କୁ ସ୍ମରଣ କରିବାକୁ ହେବ - କେବ ବିସ୍ମୃତ ହେବ ନାହିଁ - ଯେତେ ବିଧି ନିଷେଧର ପରିଚାର - କିଙ୍କର । ଭକ୍ତି ବ୍ୟାକୁଳତାରେ ଅରକ୍ଷିତଙ୍କର କୃତାର୍ଥତା ।

## (ଚାରି)

ଦିଗପହଣ୍ଡୀ (ଦିଗପଣ୍ଡା ?) ରୁ ଓଳାଶୁଣି ପର୍ବତ ଗୁମ୍ଫା - ଦୀର୍ଘଯାତ୍ରା । ମହୀମଣ୍ଡଳ ଗୀତା । ଅନେକ ସ୍ଥାନର ନାମ ଅଛି । କେରାଣ୍ଡିମାଳ ପର୍ବତ, ହୁମା, ଡୁବୁଡୁବା, ରୋବାକ, ଶ୍ୟାମକୁଣ୍ଡ ଓ ମହୁରୀପର୍ବତରୁ ଚୁଙ୍ଗୁଡ଼ି ଦେଇ ପର୍ବତ ଅତିକ୍ରମ କରି କବି ପୁରୀରେ ପହଁଚିଛନ୍ତି - ପୁରୀରୁ ଫେରି ହଳଦିଆ ପର୍ବତ ହେଇ ଖଣ୍ଡଗିରିକୁ ଆସିଛନ୍ତି, ଧଉଳିଗରି, ଉଦୟଗିରି, ବରୁଣାଇ, ଧନାଶ୍ରୀ ପର୍ବତ ବି ଯାଇଛନ୍ତି, ଯାଇଛନ୍ତି ବି ପାରାଦ୍ୱୀପ କେନ୍ଦ୍ରାପଡା ଓ ଓଳାଶୁଣି । ନୀଳଗିରି, ତମପଡ଼ା, ସପ୍ତଶଯ୍ୟା, କପିଳାସ ଓ ସମ୍ବଲପୁର ଆଦି ସ୍ଥାନକୁ ବାହାରିଛନ୍ତି, କିନ୍ତୁ ଯାଇପାରିନାହାନ୍ତି । ସେ ଯେବେ ୧୭୭୨ ରୁ ୧୮୦୩ ପର୍ଯ୍ୟନ୍ତ ମାତ୍ର ୩୧ ବର୍ଷ ବଂଚିଥାନ୍ତି ତେବେ ସେ ଖଣ୍ଡଗିରି ଓ ଓଳାଶୁଣିରେ ଅପେକ୍ଷାକୃତ ଦୀର୍ଘ ସମୟ କଟାଇଥିବେ । ମହୀମଣ୍ଡଳ ଗୀତାର ପ୍ରଥମ ୩୫ ଟି ଅଧ୍ୟାୟ ସେ ଲେଖିଛନ୍ତି ଖଣ୍ଡଗିରିରେ । ତାଙ୍କୁ ସୁସ୍ଥ ଆଶ୍ରୟ ପ୍ରାୟ ମିଳିନାହିଁ । ଦୀର୍ଘ ଯାତ୍ରା କ୍ଳେଶ ବର୍ଣ୍ଣନାରୁ ଜଣାଯାଏ ଓଳାଶୁଣିରେ ପହଁଚିବା ପର୍ଯ୍ୟନ୍ତ ସେ ସିଦ୍ଧି ଲାଭକରିବାର କୌଣସି ସମ୍ଭାବନା ଦେଖିନାହାନ୍ତି । ସାଧାରଣ ମଣିଷଟିଏ ହୋଇ ରହିଯାଇଛନ୍ତି, କ୍ଷୁଧାପପାସରେ କାତର ହୋଇଛନ୍ତି,

# ଶୂନ୍ୟ ପୁରୁଷ

ବର୍ଷା, ଶୀତ, ଗ୍ରୀଷ୍ମ ପ୍ରକୋପରେ ପ୍ରପୀଡିତ ହୋଇଛନ୍ତି, ଦୁର୍ଦ୍ଦଶା ସହିବାର ସୀମା, ଅତିକ୍ରମ କଲେ ପୁର୍ବଜୀବନ କଥା ସ୍ମରଣ କରି ଗୃହକୁ ପ୍ରତ୍ୟାବର୍ତନ କରିବାର ଚିନ୍ତା କରିଛନ୍ତି । ତାଙ୍କର ଭୟ ଅଛି, ଭ୍ରାନ୍ତି ଅଛି, ବିକାର ଅଛି - ଲୋକନାଥ ମନ୍ଦିରରେ ତାଙ୍କୁ ଏପରି ପ୍ରସାଦ ଦିଆଗଲା ଯେ, ସେ ସବୁ ଫୋପାଡ଼ି ଦେବାକୁ ବାଧ ହେଲେ । ପାରେଶ୍ୱର ମନ୍ଦିରରେ ସେବକ ନିଜେ ସବୁ ଅନ୍ନତକ ଖାଇ ତାଙ୍କୁ ବଗଡ଼ା ଅନ୍ନ ଦେବାରୁ ସେ ମନ କଷ୍ଟ କରିଛନ୍ତି । ସ୍ତ୍ରୀ ଲୋକଙ୍କ ଭର୍ତ୍ସନାରେ ସେ ଆହତ ବି ହୋଇଛନ୍ତି, ଠାଏ ଠାଏ ପ୍ରତିକାର ଚାହିଁଛନ୍ତି । ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଘରୁ ଅବଶ୍ୟ ସେ ଖାଇଛନ୍ତି, କିନ୍ତୁ ପ୍ରଥମେ ତାହା କେବେ ସମାଜ ସଂସ୍କାର ମନୋବୃତିରୁ କରିନାହାନ୍ତି କ୍ଷୁଧା ଜ୍ୱାଳାରୁ ଆତ୍ମରକ୍ଷା କରିବାକୁ କରିଛନ୍ତି । ଚୂଡ଼ାପାଣି ପିଇବାର ଦୁଃଖ, ଆମ୍ବିଳଖଣ୍ଡେ ଲଗାଇ ଅନ୍ନ ଭୁଞ୍ଜିବାର ଦୁଃଖ, ଚାଣ୍ଡାଳ ଠାରୁ ବ୍ରାହ୍ମଣଯାଏ ସମସ୍ତଙ୍କ ଘରେ ମାଗି ଖାଇବାରଦୁଃଖ - ଅନେକ ଦିନ ଧରି ଖାଇବାକୁ ପିଇବାକୁ ନ ପାଇବାର ଦୁଃଖକଷ୍ଟ - ଅନ୍ନ ବିହୁନେ ମୁଢ଼ି ଭଜାରେ ପେଟ ପୁରାଇବା କଷ୍ଟ - ଆଦି ସବୁ ଦୁଃଖ କଷ୍ଟ କିତା ଗୋଟି ଗୋଟି କରି ଲେଖିଛନ୍ତି । ଜୀବନ ବି ବିକ୍ଷିପ୍ତ । ଅବ୍ୟବସ୍ଥିତ, ଅସୁସ୍ଥ, ଦାରିଦ୍ର୍ୟକ୍ଲିଷ୍ଟ, ଅନ୍ନଜଳ ବଂଚିତ - ସବୁ ଆଶା ଛାଡ଼ି ସେ ଯେ ବ୍ରହ୍ମ ଆଶ୍ରିତ - ଏତିକିରେ ସେ ସାନ୍ତ୍ୱନା ପାଆନ୍ତି ସିନା, ଦୁଃଖ କଷ୍ଟକୁ ଅତିକ୍ରମ କରିପାରନ୍ତି ନାହିଁ, ଗୋରୁପରି ହସିଲେ ସୁଦ୍ଧା । ତାଙ୍କର ଉପଲବ୍ଧି ହେଉଛି - ମହୀମଣ୍ଡଳେ ବଡ଼ କ୍ଲେଶ । ଇନ୍ଦ୍ରିୟ ଅତୃପ୍ତିର କ୍ଲେଶ ଅଛି, ପ୍ରକୃତି ବିପ୍ଳାତର କ୍ଲେଶ ଅଛି । ସମାଜର ଉପେକ୍ଷା ଅବହେଳା ଓ ପୀଡନର କ୍ଲେଶ ଅଛି, ଚୋର ବୋଲି ବାଉରୀ ମରାମରି କରେ, ପିଲାଏ ବାୟା

ଆସିଲା କହି ଟେକା ପକାନ୍ତି । କ'ଣ କରାଯାଏ ? ଶେଷକୁ ଓଳାଶୁଣିରେ ସେ ଆଶ୍ରୟ ଖୋଜିଛନ୍ତି, ପ୍ରାର୍ଥନା କରିଛନ୍ତି ।

ହେ ଓଳାଶୁଣି ଗିରିବର ।
ଦୟା ରଖିବ ମୋହଠାର ॥
ତୁମ୍ଭର ଦୟା ମୋରେ ଥିଲେ ।
ଦିନା କେତେ ରହିବି ଭଲେ ॥

ବହୁତ ଭ୍ରମି ମୁଁ ଫୁଟିଲି ।
ତୋତେ ଆଶ୍ରା କରେଇଲି ॥
ଆଉ ତ ଭ୍ରମି ନପାରଇ ।
ମୋତେ ରଖିବ ଦୟାବହି ॥

ପ୍ରଭୁ ତାଙ୍କୁ ଭ୍ରମାଇ ମାରିଛନ୍ତି । ବିନା ଅପରାଧରେ ! ଏକେ ଏକାନ୍ତ କ୍ଲାନ୍ତ ଅବସନ୍ନ । ଯେତେଦୂର ସମ୍ଭବ ଅବଶିଷ୍ଟ ଜୀବନ ସେ ଓଳାଶୁଣୀରେ କଟାଇଛନ୍ତି- ବିଚରା ଭୋକ ସହି ପାରନ୍ତି ନାହିଁ, ଅଥଚ ଅନ୍ନକଷ୍ଟରେ ବଂଚିଲେ ଦୀର୍ଘକାଳ ! ମନେହୁଏ ଅକାଳ ବାର୍ଦ୍ଧକ୍ୟ ଓ ଅପାର ଅନ୍ନବସ୍ତ୍ର, କଷ୍ଟରୁ ସେ ଦୀର୍ଘଜୀବୀ ହୋଇ ପାରି ନାହାନ୍ତି । ଅକାଳରେ ଚାଲିଯାଇଛନ୍ତି ।

ଠାଏ ଲଖିଛନ୍ତି ବିଧାତାଙ୍କ ବିରୋଧରେ ।
ଆକ୍ଷେପ ଓ ଅଭିଯୋଗ ସୂତ୍ରେ ॥
କିଂପା ବିଧାତା ଏହାକଲୁ ।
ସୁଖ ଭୋଗ ହିଁ ଛଡ଼ାଇଲୁ ॥

ଜଳପାନ ମୁଠାଏ ଦେଇ ।
ସ୍ତିରୀ ନ ରଖିଲୁଟି ତୁହି ॥
ଷଡରସ ଭୋଗ ଛାଡ଼ିଲି ।
ଅନ୍ନ ବସ୍ତ୍ର ହିଁ ଦୂର କଲି ॥
ଭାବିଲି ଭକତି ସାଧିବି ।
ମହା ଅରଣ୍ୟ ଭ୍ରମୁଥିବି ॥
ସେ ପାଇଁ ନ ରଖିଲୁ ତୁହି ।
କିପାଇଁ ଏତେ କଷ୍ଟ ଦେଇ ? ॥

(ପୃଷ୍ଠା-୨୦୩)

ସୁଖରେ ଭାଗ୍ୟମୟ ଜୀବନ ପାଇଁ କବିଙ୍କର ଅବଶୋଷ ଅଶେଷ - ସ୍ତ୍ରୀ ସନ୍ତାନର ସଂସାର, ଷଡରସ ଭୋଗ, ଅନ୍ନ ବସ୍ତ୍ରର ସୁଲଭତା ପାଇଁ ବ୍ୟାକୁଳତା ଅଛପା ରହୁନାହିଁ । ତାଙ୍କ ଜୀବନୀ ସହିତ ଅନେକ ସ୍ତ୍ରୀ ଲୋକଙ୍କର ସଂସ୍ରବ ଅଛି । ରହସ୍ୟ ବୁଝିବା ସହଜ ନୁହେଁ । ମନ୍ତବ୍ୟ କରିବା ବି ସମ୍ଭବ ନୁହେଁ । କିନ୍ତୁ ସେହି ସମ୍ପର୍କ ଓ ସଂସ୍ପର୍ଶର କଥା ନ କହିଲେ କବିଙ୍କ ଜୀବନୀ ଅସମ୍ପୂର୍ଣ୍ଣ ରହିଯିବ ।

ନାରୀ ସଂସ୍ରବ । ମହୀମଣ୍ଡଳ ଗୀତାରେ ନାରୀଏ ଉପସ୍ଥିତ ଅଛନ୍ତି । ସଦ୍ୟ ଗୃହତ୍ୟାଗ କରିଥିବା ଅବସ୍ଥାରେ ଅରକ୍ଷିତ ଦାସ ଭେଟିଛନ୍ତି ଦୁଇଟି ସ୍ତ୍ରୀ ଲୋକଙ୍କୁ, ମତ ଓ ପଥ ପାଇ ସାରିଲା ପରେ ୪ ଜଣଙ୍କୁ । ମହାପୁରୁଷମାନେ ନାରୀକୁ ନରକର ଦ୍ୱାର କହି ଉପେକ୍ଷା କରିଥାନ୍ତି କିମ୍ବା ନାରୀ ମାତ୍ରେ ମା ବୋଲି ଭାବି ତାଙ୍କ ଠାରୁ ସନ୍ତାନସୁଲଭ ସ୍ନେହାଦର

ଖୋଜିଥାନ୍ତି । ନାରୀ କାମକୂପ ନହେଲେ ମାତୃରୂପା । ନାରୀର ରୂପ ସର୍ବତ୍ର ଧିକ୍କାର ଯୋଗଁ - ଭକ୍ତିର ଅନ୍ତରାୟ ଓ ଈଶ୍ୱର ଉପଲବ୍ଧି କ୍ଷେତ୍ରରେ ଅନତିକ୍ରମ ବାଧା - ଅରକ୍ଷିତ କିନ୍ତୁ ସ୍ତ୍ରୀ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପିଛନ୍ତି । ଏ କ୍ଷେତ୍ରରେ ନୂଆ ତତ୍ତ୍ୱଟିଏ ବାଛିଛନ୍ତି ମଧ୍ୟ - ସ୍ତ୍ରୀଲୋକମାତ୍ରେ ତାଙ୍କର ପତ୍ନୀ । ସେ ସ୍ୱାମୀ ।

ସେଦିନ ସେ ସଦ୍ୟ ସଦ୍ୟ ଘର ଛାଡ଼ିଥାନ୍ତି । ମାଗିଖାଇ ଶିଖି ନଥାନ୍ତି । ଦିଗପହଣ୍ଡିରୁ ଯାତ୍ରା ଆରମ୍ଭ କରି ବର୍ଷା ବିପ୍ଳବ ଭିତରେ ଭାଲୁ ହାବୁଡ଼ରୁ ବର୍ତ୍ତି ବିପର୍ଯ୍ୟନ୍ତ ଭାବରେ ପହଁଚିଥାନ୍ତି କେରାଣ୍ଡିମାଳ ପର୍ବତରେ । କ୍ଷୁଧାତୃଷ୍ଣାରେ କାତର ହୋଇ ସେ ଅରଣ୍ୟରୁ ବାହାରି ଗାଁରେ ପହଁଚିଛନ୍ତି ଖାଦ୍ୟ ଅନ୍ୱେଷଣରେ । ପ୍ରଥମ ଗ୍ରାମର ଅନୁଭୂତି ପ୍ରୀତିକର ହୋଇନାହିଁ, ଅନ୍ନ ମିଳିଲା ଯେ, ରାଜପୁତ୍ର ଆମ୍ବକଷି ଲଗାଇ ଖାଇପାରିଲେ ନାହିଁ ପେଟପୁରା - ଦ୍ୱିତୀୟ ଗ୍ରାମରେ ବାୟା ଆସିଛି କହି ପିଲାଏ ଟେକାମାରିବାକୁ ଉପକ୍ରମ କରିବାରୁ ଲୁଚି ରହିଲେ । ବ୍ରାହ୍ମଣଟିଏ ଦେଖିଥିଲା ରାତ୍ର ଅର୍ଦ୍ଧରେ ଘରକୁ ଡାକିଦେଲା- ତା'ର ବିଧବା କନ୍ୟା ଅଳ୍ପ ବୟସୀ ତରୁଣୀ - ତାରି ଉପରେ ଦାୟିତ୍ୱ ଦିଆଗଲା, ସେ ଅଭୁକ୍ତ ଲୋକଟିର ଯତ୍ନ ନେବ । ବିଧବା ତରୁଣୀଟି ତାଙ୍କୁ ଯତ୍ନରେ ଖୁଆଇଛି, କ୍ଷିରି ପିଠାରେ ପରିତୃପ୍ତ କରିଛି ଆଉ ନିଜ ଦୁଃଖ ଜଣାଇବା ସହିତ ତାଙ୍କୁ ଘରକୁ ଫେରିଯିବାକୁ ପରାମର୍ଶ ଦେଇଛି, ସ୍ନେହ ପରବଶ ହୋଇ ।

ମୋତେ ବିଧାତା ଯେ ପାଂଚିଲା ।
ସ୍ୱାମୀମୋହର ନାଶଗଲା ॥
ସ୍ୱାମୀର ସୁଖ ଯେ ନ ପାଇ ।
ଅତି କଷ୍ଟରେ ଦିନ ନେଇ ॥

## ଶୂନ୍ୟ ପୁରୁଷ

ଅଳ୍ପ ବୟସ ତୁମ୍ଭର ।
କିମ୍ବା ଅଇଲ ଛାଡ଼ି ଘର ॥
ବିବାହ ହୋଇଛି କି ନାହିଁ ।
ଲେଉଟି ଯାଅ ମୁଁ କହଇ ॥
ବିଭା ହୋଇଣ ସୁଖେ ରହ ।
ଏ କଷ୍ଟ ସହିବ କି ଦେହ ॥
ସ୍ତ୍ରୀରିକୁ ଭୋଗ ଯେ ନକରେ ।
ମୂର୍ଖଟି ସେହୁ ଏ ସଂସାରେ ॥

(ପୃଷ୍ଠା-୧୮୫)

ବଡ଼ ନିର୍ମଳ ପରାମର୍ଶ । ବନ୍ଧୁତ୍ୱପୂର୍ଣ୍ଣ ଉପଦେଶ । ବିବାହିତ ଝିଅମାନେ ପ୍ରାୟ ଅଭିଭାବକତ୍ୱ ଦେଖାଇଥାଆନ୍ତି - ଝିଅଟି ତାହା କରିଛି, କିନ୍ତୁ ବିଧବା ତରୁଣୀଟି ପକ୍ଷରେ ଯୁବକଟିକୁ ସ୍ତ୍ରୀ- ଉପଭୋଗ ସଂକ୍ରାନ୍ତ ଉପଦେଶ ଦେବା କଥାଟା କେମିତି ବିଷଦୃଶ ମନେହୁଏ । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ- ପରିବେଶ ଗାଁ ଭୂଇଁ । କବି ବିଧବା ତରୁଣୀଟି ଆଖି ଓ ମୁଖରେ କାମ - ବୁଭୁକ୍ଷା ଦେଖିଲେ କି ଆଉ ? ତାହାରି ନାରୀସତା ଫୁଟନ୍ତା ରୂପରସ ଘେନି କବିଙ୍କୁ ଆଚ୍ଛନ୍ନ ରଖିଛି ଅନେକ କାଳ । ଯେତେବେଳେ କ୍ଷୁଧାତୃଷ୍ଣାରେ ବିକଳ ହୁଅନ୍ତି । ଅରଣ୍ୟବାସର ଦୁଃଖ କ୍ଷୁଧାତୃଷ୍ଣାରେ ବିକଳ ହୁଅନ୍ତି, ଅରଣ୍ୟବାସର ଦୁଃଖ ଦୁର୍ବିସହ ହୋଇଉଠେ । ସେତେବେଳେ ତରୁଣୀଟିକୁ ମନେ ପକାନ୍ତି, ପରାମର୍ଶ ସ୍ମରନ୍ତି । ସେହିଦିନଠାରୁ ଅନେକକାଳ ପର୍ଯ୍ୟନ୍ତ ସେ ଆଉ କୌଣସି ଗ୍ରାମକୁ ଯାଇନାହାନ୍ତି - ଡରିଚନ୍ତି ବୋଧହୁଏ କାମକୁ - ଗ୍ରାମକୁ ନୁହେଁ । ୨ୟ ସ୍ତ୍ରୀ ଲୋକ ବୃଦ୍ଧା । ଏହି

# ଶୂନ୍ୟ ପୁରୁଷ

ବୁଢ଼ୀ ତାଙ୍କୁ ପୁରୀରେ ବାଉରୀ ହାତରୁ ଉଦ୍ଧାର କରିଥିଲା । ଡଃ ମାୟାଧର ମାନସିଂହ ମନେ କରନ୍ତି ବିଶ୍ୱର ଚିରନ୍ତନ ନାରୀଯେପରି ଅରକ୍ଷିତଙ୍କୁ ଉଦ୍ଧାର କରିବାକୁ ବୃଦ୍ଧା ରୂପରେ ଆବିର୍ଭୁତ ହୋଇଥିଲା । ଏହା କବିତ୍ୱର କଳ୍ପନା ହୋଇପାରେ । କବି ଅରକ୍ଷିତ କିନ୍ତୁ ଏପରି ଭାବନ୍ତି ନାହିଁ । ବୁଢ଼ୀଟିକୁ ଘେନି ସେ ବିଶେଷ ଅନୁଭାବିତ ହୋଇନାହାନ୍ତି । ତାର ମାତୃସୁଲଭ ସ୍ନେହ ଓ ଶୁଭେଚ୍ଛାକୁ ସ୍ମରଣ କରିଛନ୍ତି ମାତ୍ର - ନାରୀ ମାତ୍ରେ ବରଂ ତାଙ୍କର ଚିରନ୍ତନ ସ୍ତ୍ରୀ ବା ପତ୍ନୀ । ଏ କ୍ଷେତ୍ରରେ ଚାରିଜଣ ସ୍ତ୍ରୀଲୋକଙ୍କ କଥା ସେ କହିଛନ୍ତି - ଜଣେ ସତର ବର୍ଷ ବୟସର ତରୁଣୀ ତାଙ୍କୁ ଭେଟିଛି, ତାଙ୍କର ଅନୁଗମନ କରିବାକୁ ଚାହିଁଛି । ସେ ତାଙ୍କୁ ନବର୍ତାଇଛନ୍ତି ଶେଷ ପର୍ଯ୍ୟନ୍ତ - ଆଉ ତିନିଜଣ ତାଙ୍କୁ ବାୟା କହି ଉପେକ୍ଷା ଓ ଅବହେଳା ପ୍ରଦର୍ଶନ କରିଛନ୍ତି । ତନ୍ମଧ୍ୟରୁ ଜଣଙ୍କ କଥା ବୁଝିବା ବୋଲି ଭାବି ହୁଏତ ବୁଝିବାକୁ ସମୟ ପାଇ ନାହାନ୍ତି ଅବଶିଷ୍ଟ ଦୁଇଜଣଙ୍କୁ କିନ୍ତୁ ନିଜର ପ୍ରଭାବ ବଳରେ ଆନୁଗତ୍ୟ ପ୍ରକାଶ କରିବାକୁ ବାଧ୍ୟ କରିଛନ୍ତି - ଏହି ଦୁଇଜଣଙ୍କ କ୍ଷେତ୍ରରେ ଅଲୌକିକ ଶକ୍ତି ପ୍ରୟୋଗର ଝଲକ ଅଛି । ଦୁହିଁଙ୍କୁ ସେ ସ୍ୱପ୍ନରେ ଦେଖା ଦେଇ ନିଜର ଅନୁଗତ କରାଇପାରିଛନ୍ତି । ଚାରି ଜଣଙ୍କ ପାଇଁ ଗୋଟିଏ ତତ୍ତ୍ୱ । ବାୟା ଅରକ୍ଷିତ ପରମାତ୍ମା, ନାରୀମାତ୍ରେ ଜୀବାତ୍ମା । ଜୀବାତ୍ମା ମାତ୍ରେ ସ୍ତ୍ରୀ - ପରମାତ୍ମା ପୁରୁଷ । - "ଏ ଘେନି ନିଜ ପତ୍ନୀ ମୋର । ନର ଦେହରେ ଅଗୋଚର ।" ପ୍ରଥମ ସ୍ତ୍ରୀ ଲୋକଟି ତାଙ୍କୁ ଭେଟି ଡରିଛି, ବାୟା ବୋଲି କହି ପଳାଇଛି । କବି ଅରକ୍ଷିତ ଲେଖିଛନ୍ତି, "ସେ ତ ଭାରିଜା ଆମ୍ଭକୁହିଁ / କିମ୍ପା ବାୟା ବୋଲି ବୋଲଇ ?" ଦ୍ୱିତୀୟଟି ତରୁଣୀ - ଆଠ ବର୍ଷ ବୟସରୁ ଅରକ୍ଷିତଙ୍କୁ ଭେଟିବାକୁ ଚାହିଁଛି - ଏବେ ଭେଟି ତାଙ୍କ ସହିତ ପଳାଇବାକୁ ଚାହିଁଛି - ଚମତ୍କାର ପରାମର୍ଶ ବି ଦେଇଛି । ଅରକ୍ଷିତ ତାଙ୍କୁ ମାରି ଦେଇ ପୋତି ଦେବାର ଛଳନା କରନ୍ତୁ, ରାତିରେ

ଆସି ଘେନିଯିବେ ।ଶେଷ ପର୍ଯ୍ୟନ୍ତ ଅରକ୍ଷିତ ଦାସ ତାଙ୍କୁ ବାଳକୃଷ୍ଣ ନାମକ ବ୍ୟକ୍ତି ସହିତ ବିବାହ ଦେଇ – 'ସେହି ବ୍ୟକ୍ତିକୁ ଅରକ୍ଷିତ ବୋଲି ଜାଣିବାକୁ' ପ୍ରବର୍ତ୍ତାଇଛନ୍ତି, "ସେହିଟି ମୁହିଁ ବୋଲି ଜାଣ / ତୁମ୍ଭଙ୍କୁ ବିଭା ହେବି ପୁଣ । ପରବର୍ତ୍ତୀ ଦୁଇଜଣ ତାଙ୍କୁ ଡାକି ନେଇ ରାତ୍ରି ଅର୍ଦ୍ଧରେ ପାଦମଚାଳିଛନ୍ତି ଓ ଅଇଁଠା ଖାଇଛନ୍ତି । ସେମାନେ ତାଙ୍କର ନିଜ ପତ୍ନୀ । ମାୟାରେ ଛାଡ଼ିଥିଲେ ।ଲୋକ ପଠାଇ ଡାକି ନେଇଛନ୍ତି ଏବେ ।ଜଣଙ୍କ କ୍ଷେତ୍ରରେ "ଚିତ ଯେ ହରିନେଲେ ସେହି । ମନ ଉଛନ୍ନ ଯେ ହୋଇ, ଏବେ ଗୋ କେତାଙ୍କୁ ମୂର୍ଚ୍ଛିବ । ଜୀବନ ଦେଲେ ଯେବେ ଥିବ'' ଇତ୍ୟାଦି ଯାହା କୁହାଯାଇଛି ସେଥିରେ ଅନୁରାଗ ଓ ଆସକ୍ତିର ଉଷ୍ଣତାକୁ ଅସ୍ୱୀକାର କରି ହେଉନାହିଁ । ଅନ୍ୟ ଜଣଙ୍କର ଭାଷା ଆହୁରି ପ୍ରୀତିପୂର୍ଣ୍ଣ ଓ ଅନ୍ତରଙ୍ଗ – "ସର୍ବଦା ଦାସୀ ମୁଁ ତୁମ୍ଭର, ସେଦିନୁ ମୋ ମନ ଉଛନ୍ନ, କେମନ୍ତେ ଧରିବି ଜୀବନ, ମୋ ଚିତ ହରିନେଲେ ସେହି – କାହା ଆଗେ କହିବିଟି ମୁହିଁ – "ଅଦ୍ୱୈତ ବେଦାନ୍ତ ଦର୍ଶନକୁ ଏମିତି ଏକ ପାରିବାରିକ ପତିପତ୍ନୀ ତତ୍ତ୍ୱରେ ରୂପାନ୍ତରିତ କରିବାର ଗୁରୁତ୍ୱ କେତେ ଓ ଏହାଦ୍ୱାରା କି ଶିକ୍ଷା ମିଳେ ଜାଣିବା କଷ୍ଟକର ।ଠାଏ ଠାଏ ଏପରି ଓଲଟା ତତ୍ତ୍ୱ ବି ଅଛି "ସ୍ତିରୀ ରୂପଟି ମୁହିଁ ଜାଣ । ମୁଁ ମୋତେ ମୋହିଅଛି ପୁଣ । ଆପକୁ ଆପେ କନ୍ୟାବର । ବ୍ରହ୍ମ ସର୍ବତ୍ର ବିଦ୍ୟମାନ । ତେଣୁ ଯିଏ ସ୍ତ୍ରୀ ସେହି ହିଁ ପୁରୁଷ । ବ୍ୟବଧାନ କାହିଁ? ଏହିସୂତ୍ରରେ ଗେରସ୍ତ ଭାରିଜାଟି ମୁହିଁ, ପୁଅ ଝିଅଟି ମୁଁ ବୋଲାଇ ।'' ସବୁ ତତ୍ତ୍ୱର ଉର୍ଦ୍ଧ୍ୱରେ ଉପରୋକ୍ତ ନାରୀମାନଙ୍କ ପ୍ରସଙ୍ଗରେ କବିଙ୍କ ନାରୀ ସଂପ୍ରୀତି ଯେବେ ପ୍ରକଟିଥାଏ ତେବେ ବ୍ୟସ୍ତ ଓ ବିରକ୍ତି ହେବାର କିଛି ନାହିଁ । ସେ ସଂସାରର ମାୟା କଟାଇପାରିନାହାନ୍ତି ବୋଲି ସ୍ୱୀକାର କରିଛନ୍ତି ବାରମ୍ବାର । ତାର ଅଭିଯୋଗ ଶୁଣନ୍ତୁ,

## ଶୂନ୍ୟ ପୁରୁଷ

ମନୁଷ୍ୟ ଜନ୍ମ ମୋତେ ଦେଲୁ
କ୍ଷୁଧାତୃଷ୍ଣାରେ ଯେ ମାଇଲୁ
ନିଦ୍ରା ଭୟକୁ ନ ଛାଡ଼ିଲି
ନିରତେ କାମ ବଶ ହେଲି

ଏ ପାଂଚ ପଚିଶ ପ୍ରକୃତି
ଏମାନେ ଶରୀର ନାଶନ୍ତି
ଏହାଙ୍କୁ ଯେ ଜିଣିପାରିବ
ଏ ପିଣ୍ଡ ନିଶ୍ଚେ ନାଶଯିବ ।
ଏହାଙ୍କ ସଙ୍ଗେ ବଶ ହେଲି
ନିରତେ ଭ୍ରମି ମୁଁ ଭ୍ରମିଲି ।
(ପୃଷ୍ଠା -୧୮୧)

ଅରକ୍ଷିତ ଦାସଙ୍କ ଜୀବନୀ - ପଂଚଭୂତ ଫାନ୍ଦରେ ପଡ଼ି କାନ୍ଦୁଥିବା ମଣିଷଟିଏର ଜୀବନୀ । ମଣିଷର ଆଚରଣକୁ ସେ ଅତିକ୍ରମ କରିବାକୁ ଚାହାନ୍ତି କିନ୍ତୁ ସଫଳ ହୋଇପାରିନାହାନ୍ତି । ଅକ୍ଷମତା, ଅସାମର୍ଥ୍ୟ ଓ ଅସାଫଲ୍ୟ ଲଜ୍ଜାଜନକ ନୁହେଁ କେବେ । ଭଗବାନତ ନରଲୀଳାରେ ମଣିଷ ପରି ଆଚରଣ କରିଥାନ୍ତି, ରୋଗଶୋକ, କ୍ଷୁଧାତୃଷ୍ଣା ଓ ଲୋଭ ମୋହ କାମକ୍ରୋଧରେ ଘାରି ହୁଅନ୍ତି । ଅରକ୍ଷିତ ଦାସ ତ ମଣିଷ । ମଣିଷ ପରି ଆଚରଣ ତାଙ୍କର ତେଣୁ ଦୋଷାବହ ନୁହେଁ କି ଶୋକାବହ ନୁହେଁ ।

# ଶୂନ୍ୟ ପୁରୁଷ

## (ପାଂଚ)

ଅତଃପର ବ୍ରହ୍ମଜିଜ୍ଞାସା ବା ଆତ୍ମଜିଜ୍ଞାସା । ମହୀମଣ୍ଡଳ ଗୀତାର ଦୁଇ ତୃତୀୟାଂଶରୁ ଉର୍ଦ୍ଧ୍ୱଭାଗ ତତ୍ତ୍ୱାତ୍ମକ । ପଂଚଭୂତ ଜିଜ୍ଞାସାରୁ ଆରମ୍ଭ କରି ଅକ୍ଷର ମହିମାରେ ସମାପ୍ତ । ଗୀତାଟିରେ ଅଦ୍ୱୈତ ବେଦାନ୍ତ ତତ୍ତ୍ୱର କିଛି କିଛି ସଂକେତ ଅଛି, ଶ୍ରୁତି ପ୍ରସ୍ଥାନ, ସ୍ମୃତି ପ୍ରସ୍ଥାନ ଓ ନ୍ୟାୟ ପ୍ରସ୍ଥାନର ନାମୋଲ୍ଲେଖ ନଥିଲେ ହେଁ ସେଗୁଡ଼ିକର ପ୍ରତିପାଦ୍ୟ ସମ୍ବନ୍ଧରେ ସଚେତନତା ଅଛ । ଅରଣ୍ୟବାସ କାଳରେ ସେ ପଢ଼ାପଢ଼ି କରିବାକୁ ସୁଯୋଗ ପାଇ ନଥିବେ ଯଥାସମ୍ଭବ - ଗୁରୁବି ଅନୁପସ୍ଥିତ - କେଉଁଠୁ ପାଇଲେ ବେଦାନ୍ତ ବିଦ୍ୟା ଓ ବେଦାନ୍ତର ଦୃଷ୍ଟିଭଙ୍ଗୀ ପରି କ୍ରିୟାଶୀଳ ତାହା ଗବେଷଣାର ବିଷୟ । ହୁଏତ ଅରଣ୍ୟବାସ ପୂର୍ବରୁ ବେଦାନ୍ତ ଚର୍ଚ୍ଚା କରିଥିବେ - ୧୭ ରୁ ୧୯- ଯେଉଁ ଦୁଇବର୍ଷ ସେ ଅରଣ୍ୟବାସ ପାଇଁ ପ୍ରସ୍ତୁତ ହେଉଥିଲେ ସେତେବେଳେ ଉପନିଷଦ, ବ୍ରହ୍ମସୂତ୍ର ଓ ଭଗବତ୍ ଗୀତା ପଢ଼ିଥିବେ - ମହୀମଣ୍ଡଳଗୀତାରେ ଏଗୁଡ଼ିକର ପଦପାତ ଅଛି - ଯଦିଓ ବିଧିବଦ୍ଧ ଏଗୁଡ଼ିକ ଅନୁଶୀଳନ କରିବାର କୌଣସି ସ୍ପଷ୍ଟ ସୂଚନା ନାହିଁ । ବେଦାନ୍ତ ଆଲୋଚନା ସୂତ୍ରେ ସେ ମହୀମଣ୍ଡଳ ଗୀତା ଲେଖିନାହାନ୍ତି ବୋଧହୁଏ - ଦାର୍ଶନିକ ତତ୍ତ୍ୱ ଚିନ୍ତନ ଅଛି, ଆମୂଳାନ୍ତ ଗୀତାଟି ଆତ୍ମ ଭାବନା ସମୁଜ୍ଜ୍ୱଳ ମଧ, କିନ୍ତୁ ସେଥିରେ ବିଧିବଦ୍ଧ ଯୋଜନା ନାହିଁକି, ବ୍ରହ୍ମତତ୍ତ୍ୱ, ଜୀବନତତ୍ତ୍ୱ, ସୃଷ୍ଟିତତ୍ତ୍ୱ ଓ ସାଧନତତ୍ତ୍ୱ ଉପସ୍ଥାପନାରେ କ୍ରମାନ୍ୱୟ ନାହିଁ । ଯେତେବେଳେ ଯାହା ମନକୁ ଆସିଛି, ତାହାଲେଖିଛନ୍ତି, 'ବ୍ରହ୍ମସୂତ୍ର' ରେ ପ୍ରଥମେ ଅଛି ବ୍ରହ୍ମ ଜିଜ୍ଞାସା, ପରେ ପରେ "ଜନ୍ମାଦ୍ୟସ୍ୟ ଯତଃ" - ଯାହାଠାରୁ ଏହି ପରିଦୃଶ୍ୟମାନ ବିଶ୍ୱର ଜନ୍ମ ସେହି ହିଁ ବ୍ରହ୍ମ । ତେବେ

## ଶୂନ୍ୟ ପୁରୁଷ

ବ୍ରହ୍ମପୁର ଠାରୁ ପଂଚଭୂତର ଜନ୍ମ କଥା ଅଛି, ବେଦାନ୍ତ ସୂତ୍ରରେ ଦ୍ୱିତୀୟ ଅଧ୍ୟାୟ ତୃତୀୟ ପାଦରେ ୨/୩/୧ ରୁ ୨/୩/୭ ପର୍ଯ୍ୟନ୍ତ ସୂତ୍ରରେ ଯଥାକ୍ରମେ ଆକାଶ, ବାୟୁ, ଅଗ୍ନି (ତେଜ) ଜଳଓ ପୃଥିବୀର ଉତ୍ପତିର କଥା ଅଛି । ମହୀମଣ୍ଡଳ ଗୀତାର ଆରମ୍ଭ ଏଇଠୁ - "ମହାଶୂନ୍ୟ ଆକାଶ ଜନ୍ମିତ୍'' । କିନ୍ତୁ ଭୂତ ଚିନ୍ତାକ୍ଷେତ୍ରରେ ଅଛି ଓଲଟା ଗଣନା - ପ୍ରଥମେ ପୃଥିବୀ, ଶେଷରେ ଆକାଶର କଥା । କ'ଣ କବିଙ୍କର ଅଭିପ୍ରେତ ? ଲେଖକ ଚିନ୍ତା କରିପାରି ନାହିଁ । ବ୍ରହ୍ମ ସୂତ୍ରର ଗୋଟିଏ ସୂତ୍ର ଅଛି "ଅକ୍ଷରମ୍ ଅମ୍ବରାନ୍ତ ଧୃତେଃ- ୧/୩/୧୦ । ଅକ୍ଷର ଅମ୍ବରାନ୍ତଧୃତେଃ - କାରଣ ତାହା ଆକାଶ ପର୍ଯ୍ୟନ୍ତ ସର୍ବବସ୍ତୁର ଧାରଣକର୍ତା - ଅକ୍ଷର ସ୍ୱର୍ଗର ଉର୍ଦ୍ଧ୍ୱରେ ଓ ପୃଥିବୀରେ ନିମ୍ନ ପ୍ରଦେଶରେ, ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଯାହା ଅଛି ତାହା ଆକାଶରେ ଓତପ୍ରୋତ । ତେଣୁ ଅକ୍ଷର ଅସ୍ଥୁଳ, ଅନୁଶ ଇତ୍ୟାଦି । ତେଣୁ ଏ ଅକ୍ଷଣ ବର୍ଣ୍ଣମାଳାର ଅକ୍ଷର ନା ବ୍ରହ୍ମ ? ଏଠାରେ ଅକ୍ଷର ପରମବ୍ରହ୍ମ । ଅକ୍ଷର ବର୍ଣ୍ଣ ନୁହେଁ । ଆମ କବି କିନ୍ତୁ ମହୀମଣ୍ଡଳ ଗୀତାରେ ଉପସଂହାରରେ ଅକ୍ଷର ମହିମା ଗାନ କଲାବେଳେ କର୍ଣ୍ଣମାଳାର ଅକ୍ଷର 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି, ବ୍ରହ୍ମ ଓ ଅକ୍ଷରକୁ ଅଭିନ୍ନ ପ୍ରତିପାଦନ କରିଛନ୍ତି । ଅକ୍ଷର ବ୍ରହ୍ମ- ବ୍ରହ୍ମର ସର୍ଗାଶ୍ରୟତ୍ୱ ପ୍ରମାଣିତ । ତାହାକୁ ବର୍ଣ୍ଣମାଳାର ଅକ୍ଷରରେ ଖୋଜିବା ଭୁଲ୍ ବୁଝାମଣା ନା ବିଦ୍‌ବତା ତାହା ବିଚାରଯୋଗ୍ୟ । ବ୍ରହ୍ମସୂତ୍ର ସହିତ ହୁଏତ କବିଙ୍କର ପରିଚୟ ଥିଲା, ପରେ ଠିକ୍ ଠିକ୍ ମନେ ପକାଇ ପାରିନାହାନ୍ତି, ଯାହା ବୁଝିଛନ୍ତି ତାହା ଲେଖିଛନ୍ତି । ଠାଏ ଛାନ୍ଦୋଗ୍ୟ ଉପନିଷଦର ଶ୍ରୁତି ଅଛି । ପରିଣାମବାଦ ବୁଝାଇବାକୁ ଶ୍ରୁତି କରିଛି, ମୃତ୍‌ପିଣ୍ଡ ଓ ମୃଣୟ ବିକାରର ଦୃଷ୍ଟାନ୍ତରୁ ବୁଝିହୁଏ

ଯେ, ସତ୍ୟ ବସ୍ତୁ ଓ ତାହାର ସତ୍ୟ ବିକାର ସମ୍ବନ୍ଧ ନିତ୍ୟ । ବ୍ରହ୍ମ ସତ୍ୟ, ବ୍ରହ୍ମ ବିକାର ଜ୍ୟତ ସତ୍ୟ । ଏଠାରେ ସୁବର୍ଣ୍ଣ ପିଣ୍ଡ ଓ ସୁବର୍ଣ୍ଣ ଅଳଙ୍କାରର (୬/୧/୧୫) ଦୃଷ୍ଟାନ୍ତ ମଧ୍ୟ ଦିଆଯାଇଛି - ସୁବର୍ଣ୍ଣ ପିଣ୍ଡ ସତ୍ୟ ଓ ସୁବର୍ଣ୍ଣ ଅଳଙ୍କାରଟି ସତ୍ୟ । ଏହି ଦୃଷ୍ଟାନ୍ତଟିକୁ କବି ବାରମ୍ବାର ଉପସ୍ଥାପନ କରିଛନ୍ତି, ଦେଖନ୍ତୁ,

ସୁବର୍ଣ୍ଣ ମଣ୍ଡାଏ ଆଣିବା,<br>
ନାନା ଅଳଙ୍କାର ଗଢ଼ିବା<br>
ତାହାକୁ ଏକ ଠାବ କରି,<br>
ଆଉଟି ଦେବା ଅଗ୍ନି ଭାରି<br>
ଭିନ୍ନଟି କେବେ ନ ଦିଶଇ,<br>
ଏକ ବ୍ରହ୍ମଟି ସର୍ବଦେହୀ ।

(ପୃଷ୍ଠା- ୭୦)

ସବୁ ଗାଈଙ୍କ କ୍ଷୀରର ରଙ୍ଗ ଧଳା ହେବାରୁ ଓ ସର୍ବଘଟରେ ଏକ ସୂର୍ଯ୍ୟଙ୍କର ପ୍ରତିଫଳନରୁ 'ସର୍ବଘଟରେ ଏକ 'ବ୍ରହ୍ମ' କଥା ମଧ୍ୟ କୁହାଯାଇଛି । ଠାଏ ଠାଏ ବି ସେ କହିଛନ୍ତି ବ୍ରହ୍ମସତ୍ୟ - ଜଗତ ମିଥ୍ୟା । କିନ୍ତୁ ସର୍ପରଜ୍ଜୁର ଉଦାହରଣ ଦେଇନାହାନ୍ତି କାହିଁ ? ତେଣୁ ତାଙ୍କ ପାଣ୍ଡିତ୍ୟ ବେଦାନ୍ତ ପ୍ରବେଶ ଉପରେ ବିଧିବଦ୍ଧ ଆଲୋଚନା ନହେଲେ, ତାଙ୍କର ମତ ଓ ପଥ ସମ୍ବନ୍ଧରେ ବର୍ତମାନ ପ୍ରକୃତ କଥା କହିହେବ ନାହିଁ । କେବଳଏଠାରେ ଯାହା ବାହାରକୁ ପ୍ରତିପତ୍ୟ ହୋଇଛି ତାହା ହିଁ କୁହାଯିବ ଆଲୋଚନାର ସୀମିତତା ଓ ଅସମ୍ପୂର୍ଣ୍ଣତା ସ୍ୱୀକାର୍ଯ୍ୟ । ତାଙ୍କ ପାଇଁ ବ୍ରହ୍ମ ଅକ୍ଷର, ପରମ୍ବ୍ରହ୍ମ ଓ ଓଁକାର । "ଓଁ ଇତି ବ୍ରହ୍ମ'' ଆଜ୍ଞାବି । ଚୈତନ୍ୟ । ସେ ଏକ ହୋଇବି ବହୁ - ବହୁ ଭଗବତ୍ ସ୍ୱରୂପ ସମୂହ - ଅବତରୀ ।

# ଶୂନ୍ୟ ପୁରୁଷ

ସବୁରି ଉପରେ ବ୍ରହ୍ମ - ବ୍ରହ୍ମ ଉପରେ କେହି ନାହିଁ । କବି ଅରକ୍ଷିତ ଦାସ ବ୍ରହ୍ମ ଉପାସକ । ବ୍ରହ୍ମଙ୍କୁ ଉପଲକ୍ଷକରି ସବୁ ତତ୍ତ୍ୱ ବାଢ଼ିଛନ୍ତି ସେ, ମଣିଷର ବ୍ରହ୍ମତ୍ୱ କଳିଛନ୍ତି ଓ ବ୍ରହ୍ମନାମ ଭଜନରେଭକ୍ତି ଖୋଜିଛନ୍ତି, ଏଠାରେ ସଂକ୍ଷେପରେ ତାଙ୍କ ବ୍ରହ୍ମତତ୍ତ୍ୱ, ଜୀବତତ୍ତ୍ୱ, ସୃଷ୍ଟିତତ୍ତ୍ୱ ଓ ସାଧକତତ୍ତ୍ୱ ଉପସ୍ଥାପନ କରାଯାଉଛି -

ବ୍ରହ୍ମ - ଅୟମାତ୍ମା ବ୍ରହ୍ମା ସର୍ବେଶ୍ୱର ସର୍ବଶକ୍ତିମାନ । ସର୍ବଜ୍ଞ, ସର୍ବଚିତ୍ । ପରମତତ୍ତ୍ୱ, ଅକ୍ଷର ପରମ୍ବ୍ରହ୍ମ, ଜଗତ୍କାରଣ । ସତ୍ ଓ ସତାବାନ । ବେଦାନ୍ତର ବ୍ରହ୍ମ-ସ୍ମୃତିର ପରମାତ୍ମା-ଚୈତନ୍ୟ-ଆମର ଭଗବାନ, ନାରାୟଣ, ଶ୍ରୀକୃଷ୍ଣ ନିମିତ କାରଣ ଓ ଉପାଦାନ କାରଣ ଇତ୍ୟାଦି ଇତ୍ୟାଦି । କାରଣ ସ୍ୱରୂପ ଓ କାର୍ଯ୍ୟରୂପ ନିମିତ କାରଣ ଓ ଉପାଦାନ କାରଣ । ଅନନ୍ତ ଅସୀମ । ନର୍ବିଶେଷ - ସବିଶେଷ । ଅରକ୍ଷିତ ଦାସଙ୍କ ପାଇଁ ବ୍ରହ୍ମ କାରଣ ସୋଦର, କ୍ଷମାସିନ୍ଧୁ, ପତିତପାବନ । ଅବତରୀ - ଭାବଗ୍ରାହୀ, ବଂଶୀଧର, ପୁରୁଷୋତମ - ରାଧାବଲ୍ଲଭ - ଯଦୁମଣି -ଗୋପାଳକୃଷ୍ଣ- ଶ୍ରୀଧର, ଭୟ ନାଶନ, ନୀଳାଦ୍ରି ସିଂହ - ସବୁ - ସବୁନାମରେ ବ୍ରହ୍ମ ପ୍ରକାଶ - ଏହି ବ୍ରହ୍ମଙ୍କୁ ଜାଣିଲେ ସବୁ କିଛି ଜାଣି ହୁଏ । ଏହି ବ୍ରହ୍ମଠାରୁ ଭିନ୍ନ ବା ସ୍ୱତନ୍ତ୍ର ସତାବିଶିଷ୍ଟ କିଛି ନାହିଁ । ସବୁ ପ୍ରାଣୀ (୫) କୋଟି ୧୪ କୋଟି ବୁଡ଼ା, ୧୪ କୋଟି ଉଡ଼ା, ୧୪ କୋଟି ନିଶ୍ଚଳ +୧୪ କୋଟି ସଚଳ) ସବୁ ଲୋକ, ସବୁ ବେଦ - ଏହିବ୍ରହ୍ମରୁ ଉଦ୍ଭୁତ । ବ୍ରହ୍ମ ସବୁର ମୂଳ । ବ୍ରହ୍ମଙ୍କୁ ଜାଣିଲେ ମୃତ୍ୟୁକୁ ଅତିକ୍ରମ କରି ହୁଏ ।

## ଶୂନ୍ୟ ପୁରୁଷ

ଜୀବ-ଜୀବ ସଂଖ୍ୟା ଓ ଜୀବ ଶକ୍ତି ଘେନି ମତମତାନ୍ତର ଅଛି । ଅରକ୍ଷିତ ଦାସଙ୍କ ପାଇଁ ବ୍ରହ୍ମ ଏକ -ଜୀବ ଏକ । ସ୍ୱରୂପରେ ଜୀବ ବ୍ରହ୍ମ । ତେଣୁ ବିଭୂ । ବ୍ରହ୍ମ ସ୍ୱେଚ୍ଛାରେ ଜୀବଜଗତରେ ପରିଣତ - ସ୍ୱରୂପରେ କିନ୍ତୁ ଅବିକୃତ - ଠିକ୍ ସୁବର୍ଣ୍ଣ ପିଣ୍ଡପରି, ସୂର୍ଯ୍ୟଙ୍କ ପରି - ଅଳଙ୍କାର ଭେଦରେ ଅନେକ, ଘାଟ ଭେଦରେ ଅନନ୍ତ ମୂଳତଃ ଏକା ସଂସାର ଦଶାରେ ଜୀବ ବ୍ରହ୍ମର ଅଂଶ । ତାହାର ବହୁତ୍ୱ ଓ ଭୋକ୍ତୃତ୍ୱ ଦୈପାଧିକ । କବି ଅରକ୍ଷିତ ପରିଣାମ ବାଦୀ ।

ସାଧନତତ୍ତ୍ୱ - ତମେବବିଦିତ୍ୱ । ଅତିମୃତ୍ୟୁମେତି । ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ । ପରବ୍ରହ୍ମଙ୍କୁ ଜାଣିଲେ ମୃତ୍ୟୁକୁ ଅତିକ୍ରମ କରିହୁଏ, ଅନ୍ୟ ପନ୍ଥା ନାହିଁ, ଅରକ୍ଷିତ କିନ୍ତୁ ଜ୍ଞାନକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ଭକ୍ତିରେ ତାଙ୍କର ସଦ୍‌ଗତି । ଆମୂଳାନ୍ତ ଭକ୍ତି ପାଇଁ ବ୍ୟାକୁଳ ପ୍ରାର୍ଥନା ସମୁଦ୍ୟତ କରିଛି ଗୀତାଟିରେ । କବିଙ୍କ ପାଇଁ ଦ୍ୱୈତବାଦ ଓ ଅଦ୍ୱୈତବାଦର କୌଣସି ପୃଥକ୍ ଅର୍ଥ ନାହିଁ ବୋଧହୁଏ ସେ ଗୋଟିଏ ଅର୍ଥରେ ଅଦ୍ୱୈତବାଦୀ ନିଶ୍ଚୟ - ବସ୍ତୁବିଶ୍ୱକୁ ସେ ଗୋଟିଏ ସମଗ୍ରତାର ବିଚିତ୍ର ପ୍ରକାଶ ଭାବରେ ଦେଖିଛନ୍ତି । ସବୁ ବ୍ରହ୍ମମୟ-ବ୍ରହ୍ମ ବାହାରେ କିଛି ନାହିଁ । ସମଗ୍ରତା ଗୋଟିଏ । ବିଶ୍ୱ ଯେମିତି ଆପେକ୍ଷିକ ସେମିତି ବି ସତ୍ୟ - ସତ୍ୟ କାରଣକୁ ଗୋଟିଏ ଅଖଣ୍ଡ ବସ୍ତୁବିଶ୍ୱର ଅଂଶ । ଦ୍ୱୈତବାଦୀ କାରଣରେ ଅଖଣ୍ଡ ଏକ ସତ୍ତା ମଧ୍ୟରେ ନିଜ ବ୍ୟକ୍ତିତ୍ୱ ଓ ସ୍ୱାତନ୍ତ୍ର୍ୟ ଘେନି ବିରାଜିତ । ବିହତ୍‌କୁ ନ ଭୁଲିବାରେ ତାଙ୍କର ପରିତ୍ରାଣ । ସମଗ୍ରତାବୋଧରୁ ବିଚ୍ଛିନ୍ନ ହେଲେ କ୍ଷୁଦ୍ର ଅହଂଜାତ ହେବ - ଏବଂ ପରିଣାମ ଦୁଃଖ ନିଶ୍ଚୟ । ତେଣୁ ସେ ସବୁବେଳେ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଭକ୍ତିର

କଥା କହିଥାନ୍ତି - ଜୀବର କର୍ତ୍ତୃତ୍ୱ ବ୍ରହ୍ମାଧୀନ । ସ୍ୱରୂପରେ ଜୀବ ବ୍ରହ୍ମାଧିନ । ସ୍ୱରୂପରେ ଜୀବ ବ୍ରହ୍ମାଶ୍ରିତ । ବହିର୍ମୁଖତା ଜୀବର ସଂସାର ବନ୍ଧନର କାରଣ, ଦେହାତ୍ମ ବୁଦ୍ଧି ସବୁ ଦୁଃଖର ହେତୁ - ବ୍ରହ୍ମ ଭଜନରେ ଜୀବ ସଂସାର ବନ୍ଧନରୁ, ଦେହର ଆବରଣ ଭିତରୁ ଅବ୍ୟାହତି ପାଇ ନିଜ ସ୍ୱରୂପରେ ଅବସ୍ଥିତି ଲାଭ କରିପାରେ । ଭକ୍ତିରେ ଜୀବର ସଦ୍‌ଗତି । ଅରକ୍ଷିତ ଦାସ ମୂଳରୁ ଶରଣାପନ୍ନ । ଯେଉଁମାନେ ଶରଣାପନ୍ନ - ସେହିମାନେ ହିଁ ସଂସାରରୁ ତରି ଯାଇଥାନ୍ତି । ତତ୍ତ୍ୱଟି ସେ ଭଗବତ୍ ଗୀତାରୁ ଶିଖିପାରିଥାନ୍ତି - ବ୍ରହ୍ମଙ୍କ ସ୍ୱରୂପ ଭକ୍ତି ଦ୍ୱାରା ଜଣାଯାଏ - ଭକ୍ତି ଦ୍ୱାରା ବି ବ୍ରହ୍ମଙ୍କୁ ପାଇ ହୁଏ । ବ୍ରହ୍ମଜ୍ଞାନ ଭକ୍ତିର ଦାନ । ଯାହାଙ୍କର ବ୍ରହ୍ମାତ୍ମତତ୍ତ୍ୱ ପ୍ରକାଶିତ ହୋଇଥାଏ । ସେହି ଦୃଷ୍ଟିରୁ ଦେଖିଲେ ଅରକ୍ଷିତ ଭକ୍ତିବଂଚିତ ନୁହଁନ୍ତି - କିନ୍ତୁ ଭକ୍ତିପାଇଁ ଅଖଣ୍ଡ ବ୍ୟାକୁଳତାରେ ହିଁ ତାଙ୍କର ଜୀବନ ବିତିଛି - ଯେମିତି ମନେହୁଏ - ଗୋଟିଏ ଦିଗରେ ଅରକ୍ଷିତ ଦାସ - ଶତସହସ୍ର ଆର୍ତ୍ତନାଦ - ଅନ୍ୟପକ୍ଷରେ ବ୍ରହ୍ମ - ଏକ ପରମାଶ୍ଚର୍ଯ୍ୟ ବଧିରତା ।

## (ଛଅ)

କବି ଅରକ୍ଷିତ ନିଜସ୍ୱ ଭଙ୍ଗୀରେ ବେଦାନ୍ତ ତତ୍ତ୍ୱ ପରିବେଷଣ କରିଛନ୍ତି, ମୂଳତଃ କିନ୍ତୁ ସେସବୁ କିଛି ବ୍ୟକ୍ତି ବିଶେଷରେ ମତ କି ବାଣୀ ନୁହେଁ । ସନାତନ ତତ୍ତ୍ୱ ସମୂହର ଶିକ୍ଷା ଓ ଦର୍ଶନ । କ'ଣ ତେବେ ମହୀମଣ୍ଡଳ ଗୀତାର ମେସେଜ୍ - ପ୍ରତ୍ୟେକ ମଣିଷ- ପ୍ରତ୍ୟେକ ଆତ୍ମା ହିଁ ସ୍ୱରୂପତଃ ଦିବ୍ୟ - ସ୍ୱରୂପତଃ ପରମାତ୍ମା - ତେଣୁ ଅମିତ ଶକ୍ତିର ଆଧାର - ଏହି ସତ୍ୟର ଉପଲବ୍ଧି ଆମକୁ ଉନ୍ନତକରୁ - ଅନ୍ତର୍ନିହିତ ଦେବତ୍ୱର ଉପଲବ୍ଧିରେ ହିଁ ଆମର ଆତ୍ମୋନ୍ନତି ଘଟୁ । ଏକଥା, ବୁଝାଯାଉ,

ସବୁକ୍ଷେତ୍ରରେ ଏବେ ବିପ୍ଳବ ସଂଘଟିତ - କୃଷିକ୍ଷେତ୍ର ଠାରୁ ଆରମ୍ଭ କରି ଶିଳ୍ପ କ୍ଷେତ୍ର ପର୍ଯ୍ୟନ୍ତ - ପୁରୁଣା ପଦ୍ଧତି ଓ ପୁରୁଣା ବିଚାର ପରିତ୍ୟକ୍ତ । ଧର୍ମକ୍ଷେତ୍ରରେ ମଧ୍ୟ ବିପ୍ଳବ ଘଟୁ - ଅଭୁକ୍ତ ହତଭାଗ୍ୟ ଭାବରେ 'ବ୍ରହ୍ମ' ବ୍ରହ୍ମ ହୋଇ ଘୋର ଅରଣ୍ୟରେ ମହତ୍ ଜୀବନଟିକୁ ମାତ୍ର ୩୦/୩୧ ବର୍ଷ ମଧ୍ୟରେ ଉତ୍ସର୍ଗ କରିଦେବାର ଆଦର୍ଶ ଅଧୁନା କାଳରେ ସହଜ ତଥା ସମ୍ଭବ ନୁହେଁ ଯେପରି ଅରକ୍ଷିତ କରିଥିଲେ । ଧର୍ମ ସାଧନାବି ହେଉ ଆଚିଭମେଂଟ୍ ଓରିଏଂଟେଡ୍ - ସୁସ୍ଥ ବ୍ୟବସ୍ଥିତ ଶରୀର ଓ ଆୟୁ ସଂରକ୍ଷଣ ଅଖଣ୍ଡ ଜ୍ଞାନାନ୍ୱେଷଣ ଓ ସାମାଜିକ କଲ୍ୟାଣାର୍ଥେ କର୍ମସାଧନା - ଏକତ୍ର ଅନୁଶୀଳନ କରାଯାଉ - ଜ୍ଞାନ ଅନ୍ତର୍ଜ୍ଞାନକୁ ଭେଟୁ, କର୍ମ ଅନନ୍ତ ଇଚ୍ଛା ସହିତ ସଂଯୁକ୍ତ ହେଉ - ସେଥିରେ ବ୍ୟକ୍ତିର କଲ୍ୟାଣ - ସମାଜର ବି କଲ୍ୟାଣ । ଅରକ୍ଷିତ ଦାସ ସେଦିନ ଯେଉଁ ବାଟରେ ଯାଇଥିଲେ - ସ୍ମୃତି ରହୁ - ଜୀବନରେ କିନ୍ତୁ ନୂଆ ବାଟ ଫିଟୁ ।



# ସୁଶାନ୍ତ କୁମାର ଦାସ (ଟୁନା ଭାଇ)

ପ୍ରଯୋଜକ

## ଶିବାନୀ ପରିବାର

ଶିବାନୀ କମ୍ପ୍ଲେକ୍ସ, ଜଇପୁର, ତିର୍ତ୍ତୋଲ, ଜଗତସିଂହପୁର, ଓଡ଼ିଶା
ଦୂରଭାଷ - ୦୬୭୧-୨୩୧୩୧୩୧
ମୋବାଇଲ୍ - ୯୪୩୭୦୩୩୧୩୧, ୯୯୩୭୦୩୩୧୩୧

ଆପଣ ତଥା ଆପଣଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ମାନଙ୍କ ପାଇଁ ଦୈନନ୍ଦିନ କର୍ମମୟ ଜୀବନର ପ୍ରତିଟି ମୁହୂର୍ତ୍ତ ସୁଖ ସମୃଦ୍ଧିରେ ଭରିରହୁ, ଏତିକି ମହାପୁରୁଷ ଅରକ୍ଷିତ ଦାସଙ୍କ ନିକଟରେ ପ୍ରାର୍ଥନା ।



ଶରଣାରବିନ୍ଦ ଓଝା (ମଣ୍ଟୁ ଭାଇ)
ମୁଖ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ
ମୋ - ୯୭୭୬୩୪୩୫୦୩



ନବକିଶୋର ସାମଲ
ସାଧାରଣ ସମ୍ପାଦକ
ମୋ - ୯୯୩୭୬୩୨୩୯୩

## ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି

ମୁଖ୍ୟ କାର୍ଯ୍ୟାଳୟ - ପ୍ଲଟ୍-୬୧୨, ଶବର ସାହି, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଶାଖା କାର୍ଯ୍ୟାଳୟ - ସା/ପୋ-ଲଳିତଗିରି, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ପିନ୍-୭୫୪୨୦୫

E-mail - nabakishoresamal9@gmail.com
www.olasuni.com Olasuni App
Mahapurusa Arakhita Das's - Olasuni Gumpha YouTube





ମହାପୁରୁଷ ଅରକ୍ଷିତ ଦାସଙ୍କ ଜନ୍ମ ସ୍ଥାନ ବିଜୟ ନଗର ଗଡ ଖ୍ରୀଷ୍ଟାବ୍ଦ ୧୭୭୨
(ଅଧୁନା ଘୋଡାହାଡ ଡ୍ୟାମ ମଧ୍ୟରେ ଲୁପ୍ତ ପ୍ରାୟ) ର ଜଗନ୍ନାଥ ମନ୍ଦିର ୨୦୧୦ ମସିହା



ମହାପୁରୁଷ ଅରକ୍ଷିତ ଦାସଙ୍କ ସନ୍ୟାସ ଜୀବନ ପାଇଁ ତ୍ୟାଗ କରିଥିବା
ବିଗପହଣ୍ଡି ସ୍ଥିତ ରାଜପ୍ରାସାଦର ମୁଖ୍ୟ ପ୍ରବେଶ ପଥ



ମହାପୁରୁଷ ଅରକ୍ଷିତ ଦାସଙ୍କ ସାଧନାପୀଠ ଅନନ୍ତଗୁମ୍ଫା



ମହାପୁରୁଷ ଅରକ୍ଷିତ ଦାସଙ୍କ ଓଳାଶୁଣୀ ଗୁମ୍ଫାର ମୁଖ୍ୟ ପ୍ରବେଶ ଦ୍ୱାର



ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ପୀଠ

+91 9776343503, 9692504243 +91 9937632393
www.olasuni.com Olasuni App YouTube